# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୦/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 10/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୨୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





ପବିତ୍ର ଇଦ୍-ଉଲ୍-ଜୁହା-୨୦୨୨ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

DADLS - 26

ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ଗଣେଶୀ ଲାଲ

(ଗଣେଶୀ ଲାଲ)



ପବିତ୍ର ଇଦ୍-ଉଲ୍-ଜୁହା-୨୦୨୨ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା।

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ମୁଁ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । ତେଣୁ ମୋର ନିବେଦନ, ଆସନ୍ତୁ ସମସ୍ତେ କୋଭିଡ ନିୟମ ପାଳନ କରିବା । ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରି ନିଜେ ସୁସ୍ଥ ରହିବା ଓ ନିଜ ପରିବାରକୁ ମଧ୍ୟ ନିରାପଦ ରଖିବା ।

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଇଦ୍-ଉଲ୍-ଜୁହା ଉପଲକ୍ଷେ ବାର୍ତ୍ତା

ତ୍ୟାଗ, ସମର୍ପଣ ଓ ଉତ୍ସର୍ଗର ପର୍ବ ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀର କଠିନ ସମୟରେ ଆପଣମାନେ କୋଭିଡ ନିୟମାବଳୀ ଅନୁପାଳନ ପୂର୍ବକ ଏହି ପର୍ବ ପାଳନ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

ପ୍ରଦିପ କୁମାର ଅମାତ

(ପ୍ରଦିପ କୁମାର ଅମାତ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0078/2223

## ଏଲୋପାଥି ଦ୍ୱାରା ବ୍ୟାପ୍ତ କରାଯାଉଥିବା ମିଛ

ଆପଣ ଫାର୍ମା ଓ ମେଡିକାଲ ଇଣ୍ଡଷ୍ଟ୍ରୀ ଦ୍ୱାରା ପ୍ରଚାରିତ ମିଛରୁ ନିଜକୁ ତଥା ଦେଶକୁ ରକ୍ଷା କରନ୍ତୁ । ଆସନ୍ତୁ ରୋଗମୁକ୍ତ ଭାରତ ଗଢ଼ିବା ।



PATANJALI wellness
Yoga, Ayurveda & Naturopathy



Divya®
SCIENTIFIC AYURVED

ରୋଗକୁ କଣ୍ଟ୍ରୋଲ କରିବା ନାଁରେ ବର୍ଷ ବର୍ଷ ଧରି ଲୋକମାନେ ବି.ପି., ସୁଗାର, ଥାଇରଏଡ୍, ଆଜ୍‌ମା, କୋଲେଷ୍ଟରଲ୍ ଆଦିର ଔଷଧ ଖାଉଛନ୍ତି କିନ୍ତୁ ଏହିସବୁ ଔଷଧଗୁଡ଼ିକର କୁପ୍ରଭାବ ଓ ଦୀର୍ଘକାଳୀନ ରୋଗଗୁଡ଼ିକ କାରଣରୁ ସେମାନଙ୍କ ଜୀବନ ନର୍କରେ ପରିଣତ ହୋଇଯାଇଛି । ଚରକ, ଶୁଶ୍ରୁତ, ଧନ୍ୱନ୍ତରୀ ଓ ପତଞ୍ଜଳି ଭଳି ମହାଋଷିଙ୍କଠାରୁ ପ୍ରାପ୍ତ ଜ୍ଞାନ ଉପରେ ବୈଜ୍ଞାନିକ ଗବେଷଣା କରି ଆମେ କୋଟି କୋଟି ଲୋକଙ୍କ ରୋଗକୁ ମୂଳରୁ ଦୂର କରି ସେମାନଙ୍କୁ ସବୁ ରୋଗରୁ ସମ୍ପୂର୍ଣ୍ଣ ମୁକ୍ତ କରିଛୁ ।

**ବି.ପି.** ବର୍ଷ ବର୍ଷ ଧରି ବି.ପି. ପାଇଁ ଏଲୋପାଥି ଔଷଧ ଖାଇବା ସତ୍ତ୍ୱେ ଲୋକେ ହାର୍ଟ, ବ୍ରେନ୍ ଷ୍ଟ୍ରୋକ୍ ଓ କିଡ୍‌ନୀ ଫେଲ୍ୟୁର୍, ଚିଡ଼ିଚିଡ଼ାପଣ, ଅନିଦ୍ରା ଆଦିରେ ପୀଡ଼ିତ ହେଉଛନ୍ତି ।

ହେଲେ, ନିୟମିତ ପ୍ରାଣାୟାମ ଓ ଯୋଗାଭ୍ୟାସ କରିବା, ଲାଉ ଜୁସ୍, ବିପିଗ୍ରୀଟ୍ ଓ ମୁକ୍ତାବଟୀର ସେବନ କରି କୋଟି କୋଟି ଲୋକଙ୍କ ବି.ପି. ଓ ବି.ପି. ସହିତ ଜଡ଼ିତ ଜଟିଳତାର ସମସ୍ୟା ସମ୍ପୂର୍ଣ୍ଣ ଠିକ୍ ହୋଇଯାଇଛି ।

**ସୁଗାର୍** ବର୍ଷ ବର୍ଷ ଧରି ସୁଗାର୍ ପାଇଁ ବିଦେଶୀ ଔଷଧ ଖାଇବା ସତ୍ତ୍ୱେ ଲୋକମାନଙ୍କର ଦୃଷ୍ଟିଶକ୍ତି ଦୁର୍ବଳ ହେଉଛି, କ୍ରିଏଟିନିନ୍ ବଢ଼ୁଛି, ଶିରା-ପ୍ରଶିରାର ଦୁର୍ବଳତା (ନ୍ୟୁରୋପାଥି) ବୃଦ୍ଧି ପାଉଛି ତଥା ଶରୀର ଦୁର୍ବଳ ଇମ୍ୟୁନିଟିର ଶିକାର ହେଉଛି ।

ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ମଧୁନାଶିନି, ମଧୁଗ୍ରୀଟ୍, କାକୁଡ଼ି, କଲରା, ବିଲାତି ବାଇଗଣ ଓ ଗିଲୟ ଆଦିର ଜୁସ୍, ସନ୍ତୁଳିତ ଆହାର ଦ୍ୱାରା ଆମେ ସୁଗାର୍ ଓ ସୁଗାର୍‌ର ଜଟିଳତାରୁ ଲୋକମାନଙ୍କୁ ରକ୍ଷା କରିଛୁ ଏବଂ ବିଶ୍ୱରେ ପ୍ରଥମ ଥର ପାଇଁ ଟାଇପ୍ ୱାନ୍ ଡାଇବେଟିସ୍ ରୋଗୀଙ୍କୁ ନନ୍ ଡାଇବେଟିକ୍ କରିଛୁ ।

**ଥାଇରଏଡ୍** ଏହାର ଔଷଧ ଖାଇ ଖାଇ ରୋଗୀମାନଙ୍କ ଓଜନ ବଢ଼ିବାରେ ଲାଗିଛି ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଉଛି ।

ଆମେ କପାଳଭାତି, ଉଜ୍ଜ୍ୟାୟି ଆଦି ଯୋଗାଭ୍ୟାସ, ଧନିଆ ପାଣି ସହିତ ଥାଇରୋଗ୍ରୀଟ୍ ଖୁଆଇ ଲୋକଙ୍କର ଥାଇରଏଡ୍ ସମସ୍ୟାକୁ ଓ ତାହାର ଜଟିଳତାଗୁଡ଼ିକୁ ଠିକ୍ କରିଛୁ ।

**ନେତ୍ର ଓ କର୍ଣ୍ଣ ରୋଗ** ଏଲୋପାଥିରେ ଦୃଷ୍ଟି ଦୁର୍ବଳତା, ଗ୍ଲୁକୋମା, ଅନ୍ଧାରକଣା ଆଦିର ଚିକିତ୍ସା ହିଁ ନାହିଁ ତଥା ଶ୍ରବଣ ରୋଗ ଓ ଟିନିଟସ୍ ପାଇଁ ତ କୌଣସି ଔଷଧ ମଧ୍ୟ ନାହିଁ ।

ଯୋଗାଭ୍ୟାସ ସହିତ ଆଖି ପାଇଁ ଆଇଗ୍ରୀଟ୍ ତଥା କାନ ପାଇଁ ଇୟରଗ୍ରୀଟ୍‌ର ପ୍ରୟୋଗ କରି ଆମେ ଲୋକମାନଙ୍କୁ ଦେଖିବା ଓ ଶୁଣିବାର ନୂଆ ଶକ୍ତି ପ୍ରଦାନ କରିଛୁ ।

### ଯୋଗ, ଆୟୁର୍ବେଦ, ନାଚୁରୋପାଥି ଏବଂ ପଞ୍ଚକର୍ମ ରୂପୀ ଇଣ୍ଟିଗ୍ରେଟେଡ୍ ଥେରାପିଜ୍‌ର କେତୋଟି ଅଂଶ



**କୋଲେଷ୍ଟରଲ୍** କୋଲେଷ୍ଟରଲ୍‌ର ଏଲୋପାଥି ଔଷଧ ଓ ବ୍ଲଡ୍ ଥିନର୍ସ ଖାଇ ଖାଇ ଲୋକମାନଙ୍କର ବ୍ଲଡ୍ ପ୍ରୋଫାଇଲ୍ ଅନିୟନ୍ତ୍ରିତ ହୋଇଯାଉଛି ଓ ଲିଭର୍ ଉପରେ କୁପ୍ରଭାବ ପଡ଼ୁଛି ।

ଯୋଗାଭ୍ୟାସ, ଲିପିଡୋମ୍, ଲାଉ ଜୁସ୍, ଅର୍ଜୁନ ଛେଲି ଆଦିର ପ୍ରୟୋଗ ଦ୍ୱାରା ଆମେ କୋଲେଷ୍ଟରଲ୍‌କୁ ନୈସର୍ଗିକ ରୂପେ ନିୟନ୍ତ୍ରଣ କରିଥାଉ ।

**ଲିଭର୍** ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍ ଓ ହେପାଟାଇଟିସ୍‌ର ଏଲୋପାଥି ପାଖରେ କୌଣସି ସ୍ଥାୟୀ ଚିକିତ୍ସା ନାହିଁ ।

ଆମେ ନିୟମିତ ଯୋଗାଭ୍ୟାସ କରି ଭୂମି ଅଁଳା, ପୁନର୍ନଭା ଆଦିର ରସ ଏବଂ ଲିଭୋଗ୍ରୀଟ୍ ଓ ଲିଭାମୃତର ସେବନ କରାଇ ରୋଗୀଙ୍କୁ ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍, ହେପାଟାଇଟିସ୍‌ରୁ ମୁକ୍ତି ଦେଇଛୁ ଏବଂ ପାଚନତନ୍ତ୍ରକୁ ସମ୍ପୂର୍ଣ୍ଣ ସୁସ୍ଥ କରିଛୁ ।

**ଚର୍ମ ରୋଗ** ଡର୍ମାଟୋଲୋଜିଷ୍ଟଙ୍କ ପାଖରେ ଲ୍ୟୁକୋଡର୍ମା, ଏକ୍‌ଜିମା, ସୋରିଆସିସ୍ ଭଳି ଚର୍ମ ରୋଗର କୌଣସି ସ୍ଥାୟୀ ସମାଧାନ ନାହିଁ, ଅନ୍ୟପକ୍ଷରେ ଷ୍ଟେରଏଡ୍ ଓ ନାନା ପ୍ରକାର କେମିକାଲ୍‌ର ପ୍ରୟୋଗ କାରଣରୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ ।

ଯୋଗ, ଆୟୁର୍ବେଦ, ନାଚୁରୋପାଥି ଏବଂ ପଞ୍ଚକର୍ମା ଦ୍ୱାରା ଶରୀରର ଶୁଦ୍ଧୀକରଣ କରି ତଥା କାୟାକଳ୍ପ ବଟି, ଡର୍ମାଗ୍ରୀଟ୍, ସୋରୋଗ୍ରୀଟ୍‌ର ପ୍ରୟୋଗ ଦ୍ୱାରା ଆମେ ଲୋକମାନଙ୍କୁ ଚର୍ମରୋଗରୁ ସ୍ଥାୟୀ ରୂପେ ମୁକ୍ତି ଦେଇଛୁ ।

**ଆର୍ଥ୍ରାଇଟିସ୍** ଏଲୋପାଥିରେ ଆର୍ଥ୍ରାଇଟିସ୍ ପାଇଁ ପେନ୍ କିଲର୍, ଷ୍ଟେରଏଡ୍ ଏବଂ ବାୟୋଲଜିକାଲ୍ ଡ୍ରଗ୍‌ସ ଦିଆଯାଇ ଲୋକଙ୍କ ଜୀବନକୁ ନର୍କ ସମାନ କରିଦିଆଯାଉଛି । ଏହାଦ୍ୱାରା ହାଡ଼ ଓ ପାଚନତନ୍ତ୍ର ଦୁର୍ବଳ ହେଉଛି ଏବଂ ଡାଇବେଟିସ୍ ଭଳି ରୋଗ ଦେଖାଦେଉଛି ।

ନିୟମିତ ପ୍ରାଣାୟାମ, ଏଲୋଭେରା, ଗିଲୟ, ଅଶ୍ୱଶିଳା, ଅର୍ଥୋଗ୍ରୀଟ୍, ପୀଡ଼ାନ୍ତକ ତେଲ ଓ ପୀଡ଼ାନିଲ ଗୋଲ୍ଡ ଦ୍ୱାରା ଆର୍ଥ୍ରାଇଟିସ୍ ତଥା ଆର୍ଥ୍ରାଇଟିସ୍ ସମ୍ବନ୍ଧୀୟ ଜଟିଳତାଗୁଡ଼ିକ ପାଇଁ ନାଚୁରାଲ୍ ଭିଟାମିନ୍ ଡି, ବି12, କ୍ୟାଲ୍‌ସିୟମ୍ ଆଦି ଦ୍ୱାରା ଆମେ ଆର୍ଥ୍ରାଇଟିସ୍ (ଗଣ୍ଠିବାତ), ସର୍ଭାଇକଲ୍, ଏଙ୍କିଲୋଜିଙ୍ଗ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ତ ରୋଗରୁ ଲୋକଙ୍କୁ ମୁକ୍ତ କରିଛୁ ।

**ଆଜ୍‌ମା** ଇନ୍‌ହେଲର୍ ଏବଂ ଷ୍ଟେରଏଡ୍ ଦ୍ୱାରା ଲୋକଙ୍କୁ ସାମୟିକ ଉପଶମ ମିଳିଥାଏ ଏବଂ ଆଜ୍‌ମା କିଛି ସମୟ ପାଇଁ ଦବିଯାଇଥାଏ । କିନ୍ତୁ ଲୋକଙ୍କ ଫୁସ୍‌ଫୁସ୍ ଆଜୀବନ ଖରାପ ହୋଇଯାଏ ଏବଂ ଏହାକୁ ଠିକ୍ କରିବା ପାଇଁ କୌଣସି ଔଷଧ ନାହିଁ ।

ଭସ୍ତ୍ରିକା, କପାଳଭାତି, ଅନୁଲୋମ ବିଲୋମ, ପ୍ରାଣାୟାମ ଏବଂ ଭୁଜଙ୍ଗାସନ ଆଦି ଯୋଗ ନଭବସ୍ତି, ଶ୍ୱସାରୀ ପ୍ରବାହୀ ପଟୀ, ଶ୍ୱସାରୀ ଗୋଲ୍ଡ ଏବଂ କରକ୍ୟୁମିନ୍ ଗୋଲ୍ଡ ଆଦି ଦ୍ୱାରା ଆମେ ଆଜ୍‌ମା ଓ ଲଙ୍ଗ୍ ଫାଇବ୍ରୋସିସ୍ ଆଦିକୁ ମୂଳରୁ ଦୂର କରିଛୁ ଏବଂ ଖରାପ ହୋଇଥିବା ଫୁସ୍‌ଫୁସ୍‌କୁ ଭଲ କରିଛୁ ।

**ଦୁଃସାଧ୍ୟ ରୋଗ** ହାର୍ଟ ବ୍ଲକେଜ୍, SLE, MS, ANA, AVN, HLAB27 ଆଦି ଅଟୋ ଇମ୍ୟୁନ୍ ରୋଗ, ଇନ୍‌ଫର୍ଟିଲିଟି, ୟୁଟିଆଇ ଏବଂ ଷ୍ଟ୍ରେସ୍ ଆଦି ଏହି ଧରଣ ରୋଗର ଏଲୋପାଥିରେ କୌଣସି ସ୍ଥାୟୀ ଏବଂ ପ୍ରାମାଣିକ ଚିକିତ୍ସା ନାହିଁ ।

ଏହିସବୁ ଦୁଃସାଧ୍ୟଏବଂ ପ୍ରାଣଘାତୀ ରୋଗରେ ପୀଡ଼ିତ ହଜାର ହଜାର ରୋଗୀଙ୍କୁ ଆମେ ଭଲ କରିଛୁ । ଏହାର ବୈଜ୍ଞାନିକ ପ୍ରମାଣ ଆମ ନିକଟରେ ଅଛି । କେହି ବି ଆମର ୱେବ୍‌ସାଇଟ୍ www.patanjaliwellness.com ପରିଦର୍ଶନ କରି ଦେଖିପାରିବେ ।

**ଏହି ସବୁ ଲାଇଫ୍‌ଷ୍ଟାଇଲ୍ ରୋଗ, ଦୁଃସାଧ୍ୟ ରୋଗ, କ୍ରୋନିକ୍ ଏବଂ ଜେନେଟିକ୍ ରୋଗରୁ ସ୍ଥାୟୀ ରୂପେ ମୁକ୍ତି ପାଇବା ପାଇଁ ପତଞ୍ଜଳି ୱେଲନେସ୍‌ରେ ପଞ୍ଜୀକରଣ କରାଇ ଏକ ସପ୍ତାହରେ ଆବାସିକ ଉପଚାର ନେଇ ଏହିସବୁ ରୋଗରୁ ସ୍ଥାୟୀ ମୁକ୍ତି ପାଆନ୍ତୁ ।**

**ପତଞ୍ଜଳି ୱେଲନେସ୍‌ରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ**

**8954666111, 8954666222, 8954666333, 8954666444**

Email: booking@patanjaliwellness.com | Website: www.patanjaliwellness.com

ବୁକିଂ ପାଇଁ ସ୍କାନ୍ କରନ୍ତୁ:

ଯୋଗ, ଆୟୁର୍ବେଦ ଏବଂ ନାଚୁରୋପାଥି ଦ୍ୱାରା ନିଜର ସମସ୍ତ ରୋଗର ସ୍ଥାୟୀ ସମାଧାନ ପାଇବା ପାଇଁ ଯୋଗଋଷି ସ୍ୱାମୀ ରାମଦେବ ଜୀଙ୍କ ସହିତ ଇଣ୍ଟିଗ୍ରେଟେଡ୍ ଯୋଗାଭ୍ୟାସ ନିଶ୍ଚୟ କରନ୍ତୁ ଏବଂ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ବିଷୟରେ ପ୍ରାମାଣିକ ଜ୍ଞାନ ପ୍ରାପ୍ତ କରିବା ସହିତ ଦୁଃସାଧ୍ୟ ରୋଗଗୁଡ଼ିକରୁ ମୁକ୍ତିର ପ୍ରମାଣ ପ୍ରତିଦିନ ଆସ୍ଥା ଚ୍ୟାନେଲ୍‌ରେ ଲାଇଭ୍ ଦେଖନ୍ତୁ ।

आस्था LIVE — ଦୈନିକ ପ୍ରାତଃ 5.00ରୁ 7.30 ଘଟିକା ଓ ରାତି 8.00 ଘଟିକା

INDIA TV — ଦୈନିକ ପ୍ରାତଃ 7.56 ଘଟିକା

ଆମର ସମସ୍ତ ଔଷଧ ପତଞ୍ଜଳି ଷ୍ଟୋର୍ସ ଓ ଦେଶର ପ୍ରମୁଖ ଷ୍ଟୋର୍ସରେ ଉପଲବ୍ଧ । Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org



ଶ୍ରୀଲଙ୍କା ପାର୍ଲାମେଣ୍ଟ ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଦେନା କାମଚଳା ରାଷ୍ଟ୍ରପତି ନିଯୁକ୍ତ ହୋଇଛନ୍ତି। ନୂଆ ସର୍ବଦଳୀୟ ସରକାର ଗଠନ ହେବା ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇବେ ବୋଲି ଶନିବାର ସହମତି ପ୍ରକାଶ ପାଇଛି।



# ଶ୍ରୀହୀନ ଶ୍ରୀଲଙ୍କା

## ଜନସଂଖ୍ୟା ୨.୨ କୋଟି, ଋଣ ୪ ଲକ୍ଷ କୋଟି

କଲମ୍ବୋ,୯।୭

ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କାକୁ ଭାରତ ପକ୍ଷରୁ ମୋଟ ୪ ବିଲିୟନ୍ ଡଲାର ଆର୍ଥିକ ସହାୟତା ଦିଆଯାଇଛି। ଏହାସତ୍ତ୍ୱେ ନିଜ ଜରୁରୀ ଆବଶ୍ୟକତା ମେଣ୍ଟାଇବା ପାଇଁ ଦ୍ୱୀପରାଷ୍ଟ୍ର ଆହୁରି ଋଣ ମାଗୁଛି। ଶ୍ରୀଲଙ୍କାର ଆର୍ଥିକ ଦୁର୍ଗତିର ସମାଧାନ ପାଇଁ ଏହା ଚାରିଟେବଲ ଡୋନେଶନ ନୁହେଁ, ବରଂ ଏକ ସୀମିତ ସହଯୋଗ। ଏହି ଅର୍ଥ ଭାରତକୁ ପରିଶୋଧ କରିବାକୁ ପଡ଼ିବ ବୋଲି ଜୁନ୍ ୨୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ ପାର୍ଲାମେଣ୍ଟରେ ବିବୃତି ରଖିଥିଲେ। ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ଶ୍ରୀଲଙ୍କାର ବିଦେଶୀ ଋଣ ୧.୯ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚିଥିଲା, ଯାହାକି ବର୍ତ୍ତମାନ ୪ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି। ଶ୍ରୀଲଙ୍କା ଗତ ଏପ୍ରିଲ ସୁଦ୍ଧା ବିଦେଶ ଓ ବିଭିନ୍ନ ସୂତ୍ରରୁ ନେଇଥିବା ୫୧ ବିଲିୟନ ଡଲାର ଋଣ ଶୁଝିବାରେ ଅକ୍ଷମତା ପ୍ରକାଶ କରିଥିଲା। ଏଥିସହ ସେଠାକାର ଅର୍ଥ ମନ୍ତ୍ରଣାଳୟ ସେହି ମାସ ୧୨ ତାରିଖରେ ଦେଶକୁ ଦେବାଳିଆ ଘୋଷଣା କରିଥିଲା। ଅନ୍ୟ ଦେଶର ସରକାରଙ୍କ ସମେତ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଏବଂ ଋଣଦାତାଙ୍କ କରଜ ଶୁଝିବା ପରିସ୍ଥିତିରେ ଶ୍ରୀଲଙ୍କା ନାହିଁ। ଗଚ୍ଛିତ ବିଦେଶୀ ମୁଦ୍ରା ପ୍ରାୟ ଶେଷ ହୋଇଯାଇଛି। ତେଣୁ ଋଣଦାତାମାନେ ସେମାନଙ୍କ ଅର୍ଥ ବାବଦରେ ସୁଧ ନେଇପାରିବେ କିମ୍ବା ବଦଳରେ ଶ୍ରୀଲଙ୍କା ମୁଦ୍ରା ଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ଶ୍ରୀଲଙ୍କା ଅର୍ଥନୀତି ଭୁଶୁଡ଼ି ଯାଇଥିବାରୁ ଦେଶର ମୁଦ୍ରା ଦୁର୍ବଳ ହୋଇଯାଇଛି। ଫଳରେ ଋଣଦାତାମାନେ ଏହି ମୁଦ୍ରାରେ ମଧ୍ୟ ଋଣ ଅର୍ଥ ଫେରିପାଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଦେଶରେ ଖାଦ୍ୟ, ଇନ୍ଧନ ଆଦି ଆବଶ୍ୟକତା ପୂରଣ ନିମନ୍ତେ ବାହାରୁ ଅଧିକ ଋଣ ଉଠାଇବା ଉପରେ ଇଣ୍ଟରନ୍ୟାଶନାଲ ରେଟିଂ ଏଜେନ୍ସିଗୁଡ଼ିକ ଶ୍ରୀଲଙ୍କା ଉପରେ କଟକଣା ଲଗାଇଛନ୍ତି।



## ସ୍ଥିରତା ପାଇଁ ନୂଆ ସରକାର ଜରୁରୀ



ରାନିଲ ୱିକ୍ରମସିଂଘେ

ଶ୍ରୀଲଙ୍କାର ଆର୍ଥିକ ଦୁର୍ଗତି ପାଇଁ ରାଷ୍ଟ୍ରପତି ଓ ତାଙ୍କ ଭାଇମାନଙ୍କୁ ଦାୟୀ କରାଯାଉଥିବାବେଳେ ନୂଆ କରି ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ରାନିଲ ୱିକ୍ରମସିଂଘେଙ୍କୁ ମଧ୍ୟ ଜନାକ୍ରୋଶର ଶିକାର ହେବାକୁ ପଡ଼ିଛି। ଲୋକେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦାବିରେ ଅଡ଼ି ବସିଥିବା ଦେଖି ୱିକ୍ରମସିଂଘେ ନିଜ ପଦ ଛାଡ଼ିଛନ୍ତି। ଏ ଅବସରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଦେଶରେ ଏକ ସର୍ବଦଳୀୟ ସରକାର ତୁରନ୍ତ ଗଠନ କରାଯିବା ଜରୁରୀ ବୋଲି ୱିକ୍ରମସିଂଘେ ଗୋଟାବାୟାଙ୍କୁ ଜଣାଇଛନ୍ତି। କାରଣ ସରକାର ଭଙ୍ଗହେବା ପରେ ସ୍ଥିରତାକୁ ସୁନିଶ୍ଚିତ କରି ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ନୂଆ ସରକାର ରହିବା ଆବଶ୍ୟକ ବୋଲି ବିବୃତିରେ କୁହାଯାଇଛି।



## ରାଷ୍ଟ୍ରପତିଙ୍କ ଆସନରେ ବସିଲେ, ସୁଇମିଂ ପୁଲ୍‌ରେ ପହଁରିଲେ

ଶ୍ରୀଲଙ୍କାର ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନରେ ଧସେଇ ପଶିବା ପରେ ସେଠାରେ ଥିବା ରାଷ୍ଟ୍ରପତିଙ୍କ ଆସନ ଉପରେ ବସି ରାଗ ଶୁଝାଇଥିଲେ। ରାଷ୍ଟ୍ରପତି ଭବନର ସୁଇମିଂ ପୁଲରେ ଶତାଧିକ ବିକ୍ଷୋଭକାରୀ ପହଁରୁଥିବା ଦେଖିବାକୁ ମିଳିଛି।

## ତୁମ ଦୁର୍ଗ ଭୁଶୁଡ଼ିପଡ଼ିଛି

ବିକ୍ଷୋଭକାରୀମାନେ ଶନିବାର ସକାଳେ ରାଷ୍ଟ୍ରପତି ଭବନ ଆଡ଼କୁ ମୁହାଁଇଥିବାବେଳେ ଶ୍ରୀଲଙ୍କା କ୍ରିକେଟ ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ ସନଥ୍ ଜୟସୁରିୟା ସେମାନଙ୍କ ସମର୍ଥନରେ ବାହାରିଛନ୍ତି। ପୂର୍ବରୁ ଜଣେ ବିଫଳ ନେତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଦେଶବାସୀଙ୍କ ଏଭଳି ଏକତା ସେ କେବେ ଦେଖିବାକୁ ପାଇ ନ ଥିଲେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଶ୍ରୀଲଙ୍କାବାସୀଙ୍କ ସହ ଛିଡ଼ା ହୋଇଛନ୍ତି। ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ ଜାରି ରହୁ। ଗୋଟାବାୟା, ତୁମ ଦୁର୍ଗ ଭୁଶୁଡ଼ିପଡ଼ିଛି ବୋଲି ଜୟସୁରିୟା କହିଥିଲେ। ବିକ୍ଷୋଭକାରୀମାନେ ଏହି ପୂର୍ବତନ କ୍ରିକେଟରଙ୍କ ସହ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଛି।



ବିକ୍ଷୋଭକାରୀଙ୍କୁ ସନଥ୍ ଜୟସୁରିୟାଙ୍କ ସମର୍ଥନ

## ଗୋଟାବାୟା ଚାଲିଯାଅ



ଶ୍ରୀଲଙ୍କାରେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ପାଇଁ ଦେଶବାସୀ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କୁ ଦାୟୀ କରି କ୍ଷମତାରୁ ଓହରି ଯିବା ପାଇଁ ଦାବି କରିଥିବାବେଳେ ସେ ବିଦେଶକୁ ପଳାୟନ କରିଛନ୍ତି। ଗତ ମାର୍ଚ୍ଚରୁ ଶ୍ରୀଲଙ୍କାରେ ଚାଲିଥିବା ଆନ୍ଦୋଳନ ଶନିବାର ହଠାତ୍ ଉଗ୍ରରୂପ ଧାରଣ କରିଥିଲା। ଦେଶର ବିଭିନ୍ନ ଭାଗରୁ ଲୋକେ ବସ୍, ଟ୍ରେନ୍, ଟ୍ରକ୍ ଆଦିରେ କଲମ୍ବୋ ଆସି ସରକାର ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିଲେ। ବିକ୍ଷୋଭକାରୀମାନେ ପୂର୍ବ ସ୍ଲୋଗାନ୍ ଦୋହରାଇ କହିଥିଲେ, 'ଗୋଟା ଗୋ ହୋମ୍'।

ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ପତ୍ତା ମିଳୁନାହିଁ। ସର୍ବଦଳୀୟ ବୈଠକରେ ଯାହା ନିଷ୍ପତ୍ତି ନିଆଯିବ ତାକୁ ସେ ମାନିନେବେ ବୋଲି ଗୋଟାବାୟା କହିଥିବା ଜଣାପଡ଼ିଛି। ଗୋଟାବାୟା ଶ୍ରୀଲଙ୍କା ନୌସେନାର ଏହି ଜାହାଜରେ ନିଜ ଆସବାବପତ୍ର ଧରି ପଳାୟନ କରିଥିବା କୁହାଯାଉଛି।




## ପ୍ରଧାନମନ୍ତ୍ରୀଙ୍କ ଘରେ ନିଆଁ ଲଗାଇଲେ

ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ ଇସ୍ତଫା ଦେଇଥିଲେ ବି ଲୋକଙ୍କ ଆକ୍ରୋଶରୁ ବର୍ତ୍ତି ପାରିନାହାନ୍ତି। କଲମ୍ବୋସ୍ଥିତ ତାଙ୍କ ଘରୋଇ ବାସଭବନକୁ ଲୋକେ ଧସେଇ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଲୁହବୁହା ବାଷ୍ପପ୍ରୟୋଗ କରିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଲୋକେ ତାଙ୍କ ଘରେ ନିଆଁ ଲଗାଇଦେଇଛନ୍ତି। ୱିକ୍ରମସିଂଘେଙ୍କ ନିଜ ଘର ବାହାରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ତାଙ୍କ ସୁରକ୍ଷା କର୍ମୀମାନେ ତଥ୍ୟ ସଂଗ୍ରହ କରୁଥିବା ଖବରଦାତାମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

## ପରଲୋକରେ ମୁଲାୟମ୍‌ଙ୍କ ସ୍ତ୍ରୀ

ଗୁରୁଗ୍ରାମ, ୯।୭: ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ସ୍ତ୍ରୀ ସାଧନା ଗୁପ୍ତା ଯାଦବ(୬୨)ଙ୍କ ଶନିବାର ପରଲୋକ ହୋଇଛି। ଫୁସ୍‌ଫୁସ୍‌ଜନିତ ଅସୁସ୍ଥତା ପାଇଁ ସେ ୪ ଦିନ ପୂର୍ବରୁ ଲକ୍ଷ୍ନୌସ୍ଥିତ ମେଦାନ୍ତ ମେଡିସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଗୁରୁଗ୍ରାମକୁ ଏୟାର ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଆଇସିୟୁକୁ ସିଫ୍ଟ କରାଯାଇଥିଲା। ସାଧନା ଗୁପ୍ତା ମୁଲାୟମ୍ ସିଂଙ୍କ ଦ୍ୱିତୀୟ ସ୍ତ୍ରୀ। ସାଧନା ତାଙ୍କଠାରୁ ପ୍ରାୟ ୨୦ ବର୍ଷ ସାନ। ପ୍ରଥମ ସ୍ତ୍ରୀ ମାଳତୀ ଦେବୀଙ୍କ ମୃତ୍ୟୁ ପରେ ମୁଲାୟମ ସାଧନାଙ୍କୁ ବିବାହ କରିଥିଲେ।



## ପୋଲିସ ନାଁରେ ବଳାତ୍କାର ମାମଲା

### ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ଅପହରଣ ପରେ ବର୍ବରତା

ହାଇଦ୍ରାବାଦ, ୯।୭

ଜଣେ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ହାଇଦ୍ରାବାଦର ମାରେଡପଲ୍ଲି ଥାନା ଷ୍ଟେଶନ ହାଉସ୍ ଅଫିସର ନାଗେଶ୍ୱର ରାଓଙ୍କ ନାଁରେ ବନସ୍ଥଲିପୁରମ୍ ଥାନାରେ ମାମଲା ରୁଜୁ କରାଯାଇଛି। ସେ ଫେରାର ଥିବାବେଳେ ଗିରଫ ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି। ପୋଲିସ କମିଶନର ସି. ଭି. ଆନନ୍ଦ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

ଅଭିଯୋଗ ଅନୁସାରେ, ଜୁଲାଇ ୭ ବିଳମ୍ବିତ ରାତିରେ ନାଗେଶ୍ୱର ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ସେହି ସମୟରେ ମହିଳାଙ୍କ ସ୍ୱାମୀ ଘରେ ନ ଥିଲେ। କିଛି ସମୟ ପରେ ତାଙ୍କ ସ୍ୱାମୀ ସେସବୁ ଦେଖିବା ପରେ ଇନ୍ସପେକ୍ଟରଙ୍କୁ ବାଡ଼ିରେ ପିଟିଥିଲେ। ପରେ ଉଭୟଙ୍କୁ ନାଗେଶ୍ୱର ବନ୍ଧୁକ ମୁନରେ ଅପହରଣ କରି ଇବ୍ରାହିମ୍‌ପାଟନମ୍ ଆଡ଼କୁ ନେଇଯାଇଥିଲେ। ସେମାନେ ହାଇଦ୍ରାବାଦ ଛାଡ଼ି ଅନ୍ୟତ୍ର ପଳାଇବାକୁ ଧମକ ଦେଇଥିଲେ। ଇବ୍ରାହିମ୍‌ପାଟନମ୍‌ଠାରେ ପୋଲିସ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାପରେ ଉକ୍ତ ଦମ୍ପତି କୌଶଳକ୍ରମେ ସେଠାରୁ ଖସି ଥାନାରେ ନାଗେଶ୍ୱରଙ୍କ ନାଁରେ ଅଭିଯୋଗ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ୨୦୧୮ରେ ମହିଳାଙ୍କ ସ୍ୱାମୀଙ୍କ ନାଁରେ ଏକ ମାମଲା ରୁଜୁ ହୋଇଥିଲା। ନାଗେଶ୍ୱର ତାହାର ତଦନ୍ତ କରୁଥିଲେ। ପରେ ନାଗେଶ୍ୱର ପୀଡ଼ିତାଙ୍କ ସ୍ୱାମୀଙ୍କୁ ତାଙ୍କ ଫାର୍ମହାଉସ୍‌ରେ କାମରେ ରଖିଥିଲେ। ଦିନେ ଇନ୍ସପେକ୍ଟର ରାଓ ଉକ୍ତ ମହିଳାଙ୍କୁ ଫାର୍ମହାଉସ୍‌କୁ ଜବରଦସ୍ତ ଟେକି ନେଇଥିଲେ। ଘଟଣା ଜାଣିବା ପରେ ମହିଳାଙ୍କ ସ୍ୱାମୀ ନାଗେଶ୍ୱରଙ୍କୁ ଧମକ ଦେବା ସହ ଏ ବିଷୟରେ ଇନ୍ସପେକ୍ଟରଙ୍କ ଘରେ ଜଣାଇଦେବେ ବୋଲି କହିଥିଲେ। କିଛି ଦିନ ପରେ ନାଗେଶ୍ୱର, ଜଣେ ସବ୍-ଇନ୍ସପେକ୍ଟର ଏବଂ କେତେଜଣ କନଷ୍ଟେବଲ ମହିଳାଙ୍କ ଘରେ ପଶି ତାଙ୍କ ସ୍ୱାମୀଙ୍କ ପକେଟରେ ଗଞ୍ଜେଇ ରଖି ଫଟୋ ଉଠାଇବା ସହ ମାଡ଼ ମାରିଥିଲେ। ତାଙ୍କ କାରନାମା ବିଷୟରେ କାହାରିକୁ କହିଲେ ମିଛ ମାମଲା ରୁଜୁ କରି ଜେଲ୍‌ରେ ଭର୍ତ୍ତି କରାଇଦେବେ ବୋଲି ନାଗେଶ୍ୱର ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଧମକ ଦେଇଥିଲେ। ଜୁଲାଇ ୬ରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବାବେଳେ ନାଗେଶ୍ୱର ତାଙ୍କୁ ଫୋନ୍ କରି ଯୌନ ଅନୁଗ୍ରହ ମାଗିଥିଲେ। ଜୁଲାଇ ୭ ତାରିଖ ବିଳମ୍ବିତ ରାତିରେ ନାଗେଶ୍ୱର ମହିଳାଙ୍କ ଘରେ ଜବରଦସ୍ତ ପଶି ତାଙ୍କୁ ବଳାତ୍କାର କରିଥିଲେ। ଅଭିଯୋଗ ପରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ପୋଲିସ ଓ ଫୋରେନ୍ସିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛନ୍ତି।

## ଅମରନାଥରୁ ୧୫ ହଜାର ଶ୍ରଦ୍ଧାଳୁ ଉଦ୍ଧାର

### ମୃତ୍ୟୁସଂଖ୍ୟା ୧୬, ୪୦ରୁ ଊର୍ଦ୍ଧ୍ୱ ନିଖୋଜ

ଅମରନାଥ, ୯।୭

ଜମ୍ମୁ-କଶ୍ମୀରର ଅମରନାଥରେ ଶୁକ୍ରବାର ହୋଇଥିବା ବାଦଲଫଟା ବର୍ଷାଯୋଗୁ ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ଆହୁରି ୪୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେଠାରେ ଫସିଥିବା ପ୍ରାୟ ୧୫ହଜାର ଶ୍ରଦ୍ଧାଳୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପଥର ତଳେ ଅନେକେ ଫସିରହିଥିବା ଆଶଙ୍କା କରାଯାଉଛି। ଅମରନାଥ ଗୁମ୍ଫାରେ ଆଶ୍ରୟ ନେଇଥିବା ଲୋକଙ୍କୁ ପଞ୍ଚତାରନିକୁ ପଠାଯାଇଛି। ବର୍ଷା ଲାଗିରହିଥିବାବେଳେ କୌଣସି ସ୍ଥାନରେ ଭୂସ୍ଖଳନ ହୋଇ ନ ଥିବା ଅମରନାଥ ପ୍ରଶାସନ ପକ୍ଷରୁ କୁହାଯାଇଛି।



## ହେମନ୍ତ ସୋରେନ୍‌ଙ୍କ ସହଯୋଗୀ ଘରୁ ୫.୩୨ କୋଟି ଜବତ

**ରାଞ୍ଚି, ୯।୭:** ଟୋଲ ପ୍ଲାଜା ଟେଣ୍ଡରରେ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହଯୋଗୀ ପଙ୍କଜ ମିଶ୍ରାଙ୍କ ଘର ସମେତ ୧୮ ସ୍ଥାନରେ ଚଢ଼ାଉ କରି ୫.୩୨ କୋଟି ଟଙ୍କା ଜବତ କରିଛି। ଶୁକ୍ରବାରଠାରୁ ଇଡି ସାହିବଗଞ୍ଜ ଜିଲାର ବରହେଟ, ରାଜମହଲ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଲାଭ୍ରୋଭଙ୍କୁ ଭେଟିଲେ ଜୟଶଙ୍କର

**ଜାକର୍ତ୍ତା,୯।୭:** ଇଣ୍ଡୋନେସିଆ ବାଲିରେ ଆୟୋଜିତ ଜି-୨୦ ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେବା ଅବସରରେ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରୁଷିଆ ପ୍ରତିପକ୍ଷ ଲାଭ୍ରୋଭଙ୍କୁ ଭେଟିଛନ୍ତି। ଦୁହେଁ ବୈଷୟିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଆଫଗାନିସ୍ତାନ ସ୍ଥିତି, ୟୁକ୍ରେନ୍ ସଙ୍କଟ ସାଙ୍ଗକୁ ଭାରତ ଓ ରୁଷିଆ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତି ସମ୍ବନ୍ଧରେ ଦୁଇ ରାଷ୍ଟ୍ରୀୟ ପ୍ରତିନିଧୀଙ୍କ ମଧ୍ୟରେ ଆଲୋଚନା ହୋଇଛି।

# ଟୁଇଟର ଡିଲ୍‌ରୁ ଓହରିଲେ ମସ୍କ

## କୋର୍ଟଙ୍କ ଦ୍ୱାରସ୍ଥ ହେବ କମ୍ପାନୀ

ୱାଶିଂଟନ୍, ୯।୭

ପ୍ରାୟ ୩ ମାସର ଡ୍ରାମା ପରେ ଟେସ୍‌ଲା ସିଇଓ ଏଲନ୍ ମସ୍କ ଗତ ଏପ୍ରିଲ ୨୫ରେ ୪୪ ବିଲିୟନ ଡଲାରରେ ସୋସିଆଲ ମିଡିଆ ପ୍ଲାଟଫର୍ମ କିଣିବା ପାଇଁ କରିଥିବା ଡିଲ୍‌ରୁ ଓହରିଯାଇଛନ୍ତି। ଫେକ୍ ଆକାଉଣ୍ଟ ବାବଦରେ ଯଥେଷ୍ଟ ତଥ୍ୟ ଦେବାରେ କମ୍ପାନୀ ବିଫଳ ହେବାରୁ ମସ୍କ ଟୁଇଟର କିଣିବେ ନାହିଁ ବୋଲି ଶନିବାର ଘୋଷଣା କରିଛନ୍ତି। ସ୍ପେସ୍‌ଏକ୍ସ ମାଲିକ ମସ୍କ ଏଭଳି ଭାବେ ଡିଲ୍ ବାତିଲ କରିପାରିବେନି ବୋଲି କହି କମ୍ପାନୀ ତାଙ୍କ ବିରୋଧରେ କୋର୍ଟରେ ମାମଲା କରିବ ବୋଲି କହିଛି। ଆମେରିକା ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସ୍ଇସି)ରେ ପୂର୍ବରୁ ହୋଇଥିବା ଫାଇଲିଂ ଅନୁସାରେ ମସ୍କ ଏହି ଡିଲ୍ ବାତିଲ କଲେ ତାଙ୍କୁ ଏ ବାବଦରେ ୧ ବିଲିୟନ ଡଲାର ଟର୍ମିନେଶନ ଫି ଦେବାକୁ ପଡ଼ିବ।

ଟୁଇଟର ବୋର୍ଡକୁ ମସ୍କଙ୍କ ଓକିଲ ଏକ ଚିଠି ଲେଖି କହିଛନ୍ତି, ମସ୍କ ଟୁଇଟରରେ କେତେ ସଂଖ୍ୟାରେ ଫେକ୍ ଆକାଉଣ୍ଟ ରହିଛି ସେ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କମ୍ପାନୀକୁ କହିଥିଲେ। ଏଥିପାଇଁ ସେ ୨ ମାସ ହେଲା ଅପେକ୍ଷା କରିଥିଲେ। କିନ୍ତୁ ଟୁଇଟର ଏହି ତଥ୍ୟ ଦେବାରେ ବିଫଳ ହୋଇଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ କମ୍ପାନୀ ମସ୍କଙ୍କୁ ଅଣଦେଖା କରି ଅଦରକାରୀ ସୂଚନା ପ୍ରଦାନ କରିଛି। ବ୍ୟବସାୟ ଏବଂ ଆର୍ଥିକ କାରବାର ପାଇଁ ଏହି ତଥ୍ୟ ଜରୁରୀ ଥିଲେ ମଧ୍ୟ ତାହା କମ୍ପାନୀ ଦେଇପାରି ନାହିଁ ବୋଲି ମସ୍କଙ୍କ ଓକିଲ ଦର୍ଶାଇଛନ୍ତି। ଏଥିସହ ଟୁଇଟର ଅନେକ ବରିଷ୍ଠ ଅଧିକାରୀ ଏବଂ ପ୍ରତିଭାସମ୍ପନ୍ନ ଟିମ୍‌କୁ ଚାକିରିରୁ ବିଦାକରି କମ୍ପାନୀ ପ୍ରତି ଥିବା ନିଜ ଦାୟିତ୍ୱ ପାଳନ କରି ନ ଥିବା ମସ୍କ କହିଛନ୍ତି। ଏହାର ଜବାବରେ ଟୁଇଟର ବୋର୍ଡ ମୁଖ୍ୟ ବ୍ରେଟ୍ ଟେଲର କହିଛନ୍ତି, ମସ୍କଙ୍କ ସହ ହୋଇଥିବା ଚୁକ୍ତି ଅନୁସାରେ ଏହି କାରବାର ଚୂଡ଼ାନ୍ତ କରିବାକୁ ବୋର୍ଡ ପ୍ରତିଶ୍ରୁତିବଦ୍ଧ। ଡିଲ୍‌କୁ ସମ୍ପୂର୍ଣ୍ଣ କରିବାକୁ କମ୍ପାନୀ ଡେଲାୱେର କୋର୍ଟ ଅଫ୍ ଚାନ୍ସେରୀରେ ଆମେ ଜିତିବୁ ବୋଲି ପୂରା ବିଶ୍ୱାସ ରହିଛି।

ଅଭିବ୍ୟକ୍ତି ସ୍ୱାଧୀନତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ବିଶ୍ୱର ସବୁଠାରୁ ଧନୀ ମସ୍କ ଟୁଇଟର କିଣିବା ପାଇଁ ଡିଲ୍ କରିଥିଲେ। ଏବେ ମସ୍କଙ୍କ ଉକ୍ତ ଘୋଷଣା ପରେ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମର ଶେୟାର ମୂଲ୍ୟ ୫% ଖସି ୩୬.୮୧ ଡଲାରରେ ପହଞ୍ଚିଛି। ହେଲେ ମସ୍କଙ୍କ ବୈଦ୍ୟୁତିକ କାର୍ ନିର୍ମାଣକାରୀ କମ୍ପାନୀ ଟେସ୍‌ଲାର ଶେୟାର ମୂଲ୍ୟ ୨% ବୃଦ୍ଧି ପାଇ ୭୫୨.୨୯ ଡଲାର ହୋଇଛି।



ଏଲନ୍ ମସ୍କ

## 'ମସ୍କ ଟିକେଟ ନ ଥିବା ଯାତ୍ରୀ'

ଟୁଇଟର ଚୁକ୍ତିରୁ ଏଲନ ମସ୍କ ଓହରିଯିବା ପରେ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ତାଙ୍କୁ 'ଟିକେଟ ନ ଥିବା ଯାତ୍ରୀ'ଙ୍କ ସହ ତୁଳନା କରିଛନ୍ତି। ଏକ ଟୁଇଟ୍‌ରେ ମହିନ୍ଦ୍ରା ଲେଖିଛନ୍ତି, ଯଦି ମସ୍କ କୌଣସି ଭାରତୀୟ ରେଳରେ ଯାତ୍ରା କରିଥାନ୍ତେ ତେବେ ଟିକେଟ କଣ୍ଡକ୍ଟର(ଟିସି) ତାଙ୍କୁ ଟିକେଟ ନ ଥିବା ଯାତ୍ରୀ(ଟିକେଟଲେସ୍ ଟ୍ରାଭେଲର ବା ଟିଟି)ର ମାନ୍ୟତା ଦେଇଥାନ୍ତେ। କିନ୍ତୁ ଏବେ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଟିଟି କୌଣସି ଖବରର ହେଡ୍‌ଲାଇନ ମଧ୍ୟ ହୋଇପାରେ ଯେମିତି 'ଟୁଇଟର ଟିଜ୍'। ମହିନ୍ଦ୍ରାଙ୍କ ଏହି ଟୁଇଟ୍ ଉପରେ ଅନେକ ୟୁଜର୍ସ ପ୍ରତିକ୍ରିୟା ରଖିଛନ୍ତି। ମହିନ୍ଦ୍ରା ଏବେ ଟୁଇଟରକୁ କିଣନ୍ତୁ ବୋଲି ଜଣେ ୟୁଜର ଟୁଇଟ କରିଛନ୍ତି।



ଆନନ୍ଦ ମହିନ୍ଦ୍ରା

## ଟୁଇଟର ଟ୍ୱିଷ୍ଟ



➡୨୦୨୨ ଜାନୁୟାରୀରେ ଏଲନ ମସ୍କ ଟୁଇଟର ଶେୟାର କିଣିବା ଆରମ୍ଭ କରିଥିଲେ। ମାର୍ଚ୍ଚରେ ତାଙ୍କ ନିକଟରେ ଏହି କମ୍ପାନୀର ୫%ରୁ ଊର୍ଦ୍ଧ୍ୱ ଶେୟାର ରହିଥିଲା। ଏପ୍ରିଲରେ ସେ ଆଉ ୯.୨% ଶେୟାର କିଣି ଟୁଇଟର୍‌ର ସର୍ବାଧିକ ଶେୟାରହୋଲ୍ଡର ହୋଇଥିଲେ।

➡ଏପ୍ରିଲ ୪ରେ ଟୁଇଟର ସିଇଓ ପରାଗ ଅଗ୍ରୱାଲ ଘୋଷଣା କଲେ ଯେ ମସ୍କ ଟୁଇଟର ବୋର୍ଡର ସଦସ୍ୟ ରହିବେ। ହେଲେ ମସ୍କ ବୋର୍ଡରେ ନ ରହି ଏହି ସୋସିଆଲ ମିଡିଆ ଜାଏଣ୍ଟକୁ କିଣିବାକୁ ଏପ୍ରିଲ ୯ରେ ଅଫର ଦେଇଥିଲେ।

➡ଏପ୍ରିଲ ୧୪ରେ ମସ୍କ ଏଥିପାଇଁ ୪୪ ବିଲିୟନ ଡଲାର ଦେବା ପାଇଁ କହିବା ପରେ ଟୁଇଟର ଏହାକୁ ବିରୋଧ କରି 'ପଏଜନ୍ ପିଲ୍' ନୀତି ଆପଣାଇଥିଲା। ତେବେ ମସ୍କ କଳେ ବଳେ କୌଶଳେ ଏପ୍ରିଲ ୨୫ରେ ଟୁଇଟରକୁ ୪୪ ବିଲିୟନ୍ ଡଲାରରେ କିଣିବା ପାଇଁ ଡିଲ୍ କରିଥିବା ଘୋଷଣା କରିଥିଲେ।

➡ଟୁଇଟରରେ ବହୁସଂଖ୍ୟାରେ ସ୍ପାମ୍ ଓ ଫେକ୍ ଆକାଉଣ୍ଟ ଥିବା ଅଭିଯୋଗ ଆଣି ମସ୍କ ଟୁଇଟରକୁ ତଥ୍ୟ ମାଗିଥିଲେ। ଏଥିପାଇଁ ଡିଲ୍‌କୁ ଅସ୍ଥାୟୀ ଭାବେ ସ୍ଥଗିତ ରଖିବା ନେଇ ମେ ୧୪ରେ ଘୋଷଣା କରିଥିଲେ।

➡ଟୁଇଟରରେ ୫%ରୁ କମ୍ ସ୍ପାମ୍ ଆକାଉଣ୍ଟ ଥିବା କମ୍ପାନୀ ସିଇଓ ପରାଗ ଅଗ୍ରୱାଲ ସୂଚନା ଦେଇଥିଲେ ହେଁ ବିନା ପ୍ରମାଣରେ ଆଗକୁ ବଢ଼ିହେବ ନାହିଁ ବୋଲି ମସ୍କ କହିଥିଲେ।

# ଧରିତ୍ରୀ
DHARITRI

ରବିବାର, ଜୁଲାଇ ୧୦/୨୦୨୨ | Sunday, July 10/2022 | ପୃଷ୍ଠା-୧


# ଶ୍ରୀଲଙ୍କାରେ ଅରାଜକତା

- ବିକ୍ଷୋଭକାରୀଙ୍କ ଦଖଲରେ ରାଷ୍ଟ୍ରପତି ଭବନ
- ଦେଶ ଛାଡ଼ି ପଳାଇଲେ ଗୋଟାବାୟା ରାଜପାକ୍ସେ
- ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ



ବିକ୍ଷୋଭକାରୀଙ୍କ କବ୍‌ଜାରେ ଶ୍ରୀଲଙ୍କା ରାଷ୍ଟ୍ରପତି ଭବନ।

**କଲମ୍ବୋ,୯।୭**

ଶ୍ରୀହୀନ ହୋଇଯାଇଛି ଶ୍ରୀଲଙ୍କା। ସ୍ୱାର୍ଥପର ନେତାଙ୍କ ଭୁଲ୍ ରାଷ୍ଟ୍ର ପରିଚାଳନା ଯୋଗୁ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସ୍ୱର୍ଣ୍ଣର ଲଙ୍କା ଆକାଶରେ ଘୋଟିଛି ଅନିଶ୍ଚିତତାର ଘନକଳା ବାଦଲ। ୨.୨ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପରାଷ୍ଟ୍ରର ମୁଣ୍ଡ ୪ ଲକ୍ଷ କୋଟି ଟଙ୍କାର ଋଣ ବୋଝରେ ନଇଁପଡ଼ିଛି। ମୁଦ୍ରାସ୍ଫୀତି ସର୍ବକାଳୀନ ରେକର୍ଡ ଭାଙ୍ଗି ୫୪.୬%ରେ ପହଞ୍ଚିଛି। ଲୋକେ ଦୁଇଓଳି ଖାଇବାକୁ ପାଉନାହାନ୍ତି। ଏଲ୍‌ପିଜି ବଦଳରେ କାଠ ଜାଳି ରୋଷେଇ କରୁଛନ୍ତି। ବିଦ୍ୟୁତ୍ ନାହିଁ, କଳକାରଖାନା ଚାଲିପାରୁ ନାହିଁ। ସ୍କୁଲ କଲେଜଗୁଡ଼ିକ ବନ୍ଦ ହୋଇଯାଇଛି। କ୍ଷୀର ଓ ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ମିଳୁନି। ତେଲ ଟାଙ୍କିଗୁଡ଼ିକରେ ପେଟ୍ରୋଲ, ଡିଜେଲ ନାହିଁ। ଅନେକ ହଜାର ଲୋକ ଧାଡ଼ିରେ ଛିଡ଼ା ହୋଇ ଅପେକ୍ଷା କରିଛନ୍ତି ସେମାନଙ୍କ ପାଳି କେତେବେଳେ ଆସିବ। ନାହିଁ ନାହିଁର ନାଗଫାଶରେ ଶ୍ରୀଲଙ୍କାବାସୀ ଛନ୍ଦି ହୋଇଯାଇଥିବାବେଳେ ପ୍ରାୟ ୪ ମାସ ହେଲା ମୁଣ୍ଡ ଟେକିଥିବା ଜନ ଆନ୍ଦୋଳନ ଶନିବାର ଉଗ୍ରରୂପ ଧାରଣ କରିଛି। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଇସ୍ତଫା ଦାବିରେ ☞ପୃଷ୍ଠା–୨

## ବାଚସ୍ପତି କାମଚଳା ରାଷ୍ଟ୍ରପତି

**କଲମ୍ବୋ,୯।୭:** ଶ୍ରୀଲଙ୍କାର ରାଜନୈତିକ ସଙ୍କଟ ଓ ଅଚଳାବସ୍ଥା ଦୂର ପାଇଁ ଶନିବାର ସର୍ବଦଳୀୟ ବୈଠକ ବସିଥିଲା। ପାର୍ଲାମେଣ୍ଟ ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଦେନାଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ବିଚାରବିମର୍ଶ ହୋଇଥିଲା। ସର୍ବଦଳୀୟ ସରକାର ଗଠନ ପାଇଁ ପଥ ପରିଷ୍କାର କରିବା ଲାଗି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଓ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କୁ ଇସ୍ତଫା ଦେବାକୁ ବାଚସ୍ପତି କହିଥିଲେ। ବାଚସ୍ପତି ଆବେୟୱର୍ଦ୍ଦେନାଙ୍କୁ କାମଚଳା ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି। ନୂଆ ସର୍ବଦଳୀୟ ସରକାର ଗଠନ ହେବା ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇବେ ବୋଲି ବୈଠକରେ ସହମତି ପ୍ରକାଶ ପାଇଛି। ତେବେ ଶୁକ୍ରବାରଠାରୁ ଗୋଟାବାୟାଙ୍କ ପତ୍ତା ମିଳୁନାହିଁ। ସେ ବିଦେଶକୁ ପଳାୟନ କରିଥିବା ଚର୍ଚ୍ଚା ହେଉଛି। ରାଷ୍ଟ୍ରପତି ନିଜ ପଦ ଛାଡ଼ିବା ନେଇ ପ୍ରସ୍ତୁତ ଥିବା ତାଙ୍କ ସୂତ୍ରରୁ ଜଣାପଡ଼ିଛି। ୭୬ ବର୍ଷୀୟ ଆବେୟୱର୍ଦ୍ଦେନା ୨୦୨୦ ଅଗଷ୍ଟ ୨୦ରୁ ଶ୍ରୀଲଙ୍କା ପାର୍ଲାମେଣ୍ଟର ବାଚସ୍ପତି ଅଛନ୍ତି। ଦେଶରେ ପ୍ରଧାନମନ୍ତ୍ରୀଙ୍କ ପରେ ଦ୍ୱିତୀୟ ସର୍ବୋଚ୍ଚ ହେଉଛି ବାଚସ୍ପତି ପଦ। ପୂର୍ବରୁ ସେ ସବର୍ନ ପ୍ରୋଭିନ୍ସର ମୁଖ୍ୟମନ୍ତ୍ରୀ ଏବଂ ବିଭିନ୍ନ ମନ୍ତ୍ରଣାଳୟର ମନ୍ତ୍ରୀ ଥିଲେ।

## ଚଳିତ ବର୍ଷ ୧୫ ଖଣି ନିଲାମ ହେବ

**ଭୁବନେଶ୍ୱର,୯।୭(ବ୍ୟୁରୋ)**

ରାଜ୍ୟରେ ଚଳିତ ବର୍ଷ ଶେଷ ସୁଦ୍ଧା ଆଉ ୧୫ ଖଣି ନିଲାମ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ସେହି ଖଣିଗୁଡ଼ିକ ହେଲା ସୁନ୍ଦରଗଡ଼ର ତୁନମୁରା ଲାଇମ୍ ଷ୍ଟୋନ୍ ଓ ଡୋଲାମାଇଟ ଖଣି ଏବଂ ଭାଞ୍ଜିକୁସୁମ ମାଙ୍ଗାନିଜ୍ ବ୍ଲକ, କେନ୍ଦୁଝରର ଲାଉପଡ଼ା ଲୁହାପଥର ଖଣି ଓ ନୂଆଗାଁ ୱେଷ୍ଟ ଲୁହାପଥର, ସୁନ୍ଦରଗଡ଼ର ଆଲାଘାଟ ୱେଷ୍ଟ ଲୁହାପଥର ଖଣି, କେନ୍ଦୁଝର ଓ ସୁନ୍ଦରଗଡ଼ର ଗାନ୍ଧଲପଡା ୱେଷ୍ଟ ଲୁହାପଥର, ମୟୂରଭଞ୍ଜର ଦୁଧିସାଶୋଇ ଇଷ୍ଟ କପର ବ୍ଲକ, କୋରାପୁଟର ବାଲାଡ ବକ୍ସାଇଟ ବ୍ଲକ, କୋରାପୁଟର କୁଟିଙ୍ଗା ମାଙ୍ଗାନିଜ ବ୍ଲକ, ରାୟଗଡ଼ାର ନୁନାପାଇମାଳି ବକ୍ସାଇଟ, କେନ୍ଦୁଝରର କେନ୍ଦୁଡିହି ନର୍ଥ ଲୁହାପଥର, ରାୟଗଡ଼ା ଓ କଳାହାଣ୍ଡିର ସିଜିମାଳି ବକ୍ସାଇଟ ଓ କୁତ୍ରୁମାଳି ବକ୍ସାଇଟ ☞ପୃଷ୍ଠା–୨

## କୋଏଲ ନଦୀରେ ବୁଡ଼ିଗଲେ ୪ ନାବାଳକ

**ରାଉରକେଲା ଅଫିସ,୯।୭**

ରାଉରକେଲାର କୋଏଲ ନଦୀରେ ଗାଧୋଇବା ବେଳେ ବୁଡ଼ିଗଲେ ୪ନାବାଳକ। ଶୁଦ୍ଧକ୍ରିୟା କର୍ମରେ ଯୋଗ ଦେବାକୁ ଆସି ସେମାନେ ଶବ ହୋଇଗଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ କୋଏଲନଦୀ ପମ୍ପହାଉସ୍ ଘାଟରେ। ନିଖୋଜ ଥିବା ୪ନାବାଳକଙ୍କ ମଧ୍ୟରୁ ୩ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଖୋଜାଖୋଜି ଜାରି ରଖିଛି। ଉଦ୍ଧାର ହୋଇଥିବା ମୃତ ନାବାଳକମାନେ ହେଲେ କୁନାଲ ସାହୁ(୧୪), ଋଷି ସାହୁ(୧୧) ଏବଂ ରୋନକ ସାହୁ(୧୬)। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୮ଟା) କୌଶଲଙ୍କୁ ଉଦ୍ଧାର କରାଯାଇପାରିନାହିଁ। ପୋଲିସ ସୂଚନା ଅନୁସାରେ, ଝିରପାଣି ବସ୍ତିଷ୍ଣ୍ଡ ନିକଟରେ ରମେଶ ସାହୁ ☞ପୃଷ୍ଠା–୨

**୩ଜଣଙ୍କ ମୃତଦେହ ମିଳିଲା**

**ଆଜିର ସମ୍ପାଦକୀୟ**

ଆମ ଅପାରଗତା

# ପଛକୁ ପଛ ଲଘୁଚାପ

**ଭୁବନେଶ୍ୱର,୯।୭(ବ୍ୟୁରୋ)**

ଉତ୍ତର ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶନିବାର ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ଲଘୁଚାପରେ ପରିଣତ ହୋଇଛି। ଏଥିସହିତ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୪ରୁ ୫ ଦିନ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିବ। ସେହିପରି କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ୭ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ବରଗଡ଼ । ଏହି ଜିଲାଗୁଡ଼ିକର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ବଲାଙ୍ଗୀର, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର,ସମ୍ବଲପୁର, ସୋନପୁର, ବୌଦ୍ଧ ଓ କଳାହାଣ୍ଡି ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି।

୧୦ରୁ ୧୪ ତାରିଖ ଯାଏ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ୧୧ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର ଓ ବରଗଡ଼ ପାଇଁ ମଧ୍ୟ ୟେଲୋୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାର ଅଧିକାଂଶ ସ୍ଥାନରେ ପ୍ରବଳ ☞ପୃଷ୍ଠା–୨

**ପ୍ରବଳ ବର୍ଷିବ**

- ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ
- ସତର୍କ ରହିବାକୁ ଜିଲାପାଳଙ୍କୁ ଏସ୍‌ଆରସିଙ୍କ ନିର୍ଦ୍ଦେଶ
- ଏବେ ବି ୧୩ ଜିଲାରେ ନିଅଣ୍ଟିଆ ବର୍ଷା

# ବାହୁଡ଼ିଲେ ମହାପ୍ରଭୁ

- ସିଂହଦ୍ୱାର ସମ୍ମୁଖରେ ତିନିରଥ
- ବିଳମ୍ବରେ ପହଞ୍ଚିଲା ନନ୍ଦିଘୋଷ

**ପୁରୀ ଅଫିସ,୯।୭**

ଜନ୍ମବେଦୀରୁ ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିର ବାହୁଡ଼ିଛନ୍ତି ମହାପ୍ରଭୁ। ସଅଳ ନୀତିକାନ୍ତି ମଧ୍ୟରେ ଚତୁର୍ଦ୍ଧାବିଗ୍ରହ ଆସି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ହୋଇଛନ୍ତି। ବାହୁଡ଼ାଯାତ୍ରା ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସମ୍ପାଦିତ ହୋଇଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାର ନିକଟରେ ପହଞ୍ଚିବାରେ ସାମାନ୍ୟ ବିଳମ୍ବ ହୋଇଥିଲା। ଶନିବାର ସକାଳୁ ସେବାୟତମାନେ ବାହୁଡ଼ା ନୀତିକାନ୍ତି ଆରମ୍ଭ କରିଦେଇଥିଲେ। ୭ଟା ୨୦ରେ ଭୋଗ ଲାଗି ନୀତି ସମ୍ପୂର୍ଣ୍ଣ ହେବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ପହଣ୍ଡି ଆରମ୍ଭ କରିଥିଲେ। ☞ପୃଷ୍ଠା–୨



## ଆଜି ସୁନାବେଶ
### ରାତି ୧୨ ଯାଏ ଦର୍ଶନ

**ପୁରୀ ଅଫିସ,୯।୭**

ଆଜି ମହାପ୍ରଭୁଙ୍କ ସୁନାବେଶ। ରଥ ଉପରେ ମହଣ ମହଣ ସୁନାରେ ସଜେଇ ହେବେ ଚତୁର୍ଦ୍ଧାମୂର୍ତ୍ତି। ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ସମ୍ପାଦନ ହେବ। ରଥ ଉପରେ ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ଅବକାଶ, ବେଶ ଓ ଗୋପାଳବଲ୍ଲଭ ପରେ ସକାଳଧୂପ ନୀତି ସମ୍ପାଦିତ ହେବ। ଏହାପରେ ଅନ୍ୟାନ୍ୟ ନୀତି କରାଯାଇ ସନ୍ଧ୍ୟା ୫ଟାରୁ ସାଢ଼େ ୬ଟା ମଧ୍ୟରେ ସୁନାବେଶ ଅନୁଷ୍ଠିତ ହେବ। ଭକ୍ତମାନେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଦୁର୍ଲଭ ସୁନାବେଶ ଦର୍ଶନ କରିପାରିବେ। ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଭଳି ସୁନାବେଶ ପାଇଁ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବ। ତେଣୁ ଶୃଙ୍ଖଳିତ ଦର୍ଶନ ଓ ଟ୍ରାଫିକ୍ ବ୍ୟବସ୍ଥା ପରିଚାଳନା ପାଇଁ ବ୍ୟାପକ ବନ୍ଦୋବସ୍ତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ☞ପୃଷ୍ଠା–୨


SASTRA
ENGINEERING · MANAGEMENT · LAW · SCIENCES · HUMANITIES · EDUCATION
DEEMED TO BE UNIVERSITY
(U/S 3 of the UGC Act, 1956)
NAAC 3.76 / 4.00 A++ Grade

E-mail: admissions@sastra.edu | Phone: 04362 - 350001 (20 lines) | www.sastra.edu

Admission to B. Tech. / 5-Year Integrated M. Tech. / M. Tech. / M. Sc. (2-year & 5-year Integrated) / M.C.A./ B.Sc. / B.Com. / B.A., LL. B. (Hons.) /B.Com., LL. B. (Hons.) / B.B.A., LL. B. (Hons.) / LL. M. / B.A., B.Ed. / B.Sc., B.Ed. / B. Optom. / M. Optom. / B.F.A. / M.F.A. / B. A. Programmes for the Academic Year 2022-23



A DEGREE NOT TO EXIT CAMPUS BUT ENTER LIFE

1 Merit Based Admission
2 World Class Infrastructure
3 Contemporary Curriculum
4 Impactful Pedagogy
5 Global Exposure
6 Outstanding Placements
7 Translational Research
8 Extensive Collaborations
9 Socially Connected

| Degree Programmes (Application Fees) | Mode of Admission | Last Date for Application Submission | Counselling Date(s) |
|---|---|---|---|
| B. Tech. & 5-year Integrated M. Tech. (Thanjavur & Kumbakonam Campus) (Rs 650) | 70% of seats on the basis of normalised +2 aggregate marks & JEE (Main) - 2022 Scores<br>30% of the seats on the basis of normalised +2 aggregate marks | August 13, 2022 | Call letter for counselling will be sent by email |
| 5-year integrated B.A., LL. B. (Hons.) / B.Com., LL. B. (Hons.) / B.B.A., LL. B. (Hons.) (Rs 650) | Based on normalised +2 aggregate marks and CLAT-2022 Scores | July 30, 2022 | |
| M.Tech. (Rs 650) | UG Scores. 50% Scholarship for GATE Qualified students. | Rolling Admissions based on +2 Marks / UG Scores or Exam Scores | |
| Other Programmes (Rs 350) | Based on qualifying degree / +2 marks | | |

Scan QR to Download Application

Online Applications can also be submitted at dedicated terminals located in campus (Tnj. / Kum.) during working hours.

Apply Online @ www.sastra.edu

THINK MERIT | THINK TRANSPARENCY | THINK SASTRA

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୦୦,୦୫,୭୯୫ | ୬୩,୭୧,୯୪୭ | ୫୩,୨୯,୭୧,୪୫୧ |
| ଭାରତ | ୪,୩୬,୦୪,୩୯୪ | ୫,୨୫,୩୮୬ | ୪,୨୯,୫୩,୯୮୦ |
| ଓଡ଼ିଶା | ୧୨,୯୨,୯୨୮ | ୯୧୨୬(+୫୩) | ୧୨,୮୧,୨୯୮ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅଲିଷା
ପରିବାରବର୍ଗ


ଜୀତ୍
ପରିବାରବର୍ଗ


ପିଏସ୍ ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଆଜିର ମନ୍ତବ୍ୟ**

“ଭାରତରେ ଗଠନମୂଳକ ସ୍ୱାଧୀନତା ଏକ ପରମ୍ପରା। କିନ୍ତୁ ଏହାକୁ ଆଳ କରି କେହି ଅନ୍ୟମାନଙ୍କ ଧର୍ମୀୟ ଭାବାବେଗକୁ କୁଠାରଘାତ କରିବା ଅନୁଚିତ।

**-ସୁନୀଲ ଅମ୍ବେଡକର, ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ, ଆର୍‌ଏସ୍‌ଏସ୍**


# classifieds Everyday
0674-2580101, 2549302




**GROOM WANTED**

Age-35, Government Job କରୁଥିବା divorcee କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7077495623. D-906

Gudia bride, 31yrs, 5'3", Ph.D. Agriculture Scientist (Govt.), Father retired Govt. Officer, looking suitable match. Contact: 7978165511. D-73934

37 ବୟସ୍କା ବ୍ରାହ୍ମଣ Nurse ଚାକିରି କରୁଥିବା divorcee ସୁନ୍ଦର ଝିଅଙ୍କୁ any caste married/unmarried ପୁଅ ଦରକାର। 6371085658. D-948




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ଫିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-73928

Triplex 18000sqft. Pandra-6.5cr/4BHK Duplex Balianta-85,00,000. Land Patia-3000, Tankapani-2650, Hanspal-2200, Patrapada-1800, Pahala-1800. 8984071303. D-934

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

2100sqft. and 1200sqft. plots available just 3kilometer from Hi-Tech Medical Square (BBSR-Cuttack NH). Contact: 9040686695. D-71347

**Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854.** D-73274

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଲକାଟିରେ **sqft. 1000/-. 8114929186.** D-73929

**Duplex sale at Bhubaneswar @ 45 lakhs and apartment @ 42lakhs. 9439206202.** D-73275

ଭୁବନେଶ୍ୱର **Sum Hospital** ଠାରୁ **6k.m.** ଦୂରତାରେ କଣ୍ଟାବାଡ଼ **NH 16** ରୁ **50mtr** ଦୂରରେ **boundary, electricity 30ft.** ରୋଡ୍ ଥାଇ ଘରବାରି **plot** ମିଳୁଛି। **9348444368.** D-73261

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

ଭୁବନେଶ୍ୱର **IIT** ଅରଗୁଳ ରେଲୱେ ଷ୍ଟେସନ୍ ନିକଟରେ **Road,** ଇଲେକ୍ଟ୍ରିପୋଲ୍, **Plantation** ଥାଇ **well developed** ପ୍ଲଟ୍ **sqft.-270/-**ରେ କିଣନ୍ତୁ **8018603523, 9348767829.** D-73273

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ **700mtr** ଦୂରତାରେ **Adyanta** କଲେଜ **backside**ରେ **yellowzone** ପ୍ଲଟ୍ ମିଳୁଛି। **9556368377.** D-73270

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772

3BHK ready to move flat (Rs.85-95lakhs, outright) available near Khandagiri. 9040090394, 9040090398. D-73617

**PLOT FOR SALE AT BADAMBA GARH Residential/Gharbari plot near SBI on SH 65 at Badamba Garh is ready for Sale. Ideal for Location for Petrol Pump or Market Complex. Plot Size: 1.04 Acres, Interested Persons may contact through Whatsapp / SMS : 9437035884.** D-924

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School**କୁ ଲାଗି **30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-698

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278

**GENERAL**

**SALE**

Puppies for sale Breed: German Spitz. Mob: 6370367667. D-73333




Rent new 1BHK, Dadabari for Salaried people, Siddhamahavir, Puri-2. 9902406161. D-907

1 BHK for Rent Shanti Apartment Near Laxmi Talkies, Puri. Mobile: 7022870378. D-946

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

1 Room house with attached kitchen, bathroom & large balcony near Khandagiri, Bhubaneswar. Contact-9437051142. D-937

Fully furnished room rent for gents Saloon at lane-5 Bapuji Nagar, Bhubaneswar near Venus INN. Contact: 7894409326. D-71348




Newly open full body massage ladies & gents available. 8093726714. D-73620

All types hair cutting, body massage by smart lady room services available. Contact: 9938582450. D-71346

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

Ayurvedic full body massage ladies, gents with best therapy. 9040900385. D-73933

**One hour any therapy by expert therapist @999 only. 9078484455.** D-73621

Newly open Spa @899/- full body massage expert Therapist - 8093577103. D-73838

Trupti Spa, 9861550765. Our genuinety is our strength. Stay safe. D-925


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## କୋଏଲ ନଦୀରେ ...

ସପରିବାର ରୁହନ୍ତି। ତାଙ୍କ ମା'ଙ୍କ ଶୁଦ୍ଧକ୍ରିୟାରେ ଯୋଗଦେବା ପାଇଁ ଝାଡ଼ଖଣ୍ଡ ରାଞ୍ଚିର ୪ ଜଣ ନାବାଳକ ଶୁକ୍ରବାର ପରିବାର ଲୋକଙ୍କ ସହ ଝିରପାଣି ଆସିଥିଲେ। ଶନିବାର ରମେଶଙ୍କ ପରିବାର ଲୋକେ ଝିରପାଣି ପମ୍ପହାଉସ୍ ଘାଟକୁ ଯାଇ ଶୁଦ୍ଧକ୍ରିୟା କରିଥିଲେ। ଦିନ ସାଢ଼େ ୩ଟାରେ କୁନାଲ, ଋଷି, ରୋନକ ଏବଂ କୌଶଲ ସାହୁ କୋଏଲ ନଦୀର ଝିରପାଣି ଘାଟରେ ଗାଧୋଇବାକୁ ଯାଇଥିଲେ। ସେମାନେ ଗାଧୋଇବା ବେଳେ ପ୍ରଥମେ ଋଷି ଓ କୁନାଲ ପାଣି ସ୍ରୋତରେ ଭାସି ଯାଇଥିଲେ। ସେମାନଙ୍କୁ ବଞ୍ଚାଇବା ପାଇଁ ରୋନକ ଓ କୌଶଲ ଉଦ୍ୟମ କରିବା ବେଳେ ସେମାନେ ମଧ୍ୟ ଭାସି ଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ କୁନାଲ ଓ ଋଷିଙ୍କୁ ପ୍ରଥମେ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଦୁଇ ଘଣ୍ଟା ଖୋଜାଖୋଜି କରିବା ପରେ ରୋନକଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। କୌଶଲଙ୍କ ମୃତଦେହ ମିଳି ନ ଥିବାରୁ ତାଙ୍କୁ ଖୋଜାଖୋଜି ଜାରି ରହିଛି। ୩ ନାବାଳକଙ୍କ ମୃତଦେହକୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ରବିବାର ବ୍ୟବଚ୍ଛେଦ କରାଯିବ। ତେବେ ରିପୋର୍ଟ ଲେଖିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରିଣୀ ଦେବଜାନୀ ନାୟକ ସୂଚନା ଦେଇଛନ୍ତି।

## ଶ୍ରୀଲଙ୍କାରେ ଅରାଜକତା...

ରାଜରାସ୍ତାକୁ ଓହ୍ଲାଇଥିବା ବିକ୍ଷୋଭକାରୀ ରାଷ୍ଟ୍ରପତି ଭବନରେ ପଶିଛନ୍ତି। ସେମାନେ ରାଷ୍ଟ୍ରପତି ଭବନ ଦଖଲ କରିବା ପୂର୍ବରୁ ଗୋଟାବାୟା ପଳାୟନ କରିଛନ୍ତି। ସେପଟେ ଏହି ଜଟିଳ ସ୍ଥିତି ମଧ୍ୟରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିଥିଲା। ପାର୍ଲାମେଣ୍ଟର ସ୍ୱତନ୍ତ୍ରଅଧିବେଶନ ଡାକିବାକୁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ ଇସ୍ତଫା ଦେବା ପାଇଁ ରାଜି ହେଉଛନ୍ତି। ୧୯୪୮ରେ ଶ୍ରୀଲଙ୍କା ସ୍ୱାଧୀନ ହେବା ପରଠୁ ୭ ଦଶନ୍ଧି ମଧ୍ୟରେ ଏଭଳି ଆର୍ଥିକ ସଙ୍କଟ କେବେ ଦେଖିବାକୁ ମିଳି ନ ଥିଲା। ବିଦେଶୀ ଋଣ ବୋଝରେ ନଇଁଯାଇଥିବା ପଡ଼ୋଶୀ ଶ୍ରୀଲଙ୍କାରେ ଗତ ମାର୍ଚ୍ଚରୁ ଲୋକେ ଆନ୍ଦୋଳନ କରୁଥିବାବେଳେ ଶନିବାର ଅଭୂତପୂର୍ବ ଜନାକ୍ରୋଶ ଦେଖିବାକୁ ମିଳିଛି। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଓ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ଇସ୍ତଫା ଦାବିରେ ଉତ୍ତ୍ୟକ୍ତ ଜନତା ଶ୍ରୀଲଙ୍କାର ଜାତୀୟ ପତାକା ଧରି କଲମ୍ବୋ ରାଜରାସ୍ତାରେ ଭିଡ଼ ଜମାଇଥିଲେ। ସେମାନେ କେନ୍ଦ୍ରୀୟ କଲମ୍ବୋର ହାଇ-ସିକ୍ୟୁରିଟି ଜୋନ୍‌ରେ ଥିବା ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ସୁରକ୍ଷା ବଳୟକୁ ଭେଦ କରିଥିଲେ। ଲୋକେ ରାଷ୍ଟ୍ରପତି ଭବନ ଓ ଅଫିସ୍ ଦଖଲ କରିବାବେଳେ ଚଥାମ୍ ଷ୍ଟ୍ରିଟ୍ ଓ ଲୋଟସ୍ ରୋଡ୍‌ରେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ବ୍ୟାରିକେଡ୍ ଭାଙ୍ଗି ରାଷ୍ଟ୍ରପତି ଭବନକୁ ପଶିବାବେଳେ ସୁରକ୍ଷା ବଳ ଲାଠିଚାର୍ଜ ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ପୋଲିସ-ଜନତା ସଂଘର୍ଷରେ ପ୍ରାୟ ୫୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କେବଳ ରାଜଧାନୀରେ ନୁହେଁ, ବିକ୍ଷୋଭକାରୀମାନେ ଗଲେ, କାଣ୍ଡି ଓ ମଟାରା ଭଳି ପ୍ରାଦେଶିକ ସହରରେ ମଧ୍ୟ କଲମ୍ବୋକୁ ଟ୍ରେନ୍ ଚଳାଇବା ଦାବିରେ ରେଳ ଅଧିକାରୀମାନଙ୍କୁ ଟାର୍ଗେଟ କରିଥିଲେ। ଗୋଟାବାୟା ଇସ୍ତଫା ନ ଦେବା ପର୍ଯ୍ୟନ୍ତ ସେମାନେ ଶାନ୍ତିରେ ବସିବେ ନାହିଁ ବୋଲି କହିଥିଲେ। ବିଭିନ୍ନ ସହରରେ ବହୁ ସଂଖ୍ୟାରେ ପୋଲିସ, ସ୍ପେଶାଲ ଟାସ୍କ ଫୋର୍ସ ଓ ସୈନ୍ୟଙ୍କୁ ମୁତୟନ କରାଯାଇଛି। କଲମ୍ବୋ ସମେତ ୱେଷ୍ଟର୍ନ ପ୍ରୋଭିନ୍ସର ୭ଟି ପୋଲିସ ଡିଭିଜନରେ କର୍ଫ୍ୟୁ ଜାରି କରାଯାଇଛି। ନେଗୋମ୍ବୋ, କେଲାନିୟା, ନୁଗେଡୋଗା, ମାଉଣ୍ଟ ଲାଭିନିଆ, କଲମ୍ବୋ ନର୍ଥ, କଲମ୍ବୋ ସାଉଥ୍ ଓ କଲମ୍ବୋ ସେଣ୍ଟ୍ରାଲରେ ଶୁକ୍ରବାର ରାତି ୯ଟାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଶ୍ରୀଲଙ୍କାର ବାର୍ ଆସୋସିଏଶନ୍ ଏହି କର୍ଫ୍ୟୁକୁ ବେଆଇନ ଏବଂ ମୌଳିକ ଅଧିକାର ଉଲ୍ଲଂଘନ ବୋଲି ଦର୍ଶାଇ ବିକ୍ଷୋଭରେ ସାମିଲ ହୋଇଛି। ମାନବାଧିକାର କମିଶନ ମଧ୍ୟ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି। ସେପଟେ ରାଷ୍ଟ୍ରପତି ଗୋଟାବାୟା ଏସବୁ ଘଟିବା ଆଶଙ୍କା କରି ଶୁକ୍ରବାର ରାତିରେ ରାଷ୍ଟ୍ରପତି ଭବନରୁ ପଳାୟନ କରିଥିଲେ। ଗୋଟାବାୟାଙ୍କ ପତ୍ତା ମିଳି ନ ଥିବାବେଳେ ସେ ଦୁଇଟି ନୌସେନା ଜାହାଜରେ ନିଜ ଆସବାବପତ୍ର ଧରି ସପରିବାର କଲମ୍ବୋ ବନ୍ଦର ଛାଡ଼ିଥିବା କୁହାଯାଉଛି। ସୋସିଆଲ ମିଡିଆରେ ଏକ ଭିଡିଓ ବହୁଳ ପ୍ରସାରିତ ହୋଇଛି। ଏକ ଭିଆଇପି ମୋଟରକେଡ୍ କଲମ୍ବୋ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲାଗିଛି। ସେଠାରେ ଶ୍ରୀଲଙ୍କା ଏୟାରଲାଇନ୍ସର ଏକ ବିମାନ ରହିଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ତେଣୁ ଗୋଟାବାୟା ଉକ୍ତ ବିମାନରେ ବିଦେଶକୁ ଚାଲିଯାଇଥିବା ନେଇ ମଧ୍ୟ ଆଲୋଚନା ହେଉଛି। ଗୋଟାବାୟାଙ୍କ ଦଳ 'ଶ୍ରୀଲଙ୍କା ପୋଦୁଜନ ପେରାମୁନା'ର ୧୬ ଜଣ ଏମ୍‌ପି ରାଷ୍ଟ୍ରପତି ପଦ ଛାଡ଼ି ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ଓ ସର୍ବଦଳୀୟ ସରକାର ଗଠନ କରିବାକୁ ତାଙ୍କୁ ପତ୍ର ଲେଖିଛନ୍ତି। ଏହା ପୂର୍ବରୁ ଗତ ଏପ୍ରିଲରେ ମଧ୍ୟ ସରକାର ବିରୋଧୀ ବିକ୍ଷୋଭ ମୁଣ୍ଡ ଟେକିଥିଲା। ଏଥିଯୋଗୁ ଗୋଟାବାୟାଙ୍କ ବଡ଼ଭାଇ ତଥା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ବାଧ୍ୟହୋଇ ମେ'ରେ ଇସ୍ତଫା ଦେଇଥିଲେ।

## ଚଳିତ ବର୍ଷ ୧୫ ...

ଏବଂ କେନ୍ଦୁଝର ଜିଲାର ରୋଏଡା-୧ ବକ୍ସାଇଟ ଖଣି। ଏହାଛଡ଼ା ଆଉ ୪ଟି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହି ଖଣିଗୁଡ଼ିକ ହେଲା ସୁନ୍ଦରଗଡ଼ ଜିଲାରେ ଥିବା କୋଏରା କୋଡାଡିହି ଲୁହାପଥର, ଓରାହୁରି ମାଙ୍ଗାନିଜ୍ ଓ ଲୁହାପଥର, କୁସୁମଡିହି ମାଙ୍ଗାନିଜ୍ ଏବଂ କେଦେସାଲା ଲୁହାପଥର ନର୍ଥ-ଇଷ୍ଟ ବ୍ଲକ।

## ବାହୁଡ଼ିଲେ ମହାପ୍ରଭୁ...

ପ୍ରଥମେ ସୁଦର୍ଶନଦେବଙ୍କୁ ପହଣ୍ଡି କରାଇ ରଥରେ ବିଜେ କରାଯାଇଥିଲା। ଏହାପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ଅଣାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସରିବା ବେଳକୁ ପୂର୍ବାହ୍ନ ୧୧ଟା ୨୫ ହୋଇଥିଲା। ଶେଷରେ ଶ୍ରୀମଦନମୋହନ, ଶ୍ରୀରାମ, ବଳରାମଙ୍କୁ ରଥରେ ବିଜେ କରାଯାଇଥିଲା। ଠାକୁରଙ୍କୁ ରଥରେ ବିଜେ କରାଯିବା ପରେ ବେଶ ଆରମ୍ଭ ହୋଇଥିଲା। ବେଶ ୧୦ଟା ୩୦ରେ ଆରମ୍ଭ ହୋଇ ୧୨ଟା ୧୦ ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ମହାପ୍ରଭୁଙ୍କ ଆଦ୍ୟ ସେବକ ମହାରାଜା ଗଜପତି ଦିବ୍ୟସିଂହଦେବ ରଥକୁ ଆସି ଛେରା ପହଁରା କରିଥିଲେ। ପ୍ରଥମେ ବଳଭଦ୍ର ପରେ ଜଗନ୍ନାଥ ଓ ଶେଷରେ ମା' ସୁଭଦ୍ରାଙ୍କ ରଥରେ ଛେରାପହଁରା ସାରିଥିଲେ। ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ସାରଥି ଲାଗିବା କାର୍ଯ୍ୟ କରାଯାଇଥିଲା। ଅପରାହ୍ନ ୧ଟା ୪୦ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଏହାପରେ ୨ଟା ୧୫ରେ ଦେବଦଳନ ଓ ୨ଟା ୩୫ରେ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇଥିଲା। ତିନି ଠାକୁର ବଳଗଣ୍ଡିସ୍ଥିତ ମାଉସୀ ମା' ମନ୍ଦିରରେ ଅଟକି ପୋଡ଼ପିଠା ଖାଇଥିଲେ। ତାଳଧ୍ୱଜ ରଥ ଅପରାହ୍ନ ୪ଟା ୨୦, ଦେବଦଳନ ରଥ ୪ଟା ୫୦ରେ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବାକୁ ଢ଼େର ବିଳମ୍ବ ହୋଇଥିଲା। ସନ୍ଧ୍ୟା ୭ଟା ୨୦ରେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲା। ଶ୍ରୀଗୁଣ୍ଡିଚା ତୁଳନାରେ ବାହୁଡ଼ା ଯାତ୍ରାରେ ଅପେକ୍ଷାକୃତ କମ୍ ଗହଳି ଦେଖିବାକୁ ମିଳିଥିଲା। ସର୍ବାଧିକ ୫ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ଅନୁମାନ କରାଯାଉଛି। ବାହୁଡ଼ା ଯାତ୍ରା ନୀତିକାନ୍ତି ଶୃଙ୍ଖଳିତ ଭାବେ ଓ ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିବା ହେତୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଜିଲା ପ୍ରଶାସନ, ପୋଲିସ ଓ ଶ୍ରଦ୍ଧାଳୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୁରୀ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ କରିବା ପାଇଁ ବାହୁଡ଼ାଯାତ୍ରା ଠିକ୍ ସମୟରେ ସରିବାର ଆବଶ୍ୟକତା ଥିଲା, ଯାହା ନିର୍ଦ୍ଧାରିତ ସମୟରେ ସମ୍ପାଦିତ ମଧ୍ୟ ହୋଇଛି। ଏଥିରେ ସେବାୟତଙ୍କ ଗୁରୁ ଭୂମିକା ରହିଛି। ସମସ୍ତ ଅଂଶୀଦାରଙ୍କ ସହଯୋଗରେ ବାହୁଡ଼ା ଯାତ୍ରା ସୁଚାରୁ ରୂପେ ସମ୍ପାଦିତ ହୋଇପାରିଛି ବୋଲି ଜିଲାପାଳ କହିଛନ୍ତି।

## ଆଜି ସୁନାବେଶ..

କହିଛନ୍ତି ଯେ, ସୁନାବେଶରେ ବ୍ୟାପକ ଜନସମାଗମ ହେବା ନେଇ ଆକଳନ କରାଯାଉଛି। ତଦନୁଯାୟୀ ଫୋର୍ସ ମହଜୁଦ ରଖିଛୁ। ଶ୍ରଦ୍ଧାଳୁଙ୍କ ଯାନବାହନ ପାର୍କିଂ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ସେହିଭଳି ରଥଯାତ୍ରା ଓ ବାହୁଡ଼ାଯାତ୍ରାରେ ଥିବା ପୋଲିସ ମୁତୟନ ସୁନାବେଶରେ ମଧ୍ୟ କାର୍ଯ୍ୟକ୍ଷମ ରହିବ ବୋଲି ପୁରୀ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ନିଷ୍ପତ୍ତି ଅନୁସାରେ ରବିବାର ମଧ୍ୟାହ୍ନ ୧୨ଟାରୁ ସାଢ଼େ ୧୨ଟା ସୁଦ୍ଧା ନୀତି ଶେଷ କରିବା ପାଇଁ ଚେଷ୍ଟା କରାଯିବ। ଏହାପରେ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହେବ। ରାତ୍ର ୧୨ଟା ପର୍ଯ୍ୟନ୍ତ ସୁନାବେଶ ଦର୍ଶନ ମିଳିବ। ସେବାୟତମାନେ ରଥ ଉପରକୁ କ୍ୟାମେରା ନେବେ ମାତ୍ର ଫଟୋ ଉଠାଇପାରିବେ ନାହିଁ। ସେବାୟତ ଫଟୋ ଉଠାଉଥିବା ଦେଖିବାକୁ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦଇତାପତିମାନେ ନିର୍ଦ୍ଦେଶନାମାକୁ ପାଳନ କରିବେ। ପାଳିଆ ସେବକ ଓ ଦଇତାପତିଙ୍କୁ ଛାଡ଼ି ସୁନାବେଶରେ କେହି ରଥ ଉପରେ ରହିବେ ନାହିଁ। ଦଇତାପତିଙ୍କ ସହ ହୋଇଥିବା ବୈଠକରେ ଜିଲାପାଳ ରଥଯାତ୍ରା ଭଳି ସବୁ ନୀତିକାନ୍ତିଙ୍କୁ ସଅଳ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଦଇତାପତି ନିଯୋଗର ସଭାପତି ଜଗନ୍ନାଥ ଦାସ ମହାପାତ୍ର କହିଛନ୍ତି।

## ପଛକୁ ପଛ ...

ବର୍ଷା ହେବାର ଆଶଙ୍କା ରହିଛି। ଅତି ପ୍ରବଳ ବର୍ଷା ଯୋଗୁ ପାହାଡ଼ିଆ ଅଞ୍ଚଳରେ ମାଟି ଧସିପାରେ। ସେହିପରି ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇପାରେ। କଚ୍ଚା ରାସ୍ତା ବର୍ଷା ଯୋଗୁ ଧୋଇଯିବାର ଆଶଙ୍କା ଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୩ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ମୌସୁମୀ ସକ୍ରିୟ ରହିଥିବାରୁ ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୧୩ ତାରିଖରେ ଓଡ଼ିଶା ଉପକୂଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୫ ଓ ୧୬ ଦୁଇଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଜୁଲାଇ ମାସର ପ୍ରଥମ ସପ୍ତାହରୁ ବର୍ଷା ପରିମାଣ ବଢ଼ିବାରୁ ରାଜ୍ୟରେ ଦେଖା ଦେଇଥିବା ନିଅଣ୍ଟିଆ ବର୍ଷା ପରିମାଣ କିଛିମାତ୍ରାରେ କମିଛି। ଏବେ ବି ରାଜ୍ୟରେ ସ୍ୱାଭାବିକଠାରୁ ୧୮ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ଜୁଲାଇ ୯ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୨୯୫ ମିଲିମିଟର ବର୍ଷା ହେବା ସ୍ଥଳେ ହୋଇଛି ୨୪୨.୨ ପ୍ରତିଶତ। ତେବେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ରାଜ୍ୟର ୧୭ଟି ଜିଲାରେ ବର୍ଷା ସ୍ୱାଭାବିକ ରହିଥିବା ବେଳେ ୧୩ ଜିଲାରେ ନିଅଣ୍ଟିଆ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପୂର୍ବ ପରିକଳ୍ପିତ ନୂଆ କରି କାମଟିଏ ଆରମ୍ଭ କରିବାକୁ ମନ ବଳାଇବେ। ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ମାତ୍ର ଅଶ୍ୱିନୀ ନକ୍ଷତ୍ର ସକାଶେ ବନ୍ଧୁ, ପରିବାର କ୍ଷେତ୍ରରେ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସମସ୍ୟା ଭିତରେ ଉବୁଟୁବୁ ହୋଇପାରନ୍ତି।

**ବୃଷ**
ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ, କିନ୍ତୁ ଖର୍ଚ୍ଚ ବୃଦ୍ଧି ପାଇବ। ଦୀର୍ଘ ଦିନରୁ ଭଲ ପାଉଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡ଼ି ଦୂରେଇ ଯିବା କାରଣରୁ ମନ କେବଳ ଅତୀତକୁ ଖୋଜି ବୁଲିବ। ଦ୍ୱିଜା ନକ୍ଷତ୍ରର ସ୍ୱାମୀ, ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବାର ଆଶା ରହିଛି।

**ମିଥୁନ**
ଆଜି ଯେଉଁ କାମରେ ହାତ ଦେବେ ତାହା ବେକାର ଯିବ ନାହିଁ, ସଫଳତା ଅବଶ୍ୟମ୍ଭାବୀ। ସାଙ୍ଗସାଥୀଙ୍କ ଗହଣରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। କଠିନ ଶ୍ରମଜନିତ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାର ଆଶଙ୍କା ରହିଛି। ଆର୍ଦ୍ରା ନକ୍ଷତ୍ର ସଙ୍ଗଦୋଷ ପାଇଁ ପରିବାର ସଦସ୍ୟଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

**କର୍କଟ**
ଅନ୍ୟମାନଙ୍କ କଥାରେ ପଡ଼ି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ପୁଷ୍ୟା ନକ୍ଷତ୍ର ଜାତ ବ୍ୟକ୍ତି ନିଜର ଲୋକମାନଙ୍କୁ ମନେଇ କାର୍ଯ୍ୟ ସାଧନ କରିବେ। ଆଜି ବଜାର ସଉଦା, ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**
ଆଜି ଅନାବଶ୍ୟକ ଭାବେ ବହୁତ ଖର୍ଚ୍ଚ କରିବାକୁ ବାଧ୍ୟ ହେବାରୁ ମନ ଭଲ ରହିବ ନାହିଁ। ଅବଶ୍ୟ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଅଟକି ରହି ଯାଇଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ଆର୍ଥିକ ଅନଟନଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଅବହେଳା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା**
ଆଜି ଆପଣ ଯାହା ପାଇବା କଥା, ତାହା ଠିକ୍ ସମୟରେ ପାଇପାରିବେ ନାହିଁ। ଚିତ୍ରା ନକ୍ଷତ୍ର ଋଣ ସୂତ୍ରରେ ଅର୍ଥ ପାଇବା ସକାଶେ ବହୁତ ଚେଷ୍ଟା କରିବାକୁ ବାଧ୍ୟ ହେବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ବଢ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ।

**ତୁଳା**
କର୍ମକ୍ଷେତ୍ରରେ ବିଭିନ୍ନ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଖଳ ଲୋକମାନଙ୍କ ଦ୍ୱାରା ସୃଷ୍ଟ ବିବାଦ ଘେରରେ ପଡ଼ିବେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**ବିଛା**
ଧର୍ମ ସଙ୍କଟରେ ପଡ଼ି କ'ଣ କରିବେ କିମ୍ବା ନ କରିବେ ଏହି ଦ୍ୱନ୍ଦ୍ୱରେ ପଡ଼ି ମୁହଁ ଶୁଖାଇ ପାରନ୍ତି। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷ ପରୋକ୍ଷ ଭାବେ ସମାଲୋଚନା କରିପାରନ୍ତି। ଅନ୍ୟମାନଙ୍କ ସକାଶେ କିଛି କରି ପରୋକ୍ଷରେ ପ୍ରଶଂସିତ ହେବେ। ଆଜି ଆପଣଙ୍କୁ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ**
ଆଜି କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ହୋଟେଲ, ଦୋକାନ, ବ୍ୟବସାୟ, ବାଣିଜ୍ୟ ପ୍ରଭୃତି ଆଶା କରୁଥିବା ଫଳ ଅବଶ୍ୟ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବାର ଆଶା କରାଯାଇପାରେ।

**ମକର**
ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥା ଆପଣଙ୍କ ବ୍ୟକ୍ତିତ୍ୱକୁ ଶୀର୍ଷ ସ୍ଥାନକୁ ନେଇଯିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସଂପନ୍ନରେ ଅସୁବିଧା ହେବ ନାହିଁ। ଅର୍ଥ ସମ୍ପର୍କ, ବନ୍ଧୁଙ୍କୁ ଭଲପାଇବା, ଅତିଥି ଚର୍ଚ୍ଚା, ଅଦାଲତ କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**କୁମ୍ଭ**
ପରିବାର ଓ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିଜର ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ହଠାତ୍ ବ୍ୟସ୍ତ ହୋଇ କୌଣସି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସତ୍‌ସଙ୍ଗ ପ୍ରତି ମନ ବଳିବ ଏବଂ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ।

**ମୀନ**
ଆଜି ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ଶୁଭଙ୍କର ହେବ। ହଠାତ୍ ହଜି ଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଲଜ୍ଜିତ ହେବାକୁ ପଡ଼ିପାରେ।


86 YEARS TRUST IS TIMELESS
End of Season Sale
It's raining discounts!
Yes, it is that time of the year when exquisitely designed BIS HALLMARKED GOLD jewellery, together with silver and diamond jewellery come at truly attractive prices.
SALE BEGINS 9TH JULY 2022
up to 50% off* on Gold Jewellery M/C
up to 25% off* on Silver M/C
up to 20% off* on Diamonds
*T&C apply
KHIMJI ®
Jewellers since 1936
Toll Free: 1800 3131 777 Follow us:
Stores only at
BHUBANESWAR 621, Saheed Nagar, Janpath
BHUBANESWAR 309 District Centre, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbahal Road, Jharsuguda
ROURKELA Kesar Bhawan, Main Road
NOWHERE ELSE
100% BIS Hallmarked
100% Certified IGI Diamonds
Lowest Gold Price in Odisha
Lifetime Buyback Guarantee*
PLATINUM
DE BEERS FOREVERMARK
MONT BLANC
SWAROVSKI

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। —ଶ୍ରୀଅରବିନ୍ଦ



# ଆମ ଅପାରଗତା



ଆକାର ପଟେଲ

ବିଶ୍ୱର ବାର୍ଷିକ ମୁଣ୍ଡପିଛା ହାରାହାରି ମୋଟ ଘରୋଇ ଉତ୍ପାଦ(ଜିଡିପି)୧୨,୨୦୦ ଆମେରିକୀୟ ଡଲାର(ୟୁଏସ୍‌ଡି)। ହିସାବରେ ଏହା ବର୍ଷକୁ ମୁଣ୍ଡ ପିଛା ପ୍ରାୟ ୯.୬ ଲକ୍ଷ ଟଙ୍କା ବା ମାସକୁ ୮୦ ହଜାର ଟଙ୍କା। ଅର୍ଥାତ୍, ଯଦି ସାରା ବିଶ୍ୱର ଜିଡିପି, ସମସ୍ତ ସାମଗ୍ରୀ ଓ ସେବାକୁ ନେଇ ତାହାକୁ ବିଶ୍ୱ ଜନସଂଖ୍ୟା ସହ ଭାଗ କରିବା ତେବେ ଆମେ ଉପର ପ୍ରଦତ୍ତ ସଂଖ୍ୟାସବୁ ପାଇବା। ୨୦୧୩ରେ ବାଂଲାଦେଶର ମୁଣ୍ଡ ପିଛା ଜିଡିପି ୯୮୧ ୟୁଏସ୍‌ଡି ଥିଲାବେଳେ ଭାରତର ଏହା ଥିଲା ୧୪୪୯ ୟୁଏସ୍‌ଡି। ୧୯୭୧ ଯୁଦ୍ଧ ପରେ ବାଂଲାଦେଶ ଜନ୍ମଲାଭ କଲାବେଳେ ନିଜ ସ୍ଥିତି ବଜାୟ ରଖିବାକୁ ଅଧିକ ଆର୍ଥିକ ଉତ୍ପାଦନକ୍ଷମ ଦେଶ ହେବ ବୋଲି ଚିନ୍ତା କରାଯାଉ ନ ଥିଲା। ଆମେରିକାର ଖ୍ୟାତନାମା ପରରାଷ୍ଟ୍ର ସଚିବ ହେନେରୀ କିସିଙ୍ଗର ବି ବାଂଲାଦେଶକୁ ଏକ 'ବାସ୍କେଟ କେସ୍' ଭାବେ ଉଲ୍ଲେଖ କରିଥିଲେ। ହେଲେ ୨୦୧୪ ପରେ ବାଂଲାଦେଶ ଭାରତ ନିକଟରେ ପହଞ୍ଚିବାର ଯାତ୍ରା ଆରମ୍ଭ କଲା। ୨୦୧୬ରେ ଏହା ଭାରତର ପ୍ରାୟ ପାଖାପାଖି ହୋଇଗଲା। ଏହି ସମୟରେ ବାଂଲାଦେଶର ମୁଣ୍ଡପିଛା ଜିଡିପି ୧୬୭୯ ୟୁଏସ୍‌ଡି ଥିବାବେଳେ ଭାରତର ଥିଲା ୧୭୩୨ ୟୁଏସ୍‌ଡି। ପରେ ଆମେ ସେମିତି ରହିଗଲୁ ଓ ବାଂଲାଦେଶ ଆମକୁ ଟପିଗଲା। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୨୧ରେ ବାଂଲାଦେଶର ମୁଣ୍ଡପିଛା ଜିଡିପି ୨୫୦୩ ୟୁଏସ୍‌ଡି ଥିବାବେଳେ ଭାରତର ରହିଛି ୨୨୭୭ ୟୁଏସ୍‌ଡି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) କହେ ଯେ, ବାଂଲାଦେଶ ନିକଟ ଭବିଷ୍ୟତରେ ଭାରତଠାରୁ ଆଗେଇ ଯିବାର ସମ୍ଭାବନା ରହିଛି। ଏବେ ଏକ ନୂଆ ବିଷୟ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି, ଯାହା ଉପରେ ଧ୍ୟାନ ଦେବା ଦରକାର। ପ୍ରଥମେ, ଏଠି ଆମର ପ୍ରଦର୍ଶନକୁ ନେଇ ଆମେ ସମସ୍ତେ ନିରାଶ ହେବା ଉଚିତ। ଅନ୍ୟପକ୍ଷରେ ବାଂଲାଦେଶ ଯାହା ହାସଲ କରିଛି ତାହାକୁ ଆମେ ସ୍ୱୀକାର କରିବା ସହ ପ୍ରଶଂସା ମଧ୍ୟ କରିବା ଦରକାର। ଏକ 'ବାସ୍କେଟ କେସ୍'ରୁ ପୋଷାକ ରପ୍ତାନିରେ ବୈଶ୍ୱିକ ଚାମ୍ପିୟନ ହେବା ଏତେ ସହଜ ନୁହେଁ, କିନ୍ତୁ ବାଂଲାଦେଶ ତାହା ହାସଲ କରିଛି। ପରବର୍ତ୍ତୀ ବିଷୟଟି ହେଉଛି, ଆମର କେଉଁଠି ଭୁଲ୍ ହୋଇଛି ତାହା ନିଜକୁ ପଚାରିବା ଦରକାର। ଏହା ଏତେ ସହଜ ନୁହେଁ। କାରଣ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଖରାପ କରୁଥିବା କଥା ଉଠିଲେ ଭାରତ ତାହାକୁ ଗ୍ରହଣ କରେ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଯଦି ଜଣେ ଶୁଣିବ କିମ୍ବା ଗଣମାଧ୍ୟମରେ ବ୍ୟାଖ୍ୟାକୁ ଲକ୍ଷ୍ୟ କରିବ, ତେବେ ଜାଣିପାରିବ ଯେ, ସେହି ଅନୁସାରେ ଆମକୁ ଲକ୍ଷ୍ୟ ପ୍ରାପ୍ତ ହୋଇନାହିଁ। ଭାରତକୁ ଏକ ଦ୍ରୁତ ବିକାଶମୁଖୀ ଅର୍ଥ ବ୍ୟବସ୍ଥା କୁହାଯାଉଛି, ହେଲେ ଏହା ହିଁ ତାହାର ଫଳ। ଆମେ ଭାବୁଛୁ ଆମର କୌଣସି ସମସ୍ୟା ନାହିଁ। ସେଥିପାଇଁ ଆମ ସ୍ଥିତି ଉପରେ ପ୍ରକାଶ କରିବାର ଆବଶ୍ୟକତା ଥିବା ଅନୁଭବ କରୁନାହୁଁ କି ନିଜକୁ ସଂଶୋଧନ କରିବା ଦରକାର ବୋଲି ବିଚାର କରୁନାହୁଁ।

ବାଂଲାଦେଶ ଆମକୁ ଟପିଯାଇଛି ବୋଲି ଯଦି ନ କହୁ ତେବେ ସେଥିରେ କିଛି ସମସ୍ୟା ରହିବ ନାହିଁ। ଯଦି କହିବା, ତେବେ ଜାଣିବା ଯେ ଆମର ସମସ୍ୟା ରହିଛି। କିଛିଦିନ ପୂର୍ବରୁ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ ମାନୁଫାକଚର୍ସ ମାର୍ଚ୍ଚ ୨୦୨୦ ଯାଏ ସେମାନଙ୍କ ଉତ୍ପାଦର ୫ ବର୍ଷର ଘରୋଇ ବିକ୍ରି ସମ୍ପର୍କରେ ତଥ୍ୟ ପ୍ରକାଶ କରିଥିଲେ। ସୋସାଇଟିର ନିଷ୍କର୍ଷ ଥିଲା ଯେ, ସେମାନଙ୍କ ସେକ୍ଟର ଏକ ଢାଞ୍ଚାଗତ, ଦୀର୍ଘମିଆଦୀ ଏବଂ ଗମ୍ଭୀର ମାନ୍ଦାବସ୍ଥାରେ ଥିଲା। ଭାରତର ମୋଟ ମାନୁଫାକ୍ଚରିଂ ସେକ୍ଟର ଅଧା ହେଉଛି ଅଟୋମୋବାଇଲ ସେକ୍ଟର। ୨୦୧୪ରେ ମାନୁଫାକ୍ଚରିଂ ଜିଡିପି ଥିଲା ୧୬%, ଯେଉଁଥିରେ ଅଟୋମୋବାଇଲ ସେକ୍ଟରର ଅବଦାନ ରହିଥିଲା ଜିଡିପିର ୮%। ଅଟୋମୋବାଇଲଗୁଡ଼ିକର ବିକ୍ରିରେ ମାନ୍ଦାବସ୍ଥା କାରଣରୁ ଜିଡିପିରେ ମାନୁଫାକ୍ଚରିଂର ଶେୟାର ୨୦୨୧ରେ ୧୩%କୁ ଖସିଲା ଏବଂ ଏବେ ସମ୍ଭବତଃ ଏହାଠାରୁ କମ୍‌ରେ ରହିଛି। ମାନୁଫାକ୍ଚରିଂ କ୍ଷେତ୍ରରେ ଅଧିକାଂଶ ବିକାଶଶୀଳ ଦେଶ ଚାକିରି ସୃଷ୍ଟି ପାଇଁ ଚେଷ୍ଟା କରିଥାନ୍ତି। ହେଲେ ଲୋକମାନଙ୍କୁ ଅଧିକ ଚାକିରି ଯୋଗାଇ ଦେବାରେ ଭାରତ ଅକ୍ଷମ ହୋଇଛି ଓ ଏଥିରୁ ସେକ୍ଟର ବୃଦ୍ଧି କରିବାରେ ଭାରତର ଅପାରଗତାକୁ ବୁଝାଯାଇପାରେ। ପ୍ରକାଶ ପାଇଥିବା ସଂଖ୍ୟା ଆମକୁ କହେ ଯେ, କେବଳ ବଢ଼ାଇବାରେ ଅକ୍ଷମ ନୁହେଁ, ବରଂ ଆମେ ଯେଉଁ ସ୍ଥିତିରେ ରହିଥିଲୁ ତାହାକୁ ବଜାୟ ରଖିବାକୁ ଏହା ସକ୍ଷମ ହୋଇନାହିଁ।

ଆମେ ନିଜକୁ ବିଶ୍ୱଗୁରୁ ଭାବେ ଅଭିହିତ କରୁଛୁ। ଏହା ନିଃସନ୍ଦେହ ଯେ, ବିଶ୍ୱକୁ ଶିକ୍ଷା ଦେବାରେ ଭାରତ ନିକଟରେ ଯେପରି ବହୁ କଥା ରହିଛି ସେହିପରି ବିଶ୍ୱଠାରୁ ଏହାକୁ ଅନେକ ବିଷୟ ଶିକ୍ଷା କରିବାର ଆବଶ୍ୟକତା ରହିଛି। ତେବେ ବିଶ୍ୱସ୍ତରରେ ନାଗରିକମାନଙ୍କର ହାରାହାରି ଉତ୍ପାଦନର ଏକ ପଞ୍ଚମାଂଶରୁ କମ୍ ଉତ୍ପାଦନ କରେ ଭାରତ। ଏବେ ଚାଇନା(୧୨,୫୫୬ ୟୁଏସ୍‌ଡି) ବିଶ୍ୱ ସହ ସମାନ ସ୍ତରରେ ରହିଛି। ଏଥିରୁ ବୁଝାପଡୁଛି ଯେ, ଚାଇନା ଆର୍ଥିକ କ୍ଷମତାର ୫ ଭାଗରୁ ଭାଗେ ଆମର ରହିଛି। ଜାଣି ଆଶ୍ଚର୍ଯ୍ୟ ହେବେ, ୧୯୯୧ରେ ଆମେ ଆର୍ଥିକ ସଂସ୍କାର ଆରମ୍ଭ କଲାବେଳେ ଭାରତ ଓ ଚାଇନା ସମାନ ଥିଲେ। ସେହି ବର୍ଷ ଦୁଇ ଦେଶର ମୁଣ୍ଡପିଛା ଜିଡିପି ପାଖାପାଖି ୩୦୦ ୟୁଏସ୍‌ଡି ଥିଲା। ବର୍ତ୍ତମାନ ଚାଇନା ଏକ ବଡ଼ ଶକ୍ତି ପାଲଟିଯାଇଛି ଓ ଏହା ବାହାରେ ତାହାର ଶକ୍ତି ପ୍ରଦର୍ଶନ କରିପାରିବ। ଆଗାମୀ କିଛି ବର୍ଷ ମଧ୍ୟରେ ସାମଗ୍ରିକ ଜିଡିପି ଦୃଷ୍ଟିରୁ ଏହା ଆମେରିକା ନିକଟରେ ପହଞ୍ଚିବାର ମନେ କରାଯାଉଛି। ତେବେ ସାମରିକ ଶକ୍ତିରେ ଏହା ଆମେରିକା ପାଖାପାଖି ହୋଇଗଲାଣି ବୋଲି କେତେଜଣ ବିଶେଷଜ୍ଞ କହୁଛନ୍ତି। ବିଶ୍ୱରେ ପ୍ରଭାବ ବିସ୍ତାର କରିବା ଏବଂ ଲୋକମାନଙ୍କୁ ଗରିବୀରୁ ମୁକ୍ତ କରି ସମୃଦ୍ଧି ହାସଲ କରିବାକୁ ହେଲେ ଭାରତକୁ ଅତି କଠିନ ପରିଶ୍ରମ କରିବାକୁ ପଡ଼ିବ। ବାଂଲାଦେଶ ନିକଟରେ ପହଞ୍ଚିବାକୁ ହେଲେ ଆମକୁ ବହୁତ କିଛି କରିବାକୁ ହେବ। ତେବେ ଏହା କ'ଣ ହୋଇପାରିବ ? ମୋ ମତରେ, ସମ୍ଭବ ନୁହେଁ। ତେବେ ଆମକୁ ଆଉ ବେଶିଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପୂର୍ବପେକ୍ଷା ବିଶ୍ୱ ଏବେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ବିଶ୍ୱରେ ଆମ ସ୍ଥିତି ଓ ଆମ ଭବିଷ୍ୟତ ଏହି ଦଶନ୍ଧି ଶେଷ ହେବା ପୂର୍ବରୁ ସର୍ବ ସମ୍ମୁଖରେ ସ୍ପଷ୍ଟ ହୋଇଯିବ।

Email:aakar.patel@gmail.com

su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 6 | 7 | | | | 8 | | | |
| | 4 | | | | | 5 | | |
| 3 | | | | | | | | 6 |
| 4 | | | | | | | 7 | |
| | 1 | | 8 | 6 | | | | |
| | | | | | | 2 | | 5 |
| | | | 1 | 5 | | | | |
| | | | | | | 4 | | 3 |
| | 2 | 5 | 4 | 7 | | | 9 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 5 | 8 | 1 | 6 | 4 | 7 |
| 8 | 1 | 6 | 7 | 2 | 4 | 5 | 9 | 3 |
| 7 | 4 | 5 | 3 | 6 | 9 | 1 | 8 | 2 |
| 5 | 3 | 1 | 9 | 7 | 8 | 2 | 6 | 4 |
| 2 | 6 | 7 | 1 | 4 | 3 | 9 | 5 | 8 |
| 4 | 8 | 9 | 2 | 5 | 6 | 7 | 3 | 1 |
| 6 | 9 | 4 | 8 | 1 | 2 | 3 | 7 | 5 |
| 1 | 5 | 8 | 6 | 3 | 7 | 4 | 2 | 9 |
| 3 | 7 | 2 | 4 | 9 | 5 | 8 | 1 | 6 |

ଗତ କାଲିର ଉତ୍ତର

# ବିକାଶ ପଥେ ମତ୍ସ୍ୟକ୍ଷେତ୍ର



ପ୍ରକାଶ ତ୍ରିପାଠୀ

ପ୍ରତିବର୍ଷ ଜୁଲାଇ ୧୦ ତାରିଖକୁ ଜାତୀୟ ମତ୍ସ୍ୟଚାଷୀ ଦିବସ ଭାବେ ସାରା ଭାରତରେ ପାଳନ କରାଯାଏ। ଏହି ଦିନଟି ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ। ଆଜିର ଦିନରେ ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ଏକ ଉଲ୍ଲେଖନୀୟ ସଫଳତା ମିଳିଥିଲା ଓ ଏହା ଓଡ଼ିଶା ମାଟିରେ ସମ୍ପନ୍ନ ହୋଇଥିବାରୁ ପ୍ରତ୍ୟେକ ଓଡ଼ିଶାବାସୀ ଏଥିପାଇଁ ଗର୍ବିତ। ୧୯୫୭ ଜୁଲାଇ ୧୦ ଦିନ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ. ଏଚ. ଆଲିକୁନି ଏବଂ ଡ. ହୀରାଲାଲ ଚୌଧୁରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ବିରଳ ତଥା ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ମନେ ରଖିବା ପାଇଁ ଉକ୍ତ ଦିନଟି ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇ ଆସୁଅଛି। ଦେଶର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ମରଣ କରାଯିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧ କରିବା ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ। ଏକ ପୋଷଣୀୟ ମାଛ ବଂଶ ବୃଦ୍ଧି ସହ ସୁସ୍ଥପାରିବେଶିକ ଜଳସମ୍ପଦର ସୁରକ୍ଷା ଓ ଏଥିସହ ସମ୍ପୃକ୍ତ ପରିବାରଙ୍କ ଆର୍ଥିକ ବିକାଶକୁ ଗୁରୁତ୍ୱ ପ୍ରଦାନ ଏହି ଦିବସ ପାଳନର ଯଥାର୍ଥତାକୁ ପ୍ରତିପାଦନ କରିଥାଏ।

ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଓଡ଼ିଶା ଏକ ଉନ୍ନତ ରାଜ୍ୟ। ୬.୮୬ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୪୮୦ କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶା ମତ୍ସ୍ୟ ସମ୍ପଦ ସମୃଦ୍ଧ। କୃତ୍ରିମ ପ୍ରଜନନ ମାଧ୍ୟମରେ କାର୍ପ ମାଛ (ରୋହି, ଭାକୁର ଓ ମିରିକାଳୀ ଆଦି) ଯାଆଁଳ ଉତ୍ପାଦନ ହେବା ପୂର୍ବରୁ ନଦୀ ସ୍ରୋତରୁ ମାଛ ଯାଆଁଳ ସଂଗ୍ରହ କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିଲା। ସାଧାରଣତଃ କାର୍ପ ଜାତୀୟ ମାଛମାନେ ସ୍ଥିର ଜଳରେ ଅଣ୍ଡା ଦିଅନ୍ତି ନାହିଁ। ପ୍ରବହମାନ ନଦୀର ଧାରରେ ସେମାନେ ବର୍ଷାଋତୁ ଆଗମନରେ ପ୍ରଜନନ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି। ବାହ୍ୟ ଗର୍ଭାଧାନ ପ୍ରକ୍ରିୟା ସମ୍ପନ୍ନ ହେବାପରେ ଅଣ୍ଡାଗୁଡ଼ିକ ନଦୀଜଳର ସ୍ରୋତରେ ଭାସିବୁଲନ୍ତି ଓ କ୍ରମେ ଏଥିରୁ ମାଛ ଯାଆଁଳଗୁଡ଼ିକ ସୃଷ୍ଟି ହୋଇଥାନ୍ତି। ଏହି କ୍ଷୁଦ୍ର ମାଛ ଯାଆଁଳକୁ ସଂଗ୍ରହ କରାଯାଇ ମତ୍ସ୍ୟଚାଷୀଙ୍କୁ ବିତରଣ କରାଯାଉଥିଲା। ନଦୀଜଳରୁ ସଂଗୃହୀତ ଏହି ଯାଆଁଳକୁ ନେଇ ଚାଷ କରୁଥିବା ମାଛଚାଷୀମାନେ ଲାଭବାନ ହେଉ ନ ଥିଲେ। କାରଣ ଏଥିରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ରହୁଥିଲା ଓ ସବୁଯାଆଁଳ ଉନ୍ନତ ବା ରୋଗମୁକ୍ତ ନଥିଲେ। ମାଛଚାଷୀମାନଙ୍କୁ କିପରି ଉନ୍ନତ, ସାସ୍ଥ୍ୟକର ଓ ନୀରୋଗ ଯାଆଁଳ ପ୍ରଦାନ କରାଯାଇପାରିବ ସେଥିପାଇଁ ମତ୍ସ୍ୟବିଜ୍ଞାନୀମାନେ ଗବେଷଣା ଆରମ୍ଭ କରିଥିଲେ। ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ(ହ୍ୟାଚେରି) କୃତ୍ରିମ ପ୍ରଜନନ ପ୍ରକ୍ରିୟାରେ ଅଧିକ ଅମଳକ୍ଷମ ରୋହି, ଭାକୁର ଓ ମିରିକାଳୀ ମାଛ ଯାଆଁଳ ଉତ୍ପାଦନ ପାଇଁ ଗବେଷଣାକୁ ତ୍ୱରାନ୍ୱିତ କରାଯାଇଥିଲା।



ଜାତୀୟ ମତ୍ସ୍ୟଚାଷୀ ଦିବସ ଉପଲକ୍ଷେ

ମାଛମାନଙ୍କ ପିଟୁଇଟାରୀ ଗ୍ରନ୍ଥିରୁ ସଂଗୃହୀତ ରସ ମାଧ୍ୟମରେ କୃତ୍ରିମ ପ୍ରଜନନ ପରୀକ୍ଷା ଆରମ୍ଭ ହୁଏ ଆର୍ଜେଣ୍ଟିନାରେ ୧୯୩୦ରେ ଜୀବବିଜ୍ଞାନୀ ବି. ଏ. ହୁସେଙ୍କ ଦ୍ୱାରା। ପରେ ୧୯୩୪ରେ ଏହା ଉପରେ ସଫଳତା ମିଳେ ବ୍ରାଜିଲକୁ। ଭାରତରେ କୃତ୍ରିମ ପ୍ରଜନନ କାର୍ଯ୍ୟ ଆରମ୍ଭ ହୁଏ ୧୯୩୭ରେ। ବୈଜ୍ଞାନିକ ହାମିଦ ଖାନ୍ ମିରିକାଳୀ ମାଛ ଉପରେ ଏହାକୁ ପ୍ରୟୋଗ କରିଥିଲେ। ୧୯୫୫ରେ ଡ. ହୀରାଲାଲ ଚୌଧୁରୀ ଛୋଟ କାର୍ପ ଦଣ୍ଡକିରି ମାଛରେ ପ୍ରୟୋଗ କରିଥିଲେ। ଏହି ବର୍ଷ ମାଗୁର ମାଛରେ କୃତ୍ରିମ ପ୍ରଜନନ ପ୍ରକ୍ରିୟା କରିଥିଲେ ରାମସାମୀ ଓ ସୁନ୍ଦରରାଜ। ୧୯୬୨ରେ ଗ୍ରାସ କାର୍ପ ଓ ସିଲଭର କାର୍ପରେ କୃତ୍ରିମ ପ୍ରଜନନ ଭାରତରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଇତିମଧ୍ୟରେ ଅନେକ ଦଶକ ବିତିଯାଇଛି ଓ ମାଛର କୃତ୍ରିମ ପ୍ରଜନନରେ ଉନ୍ନତୀକରଣ ଓ ପାରଦର୍ଶିତା ହାସଲ କରାଯାଇପାରିଛି। କେବଳ ବର୍ଷାଋତୁ ନୁହେଁ, ତା'ପୂର୍ବରୁ ଓ ବର୍ଷ ସାରା ମାଛ ଯାଆଁଳ ହ୍ୟାଚେରିଗୁଡିକରେ ଉତ୍ପାଦନ କରାଯାଇ ସରକାରୀ ତଥା ଘରୋଇ କ୍ଷେତ୍ରରୁ ମାଛଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଓଡ଼ିଶାରେ ୨୮ଟି ସରକାରୀ ହ୍ୟାଚେରି ଓ ୯୬ଟି ଘରୋଇ ହ୍ୟାଚେରିରୁ ବାର୍ଷିକ ପ୍ରାୟ ୧୫୨ କୋଟି ମାଛ ଯାଆଁଳ ଉତ୍ପାଦନ କରାଯାଉଛି। ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ଉନ୍ନତ ମାଛ ଯାଆଁଳର ଆବଶ୍ୟକତା ରହିଛି ଓ ଏହାକୁ ଦୃଷ୍ଟିରେ ରଖି ଓ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟର ୪ ଗୋଟି ପ୍ରମୁଖ ସରକାରୀ ମାଛ ଫାର୍ମରେ (କୌଶଲ୍ୟାଗଙ୍ଗ, ଚିପିଲିମା, ଭଞ୍ଜନଗର ଓ ସରମଙ୍ଗା) ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ୨୦୨୦ ବର୍ଷରୁ ବର୍ଷାଋତୁ ପୂର୍ବରୁ ଆଗୁଆ ଉନ୍ନତ ମାଛ ଯାଆଁଳ ଉତ୍ପାଦନ କରାଯାଉଛି। ଚଳିତ ବର୍ଷଠାରୁ ଘରୋଇ ହ୍ୟାଚେରିଗୁଡ଼ିକୁ ମଧ୍ୟ ଏହି ଆଗୁଆ ଯାଆଁଳ ଉତ୍ପାଦନରେ ସାମିଲ କରାଯାଇଛି। ରାଜ୍ୟକୁ ମାଛ ଯାଆଁଳ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ୱାର୍ଲ୍ଡ ଫିଶର ବୈଷୟିକ ସହାୟତାରେ ପାଞ୍ଚ ବର୍ଷିଆ ଓ ଫିଶ ସିଡ୍ସ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ମାଛ ଯାଆଁଳ ଉତ୍ପାଦନ ବାର୍ଷିକ ୨୭ କୋଟିରୁ ୧୫୧.୯୪ କୋଟିରେ ପହଞ୍ଚିଥିବା ବେଳେ ରାଜ୍ୟର ମାଛ ଉତ୍ପାଦନ ୨.୫୯ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ୯.୯୧ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିପାରିଛି। ସେହିପରି ମାଛ ରପ୍ତାନି କ୍ଷେତ୍ରରେ ମଧ୍ୟ ଅଗ୍ରଗତି ହାସଲ କରିପାରିଛି ଓଡ଼ିଶା। ଏହି କୋଡ଼ିଏ ବର୍ଷ ମଧ୍ୟରେ ମତ୍ସ୍ୟ ରପ୍ତାନି ୩୭୯ କୋଟି ଟଙ୍କାରୁ ୪୫୨୬ କୋଟି ଟଙ୍କାକୁ ବୃଦ୍ଧି ହୋଇଛି।

ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ। ଏମାନଙ୍କ ସଫଳ ଉଦ୍ୟମ ଓ ନିଷ୍ଠାପର ମନୋଭାବ ଯୋଗୁ ଆମ ରାଜ୍ୟ ମଧୁର ଜଳ ମାଛ ଉତ୍ପାଦନରେ ସର୍ବଭାରତୀୟ ସ୍ତରରେ ପଞ୍ଚମ, ସାମୁଦ୍ରିକ ମାଛ ଉତ୍ପାଦନରେ ଅଷ୍ଟମ ଓ ସମୁଦାୟ ମାଛ ଉତ୍ପାଦନରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟିପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓ ନିଜକୁ ପ୍ରତିଷ୍ଠିତ କରିପାରିଛି। ରାଜ୍ୟର ଅଗଣିତ ମତ୍ସ୍ୟ ଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀ ମାନଙ୍କ ପ୍ରଗାଢ଼ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ରାଜ୍ୟକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସଫଳତା। ସାମଗ୍ରିକ ସ୍ତରରେ ମତ୍ସ୍ୟ ବିକାଶ ନିମନ୍ତେ ୨୦୨୦ରେ ଓଡ଼ିଶା ଜାତୀୟ ସ୍ତରରେ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ଓ କଳାହାଣ୍ଡି ଜିଲାକୁ ଶ୍ରେଷ୍ଠ ଆଭ୍ୟନ୍ତରୀଣ ଜିଲା ଭାବେ ପୁରସ୍କାର ମିଳିଥିବା ବେଳେ ୨୦୨୧ରେ ବାଲେଶ୍ୱର ଜିଲାକୁ ଶ୍ରେଷ୍ଠ ସାମୁଦ୍ରିକ ଜିଲା ଭାବେ ସମ୍ମାନିତ କରାଯାଇଛି, ଯାହାକି ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ମତ୍ସ୍ୟକ୍ଷେତ୍ରରେ ନିୟୋଜିତ ରହି ରାଜ୍ୟର ବିକାଶରେ ଭାଗୀଦାରି ହେଉଥିବା ରାଜ୍ୟର ସମସ୍ତ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀମାନଙ୍କୁ ଆଜିର ଏହି ଜାତୀୟ ମତ୍ସ୍ୟଚାଷୀ ଦିବସରେ ଅଜସ୍ର ସଦିଚ୍ଛା ଓ ଅଭିନନ୍ଦନ।

ମୋ: ୯୪୩୭୨୩୨୪୬୩

# ଡାଇମେନ୍‌ସନର ନବ ସୂତ୍ରଧର

ବ୍ୟକ୍ତିତ୍ୱ



ମାରିନା ଭାୟାଜୋଭସ୍କା

ଗୋଟେ ଧାରଣା ରହିଆସିଛି ଯେ, ଗଣିତରେ ଝିଅମାନେ ପୁଅମାନଙ୍କଠାରୁ ଦୁର୍ବଳ। କିନ୍ତୁ ଏଥିରେ ଅନେକ ପରିବର୍ତ୍ତନ ଦେଖାଦେଲାଣି। ଏବେ ଆଉ କୌଣସି କ୍ଷେତ୍ର ଝିଅମାନଙ୍କ ସକାଶେ ଅଭେଦ୍ୟ ଥିବା ମନେହେଉ ନାହିଁ। ନିକଟରେ ଅନ୍ତର୍ଜାତୀୟ ଗଣିତ ସଂଘ (ଆଇଏମ୍‌ୟୁ) ୨୦୨୨ ଫିଲ୍ଡସ ମେଡାଲ ବିଜେତାମାନଙ୍କ ନାମ ଘୋଷଣା କରିଛି। ସେମାନେ ହେଲେ ୟୁକ୍ରେନ୍ ଗଣିତଜ୍ଞ ମାରିନା ଭାୟାଜୋଭସ୍କା, ଫ୍ରାନ୍ସର ହୁଗୋ ଡୋମିନିଲ୍-କୋପିନ୍, ଆମେରିକାର ଜୁନ୍ ହୁହ ଏବଂ ବ୍ରିଟିଶ ଗଣିତଜ୍ଞ ଜେମ୍ସ ମେନାର୍ଡ। ତେବେ ଯୁଦ୍ଧ ଜର୍ଜରିତ ୟୁକ୍ରେନର ମହିଳା ଗଣିତଜ୍ଞ ମାରିନା ଉକ୍ତ ମେଡାଲ ପାଇଥିବା ଚାରି ଜଣଙ୍କ ଭିତରୁ ଜଣେ ହୋଇପାରିଛନ୍ତି। ଗଣିତରେ ନୋବେଲ ପୁରସ୍କାର ଭାବେ ଗଣାଯାଉଥିବା ଫିଲ୍ଡସ ମେଡାଲ ପାଇବାରେ ମାରିନା ବିଶ୍ୱର ଦ୍ୱିତୀୟ ମହିଳା। ୨୦୧୪ରେ ଇରାନୀୟ ଗଣିତଜ୍ଞ ମାରିୟମ୍ ମିର୍ଜାଖାନି ପ୍ରଥମ ମହିଳା ଭାବେ ଏହି ସମ୍ମାନ ପାଇଥିଲେ। ଉଲ୍ଲେଖଯୋଗ୍ୟ, ବିଂଶ ଶତାବ୍ଦୀର କାନାଡୀୟ ଗଣିତଜ୍ଞ ଜେ. ସି. ଫିଲ୍ଡସଙ୍କ ଦ୍ୱାରା ଟରୋଣ୍ଟ ବିଶ୍ୱବିଦ୍ୟାଳୟରେ ସ୍ଥାପନ କରାଯାଇଥିବା ଫିଲ୍ଡସ ମେଡାଲ୍ସ ପ୍ରତି ୪ ବର୍ଷରେ ଥରେ ପ୍ରଦାନ କରାଯାଇଥାଏ। ଏଥିରେ ବିଜେତାଙ୍କୁ ଏକ ଫଳକ, ୧୬୯ ଗ୍ରାମ୍‌ର ୧୪ କାରେଟ୍‌ରେ ନିର୍ମିତ ସ୍ୱର୍ଣ୍ଣ ପଦକ ଏବଂ ୧୫,୦୦୦ କାନାଡୀୟ ଡଲାର (ଭାରତୀୟ ମୁଦ୍ରାରେ ୯ ଲକ୍ଷ ୧୦ ହଜାର ଟଙ୍କା) ପ୍ରଦାନ କରାଯାଉଛି।

ସୁଇଜରଲାଣ୍ଡର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମେଟିକ୍ସ ଅଫ୍ ଦି ଇକୋଲେ ପଲିଟେକ୍‌ନିକ୍ ଫେଡେରାଲେ ଡେ ଲଉସାନି (ଇପିଏଫ୍‌ଏଲ୍)ରେ ଫୁଲ୍ ପ୍ରଫେସର ଭାବେ କାର୍ଯ୍ୟରତ ମାରିନା ୨ ଡିସେମ୍ବର ୧୯୮୪ରେ ୟୁକ୍ରେନ୍‌ର କିଭ୍‌ରେ ଜନ୍ମଗ୍ରହଣ କରିଥିଲେ। ସେ ମାତାପିତାଙ୍କ ତିନି ଝିଅଙ୍କ ମଧ୍ୟରେ ବଡ଼। ପିତା ଆଣ୍ଟୋନୋଭ୍ ଏୟାରକ୍ରାଫ୍ଟ ଫାକ୍ଟ୍ରିରେ କେମିଷ୍ଟ ବା ରସାୟନବିତ୍ ଥିବା ବେଳେ ମାତା ହେଉଛନ୍ତି ଇଞ୍ଜିନିୟର। କିଭ୍ ନାଚୁରାଲ ସାଇନ୍ସ ଲେସେୟମ୍‌ରେ ସେ ଉଚ୍ଚ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିଲେ। ବୃତ୍ତିଗତ ଗଣିତ ଗବେଷକ ଆଣ୍ଡ୍ରି ନ୍ୟାଜ୍‌ୟୁକ୍ ସେହି ସ୍କୁଲରେ ଶିକ୍ଷକ ଥିବା ବେଳେ ମାରିନା ତାଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ। ହାଇସ୍କୁଲରେ ପଢ଼ିବା ବେଳେ ସେ ଜାତୀୟ ଗଣିତ ପ୍ରତିଯୋଗିତାରେ ୧୩ ତମ ସ୍ଥାନ ଦଖଲ କରିଥିଲେ। କିଭ୍‌ସ୍ଥିତ ତାରସ୍ ସିଭ୍‌ଚେଙ୍କୋ ନ୍ୟାଶନାଲ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା କରୁଥିବା ବେଳେ କ୍ରମାଗତ ୨୦୦୨, ୨୦୦୩, ୨୦୦୪ ଏବଂ ୨୦୦୫ରେ ଅନ୍ତର୍ଜାତୀୟ ଗଣିତ ପ୍ରତିଯୋଗିତାରେ ଉତ୍କର୍ଷ ପ୍ରତିପାଦନ କରିଥିଲେ। ସେଥିମଧ୍ୟରୁ ୨୦୦୨ ଓ ୨୦୦୫ରେ ପ୍ରଥମ ସ୍ଥାନ ହାସଲ କରି ବିଶ୍ୱ ଗଣିତ ଦୁନିଆରେ ନାମ ଅର୍ଜନ କରିଥିଲେ। ୨୦୦୫ରେ ସେ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତି କାର୍ଯ୍ୟରେ ପ୍ରଥମେ ସହ-ଲେଖକ ହୋଇପାରିଥିଲେ। ୨୦୦୭ରେ ସେ ୟୁନିଭର୍ସିଟି ଅଫ୍ କାଇସେର୍‌ସ୍ଲାଉଟର୍ନରୁ ଗଣିତରେ ସ୍ନାତକୋତ୍ତର କରିବା ପରେ ୨୦୧୦ରେ ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମେଟିକ୍ସ ଅଫ୍ ଦି ନ୍ୟାଶନାଲ ଏକାଡେମୀ ଅଫ୍ ସାଇସେନ୍ସ ଅଫ୍ ୟୁକ୍ରେନ୍‌ରୁ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିଥିଲେ। ୨୦୧୩ରେ ଜର୍ମାନୀର ୟୁନିଭର୍ସିଟି ଅଫ୍ ବନ୍‌ରୁ ମଧ୍ୟ ଡକ୍ଟୋରେଟ୍ (ଡକ୍ଟର. ରେର୍.ନାଟ୍.) କରିଥିଲେ। ମଡ୍ୟୁଲାର ଫଙ୍କଶନ ଆଣ୍ଡ୍ ସ୍ପେସାଲ ସାଇକଲ୍ସ ଏବଂ ଆନାଲିଟିକ୍ ନମ୍ବର ଥିଓରୀ ଉପରେ ତାଙ୍କ ପ୍ରବନ୍ଧ ବିଶିଷ୍ଟ ଗଣିତଜ୍ଞଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏତିକିରେ ତାଙ୍କ ଗବେଷଣା ସୀମିତ ନ ଥିଲା। ସେ ବର୍ଲିନ୍ ମାଥ୍‌ମେଟିକାଲ୍ ସ୍କୁଲ, ହମ୍‌ବୋଲ୍ଟ ୟୁନିଭର୍ସିଟି ଅଫ୍ ବର୍ଲିନ୍ ଏବଂ ଆମେରିକାର ପ୍ରିନ୍ସଟନ୍ ୟୁନିଭର୍ସିଟିରେ ପୋଷ୍ଟଡକ୍ଟରାଲ ରିସର୍ଚ୍ଚ କରିବାର ସୁଯୋଗ ପାଇଥିଲେ। ଗଣିତରେ ଅଗାଧ ଜ୍ଞାନ ହାସଲ କରିବା ପରେ ସେ ସୁଇଜରଲାଣ୍ଡର ଇପିଏଫ୍‌ଏଲ୍‌ରେ ୨୦୧୮ ଜାନୁୟାରୀରେ କିଛି ଦିନ ପାଇଁ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରିବା ପରେ ଫୁଲ୍ ପ୍ରଫେସର ରୂପେ ଶିକ୍ଷାଦାନ କରିଆସୁଛନ୍ତି।

ମାରିନା ଭାୟାଜୋଭସ୍କା ୨୦୧୬ରେ ଡାଇମେନସନ ୮ରେ ସ୍ଫିୟର୍-ପାକିଂ ପ୍ରୋବଲେମ୍ ସମାଧାନ କରିବା ପରେ ଅନ୍ତର୍ଜାତୀୟ ଗଣିତ ମଣ୍ଡଳୀରେ ହଇଚଇ ସୃଷ୍ଟି କରିଥିଲେ। ପୂର୍ବରୁ ଥ୍ରୀ ଡାଇମେନ୍‌ସନ୍ ଉପରେ ଥିବା ଜଟିଳ ଗଣିତର ସମାଧାନ ଆସିପାରିଥିଲା। କିନ୍ତୁ ୮ ଓ ୨୪ ଡାଇମେନ୍‌ସନ ସଂକ୍ରାନ୍ତ ସୂତ୍ର ମାଧ୍ୟମରେ ମାରିନା ଯେଉଁ ଚିତ୍ତାକର୍ଷକ ସହଜ ସମାଧାନ ଆଣିପାରିଲେ, ତାହା ଆଜି ତାଙ୍କୁ ବିଶ୍ୱ ଶ୍ରେଷ୍ଠ ଗଣିତଜ୍ଞଙ୍କ ତାଲିକାରେ ସ୍ଥାନ ଦେଇପାରିଛି। ଏହି ଗଣିତ ସାଧନା ଯୋଗୁ ସେ ୨୦୧୬ରେ ସାଲେମ୍ ପୁରସ୍କାରଠାରୁ ଆରମ୍ଭ କରି ୨୦୨୨ ଫିଲ୍ଡସ ମେଡାଲ ପାଇବା ଭିତରେ ଅନେକ ସମ୍ମାନ ପାଇପାରିଛନ୍ତି। ତେବେ ଫିଲ୍ଡସ ମେଡାଲ ତାଙ୍କ କ୍ୟାରିୟରକୁ ଅଧିକ ଆକର୍ଷଣୀୟ କରିଦେଇଛି। ହେଲେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନେଇ ତାଙ୍କ ମନରେ ଅନେକ କ୍ଷୋଭ ଥିବା କହିଛନ୍ତି। ରୁଷିଆ କ୍ଷେପଣାସ୍ତ୍ର ଆକ୍ରମଣରେ ୟୁକ୍ରେନ୍‌ର ଜଣେ ବିଶିଷ୍ଟ ଗଣିତଜ୍ଞଙ୍କ ମୃତ୍ୟୁ ପରେ ମାରିନା ତାଙ୍କ ଉଦ୍ଦେଶ୍ୟରେ ଏକ ବକ୍ତୃତା ଉତ୍ସର୍ଗ କରିଥିଲେ। ସେ କହିଥିଲେ, ଯେତେବେଳେ ତାଙ୍କ ଭଳି ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଛି ଭାବିନେବାକୁ ହେବ ଭବିଷ୍ୟତ ମରିଯାଉଛି।

ମାରିନାଙ୍କ ବ୍ୟକ୍ତିଗତ ଜୀବନ କହିଲେ ଇପିଏଫ୍‌ଏଲ୍‌ର ପଦାର୍ଥ ବିଜ୍ଞାନ ପ୍ରଫେସର ଡାନିଲ୍ ଇଭ୍‌ଟୁଶିନ୍‌ସ୍କାଏ ହେଉଛନ୍ତି ତାଙ୍କ ସ୍ୱାମୀ। ହାଇସ୍କୁଲ ପଢ଼ା ପରେ ଏକ ଫିଜିକ୍ସ କ୍ଲାସ୍‌ରେ ସେ ତାଙ୍କୁ ଭେଟିବା ପରେ ସମ୍ପର୍କ ବଢ଼ିଥିଲା। ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅବସର ପରେ ଲୋକେ ଆରାମରେ ଜୀବନ ଜିଇବା ଲାଗି ସ୍ୱପ୍ନ ଦେଖୁଥିବାବେଳେ ଆୟକର ଅଧିକାରୀ ଆର୍.କେ. ପାଲିୱାଲଙ୍କ ଜଣେ କର୍ମଯୋଗୀ ଭାବେ ପରିଚୟ ସୃଷ୍ଟି କରିଛନ୍ତି। ଅବସର ପରେ ସେ ୨୦ ଏକର ଜମିରେ କମ୍ୟୁନିଟି ଫାର୍ମିଂ ଆରମ୍ଭ କରି ଜୈବିକ କୃଷିକୁ ପ୍ରୋତ୍ସାହିତ କରୁଛନ୍ତି। ବର୍ତ୍ତମାନ ଏହି ଚାଷରେ ତାଙ୍କ ସହ ୮ ଜଣ ଅବସରପ୍ରାପ୍ତ ଲୋକ ସାମିଲ ହୋଇଛନ୍ତି। ଭୋପାଳଠାରୁ ୪୦ କି.ମି. ଦୂରରେ ଥିବା ପାଲିୱାଲଙ୍କ ଫାର୍ମରେ ସବୁ ପ୍ରକାର ପରିବା ସହ ମସଲା, ଫଳ ଆଦି ଜୈବିକ ପଦ୍ଧତିରେ ଉତ୍ପାଦନ କରାଯାଉଛି। ସେମାନେ ଗୋ ପାଳନ ମଧ୍ୟ କରୁଛନ୍ତି। ଏମାନଙ୍କ ପରିବାରର ସବୁ ଆବଶ୍ୟକତା ଏଥିରେ ପୂରଣ ହେବା ପରେ ବଳକା ପରିବା ଓ ଅନ୍ୟ ଉତ୍ପାଦକୁ ସେମାନେ ବିକ୍ରି କରୁଛନ୍ତି। ପାଲିୱାଲ ମଧ୍ୟ ବିଭିନ୍ନ ରାଜ୍ୟର ୫ଟି ଗାଁକୁ ଆଦର୍ଶ ଗାଁ ଭାବେ ପରିଚିତି ଦେଇଛନ୍ତି। ଏହି କାର୍ଯ୍ୟ ସେ ଚାକିରିରେ ଥିବା ସମୟରେ ଆରମ୍ଭ କରିଥିଲେ। ଛୁଟିଦିନରେ ଗାଁଗୁଡ଼ିକରେ ରହି ସେ କାମ କରୁଥିଲେ। ଗୁଜରାଟର ବଲ୍‌ସାଇର ଖୋବା, ଆଗ୍ରା (ଉତ୍ତରପ୍ରଦେଶ) ରଟୋଟି, ହୋସଙ୍ଗାବାଦ (ମଧ୍ୟପ୍ରଦେଶ)ର ଛେଡ଼କା ସହ ୫ଟି ଗାଁରେ ଶିକ୍ଷା ପାଇଁ ଲାଇବ୍ରେରି, ମହିଳାଙ୍କ ପାଇଁ ଗ୍ରାମ୍ୟ ଉଦ୍ୟୋଗ, ଶୁଦ୍ଧ ପାନୀୟ ଜଳ ଉପରେ କାର୍ଯ୍ୟ କରି ସେଗୁଡ଼ିକୁ ଆଦର୍ଶ ଗ୍ରାମର ମାନ୍ୟତା ଦେବାରେ ସେ ପ୍ରମୁଖ ଭୂମିକା ନେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁଲାଇ ୧୯୯୭

- ଶ୍ରୀଲଙ୍କାର ଉତ୍ତର ଉପକୂଳରୁ ଏଲ୍.ଟି.ଟି.ଇ.ର ଗେରିଲାମାନେ ଏକ ମାଲବାହୀ ଜାହାଜ ଅପହରଣ କରିନେବା ସହ ଏଥିରେ ଥିବା ଉତ୍ତର କୋରିଆର ଜଣେ କର୍ମଚାରୀଙ୍କୁ ହତ୍ୟା କରିଛନ୍ତି।
- ହୋଲିଫିଲ୍‌ଡଙ୍କ କାନକୁ କାମୁଡ଼ିଥିବା ଅଭିଯୋଗରେ ପୂର୍ବତନ ବିଶ୍ୱ ହେଭିଓ୍ୱେଟ୍ ବକ୍ସିଂ ଚାମ୍ପିୟନ ମାଇକ୍ ଟାଇସନଙ୍କ ବକ୍ସିଂ ଲାଇସେନ୍ସକୁ ରଦ୍ଦ କରାଯିବା ସହ ୩ ନିୟୁତ ଡଲାର ଜରିମାନା କରାଯାଇଛି।

# ପାଠକ ଶ୍ରେଷ୍ଠ ବିଚାରକ

## ଜଳସେଚନରେ ଅନିୟମିତତା

ମହାଶୟ,

ସାଧାରଣତଃ ସମତଳ ଜମିଗୁଡିକରେ ନଳକୂପ ଓ କେନାଲ ମାଧ୍ୟମରେ ଚାଷ ପାଇଁ ଜଳ ଯୋଗାଣ କରାଯାଇଥାଏ। ସେଥିପାଇଁ ସରକାରଙ୍କ ଜଳସେଚନ ବିଭାଗ ନଦୀ ଜଳକୁ ଆବଦ୍ଧ କରି ମୁଖ୍ୟ କେନାଲରେ ଭରି ରଖିଥାନ୍ତି। ଚାଷ ସମୟରେ ଶାଖା କେନାଲ ମାଧ୍ୟମରେ ଚାଷ ପାଇଁ ଜଳଯୋଗାଣ କରାଯାଇଥାଏ। ଖରିଫ ଓ ରବି ଋତୁରେ କେନାଲରେ ପାଣି ଛଡାଯାଇଥାଏ। ବିଶେଷକରି ରବି ଋତୁରେ କେନାଲ ପାଣି ମାଡିବା ଦ୍ୱାରା ବିରି ଓ ମୁଗ ପ୍ରଭୃତି ରବି ଫସଲ ଚାଷ ସହ ଶୁଖିଯାଇଥିବା କୂଅ ପୋଖରୀରେ ପାଣି ପଶିଥାଏ। ତାହାକୁ ଖରାଦିନେ ମଣିଷ ଓ ଗୋରୁ ମେଣ୍ଢା ଇତ୍ୟାଦି ପଶୁ ପାନ କରି ଶୋଷ ମେଣ୍ଟାଇଥାନ୍ତି। ସରକାର ଏଥିପାଇଁ କୃଷକମାନଙ୍କଠାରୁ ନିୟମିତ ଜଳକର ଆଦାୟ କରିଥାନ୍ତି। ପ୍ରଥମେ ଖଜଣା ଓ ଜଳକର ଅଲଗା ଆଦାୟ ହେଉଥିଲା। ପରେ ବାର୍ଷିକ ଖଜଣା ସହ ଜଳକର ଆଦାୟ ହେବାରେ ଲାଗିଛି। ପରିତାପର ବିଷୟ ଏହି କି, କେନାଲର ଉପରମୁଣ୍ଡରେ ଆବଶ୍ୟକତାଠାରୁ ଅଧିକ ଚାଷ ଜମିକୁ ପାଣି ଯାଇପାରୁଛି। ହେଲେ କେନାଲର ତଳମୁଣ୍ଡକୁ ପାଣି ଆଦୌ ନ ଯିବା ଫଳରେ ବ୍ୟାପକ ଫସଲ ହାନି ଘଟୁଛି। ମୁଖ୍ୟତଃ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କେନାଲ ଆଦୌ ସଫେଇ ହେଉନାହିଁ। ତାହାଛଡା ବନ୍ଧର ଖାଲ ଓ ଘାଇ ସବୁ ମରାମତି ନ ହେବା ଫଳରେ ଉପରମୁଣ୍ଡରେ ଅଧିକ କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବାର ଲକ୍ଷ୍ୟ କରାଯାଉଛି। ସରକାର କୃଷି ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ସେଥିମଧ୍ୟରୁ ଜଳ ଯୋଗାଣ ମୁଖ୍ୟ ବାଧକ ସାଜୁଛି। ଏକଥା ସତ ଯେ, ଦେଶରେ ହେଲେ ହେଁସରେ ପଡ଼େ। ସରକାର ଏହି କଥାଟିର ମର୍ମକୁ ହୃଦୟଙ୍ଗମ ପୂର୍ବକ କେନାଲ ଜଳସେଚନ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ଅନୁରୋଧ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ଏ ଶୋଭା ମୋର ମଉଳେ ନାହିଁ
ଏ ସୁଖେ ନାହିଁ କ୍ଲେଶ
ପୁରୁଣା ନୋହେ ନବୀନ ଚିର
ସାଜେଁ ମୁଁ ଯେଉଁ ବେଶ।

(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଉ ଆଗକୁ ଯାଅ ନାହିଁ

## ଏଲପିଜି ଦାମ ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କଲେ ରାହୁଲ

ନୂଆଦିଲ୍ଲୀ, ୯।୭



ଦେଶର ଦରଦାମ୍ ବୃଦ୍ଧି ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ ଶନିବାର ଟୁଇଟ୍ କରି କହିଛନ୍ତି ଯେ ଭାଜପା ସରକାରଙ୍କ ଶାସନରେ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୫୭ ପ୍ରତିଶତ ବୃଦ୍ଧି ପାଇଛି। ଭାଜପା ଶାସନରେ ରେକର୍ଡ ଭାଙ୍ଗୁଥିବା ମହଙ୍ଗା ପେଟ୍ରୋଲ, ଟ୍ୟାକ୍ସ ଲୁଟ ଏବଂ ବେକାରୀ ସୁନାମି ପରି ଏଲପିଜି ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ପ୍ରକୃତରେ, ଦେଶର ଜନସାଧାରଣ ପ୍ରଧାନମନ୍ତ୍ରୀଙ୍କୁ କହୁଛନ୍ତି ତୁମ ଦ୍ୱାରା କରାଯାଇଥିବା ଏହି ସବୁ ସମସ୍ୟା ଆମକୁ ସଙ୍କଟରେ ପକାଇଛି। ବର୍ତ୍ତମାନ ଏସବୁ ବନ୍ଦ କର। ଏବେ ଆଉ ଆଗକୁ ଯାଅ ନାହିଁ, ବୋଲି ରାହୁଲ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଦୁଇ ଦିନ ପୂର୍ବେ ରାହୁଲ ୨୦୧୪ ପୂର୍ବରୁ ଦେଇଥିବା ବିବୃତ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। ପୁଣି ଜିଏସଟିର ୫ ବର୍ଷ ପୂରଣ ହେବା ଅବସରରେ ମଧ୍ୟ ରାହୁଲ ସରକାରଙ୍କୁ ଘେରିଥିଲେ। ଜିଏସ୍‌ଟି ଲାଗୁ ହେବାପରେ ରାହୁଲ ଏହାକୁ ଗବର ସିଂ ଟ୍ୟାକ୍ସ ବୋଲି କହିଥିଲେ। ଏହାପୂର୍ବରୁ ଜୁଲାଇ ୬ ରେ ରାହୁଲ ଡଲାର ତୁଳନାରେ ଭାରତୀୟ ଟଙ୍କା ହ୍ରାସ ନେଇ ଏକ ଟୁଇଟ୍ କରିଥିଲେ।

# ଜଗନ ହେଲେ ୱାଇଏସ୍‌ଆର୍ କଂଗ୍ରେସର ଆଜୀବନ ସଭାପତି

ଅମରାବତୀ,୯।୭


ୱାଇ. ଏସ୍. ଜଗନ ମୋହନ ରେଡ୍ଡୀ

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ଜଗନ ମୋହନ ରେଡ୍ଡୀ ଶନିବାର ୱାଇଏସ୍‌ଆର୍ କଂଗ୍ରେସର ଆଜୀବନ ସଭାପତି ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ଆବଶ୍ୟକ ଦଳୀୟ ସମ୍ବିଧାନକୁ ସଂଶୋଧନ କରାଯାଇଛି। ଦୁଇଦିନ ଧରି ଚାଲିଥିବା ଦଳୀୟ ମାନସମନ୍ଥନ ବୈଠକ ପରେ ଏହି ପ୍ରକ୍ରିୟା ସମାପ୍ତ ହୋଇଛି। ଜଗନ କଂଗ୍ରେସ ଛାଡ଼ିବା ପରେ ୨୦୧୧ରେ ୱାଇଏସ୍‌ଆର୍ କଂଗ୍ରେସ ସ୍ଥାପନା କରିଥିଲେ। ସେହିଦିନଠାରୁ ସେ ଦଳର ସଭାପତି ରହି ଆସିଥିଲେ ଏବଂ ତାଙ୍କ ମା' ୱାଇ. ଏସ୍. ବିଜୟାମ୍ମା ସମ୍ମାନସୂଚକ ସଭାପତି ଥିଲେ। ଝିଅ ୱାଇ. ଏସ୍. ଶର୍ମିଳା ରେଡ୍ଡୀଙ୍କ ନୂଆ ଦଳ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି ପାଇଁ ସମୟ ଦେବା ନିମନ୍ତେ ବିଜୟାମ୍ମା ପୁଅ ଜଗନଙ୍କ ଦଳର ଦାୟିତ୍ୱରୁ ଶୁକ୍ରବାର ଓହରିଯାଇଛନ୍ତି।

# 'ରାଷ୍ଟ୍ରପତି ହେଲେ କଶ୍ମୀର ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିବି'

ଶ୍ରୀନଗର, ୯।୭


ଯଶୱନ୍ତ ସିହ୍ନା

ବିରୋଧୀ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନା କଶ୍ମୀର ସମ୍ପର୍କରେ ଏକ ବିବୃତ୍ତି ଦେଇଛନ୍ତି। ଶନିବାର ଯଶୱନ୍ତ କହିଛନ୍ତି ଯେ ଯଦି ନିର୍ବାଚିତ ହୁଅନ୍ତି ତେବେ ସେ କଶ୍ମୀର ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଏହି ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବେ। ନିର୍ବାଚିତ ହେଲେ ମୋର ଅନ୍ୟତମ ପ୍ରାଥମିକତା ହେବ କଶ୍ମୀର ସମସ୍ୟାର ସମାଧାନ, ଶାନ୍ତି, ନ୍ୟାୟ, ଗଣତନ୍ତ୍ର, ସ୍ୱାଭାବିକତା, ଜମ୍ମୁ- କଶ୍ମୀର ପ୍ରତି ବିକାଶର ଶତ୍ରୁତାକୁ ଶେଷ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରିବା। ଯଶୱନ୍ତ ସିହ୍ନା ଶ୍ରୀନଗରରେ ଏହି ବିବୃତ୍ତି ଦେଇଛନ୍ତି। ଏହା ସହିତ ଗଣମାଧ୍ୟମ ସାମ୍ନାରେ ସିହ୍ନା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଏବଂ ମେହବୁବା ମୁଫତିଙ୍କୁ ସବୁଠାରୁ ବଡ ଦେଶଭକ୍ତ ବୋଲି ଅଭିହିତ କରିଛନ୍ତି। ନ୍ୟାଶନାଲ କନଫରେନ୍ସ ଏବଂ ପିପୁଲ୍ସ ଡେମୋକ୍ରାଟିକ ପାର୍ଟିର ନେତାଙ୍କ ଉପସ୍ଥିତିରେ ସେ ଏଭଳି କହିଛନ୍ତି। ଏଥିସହ ସେ କହିଛନ୍ତି ଏଠାରେ ଉପସ୍ଥିତ ସମସ୍ତ ଲୋକଙ୍କ ମଧ୍ୟରୁ ଫାରୁକ ସାହେବ, ମେହବୁବା ଜୀଙ୍କଠାରେ ଅଧିକ ଦେଶଭକ୍ତି ଭାବନା ରହିଛି। ଯଦି ଏହି ଲୋକମାନେ ଦେଶପ୍ରେମୀ ନୁହଁନ୍ତି ତେବେ ଦେଶପ୍ରେମ ଦାବି କରିବାର ଅଧିକାର ଆମର ମଧ୍ୟ ନାହିଁ ବୋଲି ସେ କହିଛନ୍ତି। ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟାପରେ ପରେ ଭାରତରେ ଘୋଷଣା ହୋଇଥିବା ଜାତୀୟ ଶୋକକୁ ଦୃଷ୍ଟିରେ ରଖି ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗ ଗସ୍ତକୁ ସ୍ଥଗିତ ରଖିଛନ୍ତି। ତେବେ ଯଶୱନ୍ତ ତାଙ୍କର କଶ୍ମୀର ଗସ୍ତକୁ ବାତିଲ କରି ନାହାନ୍ତି। ୧୮ ଜୁଲାଇରେ ହେବାକୁ ଥିବା ନିର୍ବାଚନ ପୂର୍ବରୁ ସିହ୍ନା ଶ୍ରୀନଗରରେ ପହଞ୍ଚିଛନ୍ତି।

**ଶିକ୍ଷକ ଆବଶ୍ୟକ**
ସୁରେନ୍ଦ୍ର ସାଏ ବିଦ୍ୟା ମନ୍ଦିର, ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର-୧୦ର ନିମ୍ନ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ତାଲିମପ୍ରାପ୍ତ ଶିକ୍ଷକ ଆବଶ୍ୟକ। ପ୍ରାର୍ଥୀ ତା20.07.2022ରିଖ ସୁଦ୍ଧା ଆବେଦନ କରିପାରିବେ। ଆବେଦନକାରୀଙ୍କ ବୟସ ତା01.08.2022ରିଖ ସୁଦ୍ଧା 40 ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ ।
ଦୂରଭାଷ: 7894941704, 8280073610

**ବିକ୍ରୟ ନୋଟିସ କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା**

ସୁବର୍ଣ୍ଣ ସୁଯୋଗ!!!

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍‌ରପ୍ସି କୋଡ୍, ୨୦୧୬ ଅଧୀନରେ
**କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍**- ପରିସମାପନାଧୀନର
ବିକ୍ରୟ ନୋଟିସରେ ନିଲାମ ବିଡ୍ ଆମନ୍ତ୍ରଣ କରାଯାଉଛି
ଇ-ନିଲାମର ତାରିଖ ଓ ସମୟ: ୨୬ ଅଗଷ୍ଟ, ୨୦୨୨ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ ଘଟିକା

କର୍ପୋରେଟ୍ ଋଣୀ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍- ପରିସମାପନାଧୀନର ବ୍ୟବସାୟକୁ ଚାଲୁ ବ୍ୟବସାୟ ଭିତ୍ତିରେ ତଥା "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ", ଏବଂ "ବିନା ଅବଲମ୍ବନ ଭିତ୍ତିରେ" ଇ-ନିଲାମ ବିକ୍ରୟ ।

| ଇ-ନିଲାମର ତାରିଖ | ବ୍ୟବସାୟ / ପରିସମ୍ପତ୍ତିର ପ୍ରକୃତି | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଅମାନତ ଜମା ରାଶି (ଆଇଏନ୍‌ଆର୍) | ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର୍) |
|---|---|---|---|---|
| ୨୬ ଅଗଷ୍ଟ ୨୦୨୨ | ମାର୍ଜିନ୍ ରାଶି ଏବଂ ନଗଦ ଓ ବ୍ୟାଙ୍କ ବାଲାନ୍ସକୁ ଛାଡ଼ି ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ୭୬,୦୦,୦୦,୦୦୦ (ଛଅସ୍ତରି କୋଟି ଟଙ୍କା ମାତ୍ର) | ୨,୦୦,୦୦,୦୦୦ (ଦୁଇ କୋଟି ଟଙ୍କା ମାତ୍ର) | ୫୦,୦୦,୦୦୦ (ପଚାଶ ଲକ୍ଷ ଟଙ୍କା ମାତ୍ର) |

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଇତ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି ।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ୍: kvknilachalkgs2019@gmail.com
୩. ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୨୬ ଅଗଷ୍ଟ, ୨୦୨୨ ଦିନ ସଞ୍ଚାଳନ ହେବ ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ ।

ସ୍ୱା./- ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ୩/୧୫, ୪ର୍ଥ ମହଲା, ଆସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨
ଇମେଲ୍ ଆଇଡି kvknilachalkgs2019@gmail.com,
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨


ନୂଆଦିଲ୍ଲୀଠାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟି ଶନିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ମୂର୍ତ୍ତି ଉପହାର ଦେଉଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନଭିସ।

# ଦ୍ରୌପଦୀଙ୍କ ବିପକ୍ଷରେ ଯାଇପାରେ କଂଗ୍ରେସ, ସିପିଏମ୍ ଭୋଟ

ଭୁବନେଶ୍ୱର,୯।୭(ବ୍ୟୁରୋ)

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡି ନିଜର ସମର୍ଥନ ଦେବାକୁ ଘୋଷଣା କରିଥିବା ବେଳେ କଂଗ୍ରେସ ନିଜର ମତ ସ୍ପଷ୍ଟ କରି ନାହିଁ। ତେବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି ଯେ କଂଗ୍ରେସ ଏକ ଜାତୀୟ ଦଳ। ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ବିଧାୟକ ଓ ଏମ୍‌ପିମାନେ ଭୋଟ ଦେବେ। ତେବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ନିଜ ବିବେକ ଅନୁଯାୟୀ ଭୋଟ ଦେବାକୁ ମତ ଦେଇଥିବା ବେଳେ ପରେ ନିଜର ମତ ବଦଳାଇ ଆଗ ପାର୍ଟି, ପରେ ମାଟି ବୋଲି କହିଥିଲେ। ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ଦ୍ରୌପଦୀ ମଧ୍ୟ କଂଗ୍ରେସର କୌଣସି ବିଧାୟକଙ୍କୁ ଭୋଟ ଦେବାକୁ ନିବେଦନ କରିନାହାନ୍ତି। ଏସବୁକୁ ଦେଖିଲେ କଂଗ୍ରେସ ଭୋଟ ଦ୍ରୌପଦୀଙ୍କ ସପକ୍ଷରେ ନ ଯିବା ଏକପ୍ରକାର ସ୍ପଷ୍ଟ ହୋଇଛି।

ବିଧାନସଭାରେ ମୋଟ ୧୪୭ ଜଣ ବିଧାୟକ ଥିବାବେଳେ ଏଥିରେ ବିଜେଡିର ୧୧୨ଜଣ, ଭାଜପାର ୨୨ଜଣ ଓ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ଭୋଟ୍ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଯିବ। ଏହାଛଡ଼ା ବିଜେଡିରୁ ନିଲମ୍ବିତ ଦୁଇ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ପ୍ରଶାନ୍ତ ଜଗଦେବଙ୍କ ମଧ୍ୟରୁ ପାଣିଗ୍ରାହୀ ମଧ୍ୟ ନିଜର ସମର୍ଥନ ମୁର୍ମୁଙ୍କୁ ଦେବେ ବୋଲି ଘୋଷଣା କରି ସାରିଛନ୍ତି। ଓଡ଼ିଶାର ଝିଅ ଦ୍ରୌପଦୀଙ୍କୁ ଭୋଟ ଦେବାକୁ ସିପିଏମ୍ ବିଧାୟକ ଏବଂ ରାୟଗଡ଼ାର ସ୍ୱାଧୀନ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସ୍ୱାଧୀନ ବିଧାୟକ ମକରନ୍ଦ ଦ୍ରୌପଦୀଙ୍କୁ ଭୋଟ ଦେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଦ୍ରୌପଦୀଙ୍କୁ ଭୋଟ ଦେବା ନେଇ ବିଜେଡି କଂଗ୍ରେସ ବିଧାୟକଙ୍କୁ ମନାଇବାକୁ ଉଦ୍ୟମ ଜାରି ରଖିଛି। ମାଟିର ଝିଅକୁ ଜିତାଇବାକୁ ଦଳମତ ନିର୍ବିଶେଷରେ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ପୁଣି ଆହ୍ୱାନ କରିଛନ୍ତି। ତେବେ କଂଗ୍ରେସ ବିଧାୟକ, ବଣାଇ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ବୁଝାଇବାକୁ ନବୀନ ବିଜେଡିର ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଛନ୍ତି।

# ଦେଶକୁ ଦୁର୍ବଳ କରୁଛି ଭାଜପା

ଭୁବନେଶ୍ୱର,୯।୭(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ଏଆଇସିସି ନେତ୍ରୀ ୱିଙ୍ଗ କମାଣ୍ଡର ଅନୁମା ଆଚାର୍ଯ୍ୟ ଓ ଅନ୍ୟ କଂଗ୍ରେସ ନେତା।

ଦେଶରେ ନିଜକୁ ଏକମାତ୍ର ଦେଶପ୍ରେମୀ ଦଳ ବୋଲି କହି ଅନ୍ୟ ଉପରେ ଲଗାତର ଦୋଷାରୋପ କରି ଆସୁଥିବା ଭାରତୀୟ ଜନତା ପାର୍ଟିର ଅସଲମୁଖା ଏବେ ଖୋଲିବାରେ ଲାଗିଛି। ଆତଙ୍କବାଦ କାର୍ଯ୍ୟକଳାପକୁ ପୃଷ୍ଠପୋଷକତା ଦେବାରେ ଦଳ ଏବେ ରେକର୍ଡ ଭାଙ୍ଗିଛି। ଗୋଟିଏ ପରେ ଗୋଟିଏ ୮ଟି ଘଟଣାର ପ୍ରମାଣ ଦେଇ ଶନିବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଆଇସିସି ନେତ୍ରୀ ୱିଙ୍ଗ କମାଣ୍ଡର ଅନୁମା ଆଚାର୍ଯ୍ୟ ଏସବୁ ଘଟଣା ସମ୍ପର୍କରେ ଭାଜପା ସ୍ପଷ୍ଟୀକରଣ ଦେଉ ବୋଲି ଦାବି କରିଛନ୍ତି। ଭାଜପାର ତଥାକଥିତ ରାଷ୍ଟ୍ରବାଦ ଦେଶକୁ ଦୁର୍ବଳ କରୁଛି। ସତର୍କ ରହିବାକୁ ସେ ଆହ୍ୱାନ କରିଛନ୍ତି।

ସେ କହିଛନ୍ତି ଯେ ଭାରତୀୟ ଜାତୀୟ କଂଗ୍ରେସ ଆତଙ୍କବାଦୀମାନଙ୍କ ସହିତ କୌଣସି ପରିସ୍ଥିତିରେ ବି ସାଲିସ କରିନାହିଁ। ଗୋଟିଏ ପରେ ଗୋଟିଏ ଘଟଣା ପଛରେ ଆତଙ୍କବାଦୀ କିମ୍ବା ଅପରାଧୀଙ୍କ ସହିତ ଭାଜପାର ଅତି ଘନିଷ୍ଠ ଓ ନିବିଡ଼ ସମ୍ପର୍କର ସମସ୍ତ ତଥ୍ୟ ପ୍ରମାଣ ମିଳୁଛି। ଏବେ ଚିନ୍ତା ଓ ବିଚାର କରିବାର ସମୟ ଉପନୀତ ହୋଇଛି। ଭାଜପା ଦେଶପ୍ରେମ ନାମରେ ରାଷ୍ଟ୍ର ବିରୋଧରେ ଅତି ନୀଚ ସ୍ତରକୁ ଯାଇ ଅପରାଧ ସୃଷ୍ଟି ଓ ଷଡ଼ଯନ୍ତ୍ର କରିବାରେ ପ୍ରୟାସ ଜାରି ରଖିଛି। କହ୍ନେୟାଲାଲଙ୍କ ମୁଖ୍ୟ ହତ୍ୟାକାରୀ ମହମ୍ମଦ ରିୟାଜ ଅନସାରି ଭାରତୀୟ ଜନତା ପାର୍ଟିର ଜଣେ କାର୍ଯ୍ୟକର୍ତ୍ତା ବୋଲି ପ୍ରମାଣିତ ହୋଇଛି। ଗଣମାଧ୍ୟମ ତଥ୍ୟରୁ ଜଣାପଡ଼ିଛି ଯେ ରିୟାଜ ରାଜସ୍ଥାନ ବିଧାନସଭାରେ ଭାଜପା ନେତା ତଥା ପ୍ରାକ୍ତନ ମନ୍ତ୍ରୀ ଗୁଲାବଚାନ୍ଦ କଟାରିଆଙ୍କ କ୍ୱାଇଁ ତଥା ପୂର୍ବତନ କର୍ପୋରେଟର ଅତୁଲ ଚଣ୍ଡାଲିଆଙ୍କ କାରଖାନାରେ କାମ କରୁଥିଲେ। ସେ ଭାଜପାର ଅନେକଗୁଡ଼ିଏ ଦଳୀୟ କାର୍ଯ୍ୟକ୍ରମରେ ବରିଷ୍ଠ ନେତାମାନଙ୍କ ସହିତ ସାମିଲ ହେଉଥିବାର ଦେଖାଯାଉଛି। ଜମ୍ମୁ-କଶ୍ମୀରରେ ଗ୍ରାମବାସୀଙ୍କ ଦ୍ୱାରା ଧରାଯାଇଥିବା ବା କାବୁ କରାଯାଇଥିବା ଲଶ୍କର-ଇ-ତୋଇବାର ଦୁଇ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ 'ତାଲିବ ହସେନ' ଭାଜପାର କର୍ମକର୍ତ୍ତା ବୋଲି ପ୍ରମାଣିତ ହୋଇଛି। ଏପରି କି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ବି ତାଙ୍କର ଫଟୋ ରହିଛି। ମହାରାଷ୍ଟ୍ର ଅମରାବତିର ଔଷଧ ବ୍ୟବସାୟୀ ଉମେଶ କୋଲ୍‌ହେର ହତ୍ୟାର ମାଷ୍ଟରମାଇଣ୍ଡ ଇର୍‌ଫାନ ଖାଁଙ୍କ ସମ୍ପର୍କ ଭାଜପା ସମର୍ଥିତ ସ୍ୱାଧୀନ ଏମ୍‌ପି ନବନୀତ ରାଣା ଓ ତାଙ୍କ ସ୍ୱାମୀ ବିଧାୟକ ରବି ରାଣାଙ୍କ ସହ ରହିଛି। ୨୦୨୦ରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଘଟଣାରେ ଭାଜପା ନେତା ତଥା ପୂର୍ବତନ ସରପଞ୍ଚ ତାରିକ୍ ଅହମ୍ମଦ ମୀରଙ୍କୁ ଗିରଫ କରାଯାଇଥିଲା। ହିଜବୁଲ କମାଣ୍ଡର ନବେଦ୍ ବାବୁଙ୍କୁ ଅସ୍ତ୍ର ଯୋଗାଇଥିବାର ସଙ୍ଗିନ ଆରୋପ ତାରିକ୍ ଅହମ୍ମଦଙ୍କ ଉପରେ ଥିଲା, ଯିଏ କି ଡିଏସ୍‌ପି ଦେବୀନ୍ଦର ସିଂହଙ୍କ ସହ ମିଶି ଆତଙ୍କବାଦୀଙ୍କୁ ସହଯୋଗ କରି ଗିରଫ ହୋଇଥିଲେ। ଏତିକିରେ ସୀମିତ ନ ରହି ଭାଜପା କ୍ଷମତା ପାଇଁ ଦୁର୍ଦ୍ଧାନ୍ତ ଆତଙ୍କବାଦୀଙ୍କୁ ବି ଟିକେଟ ଦେବାକୁ ପଛଘୁଞ୍ଚା ଦେଇନାହିଁ। ଆତଙ୍କବାଦୀ ମସୁଦ୍ ଅଜହରଙ୍କ ଅତି ଘନିଷ୍ଠ ମହମ୍ମଦ ଫାରୁକ୍ ଖାଁଙ୍କୁ ଶ୍ରୀନଗର ୩୩ ନମ୍ବର ୱାର୍ଡରୁ ଦଳୀୟ ଟିକେଟ ଦେଇଥିଲା। ଯିଏକି ଜମ୍ମୁ-କଶ୍ମୀର ଲିବରେଶନ୍ ଫ୍ରଣ୍ଟ ଓ ହରକତ୍ ଉଲ୍ ମୁଜାହିଦ୍ଦିନର ସଭ୍ୟ ରହିଥିଲେ। ଭାଜପାର 'ଛଦ୍ମ ରାଷ୍ଟ୍ରବାଦ'କୁ ଚିହ୍ନନ୍ତୁ। ରାଷ୍ଟ୍ରବାଦ ବା ଦେଶଭକ୍ତି ନାମରେ ଘୃଣିତ ଓ କୁତ୍ସିତ ଖେଳଖେଳି ଦେଶକୁ ଦୁର୍ବଳ କରୁଛି। ଏଥିପାଇଁ ସମସ୍ତେ ସତର୍କ ରହିବା ଉଚିତ ବୋଲି ଆଚାର୍ଯ୍ୟ କହିଛନ୍ତି। ଏହି ଖବରଦାତା ସମ୍ମିଳନୀକୁ ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ପୌରୋହିତ୍ୟ କରିଥିବା ବେଳେ ଆବାହକ ସତ୍ୟପ୍ରକାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

DSPL-100

ଓଡ଼ିଶା ସରକାର

**ରଥଯାତ୍ରା-୨୦୨୨ ନିମନ୍ତେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା**

- ଜ୍ୱର, ଶର୍ଦ୍ଦି, ଅଣ୍ଡାକାଶ ଆଦି ହେଉଥିବା ବ୍ୟକ୍ତି ଆଦୌ ଜନଗହଳି ମଧ୍ୟକୁ ନ ଯାଇ ଘରେ ଟିଭି ମାଧ୍ୟମରେ ରଥଯାତ୍ରା ଦେଖନ୍ତୁ।
- କୋଭିଡ୍ ନିୟମ ଯଥା : ସଠିକ୍ ଭାବେ ମାସ୍କ ପିନ୍ଧିବା, ହାତକୁ ଭଲଭାବେ ସାବୁନ୍‌ରେ ଧୋଇବା/ସାନିଟାଇଜରରେ ସଫା କରିବା ଆଦି ନିଷ୍ଠାର ସହ ପାଳନ କରନ୍ତୁ।
- ବିଶୁଦ୍ଧ ପାଣି (ପାଇପ୍ ପାଣି, ସିଝା ପାଣି କିମ୍ବା ହାଲୋଜେନ୍ ବଟିକା ପଡିଥିବା ପାଣି) ପିଅନ୍ତୁ।
- ବାହାରେ ଖୋଲା ବିକ୍ରି ହେଉଥିବା ଖାଦ୍ୟ, ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ହେଉଥିବା ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଖାଆନ୍ତୁ ନାହିଁ।
- ସମୁଦ୍ର ସ୍ନାନ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରନ୍ତୁ।
- ବଡଦାଣ୍ଡ, ଶରଧା ବାଲି, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଓ ସମୁଦ୍ର କୂଳ ଆଦି ସ୍ଥାନରେ ରାଜ୍ୟ ସରକାରଙ୍କ ତରଫରୁ ଆଶୁ ଚିକିତ୍ସା କେନ୍ଦ୍ରମାନ ଖୋଲା ଯାଇଛି। ଦରକାର ହେଲେ ସାହାଯ୍ୟ ନିଅନ୍ତୁ।
- କୌଣସି ଦୁର୍ଘଟଣା ସମୟରେ ଜରୁରୀ ଖବର ଦେବା ପାଇଁ ଆପଣଙ୍କ ନିକଟ ସମ୍ପର୍କୀୟଙ୍କ ଫୋନ୍ ନମ୍ବର ପାଖରେ ରଖନ୍ତୁ।



ଜରୁରୀ ସେବା ଫୋନ୍ ନମ୍ବର :
ପୁରୀ ସଦର ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟ ସେବା ହେଲ୍ପ ଲାଇନ୍ : ୧୦୪

**ଆସନ୍ତୁ, ଉପରୋକ୍ତ ସମସ୍ତ ନିୟମ ପାଳନ ପୂର୍ବକ ମହାପ୍ରଭୁଙ୍କ ଘୋଷ ଯାତ୍ରାକୁ ମନଭରି ଉପଭୋଗ କରିବା।**



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0028/2223

# ଠିକାରେ ଚାଲିଛି ଏସ୍‌ଇଆଇଏଏ

## ■ ପରିବେଶ ଆକଳନ ପରିଚାଳନା ବାଧାପ୍ରାପ୍ତ
## ■ ବ୍ୟାପକ ଲଘୁଖଣି ଲୁଟ୍ ପ୍ରମୁଖ କାରଣ

ଯାଜପୁର ଅଫିସ,୯।୭

ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ ବା ଷ୍ଟେଟ୍ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ) ୨୦୦୮ରୁ କାର୍ଯ୍ୟକାରୀ ହୋଇଆସୁଛି। ବିଭିନ୍ନ ଖଣି ଖାଦାନ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିବା ପୂର୍ବରୁ ପରିବେଶ ଆକଳନ କାର୍ଯ୍ୟକୁ ଠିକ୍ ଭାବେ ପରିଚାଳନା କରିବାରେ ଏସ୍‌ଇଆଇଏଏଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଏହା ଠିକାରେ ଚାଲିଛି। ଏସ୍‌ଇଆଇଏଏର ସମସ୍ତ ୯ ବୈଜ୍ଞାନିକ, ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବାରୁ ପରିବେଶ ଆକଳନ ପରିଚାଳନା ବାଧାପ୍ରାପ୍ତ ହେଉଛି। ଏହି ମର୍ମରେ ଏସ୍‌ଇଆଇଏଏର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାନ୍ତି ୧୬।୧୨।୨୦୨୦ରେ କେତେକ ବୈଷୟିକ ଡିଗ୍ରୀଧାରୀ ପଦବୀ ମଞ୍ଜୁର କରିବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ଏପରିକି ୯।୨।୨୦୨୧ରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଅଧ୍ୟକ୍ଷ ମହାନ୍ତି ନିଜର ଅସହାୟତା ପ୍ରକାଶ କରିବା ସହ ପରିବେଶ ଆକଳନ ପାଇଁ ଧାର୍ଯ୍ୟ ସର୍ତ୍ତଗୁଡ଼ିକ କାର୍ଯ୍ୟକାରୀ ହେଉଥିବା ନେଇ ସନ୍ଦେହ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଚଳିତ ବିଧାନସଭା(୫।୭।୨୦୨୨)ରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନ ଉପରେ ଏସ୍‌ଇଆଇଏଏର କର୍ତ୍ତୃପକ୍ଷ ସମସ୍ତ କାର୍ଯ୍ୟ ବିନା ବାଧାରେ ଠିକ୍ ଭାବେ ପରିଚାଳନା କରୁଛନ୍ତି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉତ୍ତର ରଖିଛନ୍ତି। ଏଥିରୁ ମନ୍ତ୍ରୀ ନା ଏସ୍‌ଇଆଇଏଏ ଅଧ୍ୟକ୍ଷଙ୍କ ରିପୋର୍ଟ ସତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରତିକୂଳ ପରିବେଶ ପ୍ରଭାବକୁ ହ୍ରାସ ଏବଂ ପରିବେଶର ଉନ୍ନତି ପାଇଁ ଏସ୍‌ଇଆଇଏଏର ଲକ୍ଷ୍ୟ। ରାଜ୍ୟରେ ବିପୁଳ ସଂଖ୍ୟାରେ ପଥର, ମୋରମ, ବାଲି ଆଦି ଉତ୍ତୋଳନ ପାଇଁ ଲିଜ୍ ଦିଆଯାଉଛି। ତେବେ ଏହି ଲିଜ୍ ଦେବା ପୂର୍ବରୁ ପରିବେଶ ଆକଳନ ଓ ଅଧ୍ୟୟନ ଜରୁରୀ ଅଟେ। ଏହି କ୍ରମରେ ଏସ୍‌ଇଆଇଏଏ ଅଧ୍ୟକ୍ଷ ମହାନ୍ତି ତାଙ୍କ ପତ୍ରରେ ଆହୁରି ଦର୍ଶାଇଥିଲେ ଯେ, ବାଲି ଖନନ ପାଇଁ ପ୍ରସ୍ତାବିତ ନଦୀ ଶଯ୍ୟା ପୂର୍ଣ୍ଣ କରିବାର ବାର୍ଷିକ ହାର ଏବଂ ଖଣି ବନ୍ଦ ପରେ ଏପରି ପୂରଣ ପାଇଁ ସମୟ ସୀମା ସମ୍ବନ୍ଧରେ ଏକ ଠିକ୍ ଅଧ୍ୟୟନ କରିବା ଜରୁରୀ। ବାସ୍ତବରେ, ଜିଲା ସର୍ଭେ ରିପୋର୍ଟ (ଡିଏସ୍ଆର)ରେ ଏପରି ଅଧ୍ୟୟନର ଫଳାଫଳ କରାଯିବା ଉଚିତ୍। କିନ୍ତୁ ବାଲି ଖନନ ଉତ୍ସଗୁଡ଼ିକୁ ଚିହ୍ନଟ କରିବାବେଳେ ଏଭଳି ଅଧ୍ୟୟନ ହେଉନାହିଁ। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଆଦେଶରୁ ଜଣାପଡ଼ିଛି ଯେ ବାଲି ଖାଦାନ ସ୍ଥାନରେ ପରିମାଣର ଠିକ୍ ଅଧ୍ୟୟନ ଏବଂ ଖଣି ବନ୍ଦ ହେବା ପରେ ପୁଣି ପୂର୍ବ ପରିମାଣର ବାଲି ଭର୍ତ୍ତି ହେବା ସମୟର ଆକଳନ କରା ନ ଯାଇ ବାଲି ଖନନକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ। ଉପରୋକ୍ତ ଅଧ୍ୟୟନ ବିନା ଲିଜ୍ ଦିଆଯାଇଥିବା ବାଲି ଖାଦାନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରାଯିବା କଥା। କିନ୍ତୁ ସାରା ରାଜ୍ୟରୁ ଏଥିପାଇଁ ବହୁସଂଖ୍ୟାରେ ଆବେଦନ କରାଯାଇଥିବାରୁ ଏସ୍‌ଇଆଇଏଏର ମାନବ ସମ୍ବଳକୁ ଦୃଷ୍ଟିରେ ରଖି ଏକ ଏକ୍ସପ୍ରେସ ସର୍ତ୍ତ ସହିତ ଅନୁମତି ଦିଆଗଲା। ବର୍ଷକ ମଧ୍ୟରେ ନିର୍ଦ୍ଦିଷ୍ଟ ଲିଜ୍ ଅଞ୍ଚଳରେ ବାଲି ଭରିବା ହାରର ଠିକ୍ ଅଧ୍ୟୟନ କରିବାକୁ ହେବ ବୋଲି ସର୍ତ୍ତ ରଖାଯାଇଥିଲା। ଗୋଟିଏ ବର୍ଷରେ ଉତ୍ତୋଳନ ପାଇଁ ଅନୁମତି ଦିଆଯିବାକୁ ଥିବା ବାଲିର ପରିମାଣ ପୂର୍ବ ବର୍ଷର ବର୍ଷା ଋତୁରେ ସେହି ସ୍ଥାନରେ ପୂର୍ଣ୍ଣ ହୋଇଥିବା ପରିମାଣଠାରୁ ଅଧିକ ହେବା ଉଚିତ୍ ନୁହେଁ। ଏହାବାଦ୍ ଲିଜ୍ ଅଞ୍ଚଳକୁ କଂକ୍ରିଟ ସ୍ତମ୍ଭ ସ୍ଥାପନ, ସେତୁର ଅବସ୍ଥିତି, ଆଡିବନ୍ଧ, ଉତ୍ତୋଳନ ମାର୍ଗ ଏବଂ ଅନ୍ୟାନ୍ୟ ସରଞ୍ଜାମ, ଶ୍ରମଶକ୍ତି ଆକଳନ, ୧ ରୁ ୨ ମିଟର ପର୍ଯ୍ୟନ୍ତ ଗଭୀର ଖନନ ଅନୁମତି ଆଦି ସର୍ତ୍ତ ରଖାଯାଇଥିଲା। କିନ୍ତୁ ଏସ୍‌ଇଆଇଏଏ କର୍ତ୍ତୃପକ୍ଷ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତଗୁଡ଼ିକରୁ କୌଣସିଟି କାର୍ଯ୍ୟକାରୀ ହେଉଛି ସେ ନେଇ ନିଶ୍ଚିତ ନ ଥିବାରୁ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଖବର ପ୍ରକାଶ ପାଇଛି ବୋଲି ଏସ୍‌ଇଆଇଏଏ ଅଧ୍ୟକ୍ଷ ତାଙ୍କ ପତ୍ରରେ ଦର୍ଶାଇଥିଲେ। ଏସ୍‌ଇଆଇଏଏରେ ଆବଶ୍ୟକତାଠାରୁ ବହୁତ କମ୍ ଚୁକ୍ତିଭିତ୍ତିକ ଜଣେ ଲେଖାଏ ପରିବେଶ ଯନ୍ତ୍ରୀ ଓ ବୈଜ୍ଞାନିକ, ଡାଟା ମ୍ୟାନେଜର, ଅଫିସ ଆସିଷ୍ଟାଣ୍ଟ, ଡାଟା ଏଣ୍ଟ୍ରି ଅପରେଟର ଓ ସହାୟକ ଯନ୍ତ୍ରୀ ରହିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଜଣେ ସ୍ଥାୟୀ ଅଧିକାରୀ ନୋଡାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଏଥିରୁ ସର୍ତ୍ତଗୁଡ଼ିକର ଉଲ୍ଲଂଘନ, ବ୍ୟାପକ ଚୋରି ଓ ଅନୁମତିପ୍ରାପ୍ତ ସୀମାଠାରୁ ଅଧିକ ଉତ୍ତୋଳନ ସରକାରଙ୍କ ରାଜସ୍ୱ ଲୁଟର ପ୍ରମୁଖ କାରଣ ବୋଲି ସ୍ପଷ୍ଟ ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଅଁଳ କାକୁଡି ବହଳ ଚୋପା,**
**କାଟିଦେଲି ପରିବାକୁ;**
**ଅଳପ ଦିନକୁ ବହୁତ କଥା,**
**ଝୁରି ଝୁରି ମରିବାକୁ।**

ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ମୃତ୍ୟୁବରଣ କଲେ ତା' କଥା ସୁମରିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତିକୁଟୁମ୍ବ, ପରିଜନ ଆଖିରୁ ଲୁହ ଗଡାଇବା ସହ ବାହୁନିଥାନ୍ତି। ସେମାନେ ଅଳ୍ପ ଦିନ ମଧ୍ୟରେ ବେଶି ଭଲ କାମ କରି ଭଲ ଗୁଣ ଦେଖେଇ ଚାଲିଯାଆନ୍ତି। ପରୋକ୍ଷରେ ଅଳ୍ପଦିନର ଘନିଷ୍ଠତା ମନରେ ବହୁ ସ୍ମୃତି ସାଇତି କରି ରଖିଦିଏ, ଯାହାକି ମନକୁ ଏକାନ୍ତରେ ଘାରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କପାଳ ଦଶା,**
**ଘରେ ଗିରିଷମ ବାହାରେ ମଶା।**

ଗ୍ରୀଷ୍ମଜନିତ ଗୁଳୁଗୁଳି ଯୋଗୁ ଘରେ ରହି ହେଉ ନ ଥିବା ସ୍ଥଳେ ବାହାରେ ମଶାଙ୍କର ପ୍ରାଦୁର୍ଭାବ ମଣିଷର ବ୍ୟସ୍ତତାକୁ ଦ୍ୱିଗୁଣିତ କରିଦେଇଥାଏ। ଏପରି ଅବସ୍ଥା ମଣିଷଙ୍କ ପାଇଁ ବଡ଼ କଷ୍ଟଦାୟକ ହୋଇପଡିବା ସହ ନିଜ ଭାଗ୍ୟକୁ ଆଦରି ପଡିରହିବା ଛଡା ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମାଂସ ତରକାରି ନ ରାନ୍ଧିବାରୁ ସ୍ତ୍ରୀଙ୍କୁ ମାରିଦେଲେ

## ଅଭିଯୁକ୍ତ ସ୍ୱାମୀ ଗିରଫ

**ଠାକୁରମୁଣ୍ଡା, ୯।୭(ଡି.ଏନ.ଏ.):** ମାଂସ ତରକାରି ନ ରାନ୍ଧିବାରୁ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଲୁହା ପାଇପ୍‌ରେ ପିଟି ହତ୍ୟା କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ସାଲେଇବେଡା ପଞ୍ଚାୟତ ବିସ୍ଥାପିତ ଖଡ଼ିଆ ଜନଜାତି ବସ୍ତିରେ। ମୃତ ମହିଳା ହେଲେ ଭୁଲି ଦେହୁରୀ। ଖବରପାଇ ଠାକୁରମୁଣ୍ଡା ଥାନା ପୋଲିସ ଶନିବାର ସକାଳେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀ ଗିରିଶ ଦେହୁରୀଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ରାତିରେ ଗିରିଶ ମାଂସ ଆଣି ଭୁଲିଙ୍କୁ ରାନ୍ଧିବା ପାଇଁ କହିଥିଲେ। ସେ ମନା କରିବାରୁ ଗିରିଶ ଉତ୍‌କ୍ଷିପ୍ତ ହୋଇ ଚୁଲି ନିଆଁ ଫୁଙ୍କିବାକୁ ଥିବା ଲୁହା ପାଇପ୍‌ରେ ତାଙ୍କ କାନମୁଣ୍ଡାକୁ ପିଟିଥିଲେ। ଘଟଣାସ୍ଥଳରେ ଭୁଲିଙ୍କର ମୃତ୍ୟୁ ଘଟିଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଏନେଇ ଠାକୁରମୁଣ୍ଡା ଥାନାରେ ଏକ ମାମଲା (ନଂ.୬୧/୨୨) ରୁଜୁ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।



ବିଜେଡି ନେତୃବୃନ୍ଦଙ୍କ ଉପସ୍ଥିତିରେ କଟକ ସ୍ଥିତ ବାରବାଟୀ କ୍ଲବ୍ ହାଉସ୍ ପରିସରରେ ଶନିବାର ବିଜୁ ଛାତ୍ର ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର।

# ୫ଶହ ଟପିଲା ଦୈନିକ ସଂକ୍ରମଣ

## ୟେଲୋ ଜୋନ୍‌ରେ ଖୋର୍ଦ୍ଧା



ଭୁବନେଶ୍ୱର, ୯।୭(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ ଟପିଯାଇଛି। ଶୁକ୍ରବାର ୪୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୨୨ ଜିଲାରୁ ୫୧୨ଜଣ ପଜିଟିଭ ବାହାରିଛନ୍ତି। ୩୦୦ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୨୧୨ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏଥିମଧ୍ୟରେ ୫୯ଜଣ ୧୮ ବର୍ଷରୁ କମ୍ ବୟସର ଥିବା ଜଣାଯାଇଛି। ସେପଟେ ଚିନ୍ତା ବଢ଼ାଇଛି ଖୋର୍ଦ୍ଧା ଜିଲା। ବିଶେଷକରି ରାଜଧାନୀ ଭୁବନେଶ୍ୱର ପାଇଁ ଖୋର୍ଦ୍ଧାର ସ୍ଥିତି ବିଗୁଡୁଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କେବଳ ଖୋର୍ଦ୍ଧା ଜିଲାରୁ ୨୩୭ଜଣ ରହିଛନ୍ତି। ତେବେ ସକ୍ରିୟ ରୋଗୀ ସଂଖ୍ୟା ବଢୁଥିବାରୁ ଖୋର୍ଦ୍ଧା ଏବେ ଗ୍ରୀନ୍ ଜୋନ୍‌ରୁ ୟେଲୋ ଜୋନ୍‌ରେ ପହଞ୍ଚିଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କଟକରୁ ୮୯ଜଣ ଚିହ୍ନଟ ହୋଇଥିବାବେଳେ ଅନୁଗୋଳ ୧, ବାଲେଶ୍ୱର ୩, ବରଗଡ଼ ୧, ଭଦ୍ରକ ୧, ଗଞ୍ଜାମ ୨, ଜଗତ୍‌ସିଂହପୁର ୮, ଯାଜପୁର ୧୦, ଝାରସୁଗୁଡ଼ା ୭, କଳାହାଣ୍ଡି ୧, କେନ୍ଦ୍ରାପଡ଼ା ୩, କେନ୍ଦୁଝର ୩, ମାଲକାନଗିରି ୩, ମୟୂରଭଞ୍ଜ ୮, ନୟାଗଡ଼ ୧, ପୁରୀ ୨୯, ରାୟଗଡ଼ା ୨, ସମ୍ବଲପୁର ୬, ସୋନପୁର ୧୫, ସୁନ୍ଦରଗଡ଼ ୨୯ ଏବଂ ଷ୍ଟେଟପୁଲରୁ ୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୨, ୯୨, ୯୨୮ରେ ପହଞ୍ଚିଛି। ଅପରପକ୍ଷେ ରାଜ୍ୟରେ ବର୍ତ୍ତମାନ ୨,୭୯୫ଜଣ ସକ୍ରିୟ ରୋଗୀ ରହିଥିବାବେଳେ ଏଥିମଧ୍ୟରୁ କେବଳ ଖୋର୍ଦ୍ଧା ଜିଲାରୁ ୧,୩୪୫ଜଣ ରହିଛନ୍ତି। ରାଜ୍ୟର ସବୁ ଜିଲାରେ ସକ୍ରିୟ ରୋଗୀ ଥିବାବେଳେ ନବରଙ୍ଗପୁର ଏବଂ ଢେଙ୍କାନାଳରେ ଆଦୌ କରୋନା ଆକ୍ରାନ୍ତ ନ ଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡ ତଥ୍ୟରୁ ଜଣାପଡ଼ିଛି।

# ଗଜପତିଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣ ଭେଟ

ପୁରୀ ଅଫିସ,୯।୭

ଆଷାଢ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ରତ୍ନବେଦି ଅଭିମୁଖେ ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ଫେରିଛନ୍ତି। ସେପଟେ ମହାପ୍ରଭୁଙ୍କ ରଥ ଶ୍ରୀନହର ନିକଟତର ହେବାରୁ ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ରହି ସ୍ୱାମୀ ଆସୁଥିବା ବାଟକୁ ଚାହିଁ ରହିଥିଲେ ମା ମହାଲକ୍ଷ୍ମୀ ଠାକୁରାଣୀ। ତେବେ ମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ଭେଟିବାକୁ ଆସୁଥିବା ଖବରପାଇ ଗଜପତି ମହାରାଜ ଦିବ୍ୟସିଂହ ଦେବ ବାହାରକୁ ଆସି ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ମହାପ୍ରଭୁଙ୍କୁ ଭେଟ କରାଇଥିଲେ। ଏହାପରେ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଆଣି ଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ପାଲିଙ୍କି ସହ ଗଜପତି ରଥ ପରିକ୍ରମା କରି ବାମ ପାର୍ଶ୍ୱରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ପରେ ଶ୍ରୀନଅର ସମ୍ମୁଖରେ ପନ୍ତି ଭୋଗ ସମ୍ପନ୍ନ ହୋଇଥିଲା। ଏହାପରେ ମା' ମହାଲକ୍ଷ୍ମୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଏହାପରେ ପୁନର୍ବାର ସିଂହଦ୍ୱାର ଅଭିମୁଖେ ନନ୍ଦିଘୋଷ ରଥ ଗଡ଼ିଥିଲା। ଦୁଇବର୍ଷ ପରେ ଲକ୍ଷ୍ମୀ ନାରାୟଣ ଭେଟ ଦର୍ଶନ କରି ଭକ୍ତମାନେ ବେଶ ଆନନ୍ଦିତ ହୋଇଥିଲେ।

# ବିଜୁ ଛାତ୍ର ଜନତା ଦଳର ରକ୍ତଦାନ ଶିବିର

## ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ

ଭୁବନେଶ୍ୱର,୯।୭(ବ୍ୟୁରୋ)

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଓଡ଼ିଶାରେ ବିଜୁ ଛାତ୍ର- ଯୁବ ଜନତା ଦଳ ପକ୍ଷରୁ ୨୫୦୦୦ ୟୁନିଟ୍ ରକ୍ତ ସଂଗ୍ରହ କରିବାର ଏକ ବିଶାଳ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିଜୁ ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ କଟକ ସ୍ଥିତ ବାରବାଟୀ କ୍ଲବ୍ ହାଉସ୍ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

ଏହି ରକ୍ତଦାନ ଶିବିରରେ ବିଜୁ ଛାତ୍ର ଜନତା ଦଳ ତରଫରୁ ୩୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉଦଘାଟନ କରିଥିଲେ। ଏଥିସହିତ ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ (ଯୁବ- ଛାତ୍ର) ବ୍ୟାପାର ପ୍ରଣବ ବଳବନ୍ତରାୟ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜୁ ଜନତା ଦଳର କଟକ ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କଟକ ମେୟର ସୁଭାଷ ସିଂ, ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ବିଜୁ ଛାତ୍ର ଜନତା ଦଳର କଟକ ଜିଲ୍ଲା ସଭାପତି ଆସିଫ୍ ଅମିନ, କଟକ ସିଟି ସଭାପତି ସଞ୍ଜୟ ପଟ୍ଟନାୟକ, କଟକ ଜୋନ୍ ସଭାପତି ସ୍ମୃତି ରଞ୍ଜନ ଦାସ, ରାଜ୍ୟ ସାଧାରଣ ସଂପାଦକଙ୍କ ସନ୍ତୋଷ ମହାପାତ୍ର, ସମ୍ବିତ ବେହେରା ଏବଂ ଛାତ୍ର ନେତା ଶୋଭନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ମାସ୍କ ନ ପିନ୍ଧିଲେ ଜରିମାନା

## କଠୋର ହେଲା ବିଏମ୍‌ସି

ଭୁବନେଶ୍ୱର, ୯।୭(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ହେବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱରରେ ସ୍ଥିତି ବିଗିଡିବାରେ ଲାଗିଛି। ଦୁଇଦିନ ହେବ ଦୈନିକ ସଂକ୍ରମଣ ୨ଶହ ଉପରେ ରହୁଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏଣିକି ମାସ୍କ ନ ପିନ୍ଧିଲେ ଲୋକଙ୍କୁ ଜରିମାନା ଦେବାକୁ ପଡିବ ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ମେୟର କହିଛନ୍ତି, ଖୋର୍ଦ୍ଧା ଜିଲା, ବିଶେଷକରି ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏହା ଚିନ୍ତାଜନକ ବିଷୟ। ଏବେବି ଆମ ହାତରେ ସମୟ ଅଛି। ଆମେ ସମସ୍ତେ ସଚେତନ ହେଲେ ପୂର୍ବପରି ଏଥର ମଧ୍ୟ କରୋନାକୁ ପ୍ରତିହତ କରି ପାରିବା। ଘରୁ ବାହାରିଲେ ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ ଅନୁରୋଧ କରାଯାଇଛି। ମାତ୍ର ଅନେକ ସମୟରେ ଲୋକମାନେ ଏହାକୁ ଖାମଖିଆଲ ଭାବେ ନେଉଛନ୍ତି। ମାସ୍କ ପିନ୍ଧୁନାହାନ୍ତି। ତେଣୁ ବାଧ ହୋଇ ବିଏମ୍‌ସି କଠୋର ହେବା ସହ ଜରିମାନା ଆଦାୟ କରିବ। ସର୍ବସାଧାରଣ ସ୍ଥାନରେ ୨ ମିଟର ଦୂରତା ବଜାୟ ରଖିବା, ଛେପ, ଖଙ୍କାର ନ ପକାଇବା ପାଇଁ ମଧ୍ୟ ନିବେଦନ କରାଯାଇଛି। ସୁନାବେଶ ପାଇଁ ଅଧିକ ଗହଳି ହେବାର ସମ୍ଭାବନା ରହିଛି। କେବଳ ଜରିମାନା ଆଦାୟ ଉପରେ ଗୁରୁତ୍ୱ ନ ଦେଇ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ମଧ୍ୟ ବିଏମ୍‌ସି ପ୍ରୟାସ କରୁଛି ବୋଲି ମେୟର କହିଛନ୍ତି।

# ରାଜ୍ୟର କୌଣସି ଶିକ୍ଷକ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ପାଇନାହିଁ

ଭୁବନେଶ୍ୱର, ୯।୭(ବ୍ୟୁରୋ)

ରାଜ୍ୟରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷାନୁଷ୍ଠାନ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ଗୋଟିଏ ବି ଶିକ୍ଷକ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ହାସଲ କରିପାରି ନାହିଁ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଭାରତ ସରକାରଙ୍କ ୨୦୧୩ ଜାନୁୟାରୀ ୧୯ ଗେଜେଟ ଅନୁସାରେ, ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ହାସଲ କରିବା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ) ଏନେଇ କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି। ତେଣୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଶିକ୍ଷକ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ହାସଲ କରିନାହାନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ବିଧାନସଭାରେ କହିଛନ୍ତି। ନାକ୍ ମାନ୍ୟତା ପ୍ରଦାନ ସମ୍ପର୍କରେ ବିଧାୟକ ମୋହନ ଚରଣ ମାଝୀଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଲେ, ନାକ୍ ମାନ୍ୟତା ହାସଲ କରିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ଅତି କମ୍‌ରେ ୨ଟି ବ୍ୟାଚ୍ ଛାତ୍ରୀଛାତ୍ର ପାସ୍ କରିଥିବା ଆବଶ୍ୟକ କିମ୍ବା ଶିକ୍ଷାନୁଷ୍ଠାନଗୁଡ଼ିକ ୬ବର୍ଷ ପୂରଣ କରିଥିବା ଆବଶ୍ୟକ। ଏସବୁ ସର୍ତ୍ତାବଳୀକୁ ପୂରଣ କରିବାରେ ବର୍ତ୍ତମାନ ରାଜ୍ୟର ୧୬ଟି ଶିକ୍ଷାନୁଷ୍ଠାନର ଯୋଗ୍ୟତା ଅଛି। ସେଗୁଡ଼ିକ ହେଲା ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ ଷ୍ଟଡିଜ୍ ଇନ୍ ଏଜୁକେଶନ, କଟକର ରାଧାନାଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ ଷ୍ଟଡିଜ୍ ଇନ୍ ଏଜୁକେଶନ, ଭୁବନେଶ୍ୱରର ନଳିନୀ ଦେବୀ ଓମେନ୍‌ସ କଲେଜ ଅଫ୍ ଟିଚର ଏଜୁକେଶନ, ଫକୀରପୁରର ଏଏ ଟ୍ରେନିଂ କଲେଜ, ଅନୁଗୋଳର ନବକୃଷ୍ଣ ଚୌଧୁରୀ କଲେଜ ଅଫ୍ ଟିଚର ଏଜୁକେଶନ, କୋରାପୁଟର ଡିଏଭି କଲେଜ ଅଫ୍ ଟିଚର ଏଜୁକେଶନ, କଟକର ହିନ୍ଦୀ ଟିଚର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, ଭଞ୍ଜନଗରର କେଏସ୍‌ୟୁବି କଲେଜ ଅଫ୍ ଟିଚର ଏଜୁକେଶନ, ରାଉରକେଲାର କଲେଜ ଅଫ୍ ଟିଚର ଏଜୁକେଶନ, ବାରିପଦାର ୟୁଜି କଲେଜ ଅଫ୍ ଟିଚର ଏଜୁକେଶନ, ସମ୍ବଲପୁରର ଡ. ପିଏମ୍ ଆଇଏଏସ୍‌ଇ, ବାଲେଶ୍ୱରର କଲେଜ ଅଫ୍ ଟିଚର ଏଜୁକେଶନ, ବଲାଙ୍ଗୀର କଲେଜ ଅଫ୍ ଟିଚର ଏଜୁକେଶନ, ଫୁଲବାଣୀ ସରକାରୀ ଟିଚର ଟ୍ରେନିଂ କଲେଜ, କନ୍ଧମାଳର ସରକାରୀ ବିଏଡ୍ ଟ୍ରେନିଂ କଲେଜ ଏବଂ ଭବାନୀପାଟଣା କଲେଜ ଅଫ୍ ଟିଚର ଏଜୁକେଶନ। ଖୁବ୍‌ଶୀଘ୍ର ସମସ୍ତ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ହାସଲ କରିବା ପାଇଁ ବିହିତ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

# ବନ ବିଭାଗ ଦ୍ୱାରା ହରିଣ ଉଦ୍ଧାର

କୋଲାବିରା,୯।୭ (ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ବନାଞ୍ଚଳ ଅଧୀନ ରଘୁନାଥପାଲି ନିକଟରୁ ଶନିବାର ଏକ ଆହତ ହରିଣକୁ ବନ ବିଭାଗ ଉଦ୍ଧାର କରିଛି। ସୂଚନା ମତେ ଅପରାହ୍ଣରେ ହରିଣ ଭୟଭୀତ ଅବସ୍ଥାରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ କୋଲାବିରା ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଜାଲ ବିଛାଇ ଉକ୍ତ ହରିଣକୁ ଉଦ୍ଧାର କରି କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ତା'ର ଚିକିତ୍ସା କରାଯାଉଛି। ସୁସ୍ଥ ହେବା ପରେ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି କୋଲାବିରା ରେଞ୍ଜର କରିହର ପାତ୍ର ପ୍ରକାଶ କରିଛନ୍ତି।

# ସ୍କୁଲକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ

## ୭ ଦିନରେ ନିଷ୍ପତ୍ତି ପ୍ରତ୍ୟାହାର ଦାବି

ଭୁବନେଶ୍ୱର, ୯।୭(ବ୍ୟୁରୋ)



ଏଣିକି ବିନା ଅନୁମତିରେ ସ୍କୁଲ ପରିସରକୁ ଗଣମାଧ୍ୟମ ପ୍ରତିନିଧି ଯାଇପାରିବେ ନାହିଁ। କିଛି ଲୋକ କ୍ୟାମେରା ଧରି ସ୍କୁଲ ଭିତରେ ପଶି ପିଲା ଓ ଶିକ୍ଷକଙ୍କୁ ପ୍ରଶ୍ନ ପଚାରୁଛନ୍ତି। ତାକୁ ନେଇ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରଣ ମଧ୍ୟ କରୁଛନ୍ତି। ଏହା ଗ୍ରହଣଯୋଗ୍ୟ ନୁହେଁ। ତେଣୁ ସ୍କୁଲ ଭିତରକୁ କୌଣସି ଗଣମାଧ୍ୟମ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଇଛି ଶିକ୍ଷା ବିଭାଗ। ବିଭିନ୍ନ ଜିଲାରେ ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଚିଠି କରାଯାଇଛି। ଅପରପକ୍ଷେ ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ଓଡ଼ିଶା ଅଭିଭାବକ ମହାସଂଘ ବିରୋଧ କରିବା ସହ ୭ଦିନ ମଧ୍ୟରେ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଛି।

ମିଳିଥିବା ସୂଚନା ଅନୁସାରେ, ଢେଙ୍କାନାଳ ଜିଲା କାମାକ୍ଷାନଗର କଙ୍କଡ଼ାହାଡ଼ ବ୍ଲକ ଶିକ୍ଷାଧିକାରୀ ସମସ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖି ବିଦ୍ୟାଳୟରେ ବିନା ଅନୁମତିରେ ପ୍ରବେଶ କରୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ କୁହାଯାଇଛି, ସ୍କୁଲ ଭିତରେ କିଛି ଗଣମାଧ୍ୟମ ପ୍ରତିନିଧି ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କୁ ପ୍ରଶ୍ନ ପଚାରୁଛନ୍ତି। ଏହା ଅବୈଧ। ତେଣୁ ଆଗକୁ ଯେଭଳି ଗଣମାଧ୍ୟମ ପ୍ରତିନିଧି ସ୍କୁଲ ଭିତରକୁ ପ୍ରବେଶ ନ କରନ୍ତି ସେଥିପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି ଏଭଳି ଅନଧିକୃତ ପ୍ରବେଶ କରନ୍ତି ତେବେ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ ସ୍କୁଲ ପ୍ରଧାନ ଶିକ୍ଷକ ନିକଟସ୍ଥ ଥାନାରେ ପୋଲିସକୁ ଜଣାଇବା ସହିତ ଏଫ୍ଆଇଆର୍ ଦାଖଲ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଯଦି କହି ବିଚ୍ୟୁତି କରନ୍ତି ତେବେ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକଙ୍କ ବିରୋଧରେ ଏଫ୍ଆଇଆର୍ ଦାଖଲ କରାଯିବ ବୋଲି କୁହାଯାଇଛି। ଢେଙ୍କାନାଳ ଜିଲା ପ୍ରକଳ୍ପ କାର୍ଯ୍ୟାଳୟରୁ ମଧ୍ୟ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇ କଡ଼ା ନିର୍ଦ୍ଦେଶ ପାଳନ କରିବା ପାଇଁ କୁହାଯାଇଛି। ସେହିଭଳି କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ମଧ୍ୟ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖି ଗଣମାଧ୍ୟମ ପ୍ରତିନିଧିଙ୍କୁ ଲୋକଙ୍କୁ ସ୍କୁଲ ଭିତରକୁ ପ୍ରବେଶ କରିବା ଉପରେ କଟକଣା ଲଗାଯିବା ଉଚିତ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ଶିକ୍ଷା ବିଭାଗର ଏଭଳି ପଦକ୍ଷେପକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଲାଣି। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ସ୍କୁଲରେ ଶିକ୍ଷକ ଅଭାବ, ମଧ୍ୟାହ୍ନଭୋଜନ ସମସ୍ୟା, ଶିକ୍ଷାଦାନର ଗୁଣବତ୍ତା ସମ୍ପର୍କରେ ବାହାରକୁ କୌଣସି ଖବର ନ ଆସୁ ତାହା ରାଜ୍ୟ ସରକାର ଚାହୁଁଛନ୍ତି। ଯେଉଁ ସ୍କୁଲରେ ଆବଶ୍ୟକ ଶିକ୍ଷକ ନାହାନ୍ତି, ସେଠାରେ ତାଲା ପକାଇ ପ୍ରତିବାଦ କରିବା ପାଇଁ ପୂର୍ବରୁ ମହାସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଫଳରେ ରାଜ୍ୟର ପ୍ରାୟ ୨୦୦ ସ୍କୁଲରେ ଏଭଳି ତାଲା ପକାଇ ଅଭିଭାବକମାନେ ପ୍ରତିବାଦ କରୁଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ତେଣୁ ରାଜ୍ୟ ସରକାର ଭୟ କରି ଏଭଳି ପଦକ୍ଷେପ ନେବା ସହ ଗଣମାଧ୍ୟମର କଣ୍ଠରୋଧ କରୁଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ ଗଣମାଧ୍ୟମ ପ୍ରତିନିଧିଙ୍କ ଅନୁପ୍ରବେଶକୁ ରୋକ ଲଗାଇବା ବାକ୍ ଅଧିକାରକୁ କ୍ଷୁଣ୍ଣ କରିବା ସଦୃଶ। ମହାସଂଘ ଏହାକୁ ଦୃଢ଼ ବିରୋଧ କରୁଛି ଏବଂ ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହର କରିବା ପାଇଁ ଦାବି କରୁଛି। ଆସନ୍ତା ୭ଦିନ ଭିତରେ ଯଦି ଶିକ୍ଷା ବିଭାଗ ଏହି ନିଷ୍ପତ୍ତିକୁ ପ୍ରତ୍ୟାହର ନ କରେ ତେବେ ମହାସଂଘ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖି ଅବଗତ କରାଇବ। ଆବଶ୍ୟକ ପଡ଼ିଲେ ମହାସଂଘ କୋର୍ଟରେ ମାମଲା ରୁଜୁ କରିବ ବୋଲି ବାସୁଦେବ କହିଛନ୍ତି।

### ମହଙ୍ଗା ପଡୁଛି ଅନ୍‌ଲାଇନରୁ ଖାଦ୍ୟ ମଗାଇବା

ନୂଆଦିଲ୍ଲୀ : ବ୍ୟସ୍ତବହୁଳ ଜୀବନ ମଧରେ ସବୁ ବର୍ଗର ଲୋକ ମୋବାଇଲ ଜରିଆରେ ଅନ୍‌ଲାଇନରେ ଖାଦ୍ୟ ମଗାଇବାକୁ ଖୁବ୍ ପସନ୍ଦ କରୁଛନ୍ତି। ଏପରିକି ଦେଶର ପ୍ରମୁଖ ଫୁଡ୍ ଡେଲିଭରିଂ ସଂସ୍ଥାଗୁଡ଼ିକ ମଧ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଦେଉଛନ୍ତି। ହେଲେ ଉକ୍ତ ସେବା ବାବଦକୁ ନେଉଥିବା ଅର୍ଥ ଅଫ୍‌ଲାଇନ ଖାଦ୍ୟର ମୂଲ୍ୟଠାରୁ ବେଶ୍ ଅଧିକ ରହୁଛି। ବିଶେଷକରି ଯୁବବର୍ଗ ଓ କର୍ମଜୀବୀ ଅନ୍‌ଲାଇନରୁ ଖାଦ୍ୟ ମଗାଇବା ଏକ ସାଧାରଣ କଥା ପାଲଟିଯାଇଛି। ଅପରପକ୍ଷରେ ଫୁଡ୍ ଡେଲିଭରି ସଂସ୍ଥା ଜୋମାଟୋରୁ ଖାଦ୍ୟ ବରାଦ କରିବା ସିଧାସଳଖ ରେଷ୍ଟୁରାଣ୍ଟ ଯାଇ ଖାଦ୍ୟ ଖାଇବା ଅପେକ୍ଷା ବେଶି ଦାମୀ ପଡୁଛି ବୋଲି ସୋସିଆଲ ମିଡିଆରେ ମଧ ୟୁଜର୍ସମାନେ ଯୁକ୍ତି ବାଢ଼ିଛନ୍ତି।



ତାମିଲନାଡୁର ସ୍ୱାସ୍ଥ୍ୟସେବା, ନିଦାନ ଏବଂ ରୋଗନାଶକର ସମାଧାନ ପାଇଁ ତାମିଲନାଡୁ ସରକାରଙ୍କ ଟିଆଇସିଇଏଲ୍ ସହ ଶସ୍ତ୍ର ବିଶ୍ୱବିଦ୍ୟାଳୟର ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଚିବାଳୟରେ ଉପସ୍ଥିତ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଉଭୟ ସରକାରୀ ଓ ଶସ୍ତ୍ର ବିଶ୍ୱ ବିଦ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ଏବିଏଲ୍ଇଏସ୍‌ଟିର ସିଇଓ ଡ.ଏସ୍. ଅନୁରାଧା ଓ ଅନ୍ୟମାନେ।

## ଏନ୍‌ବିସିସିର ପୂର୍ବତନ ଅଧିକାରୀଙ୍କ ଘରେ ଆୟକର ଚଢ଼ାଉ

ନୂଆଦିଲ୍ଲୀ,୯।୭ ଜାତୀୟ ବିଲ୍ଡିଂ ନିର୍ମାଣ କର୍ପୋରେଶନ (ଏନ୍‌ବିସିସି)ର ପୂର୍ବତନ ସିଜିଏମ୍ ଡି.କେ.ମିତ୍ତଲଙ୍କ ଘରେ ଶନିବାର ଆୟକର ବିଭାଗ ଚଢ଼ାଉ କରିଛି। ଏପରିକି ଚଢ଼ାଉ ସମୟରେ ତାଙ୍କ ଘରୁ ନଗଦ କୋଟି କୋଟି ଟଙ୍କା, ଅଳଙ୍କାର, ଏବଂ ଅନ୍ୟାନ୍ୟ ଦସ୍ତାବିଜ ମଧ ମିଳିଥିବା ସୂଚନା ମିଳିଛି। ମିତ୍ତଲଙ୍କ ଘରୁ ବିଭାଗ ଏତେ ପରିମାଣର ଟଙ୍କା ଜବତ କରିଛି ଯେ ଏହାକୁ ଗଣିବା ପାଇଁ ୨ଟି ଟଙ୍କା ଗଣିବା ମେଶିନ ମଗାଯାଇଛି। ଜାତୀୟ ଗଣମାଧ୍ୟମର ସୂଚନା ମୁତାବକ ମିତ୍ତଲଙ୍କ ଘରୁ ରାତି ୮ ଘଣ୍ଟିକା ମଧରେ ୨କୋଟିରୁ ଅଧିକ ଟଙ୍କା ମିଳିସାରିଲାଣି। ସେହିପରି ତାଙ୍କ ଘରୁ ଅଧିକ ପରିମାଣରେ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ମଧ ଜବତ କରାଯାଇଛି। କୁହାଯାଉଛି କି ପୂର୍ବତନ ସିଜିଏମ୍‌ଙ୍କ ଘରୁ ମିଳିଥିବା ଟଙ୍କା ଓ ଅଳଙ୍କାର ବାବଦରେ ସମ୍ପୂର୍ଣ୍ଣ ବିବରଣୀ ବିଭାଗ ପକ୍ଷରୁ ପ୍ରକାଶ କରାଯାଇନାହିଁ।

## ବେଦାନ୍ତ ପକ୍ଷରୁ କ୍ୟାନ୍‌ସର ସ୍କ୍ରିନିଂ ଶିବିର

ଭୁବନେଶ୍ୱର,୯।୭

ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ନିକଟରେ ବେଦାନ୍ତ ବାଲ୍‌କୋ ମେଡିକାଲ ସେଣ୍ଟର (ବିଏମ୍‌ସି) କ୍ୟାନ୍‌ସର ହସ୍ପିଟାଲ ସହଯୋଗରେ କୋରାପୁଟର ଜୟପୁରଠାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ କ୍ୟାନ୍‌ସର ସ୍କ୍ରିନିଂ ଶିବିର ଓ ସଚେତନତା ଅଭିଯାନର ଆୟୋଜନ କରାଯାଇଥିଲା। ଏହି ମାଗଣା ସ୍କ୍ରିନିଂ ଶିବିରକୁ ଜିଲାର ବିଭିନ୍ନ ଅଞ୍ଚଳରୁ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଆସିଥିଲେ। ବିଶେଷକରି ଶିବିର ଜରିଆରେ ବିଭିନ୍ନ ପ୍ରକାର କ୍ୟାନ୍‌ସର ଚିହ୍ନଟ ପରୀକ୍ଷଣ ଯଥା ପାପ୍ ସ୍ମିୟର୍‌ସ ଓ ଓରାଲ ସାଇଟୋଲୋଜିର ସୁବିଧା ଥିବା ଏକ କ୍ୟାନ୍‌ସର ଚିହ୍ନଟ ଭ୍ୟାନ୍‌କୁ ଏକ ସପ୍ତାହ ପାଇଁ ଜୟପୁର ଓ ଆଖପାଖ ଅଞ୍ଚଳର ୪୦ଟି ଗ୍ରାମରେ ମୁତୟନ କରାଯାଇ ୮୦,୦୦୦ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି। ବିଏମ୍‌ସିର ଡାକ୍ତରମାନେ ଲୋକଙ୍କୁ



ମାଗଣା ପରାମର୍ଶ ଦେବା ସହ ସମ୍ଭାବ୍ୟ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। ବେଦାନ୍ତର ଗୋଷ୍ଠୀ ଆଉଟ୍‌ରିଚ୍ ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି.ଶ୍ରୀକାନ୍ତ କହିଛନ୍ତି, ବେଦାନ୍ତରେ ଆମ ସାମାଜିକ ଉଦ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ଗୋଷ୍ଠୀ ସ୍ୱାସ୍ଥ୍ୟ। ଆମର ସ୍ୱାସ୍ଥ୍ୟ ହସ୍ତକ୍ଷେପ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଜରିଆରେ ଡୋର-ଟୁ-ଡୋର ସେବା, ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲାନ୍ସ ସେବା ଇତ୍ୟାଦି ସାମିଲ ରହିଛି। ଯେଉଁଠାରେ ଏହି ସେବା ନିହାତି ଜରୁରୀ ରାଜ୍ୟର ସେଭଳି ଦୁର୍ଗମ ଅଞ୍ଚଳରେ ଏହା ପହଞ୍ଚିଛି।

## ଖିମ୍‌ଜୀ ଜୁଏଲର୍ସରେ ଏଣ୍ଡ୍ ଅଫ୍ ସିଜିନ୍ ସେଲ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୯।୭

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'ଖିମ୍‌ଜୀ ଜୁଏଲର୍ସ'ର ବହୁ ପ୍ରତୀକ୍ଷିତ ଏଣ୍ଡ୍ ଅଫ୍ ସିଜିନ୍ ସେଲ୍ (ଇଓଏସ୍‌ଏସ୍)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଚଳିତ ବର୍ଷ ଜୁଲାଇ ୯ରୁ ଆରମ୍ଭ ହୋଇଥିବା ଏହି ଇଓଏସ୍‌ଏସ୍ ଜରିଆରେ ଗ୍ରାହକମାନେ ଆକର୍ଷଣୀୟ ସୁବିଧା ଓ ଅଫରର ମଧ ଫାଇଦା ଉଠାଇପାରିବେ ବୋଲି ଖିମ୍‌ଜୀ ପକ୍ଷରୁ କୁହାଯାଇଛି। ଚଳିତ ଥର ପ୍ରତିଷ୍ଠାନ ତା'ର ଗ୍ରାହକମାନଙ୍କ ପାଇଁ ଅନେକ ମନଲୋଭା ଅଳଙ୍କାର ଉପରେ ଆକର୍ଷଣୀୟ ଅଫର୍ ପ୍ରଦାନ କରୁଛି। ଏପରିକି ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଥିବାବେଳେ ରୁପାର ଗଢ଼ା ମୂଲ୍ୟ ଉପରେ ୨୫% ଏବଂ ହୀରା ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଓଡ଼ିଶାରେ ଥିବା ଏହାର ସମସ୍ତ ଷ୍ଟୋରରେ ଏହି ଅଫର ଉପଲବ୍ଧ। ଏ ସମ୍ପର୍କରେ ଖିମ୍‌ଜୀ ଗ୍ରୁପ୍‌ର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମେ ଆମର ଗ୍ରାହକମାନଙ୍କ ଆବଶ୍ୟକତାକୁ ବୁଝି ସେମାନଙ୍କ ଟଙ୍କାର ଉଚିତ ମୂଲ୍ୟ ଦେବାରେ ବିଶ୍ୱାସ ରଖିଥାଉ। ଗ୍ରାହକଙ୍କ ପସନ୍ଦ ଓ ଟ୍ରେଣ୍ଡିଂ ଡିଜାଇନ୍ ଏବଂ ଚାହିଦାକୁ ଦୃଷ୍ଟିରେ ରଖି ଇଓଏସ୍‌ଏସ୍ ପାଇଁ ଆମର ବିଭିନ୍ନ ଅଳଙ୍କାର ଉପରେ ସ୍ୱତନ୍ତ୍ର ରିହାତି ମଧ ପ୍ରସ୍ତୁତ କରାଯାଇଛି। ଏହି ଏଣ୍ଡ୍ ଅଫ୍ ସିଜିନ୍ ସେଲ୍‌ରେ ଅଳଙ୍କାର ପ୍ରେମୀମାନେ ନିଶ୍ଚିତ ଭାବେ ସେମାନଙ୍କର ପସନ୍ଦର ଆକର୍ଷଣୀୟ ସୁନା, ରୁପା ଏବଂ ହୀରା ଅଳଙ୍କାର କିଣିବାର ସୁଯୋଗ ପାଇବେ।

KHIMJI
Jewellers since 1936

- ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ୫୦% ପର୍ଯ୍ୟନ୍ତ ରିହାତି
- ରୁପାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି
- ହୀରା ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି

## ବଦଳିବ ଓଟିଟି ପ୍ଲାଟ୍‌ଫର୍ମ ରିଲିଜି ସମୟ

ନୂଆଦିଲ୍ଲୀ,୯।୭

କୋଭିଡ୍ ସମୟରେ ସିନେମା ହଲ୍‌ଗୁଡିକ ବନ୍ଦ ରହିବାରୁ ଉଭୟ ବ୍ୟାନର ଓ ହଲ୍ ମାଲିକମାନେ ବହୁ କ୍ଷତି ସହିଛନ୍ତି। ଏପରିକି ସେ ସମୟରେ ଉଭୟଙ୍କ ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ଓଟିଟି ପ୍ଲାଟ୍‌ଫର୍ମର ଡିମାଣ୍ଡ ବଢ଼ିଯାଇଥିଲା। ଫଳରେ ଫିଲ୍ମ ରିଲିଜ୍ ହେବାର ୪ସପ୍ତାହ ପରେ ଏହା ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେଉଥିବାରୁ ଦର୍ଶକ ମାସକ ମଧରେ ଉକ୍ତ ଫିଲ୍ମ ଦେଖିପାରୁଥିଲେ। ହେଲେ ବର୍ତ୍ତମାନ ଓଟିଟି ପ୍ଲାଟ୍‌ଫର୍ମରେ ଫିଲ୍ମ ଦେଖିବାକୁ ହେଲେ ୪ ସପ୍ତାହ ବଦଳରେ ୮ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

## ଭିଆଇଟିର ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାଫଳ ଘୋଷିତ

ନୂଆଦିଲ୍ଲୀ,୯।୭

ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି) ପକ୍ଷରୁ ଆୟୋଜିତ ଭିଆଇଟି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା (ଭିଆଇଟିଇଇଇ) ର ଫଳାଫଳ ୮ ଜୁଲାଇରେ ଘୋଷଣା କରାଯାଇଛି। ଉକ୍ତ ପ୍ରବେଶିକାର ସମସ୍ତ ଆବେଦନକାରୀ ସେମାନଙ୍କର ଫଳାଫଳ ସମ୍ପର୍କରେ ଅବଗତ ହେବା ପାଇଁ 'www.vit.ac.in'ରେ ଯାଞ୍ଚ କରିପାରିବେ ବୋଲି ଭିଆଇଟି ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଉକ୍ତ ପ୍ରବେଶିକା ପରୀକ୍ଷାରେ ଏକ ଲକ୍ଷ ର୍ୟାଙ୍କ ମଧରେ ରହିଥିବା ସମସ୍ତ ର୍ୟାଙ୍କଧାରୀମାନେ ଚଳିତ ବର୍ଷ ଜୁଲାଇ ୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ଭିଆଇଟି କାଉନସେଲିଂ ପ୍ରକ୍ରିୟାରେ ଭାଗନେବାକୁ ଯୋଗ୍ୟ। ଏ ସମ୍ପର୍କିତ ସମସ୍ତ ସୂଚନା ଭିଆଇଟି ୱେବ୍‌ସାଇଟ୍‌ରେ ନିର୍ଦ୍ଦିଷ୍ଟ ବିବରଣୀ ସହ ଉପଲବ୍ଧ ରହିଛି। ଏପରିକି ୧ଲକ୍ଷରୁ ଅଧିକ ର୍ୟାଙ୍କ ହାସଲ କରିଥିବା ଆବେଦନକାରୀମାନେ ଭିଆଇଟି-ଏପି ଏବଂ ଭିଆଇଟି-ଭୋପାଳ ସେଣ୍ଟରରେ ଆଡମିଶନ ପାଇବାକୁ ଯୋଗ୍ୟ। ସେହିଭଳି ଏହାର ଅନ୍‌ଲାଇନ କାଉନସେଲିଂରେ ଅଂଶଗ୍ରହଣ କରିବାକୁ ଏବଂ ଆବଣ୍ଟନ ନିଶ୍ଚିତ କରିବାକୁ ସର୍ବାଧିକ ସଂଖ୍ୟକ ପସନ୍ଦ ପ୍ରଦାନ ପାଇଁ ଭିଆଇଟି ଆବେଦନକାରୀଙ୍କୁ ଉତ୍ସାହିତ କରିଛି। ଚଳିତ ବର୍ଷ ସେପ୍ଟେମ୍ବର ୨ୟ ସପ୍ତାହ ମଧରେ ଏହାର କ୍ଲାସ୍ ଆରମ୍ଭ ହେବା ସମ୍ଭାବନା ରହିଛି। ସେହିପରି ଜି ଭି ବିଦ୍ୟାଳୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ରୀୟ ଏବଂ ରାଜ୍ୟ ବୋର୍ଡରେ ଦ୍ୱାଦଶ ଶ୍ରେଣୀ ଶ୍ରେଷ୍ଠ ପରୀକ୍ଷାର୍ଥୀଙ୍କୁ ଆସନ୍ତା ୪ବର୍ଷ ପାଇଁ ୧୦୦% ଫି ଛାଡ଼ ଥିବା ବେଳେ ୫୦ ପର୍ଯ୍ୟନ୍ତ ର୍ୟାଙ୍କ ଥିବା ପ୍ରାର୍ଥୀଙ୍କୁ ୭୫% ଟ୍ୟୁଶନ ଫି ଛାଡ଼ କରାଯିବ। ଅପରପକ୍ଷରେ ୫୧ରୁ ୧୦୦ ର୍ୟାଙ୍କଧାରୀଙ୍କୁ ୫୦% ଟ୍ୟୁଶନ ଫି ଛାଡ଼ ଏବଂ ୧୦୧ରୁ ୧୦୦୦ ମଧରେ ଥିବା ବିଦ୍ୟାର୍ଥୀଙ୍କୁ ୨୫% ଟ୍ୟୁଶନ ଫି ଛାଡ଼ କରାଯିବ। ତାମିଲନାଡୁ, ମଧ୍ୟପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶର ସମସ୍ତ ଜିଲାର ଦ୍ୱାଦଶ ଶ୍ରେଣୀ ଟପ୍ପର୍ସ (ଗୋଟିଏ ପୁଅ ଏବଂ ଗୋଟିଏ ଝିଅ) ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ୧୦୦% ଫି ଛାଡ଼ ଏବଂ ଷ୍ଟାରସ ଅଧୀନରେ ହଷ୍ଟେଲ ଏବଂ ମେସ୍ ଫି ଛାଡ଼ କରାଯିବ।

ଫୁର୍‌ସତ୍

## ବିପଦରେ ୧୩ଶହ ପ୍ରଜାତି ସ୍ତନ୍ୟପାୟୀ ପ୍ରାଣୀ

ନୂଆଦିଲ୍ଲୀ



ବିଶ୍ୱରେ ୧୨ ପ୍ରତିଶତ ବୃକ୍ଷ ଏବଂ ୧୩୪୧ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କ ଜୀବନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଜଙ୍ଗଲର ପାରିପାର୍ଶ୍ୱିକ ସ୍ଥିତିରେ ପରିବର୍ତ୍ତନ ସାଙ୍ଗକୁ ଶିକାରର ଡର ସେମାନଙ୍କଠାରେ ଦେଖାଦେଉଛି। ଇଣ୍ଟରଗଭର୍ନମେଣ୍ଟ ସାଇନ୍ସ-ପଲିସି ପ୍ଲାଟ୍‌ଫର୍ମ ଅନ୍ ବାୟୋଡାଇଭରସିଟି ଆଣ୍ଡ ଇକୋସିଷ୍ଟମ ସରଭିସେସ୍ (ଆଇପିବିଇଏସ୍) ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ଉକ୍ତ ତଥ୍ୟ ପ୍ରକାଶ ପାଇଛି। ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ କାରଣରୁ ବନ୍ୟପ୍ରାଣୀ ଓ ବୃକ୍ଷଙ୍କ ଉପରେ ଏହାର କୁପ୍ରଭାବ ପଡିଛି। ଅନ୍ୟପଟେ ଦେଖିବାକୁ ଗଲେ ମନୁଷ୍ୟଙ୍କ ଉପରେ ଏହାର ନାକାରାତ୍ମକ ପ୍ରଭାବ ପଡୁଥିବା ଦେଖିବାକୁ ମିଳିଛି। ବିକାଶିତ ରାଷ୍ଟ୍ରଗୁଡ଼ିକରେ ବନ୍ୟଜନ୍ତୁ ଏବଂ ବୃକ୍ଷ କ୍ଷେତ୍ରରେ ବିପଦ ଅଧିକ ବଢ଼ିବାର ଦେଖାଯାଉଛି। ଉକ୍ତ ରାଷ୍ଟ୍ରଗୁଡ଼ିକର ଲୋକେ ରୋଜଗାର ଏବଂ ଖାଦ୍ୟ ପାଇଁ ବିଶେଷକରି ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଜଙ୍ଗଲଜାତ ଦ୍ରବ୍ୟର ପରିମାଣ କମିବାରେ ଲାଗିଛି। ଉତ୍ପାଦିତ ଦ୍ରବ୍ୟରୁ ମନୁଷ୍ୟ ନିଜର ହିତ ସାଧନ କରୁଥିବାବେଳେ ବନ୍ୟଜନ୍ତୁ ଖାଦ୍ୟ ଅଭାବରେ ପ୍ରାଣ ହରାଉଥିବା ଦେଖାଯାଉଛି। ଖାଲି ଜଙ୍ଗଲ ନୁହେଁ, ସାମୁଦ୍ରିକ ପ୍ରାଣୀଙ୍କ ଜୀବନ ମଧ ଏବେ ବିପନସଙ୍କୁଳ ଅବସ୍ଥାରେ ରହିଛି। ବିଶେଷକରି ଅନେକ ସମୟରେ ସମୁଦ୍ରରେ ରହୁଥିବା ସାର୍କ ପରି ବଡ଼ ପ୍ରଜାତିର ପ୍ରାଣୀ ଜାଲରେ ପଡ଼ିବାରେ ଲାଗିଛନ୍ତି। ଆଇପିବିଏସ୍ ରିପୋର୍ଟ ଅନୁସାରେ ୧୯୭୦ ମସିହା ପରଠାରୁ ସମୁଦ୍ରରେ ସାର୍କ ସଂଖ୍ୟା କମିବାରେ ଲାଗିଛି। ସାମୁଦ୍ରିକ ବିଶାଳ ମାଛଙ୍କ ୩୪ ପ୍ରତିଶତ ମାଛ ଧରାଳିଙ୍କ ଜାଲରେ ପଡୁଥିବାବେଳେ ୯୯ ପ୍ରତିଶତ ସାର୍କ ଓ ଅନ୍ୟ ପ୍ରଜାତିର ମାଛ ସବୁ ଅଜାଣତରେ ଧରାଯାଉଥିବାବେଳେ ବଜାରରେ ସେମାନଙ୍କ ଚାହିଦା ବଢିବା ସହ ମୂଲ୍ୟ ମଧ ବୃଦ୍ଧି ପାଇଛି। ରିପୋର୍ଟ ମୁତାବକ ୪୪୯ ପ୍ରଜାତିର ସାମୁଦ୍ରିକ ମାଛ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି।

## ଆକ୍ସନ ଫିଲ୍ମରେ ମାନୁଷୀ

ମୁମ୍ବାଇ



ଆଗାମୀ ଦିନରେ ଆକ୍ସନ ଫିଲ୍ମରେ ଦେଖାଯିବେ ବଲିଉଡ୍ ଅଭିନେତ୍ରୀ ମାନୁଷୀ ଛିଲର। ବିଶ୍ୱ ସୁନ୍ଦରୀ ବିଜୟିନୀ ମାନୁଶି ଶନିବାର ନିଜର ଆଉ ଏକ ବଲିଉଡ୍ ପ୍ରୋଜେକ୍ଟ ସାଇନ୍ କରିଛନ୍ତି। ତେବେ ଏହା ଏକ ଆକ୍ସନ ମୁଭି ହୋଇଥିବାବେଳେ ବିକି କୌଶାଳ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ବୋଲି ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଗତମାସରେ ମାନୁଶିଙ୍କ ଦ୍ୱାରା ଅଭିନୀତି ଫିଲ୍ମ 'ପୃଥ୍ୱୀରାଜ' ରିଲିଜ୍ ହୋଇଥିଲା। ଅକ୍ଷୟ କୁମାରଙ୍କ ସହ ସେ ଫିଲ୍ମରେ ଅଭିନୟ କରିଥିଲେ। ତେବେ ଏହି ଚଳଚ୍ଚିତ୍ରଟି ସେତେ ସଫଳ ହୋଇ ନ ଥିଲା। କିନ୍ତୁ ଅକ୍ଷୟ କୁମାରଙ୍କ ସହ କାମ କରି ସେ ବହୁ ଜିନିଷ ଶିଖିଥିବା କହିଛନ୍ତି। ବିକି କୌଶାଲ ମଧ ବଲିଉଡ୍ ଇଣ୍ଡଷ୍ଟ୍ରିର ଜଣେ ବେଶ୍ ଜଣାଶୁଣା ନୟକ। ଫିଲ୍ମ ଉରି ଜରିଆରେ ତାଙ୍କୁ ବଲିଉଡ୍ ଇଣ୍ଡଷ୍ଟ୍ରିରେ ସଫଳତା ମିଳିଥିଲା। ତେବେ ଏହା ମାନୁଶିଙ୍କ ଦ୍ୱାରା ଅଭିନୀତ ତୃତିୟ ଫିଲ୍ମ ହୋଇଥିବାବେଳେ ଦ୍ୱିତୀୟ ଫିଲ୍ମର ଟାଇଟଲ ଏ ପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ।

## ଆଫ୍ରିକା ଗଧ ଚୋରିକରି ଔଷଧ ତିଆରି କରୁଛି ଚାଇନା



ଜୋହାନ୍ସବର୍ଗ

ଗଧ ଚର୍ମରୁ ଏକ ବିଶେଷ ପ୍ରକାର ଔଷଧ ଚାଇନା ତିଆରି କରୁଛି। ଏହି ଔଷଧର ନାମ 'ଇଜିଆଓ', ଯାହାର ବ୍ୟବହାର ଦ୍ୱାରା ଶରୀର ସୁସ୍ଥ ରହିବା ସହ ତ୍ୱଚାର ଚମକ ମଧ ବୃଦ୍ଧି ପାଇଥାଏ। ତେବେ ଚାଇନାରେ ଏହାର ଚାହିଦା ଅଧିକ ଥିବାବେଳେ ଔଷଧ ତିଆରି ପାଇଁ ଆବଶ୍ୟକ ଗଧ ଆଫ୍ରିକାରୁ ଚୋରି କରିଆଣୁଥିବା ଖବର ପ୍ରକାଶ ପାଇଛି। ବ୍ରିଟେନର ଏକ ଚ୍ୟାରିଟିରେ କାର୍ଯ୍ୟରତ ସିମୋନ ପୋପ୍ ଏ କଥା ଗଣମାଧ୍ୟମକୁ କହିଛନ୍ତି। ଚାଇନାର ଲୋକପ୍ରିୟ କାର୍ଯ୍ୟକ୍ରମ 'ଇମ୍ପ୍ରେସେସ୍ ଇନ୍ ଦ ପ୍ୟାଲେସ୍'ର କଳାକାର 'ଇଜିଆଓ' ବ୍ୟବହାର କରୁଥିବା କଥା ଯେତେବେଳେ ଗଣମାଧ୍ୟମରେ କହିଥିଲେ ସେତେବେଳେ ଏ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଇଗିଆଓ ଡଙ୍କି ଗ୍ଲୁ ଭାବେ ମଧ ବେଶ୍ ଜଣାଯାଏ। ଏହାକୁ ଉଭୟ ଔଷଧ ଏବଂ ଟୋନିକ୍ ଭାବେ ଚାଇନାର ଲୋକେ ବ୍ୟବହାର କରନ୍ତି। ୨୦୧୧ ପରଠାରୁ ଦେଶରେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ତେବେ ଲୋକଙ୍କ ଚାହିଦାକୁ ପୂରା କରିବା ପାଇଁ ଚାଇନାରେ ଆବଶ୍ୟକ ପରିମାଣର ଗଧ ନାହାନ୍ତି। ଏ ନେଇ ଚାଇନା ବିଦେଶରୁ ଗଧ ଆମଦାନୀ କରିବା ଆରମ୍ଭ କରିଥିଲା। ଇଜିଆଓ ତିଆରି ପାଇଁ ବାର୍ଷିକ ୫ ମିଲିୟନ ଗଧର ଆବଶ୍ୟକତା ଥିବାବେଳେ ଏଥିରୁ ୨ ମିଲିୟନ ଚାଇନା ରୁ ସଂଗ୍ରହ କରୁଥିବାବେଳେ ୩ ମିଲିୟନ ବିଦେଶରୁ ଆମଦାନୀ କରେ। ଏହାର ୨୫ରୁ ୩୫ ପ୍ରତିଶତ ଗଧ ଆଫ୍ରିକାରୁ ଚୋରି କରିଆଣୁଥିବା ସିମୋନ ପୋପ୍ କହିଛନ୍ତି। ଆଫ୍ରିକାରେ ଅଧିକ ମାତ୍ରାରେ ଗଧ ଚୋରି ହେଉଥିବା ଗଧପାଳକମାନେ ଅଭିଯୋଗ ଆଣିଛନ୍ତି। ଦେଶରେ ଗଧଙ୍କ ସଂଖ୍ୟା କମିବା ଆରମ୍ଭ ହୋଇଥିବାବେଳେ ଗତମାସରେ ତାଞ୍ଜାନିଆ ସରକାର ଗଧ ହତ୍ୟା ଉପରେ ରୋକ୍ ଲାଗାଇଛନ୍ତି। ଏଥିସହ ଗଧମାନଙ୍କ ବିଦେଶ ରପ୍ତାନି ମଧ ବନ୍ଦ କରାଯାଇଛି।

## ଯିଶୁଙ୍କୁ ସର୍ବୋଚ୍ଚ କହିବାରୁ ଫାଶୀଦଣ୍ଡ



ଇସଲାମାବାଦ୍

ପାକିସ୍ତାନର ଗ୍ୟାରେଜ୍ ମେକାନିକ୍ ମାସିହଙ୍କୁ ଲାହୋର କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ଦେଶନିନ୍ଦା ମାମଲାରେ ୨୦୧୭ରେ ମାସିହଙ୍କୁ ପାକିସ୍ତାନ ପୋଲିସ ଗିରଫ କରିଥିଲା। ମାସିହ ଜଣେ ମୁସଲାମାନ ବ୍ୟକ୍ତିଙ୍କ ବାଇକ୍ ସଜାଡିଥିଲେ। ଏ ନେଇ ସେ ଯେତେବେଳେ ଉକ୍ତ ବ୍ୟକ୍ତିଙ୍କୁ ନିଜ ପାରିଶ୍ରମିକ ମାଗିଥିଲେ, ସେତେବେଳେ ବ୍ୟକ୍ତି ଜଣକ ଟଙ୍କା ଦେବାକୁ ମନା କରିଦେଇଥିଲେ। ଉଭୟଙ୍କ ମଧରେ ବଚସା ହେବା ପରେ ଟଙ୍କାକୁ ନେଇ ଜୋର ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ବ୍ୟକ୍ତି ଜଣକ ନିଜକୁ ମୁସଲମାନ ଧର୍ମଗୁରୁ କହିଥିବାବେଳେ ମାସିହ ମୁସଲମାନ ଧର୍ମରେ ବିଶ୍ୱାସ କରୁ ନ ଥିବା ଏବଂ ଯିଶୁଖୀଷ୍ଟ ସର୍ବୋଚ୍ଚ ବୋଲି କହିଥିଲେ। ସେ ମୁସଲମାନ ଧର୍ମ ପ୍ରଚାରକ ପ୍ରଫେଟ ମହମ୍ମଦଙ୍କୁ ଅସମ୍ମାନ ସାଙ୍ଗକୁ ଦେଶନିନ୍ଦା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିନେଇଥିଲା। ମାମଲା ନ୍ୟାୟାଳୟରେ ପହଞ୍ଚିଲା। ସାକ୍ଷ୍ୟ ପ୍ରମାଣର ଅଭାବ ଓ ପ୍ରତିପକ୍ଷ ଙ୍କ ଓକିଲ କୋର୍ଟରେ ହାଜର ନ ହେବା କାରଣରୁ ମାମଲାର ଶୁଣାଣି ସ୍ଥଗିତ କରାଗଲା। ଏଭିତରେ ମାସିହଙ୍କ ମା', ସ୍ତ୍ରୀ ଓ ଝିଅ ଲାହୋର ଛାଡ଼ିଦେଲେ। ୨୦୧୯ରେ ମା'ଙ୍କ ମୃତ୍ୟୁ ହେବା ଯୋଗୁ ମାସିହଙ୍କୁ ପାରୋଲ ମିଳିଥିଲା।

# ଦକ୍ଷିଣମୋଡ଼ ହେଲା ବ୍ରହ୍ମ ତାଳଧ୍ୱଜ





ତିନି ଠାକୁରଙ୍କୁ ପହଣ୍ଡି କରି ରଥ ପାଖକୁ ଅଣାଯାଉଛି।

## ରତ୍ନ ସିଂହାସନକୁ ଫେରିଲେ ଚତୁର୍ଦ୍ଧାମୂର୍ତ୍ତି

**ରସୁଲପୁର,୯।୭ (ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ନଅ ଦିନିଆ ମାଉସୀ ମା' ଘରକୁ ଯାତ୍ରା ଶେଷ ହୋଇଛି। ପ୍ରଭୁ ଲିଳାଖେଳା ସାରି ସିଂହାସନକୁ ଫେରିଛନ୍ତି। ସିଂହାସନ ଛାଡ଼ି ଯାତ୍ରାରେ ଆସିଥିବା ପ୍ରଭୁଙ୍କ ଦେଉଳ ଶ୍ରୀହୀନ ହୋଇପଡ଼ିଥିଲା। ପ୍ରଭୁ ଫେରି ଆସୁଥିବାରୁ ମନ୍ଦିର ପରିସର ଚଳଚଞ୍ଚଳ ହୋଇଉଠିଛି। ଫେରିବା ବାଟକୁ ଚାହିଁ ରହିଥିଲେ ପାର୍ଶ୍ୱ ଦେବଦେବୀ। ଖାଲିପଡିଥିବା ସିଂହାସନ ସୁସଜ୍ଜିତ ହୋଇଉଠିଛି। ପ୍ରଭୁଙ୍କ ପାଇଁ ମନ୍ଦିରରେ ନାନା ପ୍ରକାର ବିଧିବ୍ୟବସ୍ଥା ପୂର୍ବକ ପୂଜାର୍ଚ୍ଚନା କରାଯାଇଛି। ତେଣେ ମାଉସୀ ମା'ଘରୁ ସୁସଜ୍ଜିତ ରଥକୁ ଆଣିବାରେ ପରିଚାଳନା କମିଟିଗୁଡିକ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ପରମ୍ପାରିକ ରୀତିନୀତିର ସହ ପ୍ରଭୁଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ କରାଯାଇଥିଲା। ଭକ୍ତ ରଥକୁ ଟାଣିଆଣି ଆଣି ମନ୍ଦିର ସମ୍ମୁଖରେ ପହଞ୍ଚାଇ ଦେଇଥିଲେ। ବ୍ଲକ ଅଧୀନ ଭୋଟକା ପଞ୍ଚାୟତର ଇଚ୍ଛାପୁର, କୁଆଖିଆ ବାଜର, ନରସିଂହପୁର ପଞ୍ଚାୟତର ହରିପୁର ଜଗନ୍ନାଥ ମଠ, ସିଂହାପୁର ପଞ୍ଚାୟତର ଜଗନ୍ନାଥପୁର ଓ ଶ୍ରୀବନ୍ତପୁର ଆଦି ସ୍ଥାନରେ ଉକ୍ତ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ବାହୁଡ଼ା ଯାତ୍ରାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



କୁଆଖିଆ ବଜାର ରଥକୁ ଭକ୍ତ ଟାଣୁଛନ୍ତି।

## ରଥାରୂଢ଼ ହେଲେ ଶ୍ରୀଜୀଉ

**କେନ୍ଦ୍ରାପଡ଼ା ଅଫିସ, ୯।୭**

ତୁଳସୀକ୍ଷେତ୍ରର କ୍ଷେତାଧିପତି ଶ୍ରୀବଳଦେବ ଜୀଉଙ୍କ ମନ୍ଦିରକୁ ବାହୁଡା ଯାତ୍ରା ଶନିବାର ଆରମ୍ଭ ହୋଇଛି। ବାହୁଡା ଦଶମୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସକାଳ ୬ଟାରେ ଇଚ୍ଛାପୁରସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି କରାଯାଇଥିଲା । ୮ଟା ୩୦ରେ ଗୋପାଳବଲ୍ଲଭ ଧୂପ, ମଧ୍ୟାହ୍ନରେ ଖେଚୁଡି ଧୂପ ପରେ ସେନାପଟା ଲାଗି କରାଯାଇଥିଲା । ଅପରାହ୍ନ ୨ଟାରେ ଶ୍ରଦ୍ଧାଳୁ ଓ ଜିଲା ପୋଲିସ ବାହିନୀ ବ୍ରହ୍ମ ତାଳଧ୍ୱଜ ରଥକୁ ଦକ୍ଷିଣମୋଡ କରିଥିଲେ । ସନ୍ଧ୍ୟା ୬ଟାରେ ମନ୍ଦିରର ବାହୁଡା ଦ୍ୱାର ବାଟ ଦେଇ ଧାଡ଼ି ପହଣ୍ଡିରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରା ଯାଇଥିଲା । ଅନ୍ୟାନ୍ୟ ରୀତିନୀତି ଅନୁଯାୟୀ ଆଳତି ଓ ପୂଜାର୍ଚ୍ଚନା ହୋଇଥିଲା । ତେବେ ଶ୍ରୀଜୀଉଙ୍କ ପରମ୍ପରା ଅନୁଯାୟୀ ଏକାଦଶୀ ତିଥିର ଅପରାହ୍ନ ୨ଟାରେ ରଥ ଟଣାଯିବ ବୋଲି ସେବାୟତ ଲଳିତ କୁମାର କର ସୂଚନା ଦେଇଛନ୍ତି । ଟ୍ରଷ୍ଟି ବଳରାମ ସୁଆର, ରଞ୍ଜନ କୁମାର ପୃଷ୍ଟି, ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, କାଉନସିଲର କାଳିପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ଶ୍ରଦ୍ଧାଳୁଙ୍କ ଗହଳି ଥିବାରୁ ମନ୍ଦିର ଓ ରଥଦାଣ୍ଡରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।



ରଥକୁ ଶ୍ରଦ୍ଧାଳୁମାନେ ଦକ୍ଷିଣମୋଡ଼ କରୁଛନ୍ତି।

## ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

**ଧର୍ମଶାଳା,୯।୭(ଡି.ଏନ.ଏ.)**

ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ ମାଉସୀ ମା' ଘରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ୯ଦିନ ରହଣି ପରେ ଶନିବାର ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେବାୟତ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରି ପାଛୋଟି ଆଣିଥିଲେ। ଧର୍ମଶାଳା ମୁନ୍‌ସୀ ମିଳନ କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧର୍ମଶାଳା ହାଟପଡ଼ିଆସ୍ଥିତ ମାଉସୀ ମା' ମନ୍ଦିରରେ ଅନୁଷ୍ଠିତ ବାହୁଡ଼ା ଯାତ୍ରାରେ ଅପରାହ୍ନ ସାଢେ ୩ଟାରୁ ରଥଟଣା ହୋଇଥିଲା। ରଥ ଧର୍ମଶାଳା ବଜାର, ଶାନ୍ତିବଜାର, ବୁଦ୍ଧଛକ, ଜାରକା ବଜାର ଦେଇ ଭାଲୁଖାଇ ମନ୍ଦିର ପରିସରରେ ପହଞ୍ଚିଥିଲା। ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ରଥ ଟାଣିଥିଲେ। ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ରୋଟାରି କ୍ଲବ ଜାରକା ଓ ଇନରହୁଇଲଲ କ୍ଲବ ପକ୍ଷରୁ ମିଳିତ ଭାବେ ରଥ ଟାଣୁଥିବା ଭକ୍ତଙ୍କୁ ଖେଚୁଡ଼ି ପ୍ରସାଦ ବଣ୍ଟନ କରାଯାଇଥିଲା। ରୋଟାରି କ୍ଲବ୍ ସଭାପତି ପ୍ରମୋଦ କୁମାର ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ ଓ ଇନରହୁଇଲ କ୍ଲବର ସଭାପତି ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁନ୍‌ସୀମିଳନ କମିଟି ସମ୍ପାଦକ ଜଳଧର ମହାନ୍ତି, ବସନ୍ତ ପରିଡ଼ା, ସୁଦୀପ୍ତ ସ୍ୱାଇଁ, ମନ୍ଦିର କମିଟି ପକ୍ଷରୁ ପ୍ରସନ୍ନ ବରାଳ, ଇନ୍ଦ୍ରମଣି ମହାନ୍ତି, ଅନିରୁଦ୍ଧ ରାଉତ ଓ ସବ୍ୟସାଚୀ ବେହେରାଙ୍କ ସମେତ ଧର୍ମଶାଳା ପୋଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ଉକ୍ତ ବ୍ଲକର ପାଟପୁର ବଳଦେବଜୀଉ ମଠ, ଗଡ଼ମଧୁପୁର ଜଗନ୍ନାଥ, ଚଉଶଠିପଡ଼ା ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି।



ଧର୍ମଶାଳା ହାଟପଡ଼ିଆସ୍ଥିତ ମାଉସୀ ମା' ମନ୍ଦିରରୁ ଶ୍ରୀଜୀଉ ଫେରୁଛନ୍ତି।



ତିନି ଠାକୁର ମାଉସୀ ମା' ମନ୍ଦିରରୁ ଫେରୁଛନ୍ତି।

## ଫେରିଲେ ମହାବାହୁ

**ଚଣ୍ଡିଖୋଲ,୯।୭(ଡି.ଏନ୍.ଏ.)**

ବାହୁଡ଼ା ଯାତ୍ରା ଅବସରରେ ଶନିବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଛତିଆଠାରେ ତିନି ରଥ ମାଉସୀ ମା' ଘରୁ ଫେରିଛନ୍ତି। ମହାପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଧରି ତିନି ରଥରେ ବଡ଼ଘୁମୁରୀ ମାଉସୀ ମା' ମନ୍ଦିରରୁ ଛତିଆକୁ ଦୀର୍ଘ ୧୧କିଲୋମିଟର ଯାତ୍ରା କରିଛନ୍ତି। ଏହି ବାହୁଡ଼ା ଯାତ୍ରା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ମାଜିଷ୍ଟ୍ରେଟ୍ ଦାୟିତ୍ୱ ତୁଲାଇଥିବାବେଳେ ବଡ଼ଚଣା ଓ ବୈରୀ ଥାନା ତରଫରୁ ଆଇନ ଶୃଙ୍ଖଳା ରକ୍ଷା କରାଯାଇଥିଲା। ବଡ଼ଘୁମୁରୀ ମାଉସୀ ମା' ମନ୍ଦିରରୁ ୧୬ନମ୍ବର ଜାତୀୟ ରାଜପଥ ଦେଇ ଦୀର୍ଘ ୧୧କିଲୋମିଟର ଯାତ୍ରା ସର୍ବାଧିକ ଦୀର୍ଘ ପଥ ଯାତ୍ରା ବୋଲି ଜଣାପଡ଼ିଛି।

## ଗଡ଼ମଧୁପୁରଠାରେ ବାହୁଡ଼ାଯାତ୍ରା



**ଚଢ଼େଇଧରା,୯।୭(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପ୍ରସିଦ୍ଧ ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୯ଦିନ ମାଉସୀ ମା'ଘରେ ରହିବା ପରେ ଶନିବାର ମନ୍ଦିରକୁ ବାହୁଡିଛନ୍ତି ଠାକୁର। ତିନିଦିଆ ରାଜପୁରୋହିତ ନୀଳାମ୍ବର ପତି ସମସ୍ତ ନିତିକାନ୍ତି କରିବାପରେ ଅପରାହ୍ନ ୩ଟାରେ ରାଜ ବିରାଦାରମାନେ ଶ୍ରୀଜୀଉମାନଙ୍କୁ ରଥାରୂଢ କରାଇଥିଲେ। ରାଣୀ ଅପର୍ଣ୍ଣାଧୀର ସିଂ ଭରଦ୍ୱାଜ ଛେରା ପହଁରା କରିବା ପରେ ମଧୁପୁର ଗଡ଼ ରଥଦାଣ୍ଡରେ ରଥ ଆଗକୁ ଗଡିଥିଲା। ଝିପି ଝିପି ବର୍ଷାରେ ଭକ୍ତ ରଥକୁ ମନ୍ଦିର ଆଡକୁ ଟାଣି ନେଇଥିଲେ। ଏଥିରେ ହଜାରହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଜେନାପୁର ଥାନାଧିକାରୀ ଉମାକାନ୍ତ ନାୟକ ଆଇନଶୃଙ୍ଖଳା ରକ୍ଷା ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ମୀନାବଜାର ସାଙ୍ଗକୁ ଅନେକ ଦୋକାନ ବଜାର ଖୋଲି ଥିବାରୁ ଶ୍ରଦ୍ଧାଳୁ ବିଭିନ୍ନ ସାମଗ୍ରୀ କିଣାକିଣି କରିଥିଲେ।

## ଧାନକୁଦ ପୀଠ: ବାହୁଡ଼ିଲେ ମହାବାହୁ

**ବିରିଡି/ବାଲିଆ,୯।୭(ଡି.ଏନ.ଏ)**

ବିରିଡି ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହାଜିପୁରସ୍ଥିତ ମାଳିକା ପ୍ରସିଦ୍ଧ ମହାପୁରୁଷ ପଞ୍ଚସଖାଙ୍କ ସାଧନାର କ୍ଷେତ୍ର ଧାନକୁଦ ପୀଠରେ ଶ୍ରୀଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ଉପଲକ୍ଷେ ମାଉସୀ ମା' ମନ୍ଦିରରେ ପ୍ରଭାତରୁ ଦ୍ୱାରଫିଟା, ମଙ୍ଗଳ ଆଳତି, ମଇଲମ, ତଡପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସକାଳ ଧୂପ, ସେନାପଟ୍ଟା ଲାଗି, ମଙ୍ଗଳାର୍ପଣ, ଆଦି ରୀତିନୀତି କରାଯାଇ ପହଣ୍ଡିରେ ପ୍ରଭୁ ସୁଦର୍ଶନ, ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କୁ ଅଣାଯାଇ ରଥାରୂଢ କରାଯାଇଥିଲା। ଚିତାଲାଗି ସହ ରଥରେ ବେଦମନ୍ତ୍ର ପାଠ କରାଯାଇଥିଲା। ଧାନକୁଦ ପୀଠ ଶଙ୍କରାଚାର୍ଯ୍ୟ ଅରକ୍ଷିତ ବାବାଙ୍କ ରଥ ପରିକ୍ରମା କରିଥିଲେ। ପରେ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦୀଙ୍କ ଦ୍ୱାରା ଛେରା ପହଁରା କରାଯିବାପରେ ଚାରମାଳ ଫିଟା, ଘୋଡା, ସାରଥି ଲାଗିଥିଲା। ମନ୍ଦିରର ବିଶ୍ୱାବସୁ ବିଭୁଦତ୍ତ ସାହୁଙ୍କ ନେତୃତ୍ୱରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଠାରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇ ରଥରେ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ଭକ୍ତମାନେ ମାଉସୀ ମା' ମନ୍ଦିରରୁ ରଥକୁ ଟାଣି ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ। ସେଠାରେ ରବିବାର ସୁନାବେଶ, ସୋମବାର ଅଧରପଣା ଓ ମଙ୍ଗଳବାର ନୀଳାଦ୍ରିବିଜେ କରାଯିବ। ଏଥିରେ ମନ୍ଦିରର ସମସ୍ତ ସେବାୟତ ସହଯୋଗ କରିଥିଲେ। ସେହିପରି ଅଡଙ୍ଗଗଡ ମହାପୁରୁଷ ଯଶୋବନ୍ତ ଦାସଙ୍କ ଗାଦିରେ ବାହୁଡାଯାତ୍ରା କରାଯାଇଥିଲା ।



ଠାକୁରଙ୍କୁ ପହଣ୍ଡିରେ ନିଆଯାଉଛି।



ମାଉସୀ ମା' ଘରୁ ଫେରି ମନ୍ଦିର ସମ୍ମୁଖରେ ତିନି ଠାକୁର।

## ମନ୍ଦିରକୁ ଫେରିଲେ ତିନି ଠାକୁର

**ଯାଜପୁର ଟାଉନ,୯।୭(ଡି.ଏନ.ଏ.)**

ଯାଜପୁର ସହରରେ ଶାନ୍ତିଶୃଙ୍ଖଳା ସହ ବାହୁଡ଼ା ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ମାଉସୀ ମା' ମନ୍ଦିରରୁ ୩ ରଥ ବାହୁଡ଼ା ଯାତ୍ରା ଶେଷ କରି ବୈତରଣୀ ନଦୀକୂଳର ଦଶାଶ୍ୱମେଧ ଘାଟ ଜଗନ୍ନାଥ ମନ୍ଦିରକୁ ଫେରିଛନ୍ତି।

ସଦାବତ୍ର ମଠ ମହନ୍ତ ପ୍ରଶାନ୍ତ କୁମାର ଦାଶ ଛେରା ପହଁରା କରିବା ପରେ ପୂଜକ ବାସୁଦେବ ପାଣି, ଜଗନ୍ନାଥ ପାଣି, ଅନନ୍ତ ବାସୁଦେବ ପାଣି, ସୁଦର୍ଶନ ପାଣି ପ୍ରମୁଖ ପୂଜା କାର୍ଯ୍ୟ ସଂଚାଳନ କରିଥିଲେ। ପରେ ବଡ଼ଶାସନର ବ୍ରାହ୍ମଣଙ୍କ ଦ୍ୱାରା ଠାକୁରମାନଙ୍କୁ ପହଣ୍ଡି କରାଯାଇ ରଥକୁ ଅଣାଯାଇଥିଲା। ୯ ଦିନ ଧରି ମାଉସୀ ମା' ମନ୍ଦିରରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରୀତିନୀତି ଅନୁଯାଇ ପୂଜା ଓ ନୈବେଦ୍ୟ ଅର୍ପଣ କରାଯାଉଥିଲା। ଏହି ୯ ଦିନ ମାଉସୀ ମା' ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜା ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ଦିନଗୁଡ଼ିକରେ ମାଉସୀ ମା' ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାହୁଡା ଯାତ୍ରା ଦେଖିବା ପାଇଁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ ଜମି ଥିଲା। ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ରଥକୁ ପୁରୁଷ ଭକ୍ତମାନେ ଟାଣୁଥିବା ବେଳେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଶ୍ରଦ୍ଧାଳୁ ଟାଣୁଥିବା ଦେଖିବାକୁ ମିଳିଥିଲା। ମନ୍ଦିର ଟ୍ରଷ୍ଟ ପକ୍ଷରୁ ତହସିଲ କାର୍ଯ୍ୟାଳୟର କର୍ମଚାରୀ ଓ ଯାଜପୁର ଥାନା ଅଧିକାରୀ ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତି ରହି ଆଇନ ଶୃଙ୍ଖଳା ଉପରେ ନଜର ରଖିଥିଲେ। ବାହୁଡା ଯାତ୍ରାରେ ସ୍ଥାନୀୟ ବିଦ୍ୟାରାଜପୁର ଘଣ୍ଟ ବାଦ୍ୟ ସଂଘ, ବିଭିନ୍ନ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ବାହୁଡ଼ା ଯାତ୍ରାକୁ ଟ୍ରଷ୍ଟିର ସଦସ୍ୟଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ବଡ଼ବଜାର ପୂଜା କମିଟି, ହରପାର୍ବତୀ ଛକ ପୂଜା କମିଟି ଏବଂ ସଦାବ୍ରତ ମଠ ପୂଜା କମିଟି ଗୁଡିକ ପରିଚାଳନାରେ ସହଯୋଗ କରିଥିଲେ। ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବା ପାଇଁ ଯାଜପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି।

## ଭକ୍ତଙ୍କ ମୁହଁରେ ଜୟଜଗନ୍ନାଥ

**ବାଲିଚନ୍ଦ୍ରପୁର,୯।୭(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ନିକଟସ୍ଥ ରୁକୁଟିପାଟ ମାଉସୀ ମା'ମନ୍ଦିରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ଶୁଭଦ୍ରା ଓ ସୁଦର୍ଶନଙ୍କୁ ସ୍ନାନ କରାଯିବା ପରେ ମନ୍ଦିରର ମୁଖ୍ୟ ପୂଜକ ନିରଞ୍ଜନ ମିଶ୍ର ଓ ଅରକ୍ଷିତ ମିଶ୍ର ରଥାରୂଢ କରିଥିଲେ। ପାଗ ଅନୁକୂଳ ଥିବାରୁ ବାଲିଚନ୍ଦ୍ରପୁର ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ରୁଣ୍ଡିଭୂତ ହୋଇ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସର୍ବଶ୍ରୀ ଶୈଳେନ୍ଦ୍ର ନାରାୟଣ ଦେଓ, କାର୍ତ୍ତିକ ଚନ୍ଦ୍ର ରାଉତରାୟ, ମାନଭଞ୍ଜନ ରାଉତରାୟ, ରମେଶ ଦାସ, ଗୌରାଙ୍ଗ ଦାସ, ପ୍ରକାଶ ଚନ୍ଦ୍ର ସାମଲ ପ୍ରମୁଖ ବାହୁଡ଼ା ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ରୁକୁଟିପାଟ ମାଉସୀ ମା'ମନ୍ଦିରଠାରୁ ବାଲିଚନ୍ଦ୍ରପୁର ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ରଥ ଟଣା ସମୟରେ ବାଲିଚନ୍ଦ୍ରପୁର ଥାନା ଆଇଆଇସି ରମାକାନ୍ତ ମୁଦୁଲିଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଭକ୍ତ ରଥ ସମ୍ମୁଖରେ ଘଣ୍ଟବାଦ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ରୋଷ ଚୁଲି ପାଇଁ ସେବାୟତଙ୍କୁ ଆକ୍ରମଣ

ପୁରୀ ଅଫିସ,୯।୭: ଶ୍ରୀମନ୍ଦିରରେ ରୋଷଚୁଲିକୁ ନେଇ ଦୁଇ ସେବାୟତଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ସେବାୟତ ରଘୁନାଥ ମହାପାତ୍ର ନିଜ ଦାୟିତ୍ୱରେ ଥିବା ଚୁଲିକୁ ମରାମତି କରୁଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଥିବା ସିଂହଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚୁଲିଂ ନମ୍ବର ୭୪, ୭୫, ୭୬ ଓ ୭୭ରେ ସେବାୟତ ରଘୁନାଥ ମହାପାତ୍ର ଗଲା ବାର ବର୍ଷ ହେବ ରୋଷେଇ କରି ମହାପ୍ରଭୁଙ୍କ ପାଖରେ ଭୋଗ ଲଗାଉଛନ୍ତି। ଆସନ୍ତା ୧୩ତାରିଖରେ ନୀଳାଞ୍ଚଳ ଅବଢ଼ା ବାହାରିବାକୁ ଥିବା ହେତୁ ଶନିବାର ମିସ୍ତ୍ରି ନେଇ ନିଜର ଚୁଲିଗୁଡ଼ିକୁ ମରାମତି କରୁଥିଲେ। ସେହି ସମୟରେ ଅନ୍ୟ ଜଣେ ସେବାୟତ ୫ରୁ ୬ଜଣ ଅସାମାଜିକ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ସେଠାରେ ଚୁଲି ମରାମତି ନ କରିବା ପାଇଁ କହିଥିଲେ। ସେବାୟତ ରଘୁନାଥ ଏହାର ପ୍ରତିବାଦ କରିବାରୁ ଏକ ଗୋଟା ଇଟାରେ ତାଙ୍କ ମୁଣ୍ଡକୁ ନରସିଂହ ମାରିଥିଲେ। ରଘୁନାଥଙ୍କ ପରିବାର ଲୋକେ ଓ ଶ୍ରୀମନ୍ଦିର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ରଘୁନାଥ ନିଜ ଚୁଲିର ସୁରକ୍ଷା ମାଗି ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ସେ କହିଛନ୍ତି, ୧୨ ବର୍ଷ ହେବ ଯେଉଁ ଚୁଲିରେ ରୋଷେଇ କରୁଛି, ସେହି ଚୁଲି ଉପରେ ଆକ୍ରମଣକାରୀ ସେବାୟତଙ୍କ ନଜର ରହିଛି। ଏ ନେଇ ପୋଲିସ ପ୍ରାଥମିକ ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ସୁଆର ମହାସୁଆର ନିଯୋଗ ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ସମୟରେ ସୁଆରମାନେ ନିଜ ନିଜର ଚୁଲି ମରାମତି କାର୍ଯ୍ୟ କରିଥାଆନ୍ତି।

### ଚୋରା ମୋବାଇଲ ବିକ୍ରିବେଳେ ଧରିଲା ପୋଲିସ

ଭୁବନେଶ୍ୱର,୯।୭(ବ୍ୟୁରୋ): ଚୋରା ମୋବାଇଲ ବିକ୍ରି କରୁଥିବାବେଳେ ଖାରବେଳ ନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ୟୁନିଟ-୩ସ୍ଥିତ ମସ୍‌ଜିଦ କଲୋନୀର ରାଜା ଓରଫ ଏସ୍‌.କେ. ରାଜା (୨୩)। ତାଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ କରାଯାଇଛି। ଏଥିସହ ପୋଲିସ ମାମଲା (ନଂ.୨୧୦/୨୨) ରୁଜୁ କରି ଅଭିଯୁକ୍ତ ରାଜାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

# ‘ଅଦାଲତ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ’

## ଦେୱାନୀ ଓ ଫୌଜଦାରି ଅଦାଲତର ସମାବର୍ତ୍ତନ ଉତ୍ସବ

ଏରସମା,୯।୭(ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଦେୱାନୀ ଓ ଫୌଜଦାରି ଅଦାଲତର ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଦାଲତ ପରିସରରେ ଏରସମା ଓକିଲ ସଂଘର ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ ଅନୁପ କୁମାର ଚନ୍ଦନ ଯୋଗ ଦେଇ ଅଦାଲତର କାର୍ଯ୍ୟଧାରା ଉପରେ ସଚେତନତା ସୃଷ୍ଟି କରିଥିଲେ । ସେ କହିଥିଲେ, ଅଦାଲତ ଏକ ଶିକ୍ଷାନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବନାହିଁ । ଗଣତାନ୍ତ୍ରିକ ରାଷ୍ଟ୍ରରେ ସୁସ୍ଥ ସାମାଜିକ ଜୀବନ ପାଇଁ ଅଦାଲତ ହେଉଛି ସାଧାରଣ ଜନତାଙ୍କ ଜାଗ୍ରତ ପ୍ରହରୀ । ଏରସମାର ଦେୱାନୀ ଓ ଫୌଜଦାରି ଅଦାଲତର ପ୍ରଥମ ଶ୍ରେଣୀ ବିଚାରକ ମହମ୍ମଦ ସାହା ଫୟେଜଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅଦାଲତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ପ୍ରତ୍ୟେକ ଆଇନଜୀବୀ ଏଥିପ୍ରତି ସଚେତନ ହେବା ଉଚିତ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ଅମୃତ ଦାସ, ଏନଡି ଯାଦବ ବକ୍ତବ୍ୟ ଦେଇଥିଲେ। ଏରସମା ଓକିଲ ସଂଘର ସମ୍ପାଦକ ପ୍ରତାପ ରାଉତ ପ୍ରାରମ୍ଭିକ ଅଭିବାଦନ ପ୍ରଦାନ କରିବା ପରେ ସଭା ଆରମ୍ଭ ହୋଇଥିଲା । ଏଥିରେ ସଂଘର ଉପସଭାପତି ଅକ୍ଷୟ କୁମାର ମହାନ୍ତି, ଆଇନଜୀବୀ ପ୍ରଭାତ କୁମାର ବହିରା, ରମେଶ ଭୋଳ, ସୁବୋଧ ପ୍ରଧାନ, ନିକୁଞ୍ଜ କିଶୋର ସ୍ୱାଇଁ, ଶରତ ଚନ୍ଦ୍ର ପରିଡା ଓ ଉମାକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଆଇନଜୀବୀ ମୁରଲିଧର ମଲ୍ଲିକ ଧନ୍ୟବାଦ ଦେଇଥିଲେ ।


ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ମା’ ଆଖି ଆଗରେ ଚାଲିଗଲା ୧୦ବର୍ଷ ପୁଅର ଜୀବନ

## ପ୍ରାତଃ ଭ୍ରମଣ ବେଳେ ଦୁର୍ଘଟଣା

ମହାକାଳପଡ଼ା,୯।୭(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଜାଲକଣା-କଲେଜ ଛକ ରାସ୍ତାରେ ଶନିବାର ସକାଳେ ଏକ ଗାଡ଼ି ଧକ୍କାରେ ୧୦ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମା’ଆଖି ଆଗରେ ପୁଅର ମୃତ୍ୟୁ ଘଟିବା ଘଟଣା ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଶନିବାର ଭୋର ସମୟରେ ମହାକାଳପଡ଼ାର ମହେଶ୍ୱର ରାଉତଙ୍କ ସ୍ତ୍ରୀ ସସ୍ମିତା ପୁଅ ସତ୍ୟଜିତ୍‌ (୧୦) ସହିତ ପ୍ରାତଃ ଭ୍ରମଣରେ ଯାଇଥିଲେ। ସେମାନେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ଜାଲକଣା ଗାଁ ପଟୁ ଏକ ଗାଡ଼ି(ନଂ.ଓଡ଼ି୦୨ବିୟୁ ୬୨୧୮) ଦ୍ରୁତଗତିରେ ଆସି ସତ୍ୟଜିତ୍‌ଙ୍କୁ ଧକ୍କା ଦେଇ କଲେଜ ଆଡ଼କୁ ଚାଲି ଯାଇଥିଲା । ସସ୍ମିତା ପୁଅଠାରୁ କିଛି ହାତ ଦୂରରେ ଥିଲେ ମଧ୍ୟ ଏହି ଦୁର୍ଘଟଣାକୁ ବର୍ତ୍ତି ଯାଇଥିଲେ। ହେଲେ ତାଙ୍କ ଆଖି ଆଗରେ ପୁଅ ରାସ୍ତା ଉପରେ ଛିଟିକି ପଡି ଗୁରୁତର ହେବାକୁ ସେ ହଠାତ୍‌ ବିଶ୍ୱାସ କରି ପାରି ନ ଥିଲେ। ଶେଷରେ ସ୍ଥାନୀୟ ଲୋକେ ସତ୍ୟଜିତ୍‌ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପରେ ତାଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । କଲେଜ ଛକ ନିକଟ ହନୁମାନ ବାଟିକା ନିକଟରେ ଲାଗିଥିବା ଏକ ସିସି ଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ସତ୍ୟଜିତ୍‌ଙ୍କ ସମ୍ପର୍କୀୟ ଦାଦା ବିଶ୍ୱନାଥ ରାଉତ ମହାକାଳପଡ଼ା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଗାଡ଼ିକୁ ସ୍ଥାନୀୟ ଅଞ୍ଚଳର ଚନ୍ଦନ ଦାସ ଚଳାଉଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୧୨୬/୨୨) ରୁଜୁ କରି ତଦନ୍ତ କରୁଛି । ସତ୍ୟଜିତ ସ୍ଥାନୀୟ ଶିଶୁ ବିହାରର ପଞ୍ଚମ ଶ୍ରେଣୀର ଛାତ୍ର ଥିଲେ ।

# ଟ୍ରକ୍ ପଛରେ ପିଟିହେଲା କ୍ଷୀର ଟ୍ୟାଙ୍କର: ଖଲାସୀ ମୃତ

## ସହାୟତା ରାଶି ଦାବି କଲେ କର୍ମଚାରୀ

ରଘୁନାଥପୁର,୯।୭(ଡି.ଏନ୍‌.ଏ.)

କଟକ ସଦର କନ୍ଦରପୁର ଥାନା ନିକଟରେ ଟ୍ରକ ପଛରେ ଏକ ଓମ୍‌ଫେଡ୍‌ କ୍ଷୀର ଟ୍ୟାଙ୍କର ପିଟି ହୋଇଯାଇଛି। ଫଳରେ ଗାଡ଼ି ଭିତରେ ଚାପି ହୋଇ ଖଲାସୀ କାର୍ଯ୍ୟରେ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିର୍ତ୍ତୋଲ ଥାନା ଏରଡଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମର ସୁରେନ୍ଦ୍ର ଲେଙ୍କା। ଦୁର୍ଘଟଣା ପରେ ଟ୍ୟାଙ୍କର ଚାଳକ ତଥା କେନ୍ଦ୍ରାପଡ଼ା ଥାନା ଅଞ୍ଚଳର ବୁଟୁ ପାତ୍ର ଫେରାର ହୋଇଯାଇଛନ୍ତି। ରଘୁନାଥପୁର ବ୍ଲକ ନୂଆପଡାସ୍ଥିତ ତିର୍ତ୍ତୋଲ ଡାଏରିରୁ କ୍ଷୀର ଲୋଡ କରି ଉକ୍ତ ଟ୍ୟାଙ୍କରଟି ବ୍ରହ୍ମପୁର ଯାଇଥିଲା। ସେଠାରେ କ୍ଷୀର ଅନ୍‌ଲୋଡ୍‌ କରି ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଖବରପାଇ ତିର୍ତ୍ତୋଲ ଡାଏରି ପରିଚାଳକ ଲଳିତ ପାତ୍ର, କଟକ ଦୁଗ୍ଧସଂଘ ଏଚ୍‌ଆର୍‌ ମ୍ୟାନେଜର ସୌମ୍ୟରଞ୍ଜନ ରାୟ ଓ ଏମ୍‌ଆଇସି ମ୍ୟାନେଜର ବିବେକରଞ୍ଜନ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ୟବସ୍ଥା କରିଥିଲେ। ମୃତକଙ୍କ ପରିବାରର ଜଣେ ବ୍ୟକ୍ତିଙ୍କୁ ଚାକିରି ଦିଆଯିବ ବୋଲି ପରିଚାଳକ ପାତ୍ର ପ୍ରକାଶ କରିଛନ୍ତି। ଖବରପାଇ ତିର୍ତ୍ତୋଲ ଡାଏରି କର୍ମଚାରୀମାନେ ପରିଚାଳକଙ୍କୁ ଭେଟି କାଜୁଆଲରେ ରହିଥିବା କର୍ମଚାରୀଙ୍କୁ ନିୟମିତ କରିବା ଏବଂ ମୃତ୍ୟୁକାଳୀନ କର୍ମଚାରୀଙ୍କୁ ସହାୟତା ରାଶି ପ୍ରଦାନ କରିବା ନେଇ ଦାବି କରିଥିଲେ। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ପରିଚାଳକ ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।


କର୍ମଚାରୀମାନେ ପରିଚାଳକଙ୍କୁ ଭେଟି ସହାୟତା ରାଶି ଦାବି କରୁଛନ୍ତି।

# ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

## ଓଷକଣା ପଞ୍ଚାୟତ

ନାଉଗାଁ,୯।୭(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପକ ଦେଶୁରୀ ପଞ୍ଚାୟତ ଭତ୍ତା ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏନେଇ ବିଡିଓ ରଶ୍ମିରେଖା ମଲିକ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଉକ୍ତ ପଞ୍ଚାୟତର ଭତ୍ତା ବଣ୍ଟନ ପାଇଁ ଦେଶୁରୀଙ୍କୁ ୬ ଲକ୍ଷ ୧୦ ହଜାର ୩ ୭୮ ଟଙ୍କା ଦିଆଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଞ୍ଚାୟତର ଭତ୍ତା କ୍ୟାଶ୍‌ବୁକ ତଦନ୍ତ ସମୟରେ ଏହା ଜଣାପଡ଼ିଥିଲା। ଏହି ଅର୍ଥକୁ ଜମା କରିବା ପାଇଁ ଦେଶୁରୀଙ୍କୁ ସମ୍ପୃକ୍ତ ଅଧିକାରୀମାନେ ନୋଟିସ ପଠାଇଥିଲେ। ଏହା ସତ୍ତ୍ୱେ ଉକ୍ତ ଅର୍ଥକୁ ଦେଶୁରୀ ପୈଠ କରିନାହାନ୍ତି। ସରକାରୀ ଅର୍ଥ ଆତ୍ମସାତ୍‌ କରିଥିବାରୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଦେଶୁରୀ ବର୍ତ୍ତମାନ ଉକ୍ତ ବ୍ଲକର ଗଜରାଜପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟରତ ଅଛନ୍ତି। ଉକ୍ତ ପ୍ରସଙ୍ଗରେ ଦୀପକ ଦେଶୁରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ ଉଠାଇ ନ ଥିଲେ। ଅଭିଯୋଗ ପାଇବାପରେ ଥାନା ପକ୍ଷରୁ ମାମଲା (ନଂ.୧୫୧/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା ପ୍ରକାଶ କରିଛନ୍ତି।

# ହାତବନ୍ଧା ଅବସ୍ଥାରେ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୯।୭(ବ୍ୟୁରୋ): ଦୁଇ ହାତରେ ପିନ୍ଧିଥିବା କଡ଼ାରେ ପଡ଼ିଥିଲା ତାଲା। ପାଟିରେ ବନ୍ଧା ହୋଇଥିଲା ରୁମାଲ। ଘର ଆଜ୍‌ବେଷ୍ଟସ୍‌ ଲୁହାରେ କମ୍ବଳ ଦ୍ୱାରା ଝୁଲୁଥିଲା ମୃତଦେହ। ଏୟାରପୋର୍ଟ ଥାନା ଅନ୍ତର୍ଗତ ନିୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ଥିବା ଏକ ଘରୁ ଏଭଳି ସନ୍ଦେହଜନକ ଅବସ୍ଥାରେ ଶନିବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା ଜିଲା ସରପାରି ଗାଁର ଜ୍ୟୋତି ରଞ୍ଜନ ସାହୁ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଜ୍ୟୋତିଙ୍କ ପାଖରୁ ଏକ ମୋବାଇଲ ଫୋନ ଓ ନିକଟରେ ପଡିଥିବା ଏକ ଚାବି ମିଳିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ପୁଅ ହାତରେ କଡି ପଡିବା ଓ ପାଟିରେ ରୁମାଲ ବନ୍ଧା ହୋଇଥିବାରୁ କେହି ହତ୍ୟା କରି ଟାଙ୍ଗି ଦେଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ରବିବାର ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବ ବୋଲି ଏୟାରପୋର୍ଟ ଥାନା ଅଧିକାରୀଉମାକାନ୍ତପ୍ରଧାନକହିଛନ୍ତି।

# ‘ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚିବ’

ତିର୍ତ୍ତୋଲ, ୯।୭ (ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅଧୀନ ଗୋରଡ ପଞ୍ଚାୟତ କାଇଁଟୋଳ ଗ୍ରାମରେ ଶନିବାର ପବିତ୍ର ବାହୁଡ଼ା ଦଶମୀ ଉପଲକ୍ଷେ ଏକ ପରିବେଶ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରେମ ଚରଣ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପରିବେଶବିତ୍‌ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ନାୟକ ଯୋଗଦେଇ ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚିବ ବୋଲି କହିଥିଲେ। ପରିବେଶ ସନ୍ତୁଳନତା ରକ୍ଷା ଲାଗି ଚାରା ରୋପଣ ଏକମାତ୍ର ବିକଳ୍ପ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ସ୍ୱାଗତ ଭାଷଣ ସହ ପ୍ରତ୍ୟେକ ବାଡ଼ିରେ ଗୋଟିଏ ଲେଖାଏଁ ଗଛ ଚାରା ରୋପଣ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ବେହେରା,ରାଜଶ୍ରୀ ସ୍ୱାଇଁ, ବିଭୂଷିତା ଦାସ, ନିରୁପମା ସ୍ୱାଇଁ, ସଚଳା ନାୟକ ଓ ଆଲୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଉପସ୍ଥିତ ମହିଳାମାନଙ୍କୁ ବିଭିନ୍ନ ପ୍ରକାର ପରିବେଶ ଅନୁକୂଳ ଓ ଫଳ ଚାରା ପ୍ରଦାନ କରାଯାଇଥିଲା। ପରିଶେଷରେ ଦେବେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।


**OFFICE OF THE DISTRICT COLLECTOR, KHORDHA**
**(EXCISE SECTION)**
**NOTICE INVITING APPLICATION FOR SETTLEMENT OF PREMIUM IMFL “OFF” SHOPS IN BHUBANESWAR MUNICIPAL CORPORATION OF KHORDHA DISTRICT**

**No. 2318** **Date: 09.07.2022**

No. F: Applications are invited for settlement of 3 numbers of PREMIUM IMFL “OFF” Shops in Bhubaneswar Municipal Corporation of Khordha District for the remaining period of 2022-23 and onwards by way of lottery.

The persons interested to participate may apply in **‘Form-B’** through the portal **https://stateexcise.odisha.gov.in** from **10.07.2022** to **23.07.2022 (5.30 P.M.).** Lottery will be conducted on **30.07.2022** at **11.00 A.M.** in **DRDA Conference Hall, Khordha**.

The details of the shops to be settled and the terms and conditions applicable thereof are available in the said website and the notice boards of the District Excise Office, Bhubaneswar and Collectorate, Khordha.

**Toll Free No. 18003456713**

**By Order of Collector**
**Sd./- Superintendent of Excise, Bhubaneswar**

OIPR


# ଭକ୍ତଙ୍କ ଭାବରେ ଗଡ଼ିଲା ରଥ

## ବାହୁଡ଼ାଯାତ୍ରା

ଏରସମା/, ୯।୭(ସ୍ୱ.ପ୍ର.):

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ବାହୁଡା ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ମାଉସୀ ମା’ ମନ୍ଦିର ନିକଟରେ ଶ୍ରୀ ଜୀଉ ମାନଙ୍କୁ ସେବାୟତମାନେ ପହଣ୍ଡି କରି ରଥାରୋହଣ କରିଥିଲେ। ଠାକୁର ରାଜା ଭାବେ ନିରଞ୍ଜନ ପ୍ରସାଦ ଦାସ ରୀତିନୀତି ଅନୁସାରେ ଛେରା ପହଁରା କରିଥିଲେ । ପରେ ରଥ ଟଣା ଆରମ୍ଭ ହୋଇଥିଲା । ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସମିତି ସଭ୍ୟା ଦେବଯାନୀ ସେଠୀ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ସେହିପରି ପଦ୍ମପୁର ପଞ୍ଚାୟତସ୍ଥିତ ସରବନ୍ତ ଜଗନ୍ନାଥ ମନ୍ଦିର, ଭିତର ଅନ୍ଧାରୀ ପଞ୍ଚାୟତସ୍ଥିତ ପୋତକ ଜଗନ୍ନାଥ ମନ୍ଦିର, ରସକଡାପୁର ଜଗନ୍ନଥ ମନ୍ଦିର, ପଞ୍ଚପଲ୍ଲୀ ଜଗନ୍ନାଥ ମନ୍ଦିର, କୋଠି ନିମୋଳ ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ନାଉଗାଁ, (ସ୍ୱ.ପ୍ର):

ନାଉଗାଁ ବ୍ଲକର ଗାରୋଇସ୍ଥିତ ଗୋବର୍ଦ୍ଧନ ପୀଠରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତେଲସରାସ୍ଥିତ ମାଉସୀ ମା’ମନ୍ଦିରରେ ରୀତିନୀତି ଅନୁଯାୟୀ ରଥ ଟଣା ହୋଇଥିଲା। ଭକ୍ତମାନେ ବଳଭଦ୍ରଙ୍କୁ ତାଳଧ୍ୱଜ, ମା’ସୁଭଦ୍ରାଙ୍କୁ ଦର୍ପଦଳନ ଓ ଜଗନ୍ନାଥଙ୍କୁ ନନ୍ଦିଘୋଷ ରଥକୁ ପହଣ୍ଡିରେ ନେଇ ରଥାରୂଢ଼ କରିଥିଲେ। ଠାକୁର ରାଜା ଭାବେ ଜ୍ଞାନ ରଞ୍ଜନ ବିଶ୍ୱାଳ ୩ ରଥରେ ଛେରା ପହଁରା କରିଥିଲେ। ଏହାପରେ ଭକ୍ତମାନେ ଗାରୋଇସ୍ଥିତ ଗୋବର୍ଦ୍ଧନ ପୀଠ ଅଭିମୁଖେ ରଥ ଟାଣି ନେଇଥିଲେ। ପରମ୍ପରା ଅନୁସାରେ ମା’ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ସେହିପରି ଅଲଣା, ତିହୁଡା ବାଲିସାହିସ୍ଥିତ ଶ୍ରୀଶ୍ରୀ ପତିତପାବନ ଜୀଉ ମନ୍ଦିର, ଚାନ୍ଦଖାପାଟଣାସ୍ଥିତ ବଳଦେବଜୀଉ ମନ୍ଦିର ଆଦିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।


ଏରସମା ଜଗନ୍ନାଥ ମନ୍ଦିର ରଥ ଟଣାଯାଉଛି।


ଗାରୋଇସ୍ଥିତ ଗୋବର୍ଦ୍ଧନ ପୀଠରେ ତିନି ରଥକୁ ଭକ୍ତମାନେ ଟାଣୁଛନ୍ତି।


**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID : serwcbaripada@gmail.com, Ph.No.-06792-261343/261344, Gangraj, Baripada
**“e” Procurement Notice for Bridge Work**
**Identification No.- Online Tender- Bridge N.C.B. No. 235 for 2022-23.**
**Letter No. 2337 / Date. 05.07.2022**

No.O-589:- 1. Name of the work :- Construction of H.L Bridge over river Khairi Bhandan at 0.400km on Kapanda to Suanpal Road in the District of Mayurbhanj under BSY. (Balance Work). 2. Total No. of work :- 01 No. (One). 3. Estimated Cost :- Rs. 612.81 lakhs (approximately). 4. Eligible Class of Contractor : - As per annexure. 5. Period of Completion :-As per annexure. 6. Other details :-

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No. 235 | Dt.20.07.2022 at 11.00 A.M. | Dt.05.08.2022 upto 5.00 P.M. | Dt.04.08.2022 upto 5.00 P.M. | Dt. 06.08.2022 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in.
Any Corrigendum / Addendum will be displayed in the above e_tender website only.
OIPR-25181/11/0027/2223 **Sd./- Chief Construction Engineer, R.W. Circle, Baripada**



**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
**Tel.06766-258301(O), eMail: se_nerwkjr@rediffmail.com**
**1st Corrigendum Notice**

No.1294 Date: 04.07.22

No.O-591:- Under unavoidable circumstances, the tender invited vide Bid Identification No. Road Online NCB No. 340 (eprocurement Notice No.1214 Dtd: 22.06.2022) is hereby modified to the following extent.

**Notified Earlier:-**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.340 | Dt.05.07.2022 at 11.00 A.M. | Dt.20.07.2022 upto 5.00 P.M. | Dt.19.07.2022 upto 5.00 P.M. | Dt. 21.07.22 at 11.00 A.M. | Will be intimated later |

**Now Modified as:-**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.340 | Dt.19.07.22 at 11.00 A.M. | Dt.02.08.22 upto 5.00 P.M. | Dt.01.08.22 upto 5.00 P.M. | Dt. 03.08.22 at 11.00 A.M. | Will be intimated later |

All other contents remain unchanged.
OIPR-25177/11/0009/2223 **Sd./- Chief Construction Engineer, R.W. Circle, Keonjahr**

## ସଂକ୍ଷେପରେ

### ବିଭୂତି ଦାସ ବଟିରା ସମବାୟ ସମିତି ସଭାପତି



ମାର୍ଶାଘାଇ,୯।୭(ଡି.ଏନ୍.ଏ.):ମାର୍ଶାଘାଇ ବ୍ଲକ ବଟିରା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଭାବେ ବିଭୂତି ଦାସ ନିର୍ବାଚିତ ହୋଇଛନ୍ତି। ୧୫ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ବିଭୂତିଙ୍କ ସପକ୍ଷରେ ୭ ଖଣ୍ଡ ଭୋଟ ପଡ଼ିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରଶ୍ମି ରଞ୍ଜନ ବେହେରାଙ୍କୁ ମଧ ସମାନ ଭୋଟ ମିଳିଥିଲା। ଜଣଙ୍କ ଭୋଟ ନାକଚ ହେବା ପରେ ଧର୍ମଗୁଳାରେ ବିଭୂତି ବିଜୟୀ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଶଙ୍କର ହେମ୍ବ୍ରମ ନିର୍ବାଚନ ପରିଚାଳନା କରିଥିଲେ। ନିର୍ଦ୍ଦେଶକ ତଥା ପୂର୍ବତନ ସମିତି ସଭ୍ୟ ବିଶ୍ୱଜିତ୍ ଦାସଙ୍କ ସମେତ ଅନ୍ୟ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ସେହିପରି ମାର୍ଶାଘାଇ କୃଷି ସେବା ସମବାୟ ସମିତିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହଣ, ଗରଜଙ୍ଗା ସମବାୟ ସମିତିରେ ସୁରେଶ ଚନ୍ଦ୍ର ଦାସ ଓ ଦୁମୁକା ସେବା ସମବାୟ ସମିତିରେ ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ନାୟକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

### ସାବନା ପରୱିନ ଉପସଭାପତି

#### କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ନିର୍ବାଚନ



କେନ୍ଦ୍ରାପଡ଼ା ଅଫିସ, ୯।୭: କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପରିଚାଳନା କମିଟିର ଉପସଭାପତି ପଦ ପାଇଁ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ଦ୍ଦେଶିକା ସାବନା ପରୱିନ ଏକମାତ୍ର ପ୍ରାର୍ଥିନୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ନିର୍ବାଚନ ଅଧିକାରୀ ମୃତ୍ୟୁଞ୍ଜୟ ଶତପଥୀ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଛନ୍ତି। ସୋସାଇଟିର ସଭାପତି ପ୍ରମୋଦ ସାହୁ ଓ ଅନ୍ୟତମ ନିର୍ଦ୍ଦେଶକ ସେକ ରିୟାସତ ଉପସଭାପତି ପ୍ରାର୍ଥୀ ପରୱିନଙ୍କ ପ୍ରସ୍ତାବକ ଓ ସମର୍ଥକ ରହିଥିଲେ। ଏହି ନିର୍ବାଚନ ସମୟରେ ସମିତିର ନିର୍ଦ୍ଦେଶକ କୈଳାସ ବେହେରା, ଦିଲ୍ଲୀପ ପାତ୍ର, ଅକ୍ଷୟ ଦାଶ, ସୁଶାନ୍ତ ମହାରଣା, ଅନୁସୂୟା ସାମଲ, ବଲ୍ଲଭ ନନ୍ଦୀ, ଗୀତାଞ୍ଜଳି ସାହୁ, ପ୍ରଭାତୀ ଲେଙ୍କା, ଜିତେନ୍ଦ୍ର ଖୁଣ୍ଟିଆ, ଦିଲ୍ଲୀପ ରାଉତ, ପ୍ରଫୁଲ୍ଲ ମିସ୍ତ୍ରୀ ଓ ଅମିତାଭ ସାହୁ ପ୍ରମୁଖ ଉପସ୍ଥିତ ରହି ନବନିର୍ବାଚିତା ଉପସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ଜେନେରାଲ ମ୍ୟାନେଜର ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଶାଘାଇ, ମହାକାଳପଡ଼ା, ପାଟକୁରାରେ ପ୍ରତିଷ୍ଠା ହେବ କୋର୍ଟ

କେନ୍ଦ୍ରାପଡ଼ା ଅଫିସ,୯।୭

■ ପଡ଼ି ରହିଛି ୫୫ ହଜାରରୁ ଊର୍ଦ୍ଧ୍ୱ ମାମଲା
■ ରାଜକନିକାରେ ଜେଏମ୍ଏଫ୍‌ସି କୋର୍ଟ ପାଇଁ ଦାବି
■ ପଟ୍ଟାମୁଣ୍ଡାଇ, ମାର୍ଶାଘାଇ, ରାଜକନିକାକୁ ସବ୍‌ଡିଭିଜନ ମାନ୍ୟତା ମିଳୁ

ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ରାଜ୍ୟର ୩୮ଟି ନୂତନ କୋର୍ଟ ପାଇଁ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ଗତ ୫ ତାରିଖରେ ଆକାଉଣ୍ଟ ଜେନେରାଲଙ୍କୁ ଚିଠି (ନଂ– ଆଇଜେ–୬୧/ ୨୦୨୧–୭୫୦୨) ହୋଇଛି। ଏହି ଚିଠିରେ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ, ମହାକାଳପଡା ଓ ଗରଦପୁର ବ୍ଲକ ପାଟକୁରାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଜେଏମ୍ଏଫ୍‌ସି କୋର୍ଟ ପ୍ରତିଷ୍ଠା ହେବ ବୋଲି ସୂଚନା ମିଳିଛି। ତେବେ ରାଜକନିକା ବ୍ଲକ ଅଞ୍ଚଳରେ କୋର୍ଟ ସ୍ଥାପନ ଦାବି ରହିଛି। ଏଥିସହିତ ପଟ୍ଟାମୁଣ୍ଡାଇ, ମାର୍ଶାଘାଇ ଓ ରାଜକନିକାକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ସ୍ୱର ଉଠିଛି। ଗତ ମେ' ଶେଷ ସୁଦ୍ଧା ଜିଲାରେ ୫୫୫୭୨ ମାମଲା ପଡିରହିଛି। କୋର୍ଟ ପ୍ରତିଷ୍ଠା ହେଲେ ଉପରୋକ୍ତ ମାମଲାର ଶୀଘ୍ର ଶୁଣାଣି ହେବ ବୋଲି ସ୍ଥାନୀୟ ଜିଲାବାସୀ ମତ ଦେଇଛନ୍ତି।

ତଥ୍ୟ ଅନୁଯାୟୀ ଜିଲାରେ ୧୭୯୨୯ ଦେୱାନୀ ଓ ୩୭୭୪୩ ଫୌଜଦାରି ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଏହି ମାମଲା ମଧ୍ୟରୁ ୯୫୫୮ ଦେୱାନୀ ଓ ୧୭୭୫୦ ଫୌଜଦାରି ମାମଲା ଗତ ୫ ବର୍ଷ ଧରି ଚାଲିଛି। ଏଥିସହିତ ପାରିବାରିକ ଓ ବାଣିଜ୍ୟିକ ମାମଲା ରହିଛି। ଗତ ମେ'୨ରେ ଜିଲାରେ ବାଣିଜ୍ୟିକ କୋର୍ଟ ସ୍ଥାପନ ହେବ ବୋଲି ଘୋଷଣା ହୋଇଛି। ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ଗଣତନ୍ତ୍ରର ସୁଦୃଢ଼ ସ୍ତମ୍ଭ ହେଉଛି ବିଚାର ବିଭାଗ। ଯେଉଁଠି ସମସ୍ତ ବ୍ୟବସ୍ଥା ଫେଲ ମାରେ ସାଧାରଣ ଲୋକେ ବିଚାର ବିଭାଗର ଦ୍ୱାରସ୍ଥ ହୋଇଥାନ୍ତି। ତେବେ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ହେଉଥିବା ବିଳମ୍ବ ସାମାଜିକ ଜୀବନକୁ ବ୍ୟତିବ୍ୟସ୍ତ କରାଉଛି। ମାର୍ଶାଘାଇ, ଗରଦପୁର ଓ ମହାକାଳପଡ଼ାରେ କୋର୍ଟ ସ୍ଥାପନ ଦ୍ୱାରା ମାମଲାଗୁଡିକର ଶୁଣାଣି ଶୀଘ୍ର ହେବ। ଦେୱାନୀ ମାମଲାରେ ପଡି ଚାଷୀ ସ୍ୱତ୍ୱ ସାବ୍ୟସ୍ତ ହୋଇପାରୁ ନ ଥିବାରୁ କ୍ଷେତ ପଡିଆ ପଡୁଛି। ସେହିପରି ଫୌଜଦାରି ମାମଲାର ଶୁଣାଣି ହୋଇ ଫଇସଲା ହେବା ଆବଶ୍ୟକ। ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରିଆ କହିଛନ୍ତି, ଜିଲାରେ ମାମଲା ସଂଖ୍ୟା ବଢ଼ି ଚାଲିଛି। ଭୌଗୋଳିକ ଦୃଷ୍ଟିକୋଣରୁ ରାଜକନିକା ଜିଲାର ବୃହତ୍ ଅଞ୍ଚଳ ହୋଇଥିଲେ ମଧ୍ୟ ସେଠାରେ ଜେଏମ୍ଏଫ୍‌ସି କୋର୍ଟ ନାହିଁ। ଏଥିସହିତ ରାଜକନିକାକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଆସୁଛି।




କେନ୍ଦ୍ରାପଡ଼ା ଜିଲାର ମାନଚିତ୍ର।

ଏହାକୁ ନେଇ ଜିଲା ପ୍ରଶାସନ, ଆରଡିସି, ରାଜ୍ୟ ସରକାରଙ୍କ ଆଇନ ଓ ରାଜସ୍ୱ ବିଭାଗକୁ ଦାବିପତ୍ର ଦିଆଯାଇଛି। ଏବେ ରାଜକନିକା ବ୍ୟତୀତ ଅନ୍ୟ ସବୁ ଅଞ୍ଚଳରେ କୋର୍ଟ ସ୍ଥାପନ ହେବା ପରେ ସ୍ଥାନୀୟ ଲୋକମାନେ ନ୍ୟାୟ ପାଇବାରେ ପଛୁଆ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ ମତ ଦେଇଛନ୍ତି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ତୃଣମୂଳସ୍ତରରେ ତ୍ୱରିତ ଶାସନ ବ୍ୟବସ୍ଥା ଓ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ବିକେନ୍ଦ୍ରୀକରଣର ଆବଶ୍ୟକତା ଅଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୩ରେ ରାଜ୍ୟର ୧୩ ଜିଲାକୁ ୩୦ ଜିଲାକୁ ପରିବର୍ତ୍ତନ କରିଥିଲେ। ଏହିନୀତିକୁ ଅନୁସରଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୮ରୁ ଶତାଧିକ ସବ୍‌ଡିଭିଜନରେ ପରିଣତ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜିଲାର ପଟ୍ଟାମୁଣ୍ଡାଇ ସହିତ ମାର୍ଶାଘାଇକୁ ସବ୍‌ଡିଭିଜନର ମାନ୍ୟତା ମିଳିଲେ ତ୍ୱରିତ ସେବା ମିଳିପାରିବ। ରାଜନଗର, ରାଜକନିକା, ଆଳି ଓ ପଟ୍ଟାମୁଣ୍ଡାଇର କେନ୍ଦ୍ରାଞ୍ଚଳ ଭାବେ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ମିଳିଲେ ପ୍ରାୟ ୭ ଲକ୍ଷ ଅଧିବାସୀ ଉପକୃତ ହେବେ। ସେହିପରି ପ୍ରାୟ ୫ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ବ୍ଲକ୍‌କୁ ନେଇ ମାର୍ଶାଘାଇ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଛି। ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ମାର୍ଶାଘାଇଠାରେ ପର୍ଯ୍ୟାପ୍ତ ସ୍ଥାନ ସହିତ ଭିତିଭୂମି ଥିବା ସେ ଦାବି କରିଛନ୍ତି। ତାଙ୍କର ଏହି ଦାବିକୁ ସ୍ଥାନୀୟ ଅଞ୍ଚଳର କୈଳାସ ଚନ୍ଦ୍ର ବେହେରା, ପ୍ରମୋଦ ରଥ, ସଞ୍ଜୟ ଲେଙ୍କା, ବିଭ୍ରାଂଶୁ ଲେଙ୍କା, ମାଧବ ନାୟକ, ଚନ୍ଦ୍ରମଣି ସାହୁ, ଅଶୋକ ମହାପାତ୍ର ପ୍ରମୁଖ ସମର୍ଥନ କରିଛନ୍ତି।

### ବାହୁଡ଼ିଲେ ତମାଳଶାସନର ଦଧିବାମନଜୀଉ



କେନ୍ଦ୍ରାପଡ଼ା ଅଫିସ, ୯।୭

କେନ୍ଦ୍ରାପଡ଼ା ଜିଲା ତମାଳଶାସନସ୍ଥିତ ଶ୍ରୀଦଧିବାମନଜୀଉଙ୍କ ବାହୁଡ଼ା ଯାତ୍ରା ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ଶେଷରେ ଶ୍ରୀଜୀଉ ବୀର ବେଶ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ମାଉସୀମା ମନ୍ଦିରର ରୀତିନୀତି ଅନୁଯାୟୀ ସକାଳୁ ପହଡ ଫିଟାଯାଇ ଆଡପ ମଣ୍ଡପରେ ମଙ୍ଗଳ ଆଳତି କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ସେନାପଟା ଲାଗି ହୋଇଥିଲା। ସେବାୟତମାନେ ଶ୍ରୀଜୀଉଙ୍କୁ ଧାଡି ପହଣ୍ଡିରେ ନେଇ ରଥାରୂଢ଼ କରିଥିଲେ। ରଥ ଉପରେ ଶ୍ରୀଜୀଉଙ୍କ ବୀର ବେଶ ହୋଇଥିଲା। ବଡ଼ପଣ୍ଡା ସତ୍ୟାନନ୍ଦ ମିଶ୍ର ଛେରାପହଁରା କରିଥିଲେ। ଟ୍ରଷ୍ଟି ଦେବାଶିଷ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ଉମାକାନ୍ତ ମିଶ୍ର, ଶ୍ରୀଧର ସ୍ୱାଇଁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। କିଶୋର ଚନ୍ଦ୍ର ମିଶ୍ର, ତ୍ରିଲୋଚନ ମିଶ୍ର, ଅକ୍ଷୟ ମିଶ୍ର, ରାଜକିଶୋର ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ମିଶ୍ର, ସୁମନ୍ତ ମିଶ୍ର ପ୍ରମୁଖ ଶ୍ରୀଜୀଉଙ୍କୁ ରଥ ଯାଏ ପହଣ୍ଡିରେ ନେଇଥିଲେ।

# ପ୍ରାଥମିକ କୃଷି ସମବାୟ ସମିତିରେ ଅବ୍ୟବସ୍ଥା

■ ଧାନ ବିହନ ରଖିବାକୁ ସ୍ଥାନ ନାହିଁ
■ ଛାତ,କାନ୍ଥରୁ ଖସୁଛି ପ୍ଲାଷ୍ଟର
■ ଚାଷୀଙ୍କ ଦୁଃଖ ସରୁନି

ପଟ୍ଟାମୁଣ୍ଡାଇ,୯।୭(ସ୍ୱ.ପ୍ର.)

ଚାଷୀଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଗଠନ କରାଯାଇଛି କୃଷି ସମବାୟ ସମିତି। ଏହା ମାଧ୍ୟମରେ କୃଷିଋଣଠାରୁ ଆରମ୍ଭ କରି ଗ୍ରୁପ୍ ଋଣ, ରିହାତି ଦରରେ ବିହନ ଯୋଗାଣ, ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ଧାନ, ମୁଗ ଆଦି ସରକାରୀ ଦରରେ ସଂଗ୍ରହ କରାଯାଉଛି। କେବଳ ସେତିକି ନୁହେଁ, ସମବାୟ ସମିତିକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ 'ସମବାୟ ଆପଣଙ୍କ ଦ୍ୱାରରେ' କାର୍ଯ୍ୟକ୍ରମ ଚାଲିଛି। କିନ୍ତୁ ପଟ୍ଟାମୁଣ୍ଡାଇ ବ୍ଲକରେ ଥିବା ୧୬ ସମବାୟ ସମିତି ମଧ୍ୟରୁ ଅଧିକାଂଶ ସମବାୟ ସମିତି ଅବ୍ୟବସ୍ଥାରେ ପରିଚାଳିତ ହେଉଥିଲେ ମଧ୍ୟ ଏଥିପ୍ରତି ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ ହୋଇଛି।

ଏଠାରେ ପଟ୍ଟାମୁଣ୍ଡାଇ ବ୍ଲକର ଖଡିଅଣ୍ଟା କୃଷି ସେବା ସମବାୟ ସମିତିକୁ ଉଦାହରଣ ଭାବେ ଗ୍ରହଣ କରାଯାଇଛି। ଉକ୍ତ ସମିତି କୋଠାଘର ସମ୍ମୁଖରେ ଚୂନ ସଫେଇତି କରାଯାଇଥିବା ବେଳେ ଭିତର ଅବସ୍ଥା ଭିନ୍ନ। ସମିତିର ୨ ଗୋଦାମ ଗୃହ



ପଟ୍ଟାମୁଣ୍ଡାଇ ବ୍ଲକ୍ ଖଡ଼ିଅଣ୍ଟା କୃଷି ସେବା ସମବାୟ ସମିତି।

ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଫଳରେ ଧାନ ବିହନ ଗଚ୍ଛିତ ରଖିବା ପାଇଁ ସମିତି ସମର୍ଥ ହୋଇପାରୁନାହିଁ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। ସମବାୟ ସମିତି ମାଧ୍ୟମରେ କୃଷକଙ୍କୁ ବିଭିନ୍ନ ତାଲିମ, ପ୍ରୋତ୍ସାହନ, ବିହନ ବଣ୍ଟନ, ଧାନ ସଂଗ୍ରହ କରାଯାଇଥାଏ। ଏହି ସମିତି ଉପରେ ଖଡିଅଣ୍ଟା, କଖାରୁଣୀ ପଞ୍ଚାୟତର ଶତାଧିକ ଚାଷୀ ନିର୍ଭରଶୀଳ। ସମିତି ଘରର କାନ୍ଥରୁ ପ୍ଲାଷ୍ଟର ଛାଡି ଇଟା ଓ ଛାତର ରଡ଼ ଦେଖାଯାଉଛି। ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଧାନ ବିହନ ରଖିବା ସମ୍ଭବ ହୋଇ ନ ଥିଲା ବେଳେ ଚାଷୀମାନେ ବିହନ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଧାନମଣ୍ଡି ଖୋଲିବା ସମୟରେ ଚାଷୀଙ୍କ ଧାନ ଖରା,କାକରରେ ପଡି ରହି ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

୧୯୯୯ ମହାବାତ୍ୟାରେ ଏହି ଘରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଏ ସମ୍ପର୍କରେ ବିଭିନ୍ନ ସମୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଚାଷୀମାନେ କହିଛନ୍ତି। କମିଟି ସଦସ୍ୟଙ୍କ ଅଭିଯୋଗ ମୁତାବକ, ୨୦୧୯ରେ ତତ୍କାଳୀନ ସଭାପତି ଗୃହ କ୍ଷତିଗ୍ରସ୍ତ ହୋଇଥିବା ସମ୍ପର୍କରେ କଟକ କେନ୍ଦ୍ରୀୟ କୋ–ଅପରେଟିଭ୍ ବ୍ୟାଙ୍କ ଓ ରାଜ୍ୟ ସମବାୟ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଘର ମରାମତି କରାଯାଉ ନ ଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ କମ୍ପ୍ୟୁଟର ଆଦି ଚୋରି ହୋଇଯିବାର ଭୟ ରହିଛି।

ଅନ୍ୟପକ୍ଷେ କଟକ କେନ୍ଦ୍ରୀୟ କୋ–ଅପରେଟିଭ୍ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖାର ଅବସ୍ଥା ନ କହିବା ଭଲ। ଅସରାଏ ବର୍ଷା ହେଲେ କାର୍ଯ୍ୟାଳୟ ବନ୍ଦ ରୁହେ। ସବୁ କମ୍ପ୍ୟୁଟର ଓ କାଗଜପତ୍ର ପାଲ ତଳେ ରଖାଯାଏ। ଏଥିପାଇଁ ଜରୁରୀ କାମରେ ଆସୁଥିବା ଲୋକମାନେ ବାଧ୍ୟ ହୋଇ ନିରାଶରେ ଘରକୁ ଫେରୁଛନ୍ତି। ଏସମ୍ପର୍କରେ କଟକ କେନ୍ଦ୍ରୀୟ କୋ–ଅପରେଟିଭ୍ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ନିରୋଦ କୁମାର ନାୟକଙ୍କୁ ପଚାରିବାରେ ଘର ମାଲିକ ମରାମତି କରୁ ନାହାନ୍ତି। ଆସନ୍ତା ଅକ୍ଟୋବର ମାସରେ ଏହି ଘର ଛାଡିବାକୁ ଆମେ ଯୋଜନା ପ୍ରସ୍ତୁତ କରିଛୁ ବୋଲି ସେ କହିଛନ୍ତି।

# ଓଁକାର କ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା

ଡେରାବିଶ, ୯।୭(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଁକାର କ୍ଷେତ୍ରରୂପେ ପରିଚିତ ଓଲକଣା ମେଳନ ପଡ଼ିଆରେ ରଥାରୁଢ଼ ତିନି ଠାକୁରଙ୍କ ବାହୁଡ଼ାଯାତ୍ରା ଶନିବାର ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ସୁଦ୍ଧା ରଥ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚିଛି। ଗତ ଶୁକ୍ରବାର ଶ୍ରୀଗୁଣ୍ଡିଚା ତିଥିରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରଥାରୁଢ଼ ହୋଇ ସ୍ଥାନୀୟ ଅରାଖଣ୍ଡଠାରେ ଭକ୍ତ ବିଦୂରଙ୍କ ମନ୍ଦିରରେ ଥିବା ମାଉସୀମା ମନ୍ଦିରକୁ ଯାଇଥିଲେ। ନବଦିନ ଯାତ୍ରା ପରେ ଶନିବାର ପୁନର୍ବାର ମନ୍ଦିରକୁ ଶ୍ରୀଜୀଉମାନେ ଫେରିବା ଆରମ୍ଭ କରିଛନ୍ତି। ରବିବାର ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବାକୁ ଥିବା ବେଳେ ସୋମବାର ନିଳାଦ୍ରୀ ବିଜେ ହେବ ବୋଲି ମନ୍ଦିର ପରିଚାଳନା ପରିଷଦର ସମ୍ପାଦକ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। କୋଭିଡ୍ କଟକଣା ଯୋଗୁ ଗତ ୨ବର୍ଷ ରଥଯାତ୍ରା ବନ୍ଦ ରହିଥିଲା। ଚଳିତ ବର୍ଷ ରଥଯାତ୍ରାରେ ଭକ୍ତ ଭଗବାନଙ୍କ ମିଳନ ହୋଇଛି। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଭିଡ଼ ଜମାଇଥିଲେ। ଡେରାବିଶ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ଉପରେ ନଜର ରଖାଯାଇଥିଲା।



ଓଁକାର କ୍ଷେତ୍ରରେ ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

# ଯୁବଛାତ୍ର ବିଜେଡି ପକ୍ଷରୁ ଚାରା ରୋପଣ



ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ବିଜୁ ଯୁବଛାତ୍ର ଦଳର କର୍ମକର୍ତ୍ତା।

ରାଜନଗର,୯।୭(ଡି.ଏନ.ଏ.)

ରାଜନଗର ବିଜେଡି ଯୁବଛାତ୍ର ପକ୍ଷରୁ ବିଧାୟକ ଧ୍ରୁବ ସାହୁଙ୍କ ଆହ୍ୱାନରେ ସାନବଡ ଗୋପାଳପୁରର ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନରେ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବଜନତା ଦଳ ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ବିଜୁ ଛାତ୍ର ଜନତା ଦଳ ସଭାପତି ମନୋଜ ମଲ୍ଲିକ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲା ବିଜୁ ଯୁବ ଜନତା ଦଳ ଉପସଭାପତି ପ୍ରଶାନ୍ତ କୁମାର ରାଉତ, ସାନବଡ ଗୋପାଳପୁର ପଞ୍ଚାୟତ ସରପଞ୍ଚ ଗୋଲେଖ କୁମାର ସ୍ୱାଇଁ, ଯୁବନେତା ପ୍ରଶନ୍ନ ଦାସ, ଛାତ୍ର ବିଜୁ ଜନତା ଦଳ ସାମାଜିକ ଗଣମାଧ୍ୟମର ସଂଯୋଜକ ଅଂଶୁମାନ ପରିଡା, ଜିଲା ଛାତ୍ରନେତା ଚନ୍ଦ୍ରଭାନୁ ବିଶ୍ୱାଳ, ଉପସଭାପତି ଶିଶିର ବଳ, ସୁରଜ ପୁହାଣ, ସୁନିଲ ପ୍ରଧାନ, ରଞ୍ଜନ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ଧନଞ୍ଜୟ ପ୍ରଧାନ, ନାରାୟଣ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

# ରାସ୍ତାକୁ ପଙ୍କମାଟି ଖସି ଯାତାୟାତରେ ଅସୁବିଧା

ପଟ୍ଟାମୁଣ୍ଡାଇ,୯।୭(ସ୍ୱ.ପ୍ର.)

## ପଟ୍ଟାମୁଣ୍ଡାଇ-ରାଜନଗର ଦଶହଜାରୀ ଉଡିକଣ ବନ୍ୟାବନ୍ଧ ରାସ୍ତା

କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ଉଡିକଣ ବନ୍ୟା ନିରୋଧକ ପୁରୁଣା ପଟ୍ଟାମୁଣ୍ଡାଇ–ରାଜନଗର ପୂର୍ତ୍ତ ବିଭାଗ ରାସ୍ତାର ଅଳଭାଠାରୁ ମଦନପୁର ମଧ ଦେଇ ରାଜନଗର ପର୍ଯ୍ୟନ୍ତ ରାସ୍ତା ଯାଇଛି। ୪ ମାସ ତଳେ ଟେଣ୍ଡର ମାଧ୍ୟମରେ ଏହି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ରାସ୍ତାଟିର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ପଙ୍କ ମାଟି ପକାଯାଇ ଉଚ୍ଚା କରାଯାଉଛି। ବର୍ଷାଋତୁ ହେବା ଯୋଗୁ ବର୍ତ୍ତମାନ ନିର୍ମାଣ କାମ ବନ୍ଦ ରହିଛି। ଫଳରେ ପଙ୍କ ମାଟି ରାସ୍ତା ଉପରକୁ ଖସି ଯାତାୟାତରେ ଅସୁବିଧା ହେଉଛି। ତେଣୁ ଉକ୍ତ ରାସ୍ତାଦେଇ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଆଇନଜୀବୀ ଶିବ ସାମନ୍ତରାୟ କହିଛନ୍ତି, କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡିଭିଜନ–୧ ପକ୍ଷରୁ ପଟ୍ଟାମୁଣ୍ଡାଇ–ରାଜନଗର ପୁରୁଣା ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ପ୍ରାୟ ୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ମୋଟ ୧୫ କିମି ରାସ୍ତା ନିର୍ମାଣ ନିମନ୍ତେ ଠିକାଦାରଙ୍କୁ କାମ ଦିଆଯାଇଛି। କିନ୍ତୁ ସମ୍ପୃକ୍ତ ଠିକାଦାର ବିଭାଗର ଅଟକଳ ଅନୁଯାୟୀ କାର୍ଯ୍ୟ କରୁନାହିଁ। କାମ ଆରମ୍ଭ ସମୟରୁ କେବଳ ରାସ୍ତାର ଦକ୍ଷିଣ ପାର୍ଶ୍ୱକୁ ଉଚ୍ଚ କରିବା ପାଇଁ ମାଟି ବଦଳରେ ପଙ୍କ ପକାଯିବା ପରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ରାସ୍ତାପାର୍ଶ୍ୱରେ ବର୍ତ୍ତମାନ କେବଳ ପଙ୍କ ମାଟି ଗଦା ହୋଇରହିଛି। ବର୍ଷା ହେବା ଫଳରେ ପଙ୍କମାଟି ଖସି ରାସ୍ତାରେ ଯାତାୟାତ କରି ହେଉନାହିଁ। ତେଣୁ ଉକ୍ତ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ସହ ଶୀଘ୍ର ଶେଷ କରାଯାଉ। ସାମାଜିକ କର୍ମୀ ନୃସିଂହ ଚରଣ ଆଚାର୍ଯ୍ୟ କହିଛନ୍ତି, ପଟ୍ଟାମୁଣ୍ଡାଇ ଦଶହଜାରୀ ଉଡିକଣ ବନ୍ୟାବନ୍ଧ ରାସ୍ତା ଜଳସମ୍ପଦ ବିଭାଗ ଅଧୀନରେ ଥିଲା। ଏହାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ୧୯୮୪ରେ ତତ୍କାଳୀନ ସରକାର, ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ। ସେହିଦିନଠାରୁ ରାସ୍ତାର ପିଚୁ କାମ ଓ ମରାମତି ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। ବନ୍ୟାବନ୍ଧ ପାର୍ଶ୍ୱରେ ପ୍ରଶସ୍ତୀକରଣ ଘେରିବନ୍ଧ ପଥର ପ୍ୟାକିଂ କାର୍ଯ୍ୟ ଜଳସମ୍ପଦ ବିଭାଗ ନିର୍ମାଣ କରୁଛି। ପଟ୍ଟାମୁଣ୍ଡାଇ–ରାଜନଗର ରାସ୍ତାକୁ ୨୦୨୦–୨୧ ଆର୍ଥିକ ବର୍ଷରେ ନିର୍ମାଣ ଓ ମରାମତି କରାଯାଇଥିବା



ରାସ୍ତା ଉପରେ ପଡି ରହିଥିବା ପଙ୍କ ମାଟି।

କାଗଜପତ୍ରରେ ଦର୍ଶାଇ ଲକ୍ଷାଧିକ ଟଙ୍କା ଚଳୁ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତରବରିଆ ଭାବେ ରାସ୍ତା ମରାମତି ହୋଇଥିଲେ ମଧ ତାହା ୬ ମାସ ମଧ୍ୟରେ ଖରାପ ହୋଇ ଯାଇଥିଲା। ଏବେ ପୁଣି ସେହି ରାସ୍ତା କାମ ହେଉଛି। ଠିକାଦାର ବିଭାଗର ଅଟକଳ ଅନୁଯାୟୀ କାର୍ଯ୍ୟ କରୁନାହାନ୍ତି। ଏହି ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ଏଠାରେ ପଙ୍କର ବ୍ୟବହାର କରାଯାଉଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନାହାନ୍ତି। ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ୧ ମିଟର ଲେଖାଏ ସିମେଣ୍ଟ ବଜୁରି ଲଗାଯିବାକୁ ଥିବା ବେଳେ ତାହା କରା ନ ଯାଇ ପଙ୍କ ମାଟି ପକାଯାଇଛି। ଅଢାଜୋରି ଗାଁର କୁବେର ଚନ୍ଦ୍ର ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ବାଇପାସ ପାଖରୁ ଅଳଭା, ମଦନପୁର ଦେଇ ରାଜନଗର ଯାଇଥିବା ୧୫ କିମି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହି ରାସ୍ତା ଦେଇ ପ୍ରତିଦିନ ରାଜନଗରରୁ କଟକ, ଭୁବନେଶ୍ୱର ଯାତାୟାତ କରୁଥିବା ୧୮ରୁ ଅଧିକ ଯାତ୍ରୀବାହୀ ବସ୍ ଏବେ ବନ୍ଦ ରହିଛି। ଫଳରେ ନଦୀବନ୍ଧର ଉଭୟପାର୍ଶ୍ୱରେ ଥିବା ପ୍ରାୟ ୩୨ଟି ଗାଁ ଲୋକ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି। ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ୪ ଚକିଆ ଓ ୨ ଚକିଆ ଯାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଦିନକୁ ଦିନ ସମସ୍ୟା ବୃଦ୍ଧି ପାଉଥିବାରୁ ତୁରନ୍ତ କାର୍ଯ୍ୟ ସାରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଅଜୟ ମଲିକ, ପଦ୍ମନାଭ ମହାନ୍ତି, କବି ନନ୍ଦ, ବାବୁଲ ସିଂହ, କିଶୋର ଦାସ ପ୍ରମୁଖ ଦାବି କରିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିଲା।

# ଜାତୀୟ ୧୭ ବର୍ଷରୁ କମ୍ ଚେସ୍
# ଭାଗ୍ୟଶ୍ରୀ, ମୟଙ୍କ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୯।୭(କ୍ରୀଡ଼ା ପ୍ରତିନିଧି)**

କିଟ୍ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଜାତୀୟ ୧୭ ବର୍ଷରୁ କମ୍ (ବାଳିକା ଓ ଓପନ୍) ଚେସ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବିଭାଗରେ ମହାରାଷ୍ଟ୍ରର ଭାଗ୍ୟଶ୍ରୀ ପାଟିଲ (୧୯୦୮ ରେଟିଂ) ଏବଂ ଓପନ୍‌ରେ ଆସାମର ମୟଙ୍କ ଚକ୍ରବର୍ତ୍ତୀ (୨୦୬୯) ଚାମ୍ପିୟନ ହୋଇଛନ୍ତି। ୩ୟ ସିଡ୍ ମହିଳା ଫିଡେ ମାଷ୍ଟର (ଡବ୍ଲୁଏଫ୍‌ଏମ୍) ଭାଗ୍ୟଶ୍ରୀ ୭ ବିଜୟ ଓ ୪ ଡ୍ର ସହ ମୋଟ ୯ ପଏଣ୍ଟ ପାଇଥିଲେ। ପୁରସ୍କାର ଆକାରରେ ତାଙ୍କୁ ୯୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ୧୧ତମ ସିଡ୍ ପଶ୍ଚିମବଙ୍ଗର ସ୍ନେହ ହାଲ୍‌ଦାର (୧୬୦୧) ୮.୫ (୭ ବିଜୟ, ୩ ଡ୍ର, ୧ ପରାଜୟ) ପଏଣ୍ଟରେ ରହି ରନର୍ସଅପ୍ ହୋଇଛନ୍ତି। ତାଙ୍କୁ ପୁରସ୍କାର ଭାବେ ୭୦,୦୦୦ ଟଙ୍କା ଦିଆଯାଇଛି। ୭ମ ସିଡ୍ ତାମିଲନାଡୁର ତେଜସ୍ୱିନୀ ଜି. (୧୬୬୪) ୮ (୬ ବିଜୟ, ୪ ଡ୍ର, ୧ ପରାଜୟ) ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିବାରୁ ସେ ୫୮,୦୦୦ ଟଙ୍କାର ପୁରସ୍କାର ରାଶି ପାଇଛନ୍ତି।

ଓପନ୍ କାଟେଗୋରିରେ ୬ଷ୍ଠ ସିଡ୍ କ୍ୟାଣ୍ଡିଡେଟ୍ ମାଷ୍ଟର (ସିଏମ୍) ମୟଙ୍କ ୮.୫ (୬ ବିଜୟ, ୫ ଡ୍ର) ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେଣୁ ପୁରସ୍କାର ସ୍ୱରୂପ ସେ ୯୦,୦୦୦ ଟଙ୍କା ପାଇଛନ୍ତି। ୨ୟ ସିଡ୍ ତାମିଲନାଡୁର ହର୍ଶଦ ଏସ୍. (୨୨୩୬) ମଧ୍ୟ ୮.୫ (୬ ବିଜୟ, ୫ ଡ୍ର) ପଏଣ୍ଟ ପାଇଥିଲେ। ତେବେ ବୁକୋଲଜ୍‌ରେ ତାଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଟୁର୍ନାମେଣ୍ଟ ଟପ୍ ସିଡ୍ ଫିଡେ ମାଷ୍ଟର ତାମିଲନାଡୁର ହର୍ଷ ସୁରେଶ (୨୩୨୧) ୮ (୬ ବିଜୟ, ୪ ଡ୍ର, ୧ ପରାଜୟ) ପଏଣ୍ଟ ପାଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ତେଣୁ ପୁରସ୍କାର ଆକାରରେ ଏହି ଦୁଇ ଖେଳାଳିଙ୍କୁ ଯଥାକ୍ରମେ ୭୦,୦୦୦ ଓ ୫୮,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ମନୀଷ କୁମାର(୭.୫) ୬ଷ୍ଠ, ହର୍ଷିତ ରଞ୍ଜନ ସାହୁ (୭) ୧୦ମ, ଜଗଦୀଶ ବାରିକ (୬.୫) ୧୭ଶ ଏବଂ ଶ୍ରେୟାସ ଶୁଭମ୍ ପଟ୍ଟନାୟକ (୬.୫) ୧୯ଶ ସ୍ଥାନରେ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଦ୍ରୋଣାଚାର୍ଯ୍ୟ (୨୦୦୮) ଓ ଅର୍ଜୁନ (୧୯୮୨) ପୁରସ୍କାରପ୍ରାପ୍ତ ଭଲିବଲ ଖେଳାଳି ଜି.ଇ. ଶ୍ରୀଧରନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି, ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ, ମୁଖ୍ୟ ଆର୍ବିଟର ଅସିତ ବରନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ଜୋନ୍ ସପ୍ତାହାନ୍ତ ଭଲିବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୭(କ୍ରୀଡ଼ା ପ୍ରତିନିଧି)**


ସପ୍ତାହାନ୍ତ ଭଲିବଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର, ବାଲେଶ୍ୱର, ଜଗତ୍‌ସିଂହପୁର, ସମ୍ବଲପୁର, ବ୍ରହ୍ମପୁର ଓ ଫୁଲବାଣୀରେ ସପ୍ତାହାନ୍ତ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି କ୍ରମରେ ଆସିକା ରୋଡ୍‌ସ୍ଥିତ ବିନାୟକ ଆଚାର୍ଯ୍ୟ ହାଇସ୍କୁଲ ପରିସରରେ ବ୍ରହ୍ମପୁର ଜୋନ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଗଞ୍ଜାମ ଉପଜିଲାପାଳ ସୁକାନ୍ତ ଚନ୍ଦ୍ର ମିଶ୍ର, ବିନାୟକ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସ୍ୱାଇଁ, ଗଞ୍ଜାମ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ, ଅଖିଳ ସାବତ, ଗୋପାଳ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୧୪ ଏବଂ ୧୮ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ୧୨ଟି ଦଳର ୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏପରି ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ହୋଇଥିବାରୁ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା ଏବଂ ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ସପ୍ତାହାନ୍ତ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ ମାଧ୍ୟମରେ ଏହି କ୍ରୀଡ଼ାକୁ ପ୍ରମୋଟ କରିବାକୁ ଆଗେଇ ଆସିଥିବାରୁ ଏବଂ ରାଜ୍ୟର ଭଲିବଲ ଖେଳାଳିମାନଙ୍କ ପାଇଁ ଖେଳିବା ସୁଯୋଗ ସୃଷ୍ଟି କରିଥିବାରୁ ଅଚ୍ୟୁତ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।


## ୮ମ ଜନ୍ମଦିନ ଶୁଭେଚ୍ଛା



ପିଏସ୍ ସାଇ ଆରାଧ୍ୟା

Durgeswargarh, Nimapara, Puri

ତୋର ଜନ୍ମ ସୁନାବେଶ ଦିନ, ଠାକୁର ତୋତେ ସୁନାପିଲା କରି ଗଢି ତୋଳନ୍ତୁ। ତୁମେ ଦୀର୍ଘାୟୁ, ନୀରୋଗୀ ଓ ଚଲାପଥରେ ପୁଷ୍ପବୃଷ୍ଟି ହେଉ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ବାବା, ମାମା, ଶିଖା, ବାବୁ, ବନ୍ଧୁ ଓ ପରିବାରବର୍ଗ ।

ଧ-୯୪୭

## HAPPY BIRTHDAY

On your birthday I wish for you
All the Joys your heart can hold.
All the Smiles a day can bring.
All the Blessings life can unfold.
All your Dreams & Wishes comes true.
All happiness come 2 u
God bless you always.

Many many Happy returns of the day & Wishing you a very special Birthday. Happy Birthday Harsita (Kunu)

-:Special wishes from:-
Khirod & Family

ଧ-୯୫୬

## Birthday Wish



Happy Birthday, Jeet !

We've watched you grow into an amazing man. May the year ahead continue to exceed your expectations!

-Best Wishes From-
Papa, Mama, Chachu, Chachi, Juhi, Chintu, Pinu, Rishi. Mausa, Mausi, Maa, Aae.

ଧ-୯୫୧


# ଏଏସ୍‌ଜେଏର ନିଆରା କାର୍ଯ୍ୟକ୍ରମ


ଏଏସ୍‌ଜେଏ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହେବା ପରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ (ବାମ)।

**ଭୁବନେଶ୍ୱର, ୯।୭(କ୍ରୀଡ଼ା ପ୍ରତିନିଧି):** ଆସାମରେ କ୍ରୀଡ଼ା ସାମ୍ବାଦିକତାକୁ ୧୦୦ ବର୍ଷ ପୂରଣ ହୋଇଛି। ୧୯୨୩ ଜୁଲାଇ ୧ରେ ଦିବ୍ରୁଗଡ଼ରୁ ପ୍ରକାଶିତ 'ଆସୋମିୟା' ଖବରକାଗଜରେ ପ୍ରଥମଥର ପାଇଁ ଏକ ଖେଳ ଖବର ପ୍ରକାଶ ପାଇଥିଲା। ଏହା ଆସାମ ଗଣମାଧ୍ୟମରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା ଏବଂ ରାଜ୍ୟରେ ଖବର ପ୍ରକାଶ ଧାରାର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଥିଲା। ୨୦୨୨ ଜୁଲାଇ ୨ରେ ଏହାକୁ ୧୦୦ ବର୍ଷ ପୂରିଥିବାରୁ ଆସାମ ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଆସୋସିଏଶନ (ଏଏସ୍‌ଜେଏ)ପକ୍ଷରୁ ବର୍ଷବ୍ୟାପୀ ବିଭିନ୍ନ ଇଭେଣ୍ଟ ଆୟୋଜନର ଲକ୍ଷ୍ୟ ରଖାଯାଇଛି। ଏପରି ଏକ ନିଆରା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ଗୁଆହାଟୀର ଦେଶଭକ୍ତ ତରୁଣ ରାମ ଫୁକନ ଇନ୍‌ଡୋର ଷ୍ଟାଡିୟମସ୍ଥିତ ଆର.ଜି. ବରୁଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜୁଲାଇ ୯ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁରାଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସାମ ବିଧାନସଭା ବାଚସ୍ପତି ବିଶ୍ୱଜିତ ଦାଇମାରି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଏସ୍‌ଜେଏ ସଭାପତି ସୁବୋଧ ମଲ୍ଲ ବରୁଆ ଓ ସମ୍ପାଦକ ଇମ୍‌ତିଆଜ ଅହମଦ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତିଆଣ ମନ୍ତବ୍ୟ, ଜଣେ ଗିରଫ

**ବର୍ମିଂହାମ,୯।୭,(ପି.ଟି):** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଅନ୍ତିମ ଟେଷ୍ଟରେ ଜାତିଆଣ ମନ୍ତବ୍ୟ ପ୍ରଦାନ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ପୋଲିସ। ଭାରତୀୟ ଦର୍ଶକଙ୍କ ଉଦ୍ଦେଶ୍ୟରେ ଏହି ବ୍ୟକ୍ତି ଜଣଙ୍କ ଜାତିଆଣ ମନ୍ତବ୍ୟ ପ୍ରଦାନ କରିଥିଲେ। କୋଭିଡ ପାଇଁ ପୁନଃନିର୍ଦ୍ଧାରିତ ତାରିଖରେ ଖେଳାଯାଉଥିବା ଏହି ଟେଷ୍ଟର ଚତୁର୍ଥ ଦିନରେ ଏଭଳି ଘଟଣା ଘଟିଥିଲା। ଜଣେ ୩୨ ବର୍ଷୀୟ ବ୍ୟକ୍ତିଙ୍କୁ ଏହି ମାମଲାରେ ପଚରା ଉଚୁରା ପାଇଁ ଗିରଫ କରାଯାଇଥିବା ବର୍ମିଂହାମ ପୋଲିସ୍ ପକ୍ଷରୁ କୁହାଯାଇଛି।

ଜାତିଆଣ ମନ୍ତବ୍ୟ ପରେ ସୋସିଆଲ ମିଡିଆରା ହଙ୍ଗାମା ହୋଇଥିଲା। ଟ୍ୱିଟରରେ କଡା ପ୍ରତିକ୍ରିୟା ପରେ ଇସିବି ଏବଂ ୱାରୱିକଶାୟାର ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଭିଡିଓ ଫୁଟେଜ ଦେଖି ତଦନ୍ତ ପରେ ପୋଲିସ୍ ପକ୍ଷରୁ ଜନୈକ ୩୨ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। କୌଣସି ଦର୍ଶକଙ୍କ ସହିତ ଭବିଷ୍ୟତରେ ଏଭଳି ନହେବା ନେଇ ସେ ଆଶ୍ୱାସନା ମଧ୍ୟ ଦେଇଛନ୍ତି ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟୁଆର୍ଟ କେନ। ସେହିପରି ମ୍ୟାଚ୍ ସମୟରେ ଦର୍ଶକଙ୍କ ମଧ୍ୟରେ ସ୍ୱଚ୍ଛର ମାନଙ୍କୁ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି ଇସିବି। ଉଲ୍ଲେଖଯୋଗ୍ୟ ଯେ, ବର୍ମିଂହାମର ଏଜବାଷ୍ଟନରେ ସିରିଜର ଦ୍ୱିତୀୟ ଟି-୨୦ ମୁକାବିଲା ଖେଳାଯିବ।

## ରାଜ୍ୟ ଖବର

# ରାତିଅଧରେ ଗଛକଟା

- ଜଙ୍ଗଲରେ ପଡ଼ିଛି ୬୦ରୁ ଊର୍ଦ୍ଧ୍ୱ ଶାଗୁଆନ ଗଛ
- ରେଞ୍ଜରଙ୍କୁ ଘେରିଲେ ଉତ୍ତ୍ୟକ୍ତ ଲୋକେ

**ଉଦଳା, ୯।୭ (ଡି.ଏନ.ଏ.)**


ରେଞ୍ଜରଙ୍କୁ ଲୋକେ ଘେରାଉ କରି ରଖିଛନ୍ତି।

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ନାବରା ଡି ରିଜର୍ଭ ଜଙ୍ଗଲରୁ ଶୁକ୍ରବାର ରାତିରେ କଟାଯାଇଛି ୬୦ରୁ ଊର୍ଦ୍ଧ୍ୱ ଶାଗୁଆନ ଗଛ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦ କରି ଲୋକେ ଶନିବାର ଉଦଳା-ପୋଡାଡିହା ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ଉଦଳା ରେଞ୍ଜର ଅରୁଣ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚିବା ପରେ ଲୋକେ ତାଙ୍କୁ ଘେରିଯାଇ ଅସନ୍ତୋଷ ଜାହିର କରିଥିଲେ। ଦୀର୍ଘ ସମୟ ଧରି ଲୋକେ ରେଞ୍ଜରଙ୍କୁ ନ ଛାଡିବାରୁ ଅତିରିକ୍ତ ତହସିଲଦାର ପହଞ୍ଚି ବୁଝାଶୁଝା କରିଥିଲେ। ଶେଷରେ ଆସନ୍ତା ମଙ୍ଗଳବାର ବନ ବିଭାଗ ଉପରିସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଗ୍ରାମବାସୀଙ୍କ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ବିଳମ୍ବିତ ରାତିରେ କେତେଜଣ ଲୋକ ବୋଲେରୋରେ ଆସି ଜଙ୍ଗଲରେ ହୋଇଥିବା ବଡ ବଡ ଶାଗୁଆନ ଗଛ କାଟି ପକାଇଥିଲେ। ଏହା ଜାଣିପାରି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଭୟରେ ସେମାନେ କଟା ହୋଇଥିବା ଗଛକୁ ଛାଡି ପଳାଇଯାଇଥିଲେ। ତେବେ ବନବିଭାଗ କର୍ମଚାରୀମାନେ ଏହି ଗଛ କାଟୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଉଦଳା-ପୋଡାଡିହା ରାସ୍ତାର ନାବରା ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଦୀର୍ଘବର୍ଷ ହେବ ଏହି ଜଙ୍ଗଲକୁ ଗ୍ରାମବାସୀ ସୁରକ୍ଷା ଦେଇ ଆସୁଥିବା ବେଳେ ରାତିଅଧିଆ ଗଛ କଟାଯାଉଥିବା ଅଭିଯୋଗ କରିଥିଲେ। ଉଦଳା ରେଞ୍ଜରଙ୍କ କହିବା ଅନୁଯାୟୀ, ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଗଛକଟା ହୋଇଛି। ତେବେ ଯମୁନାଗଡରୁ ବିସ୍ଥାପିତ ହୋଇଆସିଥିବା ୪ଟି ପରିବାର ଥଇଥାନ ପାଇଁ ଏହି ଗଛ କଟାଯାଉଥିବା ସେ କହିଛନ୍ତି। ତେବେ ରାତିରେ ଗଛ କଟାଯିବାର କାରଣ ସମ୍ପର୍କରେ ରେଞ୍ଜର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଡିଜେ ଗାଡ଼ି କର୍ମଚାରୀ ମୃତ

**କେନ୍ଦୁଝର, ୯।୭ (ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଆଟପୁର ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ବିବାହ ଶୋଭାଯାତ୍ରାରେ ଯାଉଥିବା ଏକ ଡିଜେ ଗାଡ଼ି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଶିବାନନ୍ଦ ନାୟକ। ତାଙ୍କ ଘର ରାଧିକାଦେଇପୁର ବୋଲି ଜଣାପଡ଼ିଛି। ମୃତ୍ୟୁକୁ ନେଇ ମେଡିକାଲରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା। ଏ ନେଇ ଟାଉନ ଥାନା ଅଧିକାରୀ ପ୍ରମୋଦିନୀ ସାହୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ଉକ୍ତ ଗାଡ଼ିକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ରେଳଧାରଣାରୁ ୩ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୯।୭**

ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ (ଜିଆରପି) ଦିନକରେ ରେଳଧାରଣାରୁ ୩ ମୃତଦେହ ଜବତ କରିଛି। ଏ ନେଇ ୩ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଖଲ୍ଲିକୋଟ ନିକଟରେ ବେଙ୍ଗାଲୁରୁ -ଗୁଆହାଟୀ ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତକ ଜଣଙ୍କ ଅଭେଦ ଅଲ୍ଲୀ (୨୦) ଓ ତାଙ୍କ ଘର ଆସାମର କାମୁର ଜିଲା ସାଇଗାଁ ଥାନା ଅନ୍ତର୍ଗତ ପାନିଖୋଟି। ପୋଲିସ ମୃତଦେହ ଜବତ କରି ୪୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସେହିପରି ଶନିବାର ମଧ୍ୟାହ୍ନରେ ହୁମା-ରମ୍ଭା ରେଳଧାରଣା କଡ଼ରୁ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ଆନୁମାନିକ ୪୦ ବର୍ଷ ହେବ ବୋଲି ପୋଲିସ କହିଛି। ରେଳଧାରଣା ଅତିକ୍ରମ କରୁଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ନଂ.୪୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି କନିଷି ନିକଟ ଶିହଳା ଲେଭଲ କ୍ରସିଂ ନିକଟରେ ଏକ ମୃତଦେହ ପଡ଼ିଥିବା ପୋଲିସ ଖବର ପାଇ ପହଞ୍ଚିଥିଲା। ମୃତକଙ୍କ ପକେଟରୁ ମିଳିଥିବା ଏକ ମୋବାଇଲ ଜରିଆରେ ତାଙ୍କର ପରିଚୟ ସ୍ପଷ୍ଟ କରିଥିଲା। ମୃତକ ଅର୍ଜୁନ ଓରାନ(୪୦) । ଘର ପଶ୍ଚିମବଙ୍ଗ ଜଲପାଇଗୁଡ଼ି ବନହାର ଥାନା ଅନ୍ତର୍ଗତ ମଙ୍ଗଲକଟା। ଟ୍ରେନରୁ ଖସି ଅର୍ଜୁନଙ୍କ ମୃତ୍ୟୁ ଘଟିଥିବା ପୋଲିସ ଜାଣିବାକୁ ପାଇଛି। ମୃତଦେହ ଜବତ କରି ନଂ. ୪୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ବସ୍‌ରେ ଛାତ୍ରୀଙ୍କୁ ଅସଦାଚରଣ

## ଅଭିଯୁକ୍ତଙ୍କୁ ଫେରାର କରାଇବା ଅଭିଯୋଗରେ କଣ୍ଡକ୍ଟର ଅଟକ

**କଳିଙ୍ଗନଗର,୯।୭(ଡି.ଏନ.ଏ.)**

ଏକ ଘରୋଇ ବସ୍‌ରେ କଟକରୁ ଯାଜପୁର ରୋଡ୍ ଆସୁଥିବା ଜଣେ କଲେଜ ଛାତ୍ରୀଙ୍କୁ ଶନିବାର ଅସଦାଚରଣ କରାଯାଇଛି। ଏନେଇ ସମ୍ପୃକ୍ତ ଛାତ୍ରୀ ଜଣକ ଯାଜପୁର ରୋଡ୍ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ଅନୁସନ୍ଧାନ କରିବା ସହିତ ଅଭିଯୁକ୍ତଙ୍କୁ ଖସାଇ ଦେବା ଅଭିଯୋଗରେ ବସ୍ କଣ୍ଡକ୍ଟରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଛାତ୍ରୀଙ୍କ ଅଭିଯୋଗ ମୁତାବକ, ସେ ଚଣ୍ଡିଖୋଲରେ ଥିବା ଏକ ପ୍ରତିଷ୍ଠିତ ସରକାରୀ କଲେଜରେ ପଢୁଛନ୍ତି। କୌଣସି କାମରେ କଟକ ଯାଇ ତାଙ୍କ ଘର ଯାଜପୁର ରୋଡ୍ ଅଭିମୁଖେ ଆସୁଥିଲେ। ମାତ୍ର ତାଙ୍କ ନିକଟରେ ବସିଥିବା ଜଣେ ଯୁବକ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଟଣାଓଟରା କରିଥିଲେ। ଏଥିରେ ଭୟଭୀତ ହୋଇ ସମ୍ପୃକ୍ତ ଛାତ୍ରୀ କାନ୍ଦି କାନ୍ଦି ବସ୍‌ରେ ବସି ରହିଥିଲେ। ବସ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ଘଟଣା ପ୍ରଘଟ ହୋଇଥିଲା। ମାତ୍ର ଉପସ୍ଥିତ କେତେଜଣ ଯାତ୍ରୀ ଏବଂ ବସ୍ କର୍ମଚାରୀ ଘଟଣାକୁ ରଫାଦଫା କରିବାକୁ ଚେଷ୍ଟା କରିବା ସହିତ ଅଭିଯୁକ୍ତଙ୍କୁ ଉକ୍ତ ସ୍ଥାନରୁ ଫେରାର କରିଦେଇଥିବା ଛାତ୍ରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଅମରନାଥରେ ଫସିଛନ୍ତି ୫ ରାୟଗଡ଼ାବାସୀ

**ରାୟଗଡା ଅଫିସ, ୯।୭**

ରାୟଗଡ଼ାର ୫ଜଣ ତୀର୍ଥଯାତ୍ରୀ ଅମରନାଥଠାରେ ଫସିଛନ୍ତି। ସେମାନେ ହେଲେ ରାୟଗଡ଼ାର ବସନ୍ତ କୁମାର ସେନାପତି, ସୌମ୍ୟରଞ୍ଜନ ପାତ୍ର, କୋନାତମ୍.ରବିକୁମାର, ଟୁକୁନା ପ୍ରଧାନ ଓ ନୀହାର ରଞ୍ଜନ ପାତ୍ର। ବାଦଲଫଟା ବର୍ଷା ଯୋଗୁ ହୋଇଥିବା ଭୂସ୍ଖଳନ ସ୍ଥାନଠାରୁ କୌଣସି ପ୍ରକାରେ ସେମାନେ ବର୍ତ୍ତିଯାଇ ଦୀର୍ଘ ୧୮ କିମି ଚାଲି ଚାଲି ଏକ ସୁରକ୍ଷିତ ସ୍ଥାନରେ ପହଞ୍ଚିଛନ୍ତି। ଉକ୍ତ ସ୍ଥାନରୁ ସମସ୍ତଙ୍କୁ ବସ୍ ଯୋଗେ ଜମ୍ମୁ ପଠାଯିବ। ରାୟଗଡା ଜିଲାପାଳ ସ୍ୱଧା ଦେବସିଂହ ରାୟଗଡାରୁ ଯାଇଥିବା ଯାତ୍ରୀମାନଙ୍କ ସହ କଥା ହୋଇଛନ୍ତି। ଉକ୍ତ ଅଞ୍ଚଳର ପ୍ରଶାସନ ସହ ଯୋଗାଯୋଗ କରାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ଭାବେ ରାୟଗଡା ଅଣାଯିବ ବୋଲି ଜିଲାପାଳ କହିଛନ୍ତି।


## ମନେ ପଡ଼ନ୍ତି

### SRADHANJALI



Er. Dr. Soyuz Priyadarsan Ph.D.
121/543 Nayapalli Sabarsahi, Madhusudan Nagar, BBSR-751012
Birth: 11.10.1976 Durga Astami
Death: 17.10.2005 Bada Ekadasi

VIRU BABA,
Every day I miss you.
I pray Lord Jagannath to grant you eternal peace.
your unfortunate father
Padmanava Sethi

D-943

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



√ଡକ୍ଟର ପ୍ରତାପ ଚନ୍ଦ୍ର ପଣ୍ଡା
ନୂଆବଜାର, ଭଦ୍ରକ
(ଆଷାଢ଼ ମାସ)
ଆବିର୍ଭାବ: ୨୧।୧୧।୧୯୪୫
ତିରୋଧାନ: ୨୧।୦୭।୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।

ଧ-୯୪୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ. କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ପ୍ରାର୍ଥନା ।
-:ଶୋକସନ୍ତପ୍ତ:- ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ ।

ଧ-୯୪୪

### ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



√ଦୋଳଗୋବିନ୍ଦ ତ୍ରିପାଠୀ
ରତାଦିଆ ଖଣ୍ଡସାହି, ବନ୍ଧପଡ଼ା, କେନ୍ଦ୍ରାପଡ଼ା
ଆବିର୍ଭାବ-୨୨।୦୩।୧୯୪୦
ତିରୋଧାନ- ୨୯।୦୬।୨୦୨୨
ସଦା ଚଳଚଞ୍ଚଳ ରତାଦିଆ ସମେତ ଆଖପାଖ ଗାଁର ଜନତା ଆଜି ନମସ୍ୟ ଆପଣଙ୍କ ଅବର୍ତ୍ତମାନରେ ସ୍ତବ୍ଧ। ନିଜର ଉଚ୍ଚାଙ୍ଗ ସ୍ପଷ୍ଟବାଦିତା, ଭିକ୍ଷାଶୀଙ୍କ ପ୍ରତି ଉଦାରତା, ଜନତାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଗୁଣ ପାଇଁ ଗାଁ ଜଗନ୍ନାଥ ମନ୍ଦିରର ଠାକୁର ରାଜା ଆପଣଙ୍କୁ ଜଗନ୍ନାଥେ ସେଦିନ ନେତ୍ର ପାଉପାଉ ଆମଠୁ ଛଡ଼ାଇ କୋଳାଗ୍ରତ କରିନେଲେ ସିନା ହେଲେ ଆମକୁ ଦୁଃଖ ସାଗରରେ ଭସାଇ ଦେଲେ। ତଥାପି ଆପଣ ପ୍ରଭୁଙ୍କ କୋଳରେ ଶାନ୍ତିରେ ଶୋଇ ଥାଆନ୍ତୁ।
ଶୋକସନ୍ତପ୍ତ: ପୁଅ-ବୋହୂ: ବାବୁଲି- ମଞ୍ଜୁ, ରମା-କୁନି, ଝିଅ-ଜ୍ୱାଇଁ: ଜାନୀ-ମହେଶ୍ୱର, ଜୟନ୍ତୀ-ନୃସିଂହ, ପ୍ରତିମା-ମହେଶ୍ୱର, ରେବୁ-ନରେନ୍ଦ୍ର, ନାତି-ନାତୁଣୀବୋହୂ: ଲିକୁ-ମିକୁ, ଟିକୁ-ରେଶମା, ସିପୁନ-ଶାନ୍, ନାତୁଣୀ-ନାତୁଣୀଜ୍ୱାଇଁ: ରିମା-ବୁବୁ, ବବି, ସିମ୍ପୁଲ, ପୂଜା, ଲାଫି, ଭଣଜା-ଭଣଜାବୋହୂ: ବାଜ-କୁନି, ପୁତୁରା: ଦୀପୁ, ପପୁ, ବନ୍ଧୁ ଓ ପରିଜନବର୍ଗ।

ଧ-୯୪୯

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√Mrunal Kanta Swain (Titu)
Hotel Miland Palace (Director)
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ : ୧୯.୧୦.୧୯୫୭ (ରମା ଏକାଦଶୀ)
ତିରୋଧାନ : ୧୫.୦୭.୨୦୧୬ (ସୁନାବେଶ, ଏକାଦଶୀ)
ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ, ପିତରି ପ୍ରିତୀମାପନେ ପ୍ରିୟନ୍ତେ ସର୍ବଦେବତା । ବାପା, ଆକାଶ ପରି ବ୍ୟାପ୍ତ, ସମୁଦ୍ର ପରି ଗଭୀର ଥିଲା ଆପଣଙ୍କ ଉପସ୍ଥିତି, ଆପଣ ଜଣେ ଦାୟିତ୍ୱସମ୍ପନ୍ନ ଏବଂ ସମୟାନୁବର୍ତ୍ତୀ ଥିଲେ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଯେଉଁଠି ବି ଥାଆନ୍ତୁ ଆଶୀର୍ବାଦ ସର୍ବଦା ପ୍ରଦାନ କରୁଥାନ୍ତୁ ।
ଶୋକସନ୍ତପ୍ତ : ପତ୍ନୀ-ଜଲି, ପୁଅ-ଆତିଥ୍ୟ, ଲିସା-ବିବେକ, ଟିସା-ତରୁଣ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୬୩/୪୦

# ରେନିଡେ' ଆଉଟିଂ



ବର୍ଷାଦିନିଆ କୋହଲା ପାଗ ସାଙ୍ଗକୁ ଥଣ୍ଡା ଥଣ୍ଡା ପବନରେ ବୁଲିବାର ମଜା ନେବାକୁ ବେଶ୍ ଆଗ୍ରହୀ ଯୁବପିଢ଼ି ହେଲେ ଏମିତିରେ ସାମାନ୍ୟ ଅବହେଳା ସାଜିପାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ...

ବର୍ଷାଦିନିଆ ଥଣ୍ଡା ପାଗରେ ସାଙ୍ଗସାଥୀଙ୍କ ସହ ବିଭିନ୍ନ ସ୍ଥାନ ବୁଲିଯିବାର ଚାର୍ମ ଅଲଗା। ସେ ସମୟରେ ସେମାନଙ୍କୁ ନା ଥାଏ ବର୍ଷାରେ ଭିଜିବାର ଡର ନା ସ୍ୱାସ୍ଥ୍ୟ ସମସ୍ୟାକୁ ଖାତିର। ହେଲେ ଏଦିନେ ବାହାରକୁ ବୁଲିଯିବା ସମୟରେ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସଚେତନ ହେବା ନିହାତି ଆବଶ୍ୟକ।

- ବର୍ଷାଦିନେ ସମୁଦ୍ରକୂଳ ବୁଲିଯାଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ଏଦିନେ ନଈରେ ଭାସିଆସୁଥିବା ବହୁ ପରିମାଣର ଆବର୍ଜନା ସମୁଦ୍ରରେ ମିଶୁଥିବାରୁ କୂଳ ଏବଂ ପାଣି ଅପରିଷ୍କାର ରହିଥାଏ। ତା'ଛଡ଼ା ଅନେକ ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ଗାଧୋଇବା କିମ୍ବା ଲହଡ଼ି ଭାଙ୍ଗିବା ସମୟରେ କେହି କେହି ଭାସିଯିବାର ଅନେକ ନଜିର ରହିଛି।
- ହିଲ୍ ଷ୍ଟେଶନ୍ ବୁଲିଯିବାକୁ ଅନେକେ ପସନ୍ଦ କରନ୍ତି। ହେଲେ ବର୍ଷାଦିନେ ପାଣି ପଡି ପାହାଡିଆ ଘାଟି ରାସ୍ତାଗୁଡିକ ଖସଡା ହୋଇ ରହିଥାଏ। ତେଣୁ ଗାଡି ଚଲାଇବା ବେଳେ ସ୍ଲିପ୍ ହୋଇ ଦୁର୍ଘଟଣା ହେବାର ଆଶଙ୍କା ବେଶୀ। କେବଳ ଏତିକି ନୁହେଁ, ପାହାଡ଼ଚଢ଼ା ବା ହିଲ୍ ଟ୍ରାକିଂ କରିବା ବିପଦପୂର୍ଣ୍ଣ। କାରଣ ଏହିଦିନେ ବର୍ଷା ଯୋଗୁ ପାହାଡ଼ିଆ ପଥର ଚଟାଣଗୁଡିକରେ ଶିଉଳି ହୋଇ ଗୋଡ ଖସିଯିବାର ଆଶଙ୍କା ଅଧିକ।
- ଅଭୟାରଣ୍ୟ କିମ୍ବା ନ୍ୟାଶନାଲ ପାର୍କ ଆଦି ସ୍ଥାନରେ ଏ ଦିନେ ବଣବୁଦା ଅଧିକ ଘଞ୍ଚ ହୋଇଯିବା ସହ ବିଷଧର କୀଟ, ପତଙ୍ଗ ଏବଂ ସାପ ଆଦିଙ୍କ ସଂଖ୍ୟା ବଢ଼ିଯାଇଥାଏ। ତେଣୁ ଏଭଳି ସ୍ଥାନକୁ ଯିବା ଆଦୌ ନିରାପଦ ନୁହେଁ। ତଥାପି ଯଦି ଏଭଳି ସ୍ଥାନକୁ ଯିବାକୁ ପ୍ଲାନ୍ କରୁଛନ୍ତି, ଆବଶ୍ୟକ ସତର୍କତା ଅବଲମ୍ବନ କରିବା ସହିତ ଗାଇଡ୍‌ଙ୍କୁ ସାଙ୍ଗରେ ନେବାକୁ ଭୁଲନ୍ତୁ ନାହିଁ।
- ଏଦିନେ ରିଭର ରାଫ୍ଟି, ବୋଟିଂ ଆଦି ଭଳି ଦୁଃସାହସିକ କାର୍ଯ୍ୟ ଆଦୌ ନ କରିବା ଭଲ। କାରଣ ବର୍ଷାଦିନେ ନଈରେ ପାଣିର ସ୍ରୋତ କ୍ଷିପ୍ର ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ବେଶି।
- ବର୍ଷାରେ ବୁଲିବାକୁ ଯିବା ସମୟରେ ବାହାରେ ରାନ୍ଧି ଖାଇବା ପ୍ଲାନ୍ ରଖନ୍ତୁ ନାହିଁ। କାରଣ ଏଦିନେ ସମୟେ ସମୟେ ହଠାତ୍ ପ୍ରବଳ ବର୍ଷା ପବନ ହେଉଥିବାରୁ ରୋଷେଇ କରିବା କଷ୍ଟକର ହୋଇପଡ଼େ। ଏଦିନେ ସାଧାରଣତଃ ପାଣି ଅପରିଷ୍କାର ରହୁଥିବାରୁ ବାହାରେ ଖାଇବା ଦ୍ୱାରା ଝାଡ଼ାବାନ୍ତି ଆଦି ହେବାର ଆଶଙ୍କା ବଢ଼ିଯାଏ। ତେଣୁ ଭଲ ଭାବେ ଖାଦ୍ୟପେୟର ବ୍ୟବସ୍ଥା କରି ବୁଲିଯାଆନ୍ତୁ।
- ଏଦିନେ ବୁଲିଯିବା ସମୟରେ ବର୍ଷାରେ ଭିଜିବାର ଆଶଙ୍କା ଅଧିକ। ତେଣୁ ସାଙ୍ଗରେ ଅଧିକ କିଛି ଶୁଖିଲା ଡ୍ରେସ୍, ଟାୱେଲ ଆଦି ନିଶ୍ଚୟ ରଖନ୍ତୁ। ଶୀଘ୍ର ନ ଶୁଖିପାରୁଥିବା ଭଳି ଭାରି ପୋଷାକ ପରିବର୍ତ୍ତେ ଶୀଘ୍ର ଶୁଖିପାରୁଥିବା ଭଳି ହାଲୁକା ସିନ୍ଥେଟିକ୍ ପୋଷାକ ବ୍ୟବହାର କରନ୍ତୁ।
- ଅନେକ ସ୍ଥାନରେ ବର୍ଷାଯୋଗୁ ବିଦ୍ୟୁତ କାଟ୍ ହେଉଥିବାରୁ ମୋବାଇଲ୍ ବ୍ୟାଟେରି ଲୋ ହୋଇଗଲେ ଚାର୍ଜ କରିବା ଅସମ୍ଭବ ହୋଇପଡ଼େ। ତେଣୁ ପରିବାର ସହିତ ଯୋଗାଯୋଗ ରଖିବା ଲାଗି ମୋବାଇଲ୍‌ର ଚାର୍ଜ ଯେପରି କମି ନ ଯାଏ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। କେବଳ ଏତିକି ନୁହେଁ, ଏହା ସହିତ ସାଙ୍ଗରେ କ୍ୟାମେରା ନେଇଥିଲେ ଯେପରି ପାଣି ସଂସ୍ପର୍ଶରେ ନ ଆସେ ଧ୍ୟାନ ଦିଅନ୍ତୁ।
- ବାହାରକୁ ବୁଲିଯିବା ବେଳେ ହଠାତ୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ମେଡିକାଲ ସୁବିଧା ସଙ୍ଗେ ସଙ୍ଗେ ପାଇବା ସେତେଟା ସହଜ ନୁହେଁ। ତେଣୁ ସାଙ୍ଗରେ ମେଡିକାଲ କିଟ୍ସ, ଆଣ୍ଟିବାୟୋଟିକ, ବ୍ୟାଣ୍ଡେଜ ଭଳି ଏମର୍ଜେନ୍ସି ଜିନିଷ ରଖନ୍ତୁ।









## ଏ ସପ୍ତାହର ପ୍ରଶ୍ନ

୧– .......... ମସିହାକୁ ଏସିଆନ୍– ଇଣ୍ଡିଆ ଫ୍ରେଣ୍ଡଶିପ୍ ଇୟର ଭାବେ ପାଳନ କରାଯାଏ।
୨– ସ୍ୱଦେଶ ଦର୍ଶନ ସ୍କିମ୍ ............. ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?
୩– ଇଣ୍ଟରନ୍ୟାଶନାଲ୍ ଡେ' ଅଫ୍ ବ୍ୟାଙ୍କ୍ସ ପ୍ରଥମ ଥର ପାଇଁ .......... ମସିହାରେ ପାଳିତ ହୋଇଥିଲା ?
୪– ନିକଟରେ .......... ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ୍ ଏଜେନ୍ସିର ନୂତନ ଡାଇରେକ୍ଟର ଜେନେରାଲ୍ ଭାବେ ନିଯୁକ୍ତ ହୋଇଛନ୍ତି ?
୫– ସମ୍ରାଟ୍ ଅଶୋକଙ୍କ ମାଆଙ୍କ ନାମ ......... ?

## ଗତ ଥରର ଉତ୍ତର

୧ ଜୁନ୍ ୨୮
୨ ଜୁଲ୍‌ଜାନାହ
୩ ପରମେଶ୍ୱରନ୍ ଆୟାର୍
୪ ମାତୁଙ୍ଗା ରେଲୱେ ଷ୍ଟେଶନ୍
୫ ବିହାର

## ଉତ୍ତରଦାତା

- କିଶୋର ପାଣି, ଭୁବନେଶ୍ୱର
- ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଲୋକପ୍ରିୟ ମାଗାଜିନ୍




୧.......... ୱେର୍ଡ
୨.......... ରିଅଲ୍ ସିମ୍ପଲ୍
୩.......... ଦି ଇକୋନୋମିଷ୍ଟ
୪.......... କୁକ୍ସ ଇଲୁଷ୍ଟ୍ରେଟେଡ୍
୫.......... ଏସ୍କୋୟେର୍
୬.......... ଦି ନ୍ୟୁୟର୍କର
୭.......... ଆମେରିକାନ୍ ଡେମୋଗ୍ରାଫିକ୍ସ
୮.......... ମେନ୍ସ ହେଲ୍‌ଥ
୯.......... ଜେନ୍
୧୦.......... କଞ୍ଜ୍ୟୁମର ରିପୋର୍ଟ୍ସ

## ଯୁବ ପ୍ରତିଭା

# ସାପଙ୍କ ବନ୍ଧୁ ସ୍ନେହାଶ୍ରୀ



ପେଶାରେ ଜଣେ ଶିକ୍ଷୟିତ୍ରୀ। ହେଲେ ନିଶା ତାଙ୍କର ସାପ ଧରିବା। କେବଳ ସାପ କାହିଁକି ବିଭିନ୍ନ ପଶୁପକ୍ଷୀ ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ମଧ୍ୟ ସେ ସର୍ବଦା ତତ୍ପର। ଯେଉଁଥିପାଇଁ ଜଣେ ପ୍ରାଣୀ ସୁରକ୍ଷାକାରୀ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତା। ସେ ହେଉଛନ୍ତି ମୟୂରଭଞ୍ଜ ଜିଲାରେ ରହୁଥିବା ସ୍ନେହାଶ୍ରୀ ସୋରେନ୍। ବର୍ତ୍ତମାନ ସୁଦ୍ଧା ସେ ବହୁ ସଂଖ୍ୟାରେ ସାପ ଧରିଥିବାବେଳେ କେବଳ ୨୦୧୧ ମସିହାରୁ ପ୍ରାୟ ୧ହଜାର ସାପ ଧରି ସାରିଛନ୍ତି। ସ୍ଥାନୀୟ ଅଞ୍ଚଳରେ କାହା ଘରେ ସାପ ବାହାରିଲେ ତାଙ୍କୁ ଖୋଜାପଡ଼େ। ଆଉ ସେଠାରେ ପହଞ୍ଚି ସାପକୁ ଅତି ସହଜରେ କାବୁ କରି ସେ ଜଙ୍ଗଲରେ ଛାଡ଼ିଥା'ନ୍ତି। ବର୍ତ୍ତମାନ ସେ ଏକ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ସ୍କୁଲ ସମୟରେ ପିଲାଙ୍କୁ ପଢ଼ାଇ ସାରିବା ପରେ ଅନ୍ୟ ସମୟରେ ସମାଜସେବା କରନ୍ତି। ଆବଶ୍ୟକ ସମୟରେ ନିଜ ସାଧ୍ୟମତେ ଲୋକଙ୍କୁ ସାହାଯ୍ୟ କରିଥା'ନ୍ତି। ସାପକୁ ଦେଖିଲେ ସାଧାରଣତଃ ସଭିଏଁ ଭୟ କରୁଥିଲା ବେଳେ ସେମାନେ ମୋ ବନ୍ଧୁ ବୋଲି କୁହନ୍ତି ସ୍ନେହାଶ୍ରୀ। ସାପ ଦେଖିବାମାତ୍ରେ ଭୟଭୀତ ହୋଇ ତା'କୁ ନ ମାରି ସୁସ୍ଥ ଅବସ୍ଥାରେ ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେବାକୁ ସେ ସଭିଙ୍କୁ ପରାମର୍ଶ ଦିଅନ୍ତି। ଗୁରୁ ଦେବଜିତ୍ ରାଉତରାୟଙ୍କଠାରୁ ସେ ସାପ ଧରିବା ତାଲିମ ନେଇଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ପ୍ରାୟ ହଜାର ହଜାର ବିଭିନ୍ନ ପ୍ରଜାତିର ସାପ ଧରି ଜଙ୍ଗଲରେ ଛାଡ଼ିଛନ୍ତି। ତେବେ ସେ ଜଣେ ଯୁବତୀ ହୋଇ ଏଭଳି ବିପଦପୂର୍ଣ୍ଣ କାମ କରି ମାଲକାନଗିରି ଜିଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଅନେକ ସ୍ଥାନରେ ପ୍ରଶଂସିତ ହୋଇପାରିଛନ୍ତି।

– ବନବିହାରୀ ବେହେରା

## ୟୁଥ୍ ଆଲର୍ଟ

# ଆବିଲିଟି–ଓ ଥିଲେ ପ୍ରଖର ହୁଏ ସ୍ମରଣଶକ୍ତି



ସାଧାରଣତଃ ଯେଉଁ ବ୍ୟକ୍ତିଙ୍କର ଆଇକ୍ୟୁ (ଇଣ୍ଟେଲିଜେଣ୍ଟ କୋସେଣ୍ଟ) ଯେତେ ଅଧିକ, ସେମାନେ ସେତେ ବୁଦ୍ଧିମାନ୍ ବୋଲି କୁହାଯାଏ। ଏମିତିକି ୧୪୦ ଆଇକ୍ୟୁ ଲେବଲ ଥିଲେ ସେମାନଙ୍କୁ ଜିନିୟସ୍ ବୋଲି ଧରାଯାଏ। ତେବେ ଜିନିୟସ ହେବା ପଛରେ କେବଳ ଆଇକ୍ୟୁ ନୁହେଁ, କିଛି ବ୍ୟକ୍ତିଙ୍କର ଏକ ବିଶେଷ କ୍ଷମତା ରହିଥାଏ; ଯାହାକୁ ବୈଜ୍ଞାନିକମାନେ 'ଆବିଲିଟି –ଓ' ବୋଲି କୁହନ୍ତି। ଆମେରିକାର ଜର୍ନାଲ ଅଫ୍ ସାଇକୋଲୋଜିରେ ଏଭଳି ଏକ ରିସର୍ଚ୍ଚ ପ୍ରକାଶ ପାଇଛି...

ବୈଜ୍ଞାନିକମାନଙ୍କ କହିବା ଅନୁସାରେ ଆବିଲିଟି–ଓ କ୍ଷମତା ଥିବା ବ୍ୟକ୍ତିଙ୍କର ବୁଝିବା ଶକ୍ତି ଏବଂ ସ୍ମରଣ ଶକ୍ତି ବହୁତ ଅଧିକ ଥାଏ। ବେଳେବେଳେ ଏମାନଙ୍କ କ୍ଷମତା ଅଧିକ ଆଇକ୍ୟୁ ଲେବଲ ଥିବା ବ୍ୟକ୍ତିଙ୍କ ଠାରୁ ମଧ୍ୟ ବେଶି ରହିଥାଏ। ଏମିତିକି ଏମାନଙ୍କ ପାଖରେ ବେଳେବେଳେ ସାମାନ୍ୟ ବୁଦ୍ଧି ବିଚାର ଦେଖାଯାଇ ନ ଥାଏ। କିନ୍ତୁ ବିଶେଷ କ୍ଷେତ୍ରରେ ଏମାନଙ୍କ କ୍ଷମତା ବହୁ ଅଧିକ ଜଣାପଡିଥାଏ। ସେଥିପାଇଁ ଏମାନେ ସାଧାରଣ ବ୍ୟକ୍ତିଙ୍କଠାରୁ ଭିନ୍ନ ହୋଇଥାନ୍ତି।

ରିସର୍ଚ୍ଚ ଅନୁସାରେ ଯେଉଁମାନଙ୍କର ସାଧାରଣ ବୁଦ୍ଧି ଅଧିକ ରହିଥାଏ, ସେମାନଙ୍କୁ ଆବିଲିଟି–ଜି ଅର୍ଥାତ୍ ଜେନେରାଲ୍ ଇଣ୍ଟେଲିଜେନ୍ସ ଶ୍ରେଣୀର ଧରାଯିବ। ଏମାନଙ୍କର ସାମାନ୍ୟ ଜ୍ଞାନର ସ୍ତର ସାଧାରଣ ବ୍ୟକ୍ତିଙ୍କଠାରୁ ଅଧିକ। କିନ୍ତୁ ଆବିଲିଟି– ଓ ଥିବା ବ୍ୟକ୍ତିଙ୍କର କହିବା କଳା ବହୁତ ଅଧିକ ରହିଥାଏ। ଲିଖିତ ପରୀକ୍ଷାରେ ଏମାନେ ସାମାନ୍ୟ ଦୁର୍ବଳ ହୋଇଥିଲେ ବି କହିବାରେ ବେଶ୍ ମାହିର ହୋଇଥାନ୍ତି। ଏମାନଙ୍କ ସ୍ମରଣ ଶକ୍ତି ଅତ୍ୟନ୍ତ ପ୍ରଖର।



## ମ୍ୟାଚ୍ ଫିକ୍ସିଂ
# ୩ ଟେନିସ ଅମ୍ପାୟରର ବାସନ୍ଦ

ଲଣ୍ଡନ,୯।୭(ଏପି)

ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ଟ୍ୟୁନିସିଆର ୩ଜଣ ଲୋୟର ଲେଭଲ ଟେନିସ୍ ଚେୟାର ଅମ୍ପାୟରଙ୍କୁ ବାସନ୍ଦ କରାଯାଇଛି। ମ୍ୟାଚ ବେଳେ ସେମାନେ ଜାଣିଶୁଣି ସ୍କୋର ରିପୋର୍ଟରେ ଏପଟ ସେପଟ କରୁଥିଲେ। ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି(ଆଇଟିଆଇଏ)ର ସୂଚନା ଅନୁସାରେ ମାଜିଦ୍ ଆଫିଙ୍କୁ ସର୍ବାଧିକ ୨୦ ବର୍ଷ ବାସନ୍ଦ କରାଯାଇଛି। ସେ ୨୦୧୭ ଓ ୨୦୨୦ ମଧ୍ୟରେ ଘଟିଥିବା ୧୨ଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମହମଦ ଘାସେନ ସ୍ମିନେ ଓ ଆବ୍‌ଦରାହିମ୍ ଘର୍‌ସାଲା ଉଭୟଙ୍କୁ ୭ ବର୍ଷ ଲେଖାଏ ବାସନ୍ଦ କରାଯାଇଛି। ୨୦୨୦ରେ ସେମାନଙ୍କ ବିରୋଧରେ ଅଣାଯାଇଥିବା ୪ଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଆଇଟିଆଇଏ କହିଛି, ଏହି ଅମ୍ପାୟରମାନେ ସେମାନଙ୍କ ଇଲେକ୍ଟ୍ରୋନିକ୍ସ ସ୍କୋରିଂ ଡିଭାଇସ୍‌ରେ ଇନ୍‌ପୁଟ ହୋଇଥିବା ସ୍କୋରରେ ଜାଲିଆତି କରୁଥିଲେ, ଯାହାକି କୋର୍ଟରେ ପ୍ରକୃତ ସ୍କୋରରେ ପ୍ରତିଫଳିତ ହେଉ ନ ଥିଲା। ସମସ୍ତଙ୍କୁ ପିଛିଲା ତାରିଖ ୨୦୨୦ ନଭେମ୍ବର ୬ରୁ ବାସନ୍ଦ ଦଣ୍ଡ ଲାଗୁ କରାଯାଇଛି।

# ରିବାକିନା ନୂଆ ଚାମ୍ପିୟନ

ୱିମ୍ବେଲଡନ, ୯।୭

କାଜାଖସ୍ତାନର ପ୍ରଥମ ଖେଳାଳି ଭାବେ ଏଲିନା ରିବାକିନା ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ୱିମ୍ବେଲଡନ ଓପନ ଟେନିସ ମହିଳା ସିଙ୍ଗଲ୍ସର ଫାଇନାଲରେ ସେ ଲଢୁଆ ପ୍ରତ୍ୟାବର୍ତ୍ତନ ସହ ତୃତୀୟ ସିଡ୍ ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ହରାଇ ଦେଇଛନ୍ତି। ୨୩ ବର୍ଷୀୟା ରିବାକିନା ୨୦୧୧ ପରଠାରୁ ସର୍ବକନିଷ୍ଠ ଖେଳାଳି ହିସାବରେ ୱିମ୍ବେଲଡନ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ମ୍ୟାଚରେ ତାଙ୍କ ଆରମ୍ଭ ଉତ୍ସାହଜନକ ନ ଥିଲା। ପ୍ରଥମ ସେଟ୍‌ରେ ହାରିଯିବା ପରେ ସେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣି ଜାବେରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଫଳରେ ଟ୍ୟୁନିସିଆ ଖେଳାଳି ବାରମ୍ବାର ତ୍ରୁଟି କରି ବସିଥିଲେ। ରିବାକିନାଙ୍କ ଜନ୍ମସ୍ଥାନ ହେଉଛି ରୁଷିଆରେ, କିନ୍ତୁ ସେ ୨୦୧୮ରୁ କାଜାଖସ୍ତାନରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ୟୁକ୍ରେନ ଉପରେ ଆକ୍ରମଣ ଯୋଗୁ ଚଳିତବର୍ଷ ଅଲ୍ ଇଂଲଣ୍ଡ କ୍ଲବରେ ଉଭୟ ରୁଷୀୟ ଓ ବେଲାରୁଷିଆନ ଖେଳାଳିଙ୍କୁ ଅଂଶଗ୍ରହଣରୁ ବଞ୍ଚିତ କରାଯାଇଥିବା ବେଳେ ସେ ଏହି ସଫଳତା ହାସଲ କରିଛନ୍ତି। ଏଠାରେ ୧୭ତମ ସିଡ୍ ମାନ୍ୟତାପ୍ରାପ୍ତ ରିବାକିନା ତାଙ୍କର ପ୍ରଥମ ମ୍ୟାଚ ପଏଣ୍ଟ ସହ ବିଜୟ ହାସଲ କରିଥିଲେ, ଯେତେବେଳେ ଜାବେର ଏକ ବ୍ୟାକ୍‌ହ୍ୟାଣ୍ଡ ୱାଇଡ୍ ହିଟ୍ କରିଥିଲେ। ସୂଚନାଯୋଗ୍ୟ, ୧୯୬୨ ପରେ ଅଲଇଂଲଣ୍ଡ କ୍ଲବରେ ପ୍ରଥମ ଥର ଦୁଇ ପଦାର୍ପଣ ଖେଳାଳିଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ସେଣ୍ଟରକୋର୍ଟଠାରେ ଅନୁଷ୍ଠିତ ଏହି ମ୍ୟାଚରେ ମ୍ୟାଚରେ ରିବାକିନା ତାଙ୍କର ବଡ଼ ସର୍ଭିସ ଓ ଶକ୍ତିଶାଳୀ ଫୋରହ୍ୟାଣ୍ଡ ଶଟ୍‌ର ସହାୟତା ନେଇଥିବା ବେଳେ ଜାବେର ଉଭୟ ସ୍ପିନ୍ ଓ ସ୍ଲାଇସର ଉପଯୋଗ କରିଥିଲେ। ରିବାକିନା ଜାବେରଙ୍କ କ୍ରମାଗତ ୧୨ ମ୍ୟାଚ ବିଜୟରେ ବ୍ରେକ୍ ଲଗାଇଥିଲେ। ଏହି ସମସ୍ତ ବିଜୟ ଜାବେର ଗ୍ରାସ୍‌କୋର୍ଟରେ କରିଥିଲେ। ୨୦୧୫ରେ ଗାର୍ବିନ ମୁଗୁରୁଜାଙ୍କ ପରେ ୨୩ ବର୍ଷୀୟା ରିବାକିନା ସର୍ବକନିଷ୍ଠ ଖେଳାଳି ହିସାବରେ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ମୁଗୁରୁଜାଙ୍କୁ ସେତେବେଳେ ମାତ୍ର ୨୧ ବର୍ଷ ବୟସ ହୋଇଥିଲା। ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଜାବେର ୧୯୬୦ପରେ ପ୍ରଥମ ଆଫ୍ରିକୀୟ ଖେଳାଳି ହିସାବରେ ଫାଇନାଲରେ ପ୍ରବେଶ କରିଥିଲେ।



ଟ୍ରଫି ସହ ଏଲିନା ରିବାକିନା।

# ବଜରଙ୍ଗ ପୁନିଆଙ୍କୁ ମିଳିଲା ୟୁକେ ଭିଜା

ନୂଆଦିଲ୍ଲୀ, ୯।୭ (ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତର ଷ୍ଟାର ରେସ୍‌ଲର ବଜରଙ୍ଗ ପୁନିଆଙ୍କୁ ୟୁନାଇଟେଡ୍ କିଙ୍ଗ୍‌ଡମ୍ (ୟୁକେ) ଭିଜା ମିଳିଛି। ଫଳତଃ ବର୍ମିଂହାମ୍ ଗେମ୍ସ ପୂର୍ବରୁ ଟ୍ରେନିଂ ନେବା ଲାଗି ତାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ଯିବାକୁ ଅନୁମତି ମିଳିବ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ବଜରଙ୍ଗଙ୍କ ଆମେରିକାସ୍ଥିତ ଟ୍ରେନିଂ ସ୍ଥଳରୁ ସିଧାସଳଖ ବର୍ମିଂହାମ୍ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିଲା। ପରେ ଭିଜାର ଔପଚାରିକତା ପୂରଣ କରିବା କଷ୍ଟକର ହୋଇଥାନ୍ତା। ବଜରଙ୍ଗଙ୍କୁ ବର୍ତ୍ତମାନ ଭିଜା ମିଳି ଯାଇଥିବାରୁ ସେ ଆମେରିକାରେ ନିଶ୍ଚିନ୍ତରେ ଟ୍ରେନିଂ ନେଇପାରିବେ। ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ୨୮ ବର୍ଷୀୟ ଏହି ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତାଙ୍କୁ ଗତ ମାସରେ ଟ୍ରେନିଂ ପାଇଁ ଆମେରିକାସ୍ଥିତ ମିଚିଗାନ୍ ୟୁନିଭର୍ସିଟି ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ତାଙ୍କୁ ୟୁକେ ଭିଜା ମିଳିବାରେ ବିଳମ୍ବ ଘଟିବାରୁ ଏଥିରୁ ନିବୃତ୍ତ ରହିବାକୁ ସେ ବାଧ୍ୟ ହୋଇଥିଲେ। କ୍ରୀଡ଼ାମନ୍ତ୍ରୀ ବହିର୍ବ୍ୟାପାର ମନ୍ତ୍ରଣାଳୟ ଜରିଆରେ ବ୍ରିଟିଶ ହାଇକମିଶନଙ୍କ ସହ ଯୋଗାଯୋଗ କରି ବଜରଙ୍ଗଙ୍କ ପାଇଁ ୟୁକେ ଭିଜା ଯୋଗାଡ଼ କରିଥିବା ସାଇ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି।

# ଶ୍ରୀଲଙ୍କାର ଦୃଢ଼ ଜବାବ

## କରୁଣାରତ୍ନେ ଓ ମେଣ୍ଡିସଙ୍କ ଅର୍ଦ୍ଧଶତକ

ଗାଲେ,୯।୭

ଅଧିନାୟକ ଦିମୁଥ କରୁଣାରତ୍ନେ ଏବଂ କୁଶାଲ ମେଣ୍ଡିସଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆକୁ ଦୃଢ ଜବାବ ଦେଇଛି ଶ୍ରୀଲଙ୍କା। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୩୬୪ ରନରେ ସମସ୍ତ ଉଇକେଟ ହରାଇଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଶ୍ରୀଲଙ୍କା ୨ ଉଇକେଟ ହରାଇ ୧୮୪ ରନ୍ କରିଛି। ଏହା ସହିତ ହାତରେ ୮ ଉଇକେଟ ଥିବାବେଳେ ଦଳ ଅଷ୍ଟ୍ରେଲିଆ ସ୍କୋରରୁ ୧୮୦ ରନ୍ ପଛରେ ରହିଛି। କରୁଣାରତ୍ନେ ୮୬ ରନ କରି ପ୍ୟାଭିଲିୟନ୍ ଫେରିଥିବା ବେଳେ କୁଶାଲ ମେଣ୍ଡିସ୍ ୮୪ ରନ କରି ବ୍ୟାଟିଂ କରୁଛନ୍ତି। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୯୮/୫ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୩୬୪ ରନରେ ସମସ୍ତ ଉଇକେଟ ହରାଇଥିଲା। ପ୍ରଥମ ଦିନର ଶତକ ହାସଲକାରୀ ଷ୍ଟିଭ୍ ସ୍ମିଥ୍ ଅପରାଜିତ ୧୪୫ ରନ କରିଥିବା ବେଳେ ୬୬ ରନ ଯୋଡି ସମସ୍ତ ଉଇକେଟ ହରାଇଥିଲା ଭ୍ରମଣକାରୀ ଦଳ। ୨୭୨ ବଲର ସମ୍ମୁଖୀନ ହୋଇ ସ୍ମିଥ୍ ୧୬ଟି ଚୌକା ମାରିଥିଲେ। ଡେବ୍ୟୁଟାଣ୍ଟ ସ୍ପିନର ପ୍ରଭାତ ଜୟସୂରିୟା ୧୧୮ ରନ ବ୍ୟୟରେ ୬ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କସୁନ ରଜିଥା ୨ଟି ଉଇକେଟ ନେଇଥିଲେ। ସେହିପରି ରମେଶ ମେଣ୍ଡିସ ଓ ମହୀଷ ତୀକ୍ଷଣା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଶ୍ରୀଲଙ୍କା ଆରମ୍ଭରୁ ମାତ୍ର ୧୨ ରନରେ ଓପନର ପାଥୁମ ନିଶଙ୍କା(୬)ଙ୍କୁ ହରାଇ ଥିଲା। ଅଧିନାୟକ ଦିମୁଥ କରୁଣାରତ୍ନେ(୮୬) ଓ କୁଶାଲ ମେଣ୍ଡିସ(୮୪) ତୃତୀୟ ଉଇକେଟରେ ଯୋଡିଥିଲେ ୧୫୨ ରନ। ଉଭୟ ଅଷ୍ଟ୍ରେଲୀୟ ବୋଲରଙ୍କୁ ଦୃଢ ଭାବରେ ମୁକାବିଲା କରିଥିଲେ। କରୁଣାରତ୍ନେ ୧୬୫ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ସହିତ ୮୬ ରନ କରି ମିଚେଲ୍ ସ୍ୱେପସନ୍‌ଙ୍କ ଶିକାର ହୋଇଥିଲେ। ଅନ୍ୟପକ୍ଷରେ ଅପରାଜିତ ରହିଥିବା ମେଣ୍ଡିସ୍ ୧୫୨ ବଲ ଖେଳି ୯ ଚୌକା ସହିତ ୮୪ ରନ କରିଛନ୍ତି। ଷ୍ଟମ୍ପ୍ ଅପସାରଣ ବେଳକୁ ଆଞ୍ଜେଲୋ ମାଥ୍ୟୁସ୍(୬) ବ୍ୟାଟିଂ କରୁଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ ଓ ସ୍ୱେପ୍‌ସନ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

# ସେମିରୁ ବିଦାୟ ନେଲେ ପ୍ରଣୟ

କୁଆଲାଲମ୍ପୁର,୯।୭(ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ହଂକଂର ଏନ୍‌ଜି କା ଲଙ୍ଗ୍ ଆଙ୍ଗସ୍‌ଙ୍କଠାରୁ ୨୧-୧୭, ୯-୨୧, ୧୭-୨୧ ଗେମ୍‌ରେ ସେ ହାରିଯାଇଛନ୍ତି। ଆକ୍ସିଆଟା ଆରେନାଠାରେ ଏହି ମ୍ୟାଚ ୧ ଘଣ୍ଟା ୪ ମିନିଟ ଧରି ଖେଳାଯାଇଥିଲା। ପ୍ରଣୟଙ୍କ ପରାଜୟ ଦ୍ୱାରା ମାଲେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ବିନା ଟାଇଟଲରେ ଶେଷ ହୋଇଛି।

# ବିଶ୍ୱର ନମ୍ବର ୱାନ୍‌ଙ୍କୁ ହରାଇଲେ ବର୍ମା

**ବର୍ମିଂହାମ୍(ଯୁକ୍ତରାଷ୍ଟ୍ର ଆମେରିକା), ୯।୭(ପି.ଟି.):** ବିଶ୍ୱ ଚାମ୍ପିୟନ ମାଇକ୍ ସ୍କେରଲସରଙ୍କୁ ପରାସ୍ତ କରି ଭାରତର ଷ୍ଟାର କମ୍ପାଉଣ୍ଡ ତୀରନ୍ଦାଜ ଅଭିଷେକ ବର୍ମା ଏଠାରେ ଚାଲିଥିବା ବିଶ୍ୱ ଗେମ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ତୀରନ୍ଦାଜଙ୍କ ମଧ୍ୟରେ ୫ ସେଟ୍ ବିଶିଷ୍ଟ ମୁକାବିଲା ୧୪୯-୧୪୯ରେ ଅମୀମାଂସିତ ରହିଥିଲା। ଟାଇବ୍ରେକରରେ ମଧ୍ୟ ଉଭୟଙ୍କର ପର୍ଫେକ୍ଟ ୧୦ ଶଟ୍ ରହିଥିଲା। କିନ୍ତୁ ଭାରତୀୟ ଶୁଟରଙ୍କ ଗୋଟିଏ ଶୁଟିଂ ସେଣ୍ଟର ନିକଟବର୍ତ୍ତୀ ରହିଥିବାରୁ ସେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଭାରତ ଆହୁରି ମଧ୍ୟ ମିକ୍ସଡ କମ୍ପାଉଣ୍ଡ ବିଭାଗରେ ତିଷ୍ଠି ରହିଛି। ବର୍ମା ଓ ଜ୍ୟୋତି ସୁରେଖା ଭେନମ ମେକ୍ସିକୋ ଟିମ୍ ବିପକ୍ଷରେ ବ୍ରୋଞ୍ଜ୍ ପଦକ ପାଇଁ ମୁକାବିଲା କରିବେ। ୱାର୍ଲ୍ଡ ଗେମ୍ସ ହେଉଛି ଏକ ମଲ୍ଟି-ସ୍ପୋର୍ଟ୍ସ ଇଭେଣ୍ଟ। ଏଥିରେ କେବଳ ତୀରନ୍ଦାଜୀର କମ୍ପାଉଣ୍ଡ ବିଭାଗ ପ୍ରତିଯୋଗିତା ହେଉଛି।




# ଭାରତ ସିରିଜ ବିଜୟୀ

ବର୍ମିଂହାମ, ୯।୭

ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଭାରତ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୪୯ ରନରେ ପରାସ୍ତ କରିଛି। ଫଳରେ ୨-୦ରେ ଅଗ୍ରଣୀ ରହି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି ଟିମ୍ ଇଣ୍ଡିଆ। ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୦ ରନ କରିଥିବାବେଳେ ଇଂଲଣ୍ଡ ୧୭ ଓଭରରେ ୧୨୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଭୁବନେଶ୍ୱର କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

୧୭୧ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଇଂଲଣ୍ଡକୁ ଆରମ୍ଭରୁ ଝଟକା ଦେଇଥିଲେ ଭୁବନେଶ୍ୱର କୁମାର। ସେ ଇନିଂସର ପ୍ରଥମ ବଲ୍‌ରେ ଜାସନ ରୟ(୦)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। କେବଳ ସେତିକି ନୁହେଁ ସ୍କୋର ୧୧ ଥିବାବେଳେ ସେ ଅଧିନାୟକ ଜୋସ ବଟଲର(୪)ଙ୍କୁ ଆଉଟ କରି ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ମିଡିଲ ଅର୍ଡରରେ ପ୍ରଭାବୀ ରହିଥିଲେ ଯୁଜବେନ୍ଦ୍ର ଚହଲ ଓ ଯଶପ୍ରୀତ୍ ବୁମ୍‌ରା। ଲିଆମ ଲିଭିଂଷ୍ଟୋନ ହୁଅନ୍ତୁ କି ହ୍ୟାରି ବ୍ରୁକ୍ କିମ୍ବା ଦାୱିଦ ମଲନ ଓ ସାମ୍ କୁରାନ କୌଣସି ବ୍ୟାଟରଙ୍କୁ ହାତଖୋଲା ଶଟ୍ ଖେଳିବାକୁ ଦେଇ ନ ଥିଲେ ଏହି ଦୁଇ ବୋଲର। ଲିଭିଂଷ୍ଟୋନ ୧୫, ବ୍ରୁକ୍ ୮, ମଲନ ୧୯ ଓ କୁରାନ ୨ ରନ କରି ଆଉଟ ହେବାରୁ ଇଂଲଣ୍ଡ ୧୦.୨ ଓଭରରେ ୬୦ ରନରେ ୬ଷ୍ଠ ଉଇକେଟ ହରାଇ ପରାଜୟମୁହାଁ ହୋଇଥିଲା। ମୋଇନ୍ ଅଲୀ ଓ ଡାଭିଡ ୱିଲି ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ହେଁ ଦଳକୁ ଜିତାଇବାକୁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ମୋଇନ ୨୧ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୩୫ ରନ କରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶିକାର ହୋଇଥିଲେ। ୱିଲି ୨୨ ବଲ୍‌ରୁ ୩୩ (୩ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଭୁବନେଶ୍ୱର କୁମାର ୩ଟି, ଯୁଜବେନ୍ଦ୍ର ଚହଲ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଇଂଲଣ୍ଡ ଅଧିନାୟକ ଜୋସ ବଟଲର। ଦଳରେ ୪ ପରିବର୍ତ୍ତନ ସହ ଭାରତ ପଡ଼ିଆକୁ ଓହ୍ଲାଇଥିଲା। ଇଶାନ କିଷନ, ଦୀପକ ହୁଡା, ଅକ୍ଷର ପଟେଲ ଓ ଅର୍ଶଦୀପ ସିଂଙ୍କ ସ୍ଥାନରେ ରିଷଭ ପନ୍ତ, ବିରାଟ କୋହଲି, ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଥିଲା। ଅଧିନାୟକ ରୋହିତଙ୍କ ସହ ଭଲ ଆରମ୍ଭ କରିଥିଲେ ରିଷଭ। ଦୁହେଁ ୨୯ ବଲ୍‌ରୁ ୪୯ ରନ ସଂଗ୍ରହ କରିଥିବାବେଳେ ୩୫ ବର୍ଷରେ ଡେବ୍ୟୁ କରିଥିବା ରିଚାର୍ଡ ଗ୍ଲିସନଙ୍କ ବଲ୍‌ରେ ଆଉଟ ହୋଇଥିଲେ ରୋହିତ। ଭାରତୀୟ ଅଧିନାୟକ ୨୦ ବଲ୍‌ରୁ ୩୧ (୩ ଚୌକା, ୨ ଛକା) ରନ କରି ଗ୍ଲିସନଙ୍କ ବଲ୍‌ରେ ଉଇକେଟ କିପର ବଟଲରଙ୍କୁ କ୍ୟାଚ ଦେଇଥିଲେ। ଗ୍ଲିସନ କେବଳ ଯେ ରୋହିତଙ୍କୁ ଆଉଟ କରିଥିଲେ ତା' ନୁହେଁ ବିରାଟ କୋହଲି (୧) ଓ ରିଷଭ ପନ୍ତ (୨୬)ଙ୍କୁ କ୍ରମାଗତ ୨ଟି ବଲ୍‌ରେ ଆଉଟ କରି ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଖରାପ ଫର୍ମଦେଇ ଗତି କରୁଥିବା ବିରାଟ ଏଠାରେ ମଧ୍ୟ ବିଫଳ ହୋଇଥିଲେ। ରିଷଭ କ୍ରିଜ୍‌ରେ ସେଟ୍ ହୋଇସାରିଥିଲେ ହେଁ ତାହାର ଫାଇଦା ଉଠାଇ ପାରି ନ ଥିଲେ। ସେ ୧୫ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୨୬ ରନ କରିଥିବାବେଳେ ବଟଲରଙ୍କ ହାତରେ ଧରା ପଡ଼ିଥିଲେ। ମିଡିଲ ଅର୍ଡରରେ ସୂର୍ଯ୍ୟ କୁମାର ଯାଦବ (୧୫ ରନ, ୧୧ ବଲ୍, ୨ ଚୌକା) ଓ ହାର୍ଦ୍ଦିକ ପାଣ୍ଡ୍ୟା (୧୨ ରନ, ୧୫ ବଲ, ୧ ଚୌକା)ଙ୍କୁ ଶୀଘ୍ର ଆଉଟ କରି କ୍ରିସ୍ ଜୋର୍ଡାନ ଭ୍ରମଣକାରୀ ଦଳକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ତେବେ ଜାଡେଜା ଦ୍ରୁତ ହାରରେ ରନ ସଂଗ୍ରହ କରି ଭାରତକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଫଳରେ ଦୀନେଶ କାର୍ତ୍ତିକ (୧୨) ଓ ହର୍ଷଲ ପଟେଲ (୧୩) ବଡ଼ ସ୍କୋର କରିପାରି ନ ଥିଲେ ହେଁ ଭାରତ ୨୦ ଓଭରରେ ୧୭୦ ରନରେ ପହଞ୍ଚି ଯାଇଥିଲା। ଜାଡେଜା ୨୯ ବଲ୍‌ରୁ ୫ ଚୌକା ସହାୟତାରେ ୪୬ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଜୋର୍ଡାନ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଗ୍ଲିସନ ଚମତ୍କାର ବୋଲିଂ କରି ୪ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୧୫ ରନ ଦେଇ ୩ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୧୭୦/୮ (ରବୀନ୍ଦ୍ର ଜାଡେଜା-୪୬*, ରୋହିତ ଶର୍ମା-୩୧, ରିଷଭ ପନ୍ତ-୨୬, କ୍ରିସ୍ ଜୋର୍ଡାନ-୪/୨୭, ରିଚାର୍ଡ ଗ୍ଲିସନ-୩/୧୫)। ଇଂଲଣ୍ଡ ୧୭ ଓଭରରେ ୧୨୧/ଅଲଆଉଟ (ମୋଇନ୍ ଅଲୀ-୩୫, ଡାଭିଡ ୱିଲି-୩୩*, ଭୁବନେଶ୍ୱର କୁମାର-୩/୧୫, ଯଶପ୍ରୀତ୍ ବୁମ୍‌ରା-୨/୧୦, ଯୁଜବେନ୍ଦ୍ର ଚହଲ-୨/୧୦, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୯, ହର୍ଷଲ ପଟେଲ-୧/୩୪)।



ଉଇକେଟ ନେବା ପରେ ଭୁବନେଶ୍ୱର କୁମାର (ଡାହାଣ)ଙ୍କୁ ଯୁଜବେନ୍ଦ୍ର ଚହଲ ବଧାଇ ଜଣାଉଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଅଧା ବାଟରେ ଅଟକିଲେ କାଳିଆ ଠାକୁର

**ନୟାଗଡ଼ ଅଫିସ,୯।୭**

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଲଡୁବାବାଙ୍କ ମନ୍ଦିର ବେଢାରେ ପୂଜା ପାଉଥିବା ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ଗୁଣ୍ଡିଚା ମନ୍ଦିରରେ ୯ ଦିନ ରହି ଶନିବାର ସ୍ୱମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ସକାଳ ନୀତି ସମାପନ ପରେ ଅପରାହ୍ନ ୧ ଘଣ୍ଟା ସମୟରେ ସ୍ୱତନ୍ତ୍ର ଆଳତି କରାଯାଇଥିଲା। ପରେ ପଣ୍ଡାମାନେ ଶ୍ରୀଜୀଉଙ୍କୁ ଧାଡ଼ି ପହଣ୍ଡି କରାଇ ରଥାରୁଢ଼ କରାଇଥିଲେ । ମନ୍ଦିର ପରିଛା ତୋଷବନ୍ତ କର ପଞ୍ଚାମୃତ ଛିଞ୍ଚନ କରିଥିବା ବେଳେ ପୂଜାପଣ୍ଡା ପ୍ରଭାତ କୁମାର ବଡ଼ପଣ୍ଡା, ଗୋଲକ ବିହାରୀ ବଡପଣ୍ଡା, ଆଶିଷ କୁମାର ମହାପାତ୍ର ଛେରାପହଁରା କରିଥିଲେ। ପରେ ରଥ ଟଣା ଆରମ୍ଭ ହୋଇଥିଲା ।

ଅପରାହ୍ନ ଚାରିଟା ସମୟରେ ଭକ୍ତମାନେ ପ୍ରଭୁ ବଳଭଦ୍ରଙ୍କ ରଥକୁ ଟାଣିଥିଲେ । ରଥ ଚାରିପଟେ ପୋଲିସ କର୍ଡନ କରି ଥିବାରୁ ରଥ ଟଣା ସମୟରେ କୌଣସି ବିଶୃଙ୍ଖଳା ହୋଇ ନ ଥିଲା । ତେବେ ମନ୍ଦିର ନିକଟରେ ବଳଭଦ୍ରଙ୍କ ରଥ ପହଞ୍ଚିବା ପରେ ମା'ସୁଭଦ୍ରାଙ୍କ ରଥ ଟଣା ଆରମ୍ଭ ହୋଇଥିଲା । ସନ୍ଧ୍ୟା ପୂର୍ବରୁ ବଳଭଦ୍ର ଓ ମା'ସୁଭଦ୍ରାଙ୍କ ରଥ ମନ୍ଦିର ସମ୍ମୁଖରେ ପହଞ୍ଚି ସାରିଥିଲା । ପରେ ଶ୍ରଦ୍ଧାଳୁମାନେ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥ ଟାଣିଥିଲେ । ହେଲେ ଗୁଣ୍ଡିଚା ମନ୍ଦିରଠାରୁ ପ୍ରାୟ ୩ ଶହ ମିଟର ରଥ ଟାଣିବା ପରେ ନରେନ୍ଦ୍ରପୁର ତଳଛକ ମୋଡଠାରେ ରଥ ଅଟକି ଥିଲା। ସନ୍ଧ୍ୟାରେ ଠାକୁରଙ୍କ ସମସ୍ତ ନୀତିକାନ୍ତି ସମାପନ କରାଯାଇଛି । ସେହିପରି ହରିହରପୁର, ପଞ୍ଚିରିଡ଼ା ଶିଖରପୁର, କୋତରଙ୍ଗ ଆଦି ସ୍ଥାନରେ ରଥରେ ଶ୍ରୀଜୀଉଙ୍କୁ ରଥାରୁଢ଼ କରି ଶ୍ରୀମନ୍ଦିର ଅଭିମୁଖେ ଟଣା ଯାଇଥିଲା। ସୁଆର ସାହିଠାରେ ପୂଜା ପାଉଥବା ଶ୍ରୀ ଜୀଉଙ୍କ ବାହୁଡା ଯାତ୍ରା ବି ଶେଷ ହୋଇଛି । କୁନି କୁନି ପିଲାମାନେ ରଥ ଟାଣି ମଜା ନେଇଥିଲେ । ଆସନ୍ତା ମଙ୍ଗଳବାର ସ୍ୱମନ୍ଦିରକୁ ୩ ଠାକୁର ବିଜେ କରିବେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।




ରଥ ପାଖରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।

## ସଂକ୍ଷେପରେ

### ଦୀର୍ଘ ବର୍ଷ ପରେ୨ଗାଁ ଲୋକଙ୍କୁ ପାନୀୟ ଜଳ ମିଳିଲା

**ଖଣ୍ଡପଡ଼ା,୯।୭(ସ୍ୱ.ପ୍ର.):** ଦୀର୍ଘ ବର୍ଷ ଧରି ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡା ପଞ୍ଚାୟତ ଜାକେଲା ଓ କୁରୁମସାହି ବାସିନ୍ଦା ପାଇପ ଯୋଗେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ । ବାରମ୍ବାର ଦାବି ପରେ କୌଣସି ସୁଫଳ ମିଳି ନ ଥିଲା । ତେବେ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ନିଜ ପ୍ରତିଶ୍ରୁତି ଅନୁଯାୟୀ ଉପରୋକ୍ତ ଦୁଇ ଗାଁକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି । ଖଣ୍ଡପଡା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ବରିଷ୍ଠ ସହକାରୀ ଯନ୍ତ୍ରୀ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ୟମ କ୍ରମେ ଉପରୋକ୍ତ ୨ ଗ୍ରାମର ବାସିନ୍ଦା ସ୍ୱଚ୍ଛ ପାନୀୟ ଜଳ ପାଇବା ପରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି ।

### ପତିତପାବନ ଦେବଙ୍କ ପ୍ରତିଷ୍ଠା ଉତ୍ସବ ପାଳିତ



**ଖଣ୍ଡପଡ଼ା,୯।୭(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ବିରାଜିତ ଶ୍ରୀପତିତପାବନ ଦେବଙ୍କ ପ୍ରତିଷ୍ଠା ଉତ୍ସବ ଶନିବାର ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । ଦୈନିକ ପୂଜାର୍ଚ୍ଚନା ସହିତ ପତିତପାବନଙ୍କୁ ନୂତନ ବସ୍ତ୍ର ଲାଗି କରାଯାଇଥିଲା। ଏଥି ପାଇଁ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା ।

### ଆଇଡିବିଆଇ ଏଟିଏମ୍‌ରୁ ଟଙ୍କା ଚୋରି, ଥାନାରେ ମାମଲା

**ବ୍ରହ୍ମପୁର ଅଫିସ,୯।୭:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସେଲଟ୍ୟାଙ୍କ ଛକରେ ଥିବା ଆଇଡିବିଆଇ ଏଟିଏମ୍‌ରୁ ଟଙ୍କା ଚୋରି ହୋଇଛି। ଦୁର୍ବୃତ୍ତ ଜଣଙ୍କ ନକଲି ଚାବି ବ୍ୟବହାର କରି ଟଙ୍କା ଚୋରି କରିଥିବା ଜଣାପଡିଛି। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୨୩୫/୨୨ରେ ଏକ ମାମଲା ରୁଜୁ କରିଛି। ସିସିଟିଭି ଫୁଟେଜ ସଂଗ୍ରହ କରି ଘଟଣାର ତଦନ୍ତ ଚଳାଇଛି। ଏଟିଏମ୍ ଭିତରେ ଏବଂ ଏହାର ଆଖାପାଖରେ ଲାଗିଥିବା ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରି ସାରିଥିଲେ ମଧ ବର୍ତ୍ତମାନ ଯାଏ ଅଭିଯୁକ୍ତ ଧରାପଡ଼ି ନାହାନ୍ତି ବୋଲି ପୋଲିସ କହିଛି। ପ୍ରକାଶ ଯେ, କିଛି ଦିନ ତଳେ ଜଣେ ମୁଖା ଓ ହେଲମେଟ ପିନ୍ଧା ଦୁର୍ବୃତ୍ତ ଆଇଡିବିଆଇ ଏଟିଏମ୍‌ରେ ପଶିଥିଲେ। ଦୁର୍ବୃତ୍ତ ଜଣକ ସାଙ୍ଗରେ ନେଇଥିବା ଏକ ନକଲି ଚାବି ଦ୍ୱାରା ଏଟିଏମ୍ ଖୋଲିବାରେ ସକ୍ଷମ ହୋଇଥିଲେ। ପରେ ସେ ଏଟିଏମ୍ ଭିତରୁ କିଛି ଟଙ୍କା ଚୋରି କରି ନେଇଯାଇଥିଲେ। ସେହିଦିନ ଉକ୍ତ ଏଟିଏମ୍‌କୁ ଯାଇଥିବା ୪ରୁ ଅଧିକ ଗ୍ରାହକ ଟଙ୍କା ଉଠାଇଥିଲେ ମଧ ବାହାରିନଥିଲା। ଅନ୍ୟପଟେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା କଟି ଥିବା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ ପରେ ଯାଞ୍ଚ କରିଥିଲେ। ଏଟିଏମ ଖୋଲିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିଲା। ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଚେଷ୍ଟା ଜାରି ରହିଛି ବୋଲି ପୋଲିସ କହିଛି ।

## ସ୍ୱାମୀଙ୍କୁ ଆକ୍ରମଣ, ସ୍ତ୍ରୀ ନାମରେ ମାମଲା

**ବ୍ରହ୍ମପୁର ଅଫିସ,୯।୭**

ବିକ୍ରମ ଦାସଙ୍କୁ ତାଙ୍କ ସ୍ତ୍ରୀ ଆକ୍ରମଣ କରିଛନ୍ତି। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ଏନେଇ ବିକ୍ରମ ସ୍ତ୍ରୀଙ୍କ ନାମରେ ଅଭିଯୋଗ ପରେ ଗୋଷାଣୀନୂଆଗାଁ ପୋଲିସ ନଂ.୧୫୫/୨୨ ରେ ଏକ ମାମଲା ରୁଜୁ କରିଛି। ପୋଲିସ ଏବେ ଘଟଣାର ତଦନ୍ତ କରୁଥିବା କହିଛି। ପ୍ରକାଶ ଯେ, ଗୋଷାଣୀନୂଆଗାଁ ଅଞ୍ଚଳର ମାଣ୍ଡିଆପଦର ସାହିରେ ବିକ୍ରମ ଓ ତାଙ୍କ ସ୍ତ୍ରୀଙ୍କ ରୁହନ୍ତି। ବିଭିନ୍ନ କାରଣକୁ ନେଇ ସେମାନଙ୍କ ମଧ୍ୟରେ ଝଗଡା ଲାଗି ରହିଛି। ବିକ୍ରମଙ୍କ ସ୍ତ୍ରୀ ରୋଷେଇ କରୁଥିବା ସମୟରେ ସେ ଖାଇବାକୁ ମାଗିଥିଲେ। ଏହାକୁ କେନ୍ଦ୍ରକରି ବିକ୍ରମଙ୍କୁ ତାଙ୍କ ସ୍ତ୍ରୀ ଠେଲି ଦେଇଥିଲେ। ଫଳରେ ସେ ତଳେ ପଡି ଯାଇଥିଲେ। ପରେ ତାଙ୍କ ସ୍ତ୍ରୀ ଏକ ଡ଼ାଲି ଘୋରଣାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ସିଂହଦ୍ୱାରରେ ପହଞ୍ଚିଲା ତାଳଧ୍ୱଜ





ତିନି ଠାକୁରଙ୍କୁ ପହଣ୍ଡିରେ ନିଆଯାଉଛି।

**ରଣପୁର,୯।୭ (ସ୍ୱ.ପ୍ର.)**

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲା ରଣପୁରରେ ବାହୁଡ଼ା ଯାତ୍ରା ଶନିବାର ଶେଷ ହୋଇଛି । ନବଦିନାତ୍ମକ ଯାତ୍ରା ଶେଷ କରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହାରିଛନ୍ତି ୩ ଠାକୁର । ଏହି ପରିପ୍ରେକ୍ଷୀରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ପହଞ୍ଚି ଥିଲା ବେଳେ ମହିଳାମାନେ ମା'ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଟାଣି ନେଉଥିଲେ । ରାତି ହୋଇଯିବାରୁ ରଥ ଟଣା ହେଇ ପାରି ନ ଥିଲା । ରବିବାର ମା'ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବା ସହିତ ଶ୍ରଦ୍ଧାଳୁମାନେ ନନ୍ଦିଘୋଷ ରଥକୁ ଟାଣି ସିଂହଦ୍ୱାରଠାରେ ପହଞ୍ଚାଇଲା ପରେ ଲକ୍ଷ୍ମୀ ନାରାୟଣ ଭେଟ କରାଯିବ । ଶନିବାର ପବିତ୍ର ବାହୁଡା ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜନ ସମାଗମ ହେଇଥିଲା ।

ବାହୁଡ଼ା ଯାତ୍ରା ପାଇଁ ରଣପୁର ବଡ଼ଦାଣ୍ଡ ଭକ୍ତଙ୍କ ଗହଳିରେ ପୁରି ଉଠିଥିଲା। ଲକ୍ଷାଧିକ ଭକ୍ତଙ୍କ ହରିବୋଲ ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ସହିତ ସଂକୀର୍ତ୍ତନରେ ବଡ଼ଦାଣ୍ଡ କମ୍ପୁଥିଲା । ଗୁଣ୍ଡିଚା ମନ୍ଦିରରେ ପୂଜାପଣ୍ଡାମାନେ ୧ ଘଣ୍ଟା ବିଳମ୍ବରେ ନୀତିକାନ୍ତି ଶେଷ କରିବା ପରେ ଅପରାହ୍ନ ୨.୩୦ ଟାରେ ପହଣ୍ଡି ଆରମ୍ଭ ହୋଇଥିଲା । ୪ଟାରେ ତିନି ଠାକୁର ରଥ ଉପରେ ବିରାଜ ମାନ ହୋଇଥିଲେ। ଏହା ପରେ ଦେବଉର ବିଭାଗର କର୍ମକର୍ତ୍ତା, ପୂଜାପଣ୍ଡାମାନେ ତିନିରଥରେ ଛେରାପହଁରା ପାଇଁ ରାଜ ନଅରକୁ ଯାଇ ରାଜା ଦିଲ୍ଲୀପ ଚନ୍ଦ୍ର ସିଂହଦେଓଙ୍କୁ ନିମନ୍ତ୍ରଣ କରିଥିଲେ । ଏହାପରେ ଏକ ସୁଶୋଭିତ ପାଲିଙ୍କି ରାଜ ନଅରରୁ ଆସି ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ତିନି ରଥରେ ଛେରା ପହଁରା କରିଥିଲେ । ଅପରାହ୍ନ ୫.୩୦ଟାରେ ରଥ ଟଣା ଆରମ୍ଭ ହୋଇଥିଲା ।

ରବିବାର ପବିତ୍ର ଏକାଦଶୀ ତିଥିରେ ତିନି ଠାକୁରଙ୍କ ରୁପା ବେଶରେ ଦର୍ଶନ ଦେବେ । ଏହା ସହିତ ଗୁଣ୍ଡିଚା ମନ୍ଦିର ପଞ୍ଚୁଦୋଳ ପଡିଆଠାରେ ରଣପୁର ଟାଉନ୍ କ୍ଲବ୍ ତରଫରୁ ୩୬ମ ଭଜନ ସମାରୋହ ସନ୍ଧ୍ୟାରେ ଆୟୋଜନ କରାଯିବାର କାର୍ଯ୍ୟାକ୍ରମ ରହିଛି । ଏଥିରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଯୋଗଦେବାର କାର୍ଯ୍ୟାକ୍ରମ ରହିଛି ବୋଲି କ୍ଲବ୍‌ର ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଦୀପ୍ତିରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୨ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



**ମହିଳାମାନେ ଟାଣିଲେ ଦର୍ପଦଳନ ରଥ**

## ରଥ ନିର୍ମାଣ ପରେ ବି କାଠ ବଳିଲା

**ନୟାଗଡ଼ ଅଫିସ,୯।୭**

ନୟାଗଡ ପୁରୁଣା ସହରର ଶ୍ରୀ ଜଗନ୍ନାଥ ଜୀଉ ଓ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଜଗନ୍ନାଥଙ୍କ ରଥ ନିର୍ମାଣ ଉଦ୍ଦେଶ୍ୟରେ ଶାଳ କାଠ ଦେବାକୁ ନୟାଗଡ ବନବିଭାଗ ମନା କରି ଦେଇଥିଲା । ପୁରୀର ଶ୍ରୀଜୀଉ ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରକୁ ଛାଡିଦେଲେ ଅନ୍ୟ ମନ୍ଦିରର ରଥ ନିର୍ମାଣ ପାଇଁ କାଠ ଦେବାକୁ ପ୍ରୋଭିଜନ ନାହିଁ କହି ଡିଏଫ୍‌ଓ ମନା କରିବା ପରେ ଜଗନ୍ନାଥ ପ୍ରେମୀଙ୍କ ମନରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି । ଅନ୍ୟପକ୍ଷେ ଜୁଲାଇ ୧ରେ ରଥଯାତ୍ରା ହେବାକୁ ଥିବାବେଳେ ନୟାଗଡ ଓ ଶରଣକୁଳରେ ରଥ ନିର୍ମାଣ କାର୍ଯ୍ୟ କିପରି ହେବ ସେନେଇ ଦେବୋତ୍ତର ବିଭାଗକୁ ଚିନ୍ତା ଘାରିଥିଲା। ପ୍ରତି ବର୍ଷ ନୟାଗଡ ଡିଏଫ୍‌ଓ ରୟାଲଟି ନେଇ ଜବତ କାଠରୁ ଉଭୟ ମନ୍ଦିରକୁ ଆବଶ୍ୟକ କାଠ ଯୋଗାଉଥିଲେ କିପରି ବୋଲି ପ୍ରଶ୍ନ ଉଠିଥିଲା । ବିଗତ ବର୍ଷରେ ରଥ ପାଇଁ କାଠ ଦେଉଥିଲାବେଳେ ୨୦୨୨ ରଥଯାତ୍ରା ପାଇଁ ଶାଳ କାଠ ଯୋଗାଇବାରେ ଅସୁବିଧା କେଉଁଠି ରହିଲା ବୋଲି କେତେଜଣ ଜଗନ୍ନାଥ ପ୍ରେମୀ ପ୍ରଶ୍ନ କରଥିଲେ । ହେଲେ ଭକ୍ତ ଏତେ ପରିମାଣରେ କାଠ ଦାନ କରିଥିଲେ ଯେ, ନୟାଗଡ ରଥ ପାଇଁ କାଠ ସମସ୍ୟା ଦୂର ହୋଇଥିଲା । ଏପରି କି ରଥ ନିର୍ମାଣ ପରେ ବି କାଠ ବଳିଥିଲା। ସେହିପରି ଶରଣକୁଳ ରଥ ପାଇଁ ଭକ୍ତମାନେ କାଠ ଯୋଗାଇ ଦେଇଥିଲେ ।

## ବାହୁଡ଼ିଲେ ତିନି ଠାକୁର

**ନୟାଗଡ଼ ଅଫିସ, ୯।୭**

ନୟାଗଡ଼ ସଦର ମହକୁମାର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କର ବାହୁଡାଯାତ୍ରା ଶନିବାର ସମ୍ପନ୍ନ ହୋଇଛି । ସକାଳୁ ଠାକୁରଙ୍କ ମଙ୍ଗଳ ଆଳତି ସକାଳଧୂପ କରାଯିବା ପରେ ପୂର୍ବାହ୍ନ ୯ଟାରେ ରଥ ପ୍ରତିଷ୍ଠା କରାଯାଇଥିଲା । ପୂର୍ବାହ୍ନ ସାଢ଼େ ୧୧ଟାରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ହୋଇଥିଲା । ହଜାର ହଜାର ଭକ୍ତଙ୍କ ଗହଣରେ ନୟାଗଡ଼ ରାଜା ରାମେଶ୍ୱର ପ୍ରସାଦ ସିଂ ସାଢେ ୧ଟାରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ । ଏହାପରେ ଦ୍ୱିପ୍ରହର ଭୋଗ କରାଯାଇଥିଲା । ଅପରାହ୍ନ ସାଢ଼େ ୩ଟାରେ ରଥଟଣା ନୀତି ସମ୍ପନ୍ନ ହୋଇଥିଲା । ପରେ ଭକ୍ତମାନେ ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ରଥ ଟାଣିଥିଲେ। ବଳଦେବଜୀଉଙ୍କ ତାଳଧ୍ୱଜ ରଥ ନବନାଲ ମଠ ନିକଟରେ ରହିଥିବାବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଦକ୍ଷିଣକାଳୀ ମନ୍ଦିର ଛକ ନିକଟରେ ଅଟକିଛି । ସେହିପରି ଜଗନ୍ନାଥଜୀଉଙ୍କ ନନ୍ଦିଘୋଷ ରଥ ବାଲିସାହି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲାଗିଯାଇଛି । । ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ୍ ଉପସ୍ଥିତି ରହି ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ସେହିପରି ଗୋଡିପଡା ବଡତେଲିସାହିସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କ ବାହୁଡାଯାତ୍ରା ପାଳିତ ହୋଇଛି । ବଡତେଲିସାହିସ୍ଥ ଗୁଣ୍ଡିଚା ମନ୍ଦିରରୁ ବାହାରିଥିବା ବାହୁଡାରଥ ମହନ୍ତସାହରେ ପହଞ୍ଚିଛି । ବଡତେଲିସାହି ଗ୍ରାମବାସୀ ଗୁଣ୍ଡିଚା ମନ୍ଦିରଠାରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଇଥିଲେ । ପୂଜକ ଗଣେଶ୍ୱର ମିଶ୍ର ପୂଜାର୍ଚ୍ଚନା କରିଥିଲେ ।



ନୟାଗଡ଼ ରାଜା ରାମେଶ୍ୱର ପ୍ରସାଦ ସିଂ ଛେରାପହଁରା କରୁଛନ୍ତି।

# ସ୍ୱମନ୍ଦିରକୁ ବାହୁଡ଼ିଲେ ଶ୍ରୀଜୀଉ

**ଖଣ୍ଡପଡ଼ା,୯।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ାରେ ଶ୍ରୀଜୀଉମାନଙ୍କ ବାହୁଡା ଯାତ୍ରା ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଠାକୁର ଜନ୍ମବେଦୀରେ ରହଣି ପରେ ଶନିବାର ଶ୍ରୀଜୀଉମାନେ ରତ୍ନବେଦୀକୁ ବିଜେ ହେଉଛନ୍ତି । ଶନିବାର ଏହି ଅବସରରେ ଖଣ୍ଡପଡା ଖଳିସାହିରେ ବାହୁଡା ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଖଣ୍ଡପଡା ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ମହିମାମେରୁ ଓ ରାଜ ପରିବାର ପକ୍ଷରୁ ପରିଚାଳିତ ଏକକ ଜଗନ୍ନାଥ ପୃଥକ୍ ରଥରେ ଅପରାହ୍ନରେ ବାହାରି ବଡଦାଣ୍ଡର ଖଣ୍ଡପଡା ଥାନା ନିକଟରେ ଅଟକି ରହିଛନ୍ତି। ପାରମ୍ପରିକ ପ୍ରଥା ଅନୁଯାୟୀ ଗଡଜାତ ଖଣ୍ଡପଡା ଅଞ୍ଚଳରେ ୩ଦିନ ଧରି ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥାଏ । ବାହୁଡା ଯାତ୍ରାର ପ୍ରଥମ ଦିନରେ ଭକ୍ତମାନେ ଗୁଣ୍ଡିଚା ଘରଠାରୁ କିଛିବାଟ ପର୍ଯ୍ୟନ୍ତ ରଥ ୨ଟିକୁ ଟାଣି ଥାଆନ୍ତି । ପାଗ ଅନୁକୂଳ ଥିବାରୁ ଆଖପାଖ ଅଞ୍ଚଳର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସନ୍ଧ୍ୟା ଆଳତୀ ଦର୍ଶନ ପାଇଁ ରଥ ସମ୍ମୁଖରେ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ରଥାରୁଢ ବିଗ୍ରହଙ୍କ ନିକଟରେ ଅଧରପଣା ଲାଗି କରାଯାଇଥିଲା । ଖଣ୍ଡପଡା ଯୁବକ ସଂଘ ପକ୍ଷରୁ ସୂଚନା କେନ୍ଦ୍ର ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ଜଳଛତ୍ର ଓ ଦହିପଣା ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଶନିବାର ରାତିରେ ପୌରାଣିକ ନାଟକ ବାଳୀବଧ ମଞ୍ଚସ୍ଥ କରାଯାଇଥିଲା । ଠାକୁରମାନେ ଅଟକି ରହିଥିବା ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି । ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ପୋଲିସ ଟିମକୁ ମୁତୟନ କରାଯାଇଥିଲା । ସୋମବାର ସନ୍ଧ୍ୟାରେ ଲକ୍ଷ୍ମୀ ନାରାୟଣ ଭେଟ ସହ ଚଳିତ ବର୍ଷର ବାହୁଡା ଯାତ୍ରା ଶେଷ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।



ରଥଟଣାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

## ୫୦କେଜି କରଡ଼ି ସହ ବାଇକ୍ ଜବତ

**ଦଶପଲ୍ଲା,୯।୭(ଡି.ଏନ.ଏ.)**

ଦଶପଲ୍ଲା ବନଭାଗ ତରଫରୁ ଶୁକ୍ରବାର ରାତିରେ ଚଢାଉ କରାଯାଇ ଏକ ବାଇକ୍ ସହ ବାଉଁଶ କରଡ଼ି ଜବତ କରାଯାଇଛି । ରାତିରେ ବନ ବିଭାଗ ତରଫରୁ ପାଟ୍ରୋଲିଂ କରାଯାଉଥିବା ବେଳେ ଜଣେ ବ୍ୟକ୍ତି କରିଡ ନେଇ ଯାଉଥିଲେ। ଏ ସଂକ୍ରାନ୍ତରେ ଖବର ପାଇଁ ବନ ବିଭାଗ କର୍ମଚାରୀମାନେ ତାଙ୍କ ପିଛା କରିଥିଲେ । ବନ କର୍ମଚାରୀଙ୍କୁ ଦେଖି ବାଇକ୍ ଚାଳକ ଗାଡ଼ି ଓ କରଡ଼ି ଛାଡି ଫେରାର ହୋଇଯାଇଥିଲେ । ବନ ବିଭାଗ କର୍ମଚାରୀ ପ୍ରାୟ ୫୦ କେଜି କରଡ଼ି ସହ ବାଇକ୍‌କୁ ଜବତ କରିଛନ୍ତି ବୋଲି ରେଞ୍ଜର ନିଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି ।



ଜବତ ବାଇକ୍ ଓ ବାଉଁଶ କରଡ଼ି।

## ସଂକ୍ଷେପରେ

### ମୋହନ ରାମଲିଙ୍ଗେଶ୍ୱର ସେବା ସମବାୟ ସମିତି ସଭାପତି

ପାରଳାଖେମୁଣ୍ଡି,୯।୭(ଡି.ଏନ୍.ଏ.)– ଗୋଷାଣୀ ବ୍ଲକର କେରାଣ୍ଡି ଗ୍ରାମ ପଞ୍ଚାୟତର ନୂଆ କେରାଣ୍ଡି ଗ୍ରାମରେ ରାମ ଲିଙ୍ଗେଶ୍ୱର ସେବା ସମବାୟ ସମିତି ଲିଃ ସଭାପତି ପଦବୀ ସକାଶେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇ ଜଣ ପାର୍ଥି ପ୍ରତିଦ୍ୱନ୍ଦିତା କରିଥିଲେ, ଶୁକ୍ରବାର ସକାଳ ୧୦ ଟାରୁ ୧୨ ଟା ମଧ୍ୟରେ ଭୋଟ ହୋଇଥିଲା। ଏହି ନିର୍ବାଚନରେ ପ୍ରିଜାଇଡିଂ ଅଫିସର ଅରୁଣ କୁମାର ପାଠୀ ଓ ପୁଲିଂ ଅଫିସର ଭାବେ ଦୀପକ କୁମାର ସାହୁ ନିୟୋଜିତ ହୋଇଥିଲେ। ଇଲେକ୍ସନ ଅଫିସର ଭାବେ ଜଗନ୍ନାଥ ରଥ ଉପସ୍ଥିତ ଥିଲେ। ଇ. ମୋହନ ରାଓ ୯ଟି ଭୋଟ ପାଇଥିବା ବେଳେ ପ୍ରଶାନ୍ତ କୁମାର ପାତ୍ର ୫ ଭୋଟ ପାଇଥିବାର ନିର୍ବାଚନ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅଧିକ ଭୋଟ ପାଇ ଇ .ମୋହନ ରାଓ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ।

### ସେବାଶ୍ରମରେ ଜଗା ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଜି.ଉଦୟଗିରି,୯।୭(ଡି.ଏନ୍.ଏ.): ଉଡାପଡା ସେବାଶ୍ରମଠାରେ ୭୩ତମ ବନ ମହୋତ୍ସବ ସପ୍ତାହ ୨୦୨୨ ପାଳନ ଅବସରରେ ଜଗା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ଟ୍ରେନିଂ ସ୍କୁଲର ଶଙ୍କର ପଣ୍ଡା, ସମ୍ମାନିତ ଅତିଥି ଭାବେ ସିଆରସିସି ବିଦେଶୀ ନାୟକ, ପଙ୍କଜ ନାୟକ, ପ୍ରଶାନ୍ତ ନାୟକ, ଭବାନନ୍ଦ ପ୍ରଧାନ, ସ୍ୱାଗତ ଦିଗାଲ, ମହିଳା ବନପାଳ ପ୍ରଶିକ୍ଷୟିତ୍ରୀନି ଟ୍ରେନିଂ ସ୍କୁଲ ଜି.ଉଦୟଗିରିରୁ ଲଳିତା ପାଣ୍ଡେ, ପ୍ରମିଳା ସାବତ, କମଳିନୀ କହଁର ଯୋଗ ଦେଇଥିବା ବେଳେ ଉଡାପଡା ସେବାଶ୍ରମର ପ୍ରଧାନ ଶିକ୍ଷକ ଦୈତାରୀ ଦିଗାଲଙ୍କ ତତ୍ତ୍ୱାବଧାନରେ ଜଗା ପାଇଁ ଗଛଟିଏ ବନମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଉଡାପଡା ସେବାଶ୍ରମଠାରେ ପାଳନ ହୋଇଯାଇଥିଲା।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନୂଆଗଡ଼,୯।୭: ପାଳକ ଆଚାର୍ଯ୍ୟ ସୈଦ୍ରକ୍ ପସ୍ତୁ ରେଙ୍ଗୀ ପାଳକିୟ ସେବା କାର୍ଯ୍ୟ କାଳରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଗଜପତି ଜିଲା ଉତ୍କଳ ବାପ୍ଟିଷ୍ଟ ମଣ୍ଡଳୀ ନୂଆଗଡ଼ ଉପାସନା ଗୃହଠାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରଫେସର ରାଜପତି ପାଣି ଯୋଗଦେଇଥିଲେ। ପ୍ରଥମେ ପାଳକଙ୍କ ଘରୁ ବାଜା ରୋଶଣି ସହିତ ବହୁ ଆଡ଼ମ୍ବରରେ ଉପାସନା ଗୃହକୁ ପାଛୋଟି ଆଣି ସ୍ୱତନ୍ତ୍ର ଭାବରେ ବିଦାୟ ଉତ୍ସବ ଆରମ୍ଭ କରାଯାଇଥିଲ। ତତ୍ପରେ ପାଳକଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଉତ୍କଳ ବାପ୍ଟିଷ୍ଟ ମଣ୍ଡଳୀ ସମ୍ମିଳନୀ କର୍ମକର୍ତ୍ତା ଏବଂ ଜିଲା ଓ ଜିଲା ବାହାରୁ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସମ୍ମୁଖରେ ତାଙ୍କୁ ଅବସର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିବା ବେଳେ ସ୍ଥାନୀୟ ମଣ୍ଡଳୀର ସମ୍ପାଦକ ପ୍ରତ୍ୟୁଷ ରଞ୍ଜନ ପାଣି ଅଭ୍ୟର୍ଥନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟାରେ ସନ୍ତୁଳିତ ଚିତ୍ରକର ପରିବାର

**ଧରାକୋଟ,୯।୭(ଡି.ଏନ୍.ଏ.)**


ମୂର୍ତ୍ତି ତିଆରି ଚାଲିଛି।

ଠାକୁରଙ୍କ ଚିତ୍ର ଆଙ୍କିବା ପାଇଁ ରାଜା ପୁରୀ ବାଲିହରଚଣ୍ଡି ସାହିରୁ ଧରାକୋଟ ଆଣିଥିଲେ ଚିତ୍ରକର ପରିବାରକୁ। ଘର ସହ ଇନାମ ଆକାରରେ ଜମି ମଧ୍ୟ ଖଞ୍ଜିଥିଲେ। ପ୍ରାୟ ଚାରିଶହ ବର୍ଷ ପୂର୍ବର ଜଗନ୍ନାଥ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠାବେଳେ ଧରାକୋଟ ଆସିଥିବା ଚତ୍ରକର ପରିବାର ଭୋକର ଭୂଗୋଳରେ ଏବେ ସନ୍ତୁଳିତ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ସେମାନଙ୍କୁ ଚିନ୍ତା ଘାରିଛି। ସ୍ନାନ ବେଦିରୁ ଅଣସର ଘରକୁ ଠାକୁର ଯିବାପରେ ଆରମ୍ଭ ହୁଏ ତାଙ୍କର କାର୍ଯ୍ୟ। ଠାକୁରଙ୍କୁ ବସ୍ତ୍ର ପିନ୍ଧାଇବା, ଚିତ୍ରକରିବା ସେମାନଙ୍କ କାମ। ଯେଉଁ ହାତରେ ଠାକୁରଙ୍କ ସେବା କରନ୍ତି ବଳକା ସମୟରେ କାଠ, ମାଟି, ସିମେଣ୍ଟ ମୂର୍ତ୍ତି ତିଆରି କରି ସେସବୁକୁ ବିକ୍ରି କରି ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ହେଲେ କରୋନାରେ ସବୁକିଛି ସ୍ଥିତି ବଦଳି ଯାଇଛି। ରାଜା ଦେଇଥିବା ଜମି ପୂର୍ବଜମାନେ ବିକି ଦେଇଛନ୍ତି। ଏବେ ପର୍ବପର୍ବାଣିରେ ମୂର୍ତ୍ତି ବିକ୍ରି କରିବା ସହ କୌଳିକ ପ୍ରଥାକୁ ଏଡାଇ ରାଜମିସ୍ତ୍ରି କାମ ଆପଣାଇଛନ୍ତି ଏଠାକାର ଚାରୋଟି ପରିବାର। ଯେଉଁ ହାତ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ମୂର୍ତ୍ତି, ତୋରଣ,ମନ୍ଦିର ଗଢ଼ିଥିଲା ସେହି ହାତରେ ସିମେଣ୍ଟ, ବାଲି, ଇଟାର ଘର ଗଢୁଛି। ରାଜା ଠାକୁରଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କ ସେବା ପାଇଁ ସେମାନଙ୍କୁ ପୁରୀରୁ ଆଣି ଚିତ୍ରକର ଉପାଧି ପ୍ରଦାନ କରିଥିଲେ। ପିଢ଼ି ପରେ ପିଢ଼ି ଠାକୁରଙ୍କ କାର୍ଯ୍ୟ ନିଷ୍ଠାର ସହ କରି ଚାଲିଥିବା ବେଳେ ରାଜ ରାଜୁଡ଼ା ପ୍ରଥା ବିଲୋପ ହୋଇଯିବାପରେ ସେମାନେ ଉପଯୁକ୍ତ ପାଉଣା ପାଉନାହାନ୍ତି। ଏଣୁ ଅନ୍ୟ ଉପାର୍ଜନ ଆଡ଼କୁ ଅଗ୍ରସର ହେଲେଣି । କରୋନା କଟକଣା ଏମାନଙ୍କ ହାତ ଗତ ଦୁଇ ବର୍ଷହେଲା ବାନ୍ଧି ରଖିଛି। ଚଳିତ ବର୍ଷ ଏକାଦଶୀ ଯାତ୍ରାରେ ମୂର୍ତ୍ତି ବିକ୍ରିକରି ବେଶ ଦୁଇପାଇସା ରୋଜଗାର କରିବାର ଆଶା ରଖିଛନ୍ତି ଚିତ୍ରକର ପରିବାର । କାରଣ ବଡ଼ଦାଣ୍ଡରେ ରଥ ଗଢ଼ିଲେ ହାତ ତିଆରି ମୂର୍ତ୍ତି , ମାଟି କଣ୍ଢେଇ ପସରା ମେଲି ବେଶ କିଛି ଉପାର୍ଜନ କରନ୍ତି ଏହି ପରିବାର। ବାର୍ଷିକ ଚଳଣିର କିଛିମାତ୍ରାରେ ଏଥିରେ ଚଳିଯାଏ। ହେଲେ ଏହା ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହେଉନାହିଁ। ଏସବୁ ଜାଣି ସୁଦ୍ଧା ପିଢ଼ି ପରେ ପିଢ଼ି ବାପା, ଜେଜେଙ୍କ ଠାରୁ ଚିତ୍ରକର କାର୍ଯ୍ୟ ଶିଖି କୌଳିକ ବୃତ୍ତିକୁ ଉତ୍ତରାଧିକାରୀମାନେ ବଜାୟ ରଖିଛନ୍ତି। ହେଲେ ଆଗକୁ ଏଥିରେ ଘର ଚଳିବନି ବୋଲି ଏଠାକାର ଚିତ୍ରକର ପରିବାରର ମୁରବି ସୁରେନ୍ଦ୍ର ମହାପାତ୍ର, ରାମହରି ମହାପାତ୍ର, ବିପ୍ର ମହାପାତ୍ର ଓ ଚନ୍ଦ୍ର ଶେଖର ମହାପାତ୍ର କହିଛନ୍ତି। ପେଟ ପୋଷିବାପାଇଁ ସରକାରୀ ପ୍ରୋତ୍ସାହନ, ତାଲିମ, ଭତ୍ତା ସହ ଗଢିଥିବା ମୂର୍ତ୍ତି ବିକ୍ରିପାଇଁ ବଜାରର ଆବଶ୍ୟକତା ରହିଛି। ଏଣୁ ସରକାର ସହାୟତାର ହାତ ବଢାଇଲେ ସୂଚାରୁ ରୂପେ ଠାକୁର ସେବା ସହ ପରିବାର ଚାଲିବା ଏବଂ କୌଳିକ ପ୍ରଥା ବଞ୍ଚି ରୁହନ୍ତା ବୋଲି ସେମାନେ କହିଛନ୍ତି।

## ପାଣି ପମ୍ପ ମୋଟର ଜବତ, ୪ ଗିରଫ


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି ।

**ଆସିକା,୯।୭(ଡି.ଏନ.ଏ)**

ଆସିକା, ହିଞ୍ଜିଳିରୁ ଜନସାଧାରଣ ଘରୋଇ କାର୍ଯ୍ୟରେ ବ୍ୟବହାର କରୁଥିବା ଓ ଚାଷଜମିରେ ଜଳସେଚନ ଲାଗି ବ୍ୟବହୃତ ବିପୁଳ ପରିମାଣର ପାଣିପମ୍ପ୍ ଓ ମୋଟର ଚୋରି ହୋଇଥିଲା। ଏହାକୁ ପୋଲିସ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମର ଚିତ୍ରସେନ ଦଳାଇ, ମିଟୁ ଦଳାଇ, ପ୍ରହ୍ଲାଦ ବିଶ୍ୱାଳ ଓ ଚରଣ ବିଶ୍ୱାଳ। ଅଭିଯୁକ୍ତଙ୍କ ନିକଟରୁ ୧୩ ଟୁଲୁ ପମ୍ପ୍ ସମେତ ବିଭିନ୍ନ କିସମର ୨୫ ମୋଟର ଏବଂ ପାଣି ପମ୍ପ, ୨ ବଣ୍ଡଲ ବିଦ୍ୟୁତ୍ ତାର ଜବତ କରାଯାଇଛି। ମଧ୍ୟାହ୍ନରେ ଆସିକା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଉମା ଶଙ୍କର ସିଂ ଓ ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ଗତ ୨ ତାରିଖରେ ଏହି ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମର ଜଣେ ମହିଳା ତାଙ୍କ ଘର ବାରିପଟୁ ପାଣି ମୋଟର ଚୋରି ହୋଇଥିବା ନେଇ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଚାଲିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ୩୬୧, ୩୭୫, ୩୭୬ ଏବଂ ୩୭୭ ଏବଂ ହିଞ୍ଜିଳି ଥାନାରେ ନଂ.୩୪୫/୨୨ରେ ମାମଲା ରୁଜୁ କରାଯାଇଛି। ଆସିକା ଥାନାର ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା।

## ‘ବନ୍ଦେ ମାତରମ୍’ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ ଆଜି

**ବ୍ରହ୍ମପୁର ଅଫିସ,୯।୭**

**ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ୧୦ତାରିଖରେ ଗୋପାଳପୁର ନିର୍ବାଚନମଣ୍ଡଳୀର ଗୋଳନ୍ଥରା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେଠାରେ ନବନିର୍ମିତ ଗଞ୍ଜାମ ଜିଲା ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ ସହ ସଂଗଠନ କାର୍ଯ୍ୟକର୍ତ୍ତାଙ୍କ ସମାବେଶକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ନୂଆ କୋଠାର ନାମ ବନ୍ଦେ ମାତରମ୍ ରଖାଯାଇଛି।

ଅପରପକ୍ଷରେ କେନ୍ଦ୍ର ରେଳ ଓ ହସ୍ତତନ୍ତ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋସ ୩ ଦିନିଆ ଜିଲା ଗସ୍ତରେ ଆସି ଆସିକା ଲୋକ ସଭା କ୍ଷେତ୍ରର ବିଭିନ୍ନ ଅଞ୍ଚଳକୁ ଯାଇ କେନ୍ଦ୍ରୀୟ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ତାକୁ ଅନୁଧ୍ୟାନ ଓ ସମୀକ୍ଷା କରି ଗୁରୁବାର ଫେରିଛନ୍ତି। ଏହାର ଦୁଇଦିନ ପରେ ଧର୍ମେନ୍ଦ୍ରଙ୍କ ଗୋଳନ୍ଥରା ଗସ୍ତକୁ ରାଜନୈତିକ ଗୁରୁତ୍ୱ ଦିଆଯାଇଛି।

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେଡିରୁ ବହିଷ୍କୃତ ହେବାର ଦେଢ଼ ବର୍ଷ ବିତିଛି। ସେ ଏବେ ସ୍ୱାଧୀନ ବିଧାୟକ ବୋଲି ନିଜେ ସ୍ୱୀକାର କରିଛନ୍ତି। ଅପରପକ୍ଷରେ ୨୦୦୯ରୁ ୨୦୧୯ ମଧ୍ୟରେ ହୋଇଥିବା ୩ ଥର ନିର୍ବାଚନରେ ପାଣିଗ୍ରାହୀ ଲଗାତର ଭାବେ ବିଜେଡିରୁ ଜିତି ହାଟ୍ରିକ ଅର୍ଜନ କରିଥିଲେ। ତେଣୁ ସେହି ବିଧାନସଭା କ୍ଷେତ୍ର ପୁନର୍ବାର ଦଖଲ ପାଇଁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ମୁଖ୍ୟମନ୍ତ୍ରୀଙ୍କ ନଜରରେ ଗୋପାଳପୁର ଥିବା କର୍ମୀମାନେ କହୁଛନ୍ତି। ତେଣୁ ତାଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ସମଗ୍ର ନିର୍ବାଚନମଣ୍ଡଳୀରେ ସବୁ କଥା ବୁଝୁଛନ୍ତି। ସେଠାରେ ଭାଜପା ମଧ୍ୟ ଦୁଇ ନମ୍ବରରେ ରହିଛି। ଅତୀତରେ ଧର୍ମେନ୍ଦ୍ର ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଥିବାବେଳେ ଗୋପାଳପୁର ନିର୍ବାଚନମଣ୍ଡଳୀ ଓ ବିଶେଷକରି ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳକୁ ବହୁବାର ଆସୁଥିଲେ। ବିଭୂତି ଜେନାଙ୍କ ସମେତ ଅନେକ ଆଞ୍ଚଳିକ ନେତାଙ୍କୁ ସେ ସୃଷ୍ଟି କରିଥିଲେ। ଏନ୍‌ଡିଏ ସରକାରରେ ମନ୍ତ୍ରୀ ପଦ ପାଇବା ପରେ ମଧ ବିଭିନ୍ନ ସମୟରେ ଓ ବିଗତ ପଞ୍ଚାୟତ ନିର୍ବାଚନୀ ପ୍ରଚାର ପାଇଁ ଗୋଳନ୍ଥରା ଅଞ୍ଚଳକୁ ଆସିଥିଲେ। ରବିବାର ତାଙ୍କ ଗସ୍ତ ପାଇଁ ଭାଜପା କର୍ମୀମାନେ ଉତ୍ସାହିତ ହୋଇଛନ୍ତି। ଏହାକୁ ସଫଳ ନିମନ୍ତେ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ କାର୍ଯ୍ୟକର୍ତ୍ତା ଓ କର୍ମୀ ସମ୍ମିଳନୀରେ ଧର୍ମେନ୍ଦ୍ର କ’ଣ ମନ୍ତ୍ର ଫୁଙ୍କିବେ ସେନେଇ ରାଜନୈତିକ ବିଶ୍ଳେଷକ ଅପେକ୍ଷା କରିଛନ୍ତି।

## ଭାବରଡ଼ା-ଗୋଛାବାଡ଼ି ଭାୟା ଖୁମ୍ବୁଲା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ପୋଲସରା,୯।୭(ଡି.ଏନ୍.ଏ.)**


ରାସ୍ତାର ଭିତ୍ତିପ୍ରସ୍ତର କରୁଛନ୍ତି ଶ୍ରମ ମନ୍ତ୍ରୀ।

ପୋଲସରା ବ୍ଲକ ଅନ୍ତର୍ଗତ ଭାବରଡ଼ା–ଗୋଛାବାଡ଼ି ଭାୟା ବୋରସିଙ୍ଗି ଖୁମ୍ବୁଲା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଧନେଇ ଡାକବଙ୍ଗଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶ୍ରମ ଓ ଇଏସ୍‌ଆଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଆନୁକୂଲ୍ୟରେ ଭାବରଡାଠାରୁ ଗୋଛାବାଡି ଭାୟା ବୋରସିଙ୍ଗି ଖୁମ୍ବୁଲା ରାସ୍ତାର ଉନ୍ନତୀକରଣ କରାଯିବ। ଏହା ଦ୍ୱାରା ଭାବରଡା ବୋରସିଙ୍ଗି ଖୁମ୍ବୁଲା ଓ ଗୋଛାବାଡି ଗ୍ରାମ ମଧ୍ୟରେ ଗମନାଗମନ ସଂଯୋଗ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ସ୍ୱାଇଁ, ଯନ୍ତ୍ରୀ ସଞ୍ଜୟ ଶଙ୍କର ଟୁଡୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟା ଝୁନୁ ଦାସ, ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡା, ଗୋଛାବାଡି ସମିତିସଭ୍ୟା ସୁକାନ୍ତି ଶବର, ସରପଞ୍ଚ ରଘୁନାଥ ଭୂୟାଁ, ମନୋଜ କୁମାର ପରିଡ଼ା, ଯୁବନେତା ରାଜେନ୍ଦ୍ର କୁମାର ପ୍ରଧାନ, ମନମୋହନ ଗୌଡ଼, ସୁଶିତ କୁମାର ସାହୁ, ପୀତବାସ ପ୍ରଧାନଙ୍କ ସମେତ ପୋଲସରା ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ସଙ୍ଗଠକମାନେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଚାରାରୋପଣର ଆବଶ୍ୟକତା ଶୀର୍ଷକ ସଚେତନତା ସଭା

**ଦିଗପହଣ୍ଡି,୮।୭(ଡି.ଏନ.ଏ.)**


ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ମାଜିଷ୍ଟ୍ରେଟ।

ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଗୁରୁବାର ୭୩ତମ ବନ ମହୋତ୍ସବ ଅବସରରେ ସନ୍ତୁଳିତ ପରିବେଶ ପାଇଁ ଚାରାରୋପଣର ଆବଶ୍ୟକତା ଶୀର୍ଷକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି ସଭାରେ ଆଇନ ସେବା କମିଟିର ଅଧ୍ୟକ୍ଷା ତଥା ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସଭାରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ସଚେତନତା କରାଯାଇଥିଲା। ପରେ ମାଜିଷ୍ଟ୍ରେଟ ପ୍ରଥମେ ଚାରାରୋପଣ କରି ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସଦ୍ୟ ପ୍ରକାଶିତ ଦଶମ ଶ୍ରେଣୀ ପରୀକ୍ଷା ରେଜଲ୍ଟରେ ଟପ୍ପର ହୋଇଥିବା ଛାତ୍ରୀ ପ୍ରେରଣା ବରାଡଙ୍କ ସମେତ ଶିଶୁ ମନ୍ଦିର କର୍ମଚାରୀ ଓ ଉପସ୍ଥିତ ଆଇନଜୀବୀ ବୃନ୍ଦ ବିଭିନ୍ନ ଚାରା ରୋପଣ କରିଥିଲେ। ଆଇନଜୀବୀ ହରପ୍ରସାଦ ରଥ, ବିଜୟ କୁମାର ପ୍ରଧାନ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ବନପାଳ ସୋମନାଥ ମଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କ ସହଯୋଗରେ ଦିଗପହଣ୍ଡି କୋର୍ଟ ପରିସରରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଏ. ସୋମେଶ୍ୱର ରାଓ, ସମ୍ପାଦକ ପ୍ରହ୍ଲାଦ ପ୍ରଧାନ, ଉପସଭାପତି ସଞ୍ଜୟ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ରସାନନ୍ଦ ରାଉତଙ୍କ ସମେତ ବହୁ ଓକିଲ ଅଂଶଗ୍ରହଣ କରିଥିଲେ। ବିଚାର ବିଭାଗୀୟ କର୍ମଚାରୀ ଭିକାରୀ ବେହେରା, ଅଞ୍ଜଳି ମହାରଣା, ସତ୍ୟ ନାରାୟଣ ପାଢୀ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ ପଟ୍ଟନାୟକ, ସସ୍ମିତା ମହାରଣା, ପୂର୍ଣ୍ଣଚନ୍ଦ୍ର ପାତ୍ର, କାଳିଆ ନାୟକ, ବିକ୍ରମ ପ୍ରଧାନ ଓ ବନ ବିଭାଗ କର୍ମଚାରୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**OFFICE OF THE DISTRICT COLLECTOR, KHORDHA**
**(EXCISE SECTION)**
**NOTICE INVITING APPLICATION FOR SETTLEMENT OF PREMIUM IMFL “OFF” SHOPS IN BHUBANESWAR MUNICIPAL CORPORATION OF KHORDHA DISTRICT**

**No. 2318** **Date: 09.07.2022**

No. F: Applications are invited for settlement of 3 numbers of PREMIUM IMFL “OFF” Shops in Bhubaneswar Municipal Corporation of Khordha District for the remaining period of 2022-23 and onwards by way of lottery.
The persons interested to participate may apply in **‘Form-B’** through the portal **https://stateexcise.odisha.gov.in** from **10.07.2022** to **23.07.2022 (5.30 P.M.).** Lottery will be conducted on **30.07.2022** at **11.00 A.M.** in **DRDA Conference Hall, Khordha**.
The details of the shops to be settled and the terms and conditions applicable thereof are available in the said website and the notice boards of the District Excise Office, Bhubaneswar and Collectorate, Khordha.

**Toll Free No. 18003456713**

**By Order of Collector**
**Sd./- Superintendent of Excise, Bhubaneswar**
OIPR

## ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୯।୭**

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ସଂସ୍କୃତି ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ସିଟି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପଣ୍ଡିତ ପ୍ରଫୁଲ୍ଲ କୁମାର ଦାଶ ସଂଘର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଆସନ୍ତା ୨୧ ତାରିଖରେ ସଂସ୍କୃତ ଦିବସ ପାଳନ ହେବାକୁ ଥିବା ବେଳେ ଅଗଷ୍ଟ ୧୦ ଠାରୁ ଜିଲାର ସମସ୍ତ ହାଇସ୍କୁଲରେ ଦିବସ ପାଳନ କରିବା ପାଇଁ ସ୍ଥିର ହୋଇଥିଲା। ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର କରିବା ଏହାର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ଚଳିତ ବର୍ଷ ଏହି ଦିବସରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ବିତରଣ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ସଂଘ ମାର୍ଗ ଦର୍ଶକ ଉପେନ୍ଦ୍ର ନାଥ ମିଶ୍ରଙ୍କ ସମେତ ପଣ୍ଡିତ ନିତ୍ୟାନନ୍ଦ ଦାଶ ଓ ଜିଲା କାର୍ଯ୍ୟକାରିଣୀ ସମିତିର ସମସ୍ତ ସଭ୍ୟ ଏବଂ ସମସ୍ତ ବ୍ଲକ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID : serwcbaripada@gmail.com, Ph.No.-06792-261343/261344, Gangraj, Baripada
**“e” Procurement Notice for Bridge Work**
**Identification No.- Online Tender- Bridge N.C.B. No. 235 for 2022-23.**
**Letter No. 2337 / Date. 05.07.2022**

No.O-589:- 1. Name of the work :- Construction of H.L Bridge over river Khairi Bhandan at 0.400km on Kapanda to Suanpal Road in the District of Mayurbhanj under BSY. (Balance Work). 2. Total No. of work :- 01 No. (One). 3. Estimated Cost :- Rs. 612.81 lakhs (approximately). 4. Eligible Class of Contractor : - As per annexure. 5. Period of Completion :-As per annexure. 6. Other details :-

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No. 235 | Dt.20.07.2022 at 11.00 A.M. | Dt.05.08.2022 upto 5.00 P.M. | Dt.04.08.2022 upto 5.00 P.M. | Dt. 06.08.2022 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in.
Any Corrigendum / Addendum will be displayed in the above e_tender website only.
OIPR-25181/11/0027/2223 **Sd./- Chief Construction Engineer, R.W. Circle, Baripada**

# ଧାନ ତଳି ଖାଇଦେଉଛନ୍ତି ବୁଲା ଗୋରୁ
# ପ୍ରତିକାର ଦାବିରେ ଚାଷୀଙ୍କ ରାସ୍ତାରୋକୋ

**ବୁଗୁଡ଼ା,୯।୭(ଡି.ଏନ.ଏ.)**


ରାସ୍ତାରୋକୋ କରିଛନ୍ତି ଆନ୍ଦୋଳନକାରୀ।

ବୁଲା ଗୋରୁ ବୁଗୁଡ଼ାରେ ବୁଲିବା ସାଧାରଣ ଘଟଣା ପାଲଟିଛି। ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଲା ଗୋରୁ ରାସ୍ତାରେ ଉପଦ୍ରବ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି । ରାତିରେ ଚାଷୀଙ୍କ ବିଲରେ ପଶି ଧାନ ତଳି ଖାଇବା ସହ ନଷ୍ଟ କରି ଚିନ୍ତାରେ ପକାଉଛନ୍ତି। କେବଳ କାମଚଳା ସଚେତନତା ବ୍ୟତୀତ ରାଜରାସ୍ତାକୁ ଗୋରୁ ଛାଡୁଥିବା ଗୋପାଳକଙ୍କୁ ସାବାଡ଼ କରିବାରେ ସ୍ଥାନୀୟ ପ୍ରଶାସନ ବିଫଳ ହୋଇଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବହୁ ମହିଳା ଓ ପୁରୁଷ ଚାଷୀ ଶନିବାର ପୂର୍ବାହ୍ନ ୧୦ଟାରେ ରାଜରାସ୍ତାକୁ ଓହ୍ଲାଇ ବାଗ୍‌ଦେବୀ ସାହି ଛକରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ବୁଗୁଡ଼ା- ପୋଲସରା ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ସହ ଉଭୟ ପଟେ ବହୁ ସଂଖ୍ୟକ ଗାଡି ଅଟକି ରହିବା ଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଆଇଆଇସି ଚିତ୍ତରଞ୍ଜନ ବେହେରା ଘଟଣା ସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ କ୍ଷୁବ୍ଧ ଚାଷୀଙ୍କୁ ଦୀର୍ଘ ସମୟ ଧରି ବୁଝାଶୁଝା କରିବା ସହ ସୋମବାର ସୁଦ୍ଧା ଏହାର ପ୍ରତିକାର ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋରୁ ଚାଷୀମାନେ ହଟିଥିଲେ। ତେବେ ବିକ୍ଷୋଭକାରୀ ଚାଷୀଙ୍କ ନିକଟରେ ଏନ୍‌ଏସିର କୌଣସି ପଦାଧିକାରୀ କିମ୍ବା ଜନପ୍ରତିନିଧି ପହଞ୍ଚି ନ ଥିବାରୁ ସେମାନଙ୍କ ପ୍ରତି ଚାଷୀଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ସୋମବାର କାଓ କ୍ୟାଚର୍ ଗାଡି ଆଣି ବୁଲାଗୋରୁଙ୍କୁ ଉଠାଇ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
**Tel.06766-258301(O), eMail: se_nerwkjr@rediffmail.com**
**1st Corrigendum Notice**

No.1294 Date: 04.07.22
No.O-591:- Under unavoidable circumstances, the tender invited vide Bid Identification No. Road Online NCB No. 340 (eprocurement Notice No.1214 Dtd: 22.06.2022) is hereby modified to the following extent.
**Notified Earlier:-**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.340 | Dt.05.07.2022 at 11.00 A.M. | Dt.20.07.2022 upto 5.00 P.M. | Dt.19.07.2022 upto 5.00 P.M. | Dt. 21.07.22 at 11.00 A.M. | Will be intimated later |

**Now Modified as:-**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o C.C.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.340 | Dt.19.07.22 at 11.00 A.M. | Dt.02.08.22 upto 5.00 P.M. | Dt.01.08.22 upto 5.00 P.M. | Dt. 03.08.22 at 11.00 A.M. | Will be intimated later |

All other contents remain unchanged.
OIPR-25177/11/0009/2223 **Sd./- Chief Construction Engineer, R.W. Circle, Keonjahr**

## ସଂକ୍ଷେପରେ

### ୯୩୦ ଲିଟର ମଦ ଜବତ, ୬ ଗିରଫ

ପାରଳାଖେମୁଣ୍ଡି, ୯।୭(ଡି.ଏନ୍.ଏ.)- ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ରହ୍ମପୁରସ୍ଥ ସାଉଦର୍ନ ଡିଭିଜନ ଇଆଇଇବି ଓ ଗାରବନ୍ଧା ପୋଲିସଙ୍କ ଶନିବାରମିଳିତ ଚଢାଉ କରାଯାଇଥିଲା। ଜିଲାର ବୁରୁଝାଲି, ଭୀମପୁର, ଗୁମ୍ମା ଓ ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନଗୁଡ଼ିକରେ ଅବକାରୀ ଚଢାଉ କରି ୧୧ଟି ମକଦ୍ଦମା ରୁଜୁ କରାଯାଇଥିବା ବେଳେ ୬ଜଣଙ୍କୁ ଗିରଫ କରାଯାଇଛି। ଚଢାଉ ବେଳେ ୧୨ହଜାର ଲିଟର ମହୁଲ ପୋଚ ଏବଂ ୯୩୦ ଲିଟର ଚୋରା ଦେଶୀ ରନ୍ଧା ମଦ ସହ ମଦରନ୍ଧା ସରଞ୍ଜାମ ଜବତ କରାଯାଇଛି। ଏଥିସହ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଛି।

### ରାଜି ପିଡ଼ିକାକା ଗୁଣପୁର ଲାମ୍ପ୍ସ ଉପସଭାପତି

ଗୁଣପୁର,୯।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଲାମ୍ପ୍ସ ଉପସଭାପତି ପାଇଁ ନାମାଙ୍କନପତ୍ର ଦାଖଲ ଶୁକ୍ରବାର ହୋଇଥିଲା। ଏଥିରେ ୯ ନମ୍ବର ଜୋନ୍‌ର ବିଜୟୀ ନିର୍ଦ୍ଦେଶିକା ପ୍ରାର୍ଥୀ ରାଜି ପିଡ଼ିକାକା ନିଜର ସମର୍ଥକମାନଙ୍କ ସହ ଉପସଭାପତି ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୋଟିଏ ମାତ୍ର ନାମାଙ୍କନ ପତ୍ର ଦାଖଲ ହୋଇଥିବାରୁ ରାଜି ପିଡିକାକଙ୍କୁ ନିର୍ବାଚିନ ଅଧିକାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଛନ୍ତି। ଏହି ସମୟରେ ପୌର ପରିଷଦର ଉପାଧକ୍ଷ ତଥା ଲାମ୍ପ୍ସର ଅନ୍ୟତମ ନିର୍ଦ୍ଦେଶକ ଶିବପ୍ରସାଦ ଗୌଡ଼ଙ୍କ ସମେତ ଅନ୍ୟ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

### ଏସ୍‌ଡିଜେଏମ୍‌ଙ୍କୁ ସ୍ୱାଗତ

ଗୁଣପୁର,୯।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଏସ୍‌ଡିଜେଏମ୍ ସାନ୍ତାଶ୍ରୀ ମହାନ୍ତିଙ୍କୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିଲାଗି ଓକିଲ ସଂଘର କାର୍ଯ୍ୟାଳୟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଛି। ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଏଡିଜେ ମାନସ ରଞ୍ଜନ ରଥ, ସବ୍‌ଜଜ୍ ସଙ୍ଗୀତା ମଲିକ, ଜେଏମ୍‌ଏଫ୍‌ସି ବର୍ଷା ମହାନ୍ତି, ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଫଣିଭୂଷଣ ପଟ୍ଟନାୟକଙ୍କ ସମେତ ଅନେକ ଓକିଲ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୁଣପୁର ଏସ୍‌ଡିଜେଏମ୍ ଥିବା ବିଭୂତି ଭୂଷଣ ନାୟକଙ୍କୁ ଖଣ୍ଡପଡ଼ାକୁ ସବ୍ ଜଜ୍‌ଭାବେ ବଦଳି କରାଯାଇଛି। ଖଲ୍ଲିକୋଟର ଜେଏମ୍‌ଏଫ୍‌ସି ସାନ୍ତାଶ୍ରୀ ପଦୋନ୍ନତି ପାଇ ଗୁଣପୁର ଏସ୍‌ଡିଜେଏମ୍ ଭାବେ ବଦଳି ହୋଇ ଆସିଛନ୍ତି।

### ସିଡିଏମ୍‌ଓ କାର୍ଯ୍ୟାଳୟରେ ନିଆଁ ଲାଗି ଜଳିଗଲା କାଗଜପତ୍ର

ରାୟଗଡା ଅଫିସ, ୯।୭- ରାୟଗଡ଼ା ବାରିଝୋଲାସ୍ଥିତ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏହା ଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ଓ କାଗଜପତ୍ର ପୋଡି ନଷ୍ଟ ହୋଇ ଯାଇଥିବା ସୂଚନା ମିଳିଛି। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ସୂଚନା ମିଳିଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଧୂଆଁ ବାହାରିବାର ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

### ଗୁଣପୁରର ୨ ସରକାରୀ ସ୍କୁଲର ୬ ପିଲାଙ୍କୁ ଏ-୧ ଗ୍ରେଡ୍

ରାୟଗଡ଼ା ଅଫିସ, ୯।୭- ଅନୁସୂଚିତ ଜାତି ଓ ଜନଜାତି ତଥା ମଙ୍ଗଳ ବିଭାଗ ସ୍କୁଲଗୁଡିକ ଚଳିତ ମାଟ୍ରିକ୍ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଛି। ଗୁଣପୁର କେରେବା ଏଜୁକେଶନ କମ୍ପ୍ଲେକ୍ସର ୫(ଶ୍ୱେତାଶ୍ୱରୀ ଶବର, ତପସ୍ୱିନୀ ଗମାଙ୍ଗ, ତାରକା ଦଳବେହେରା, ଏଷ୍ଟର ରାଇକା, କୁନି ଶବର) ଓ ଭାରସିଙ୍ଗ ଏଚ୍.ଏସ୍. ବିଦ୍ୟାଳୟର ସବିତା ଶବର ଏ-୧ ଗ୍ରେଡ୍ ପାଇଥିବା ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

### କୃତୀ ପ୍ରତିଯୋଗୀ ପୁରସ୍କୃତ

ତେନ୍ତୁଳିଖୁଣ୍ଟି, ୯।୭(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ବିଦ୍ୟାଳୟ ଅଧକ୍ଷଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ସ୍କୁଲ ପରିସରରେ ଚାରାରୋପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କନିଷ୍ଠବର୍ଗରେ ଶୁଭସ୍ମିତା ଗରଦା, ଏଲ୍.ଚନ୍ଦନ ରାଓ, କୁଞ୍ଜିକା ଭକ୍ତ ଯଥାକ୍ରମେ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ବରିଷ୍ଠ ବର୍ଗରେ ଅନ୍ୱେଶା ସ୍ୱାଇଁ ଓ କୃଷ୍ଣରାଣୀ କୃତୀ ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟ ଅଧକ୍ଷ ଅବିନାଶ ସାହୁ, ସୁଶାନ୍ତ ପାଣିଗ୍ରାହୀ, ପବିତ୍ର ମୋହନ ନାୟକ, ଶ୍ରୀରାମ ସାହୁ ଓ ଗୁପ୍ତେଶ୍ୱର ମାଳି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜାମୁଗଣ୍ଡ ନାଳରେ ଦଉଡ଼ି ବାନ୍ଧି ଘରକୁ ଗଲେ ଛାତ୍ରୀଛାତ୍ର

ପାତ୍ରପୁର,୯।୭(ଡି.ଏନ.ଏ)

ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତରେ ବର୍ଷା ପାଣି ଯୋଗୁଁ ଜାମୁଗଣ୍ଡ ନାଳ ଭର୍ତ୍ତି ହୋଇଯିବାରୁ ଦଉଡ଼ି ବାନ୍ଧି ଛାତ୍ରୀଛାତ୍ର ଘରକୁ ଆସିଛନ୍ତି। ବୁରାତାଲ ପଞ୍ଚାୟତ କମଲାଖତ ନୂଆଁସାହି ତଥା ସେହି ଅଞ୍ଚଳରେ ଥିବା ପ୍ରାୟ ଦଶ ଖଣ୍ଡ ଗ୍ରାମକୁ ଯିବା ପାଇଁ ହେଲେ ଜାମୁଗଣ୍ଡ ନାଳ ପାର କରିବାକୁ ପଡିଥାଏ। ଶୁକ୍ରବାର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ନାଳରେ ପାଣି ଆସି ଯାଇଥିଲା। ଫଳରେ ଉପର ମୁଣ୍ଡରେ ଥିବା ଗ୍ରାମର ପିଲାମାନେ ବିଦ୍ୟାଳୟକୁ ଯାଇ ଗ୍ରାମକୁ ଫେରିବା ବେଳେ ନାଳର ବର୍ଷା ପାଣିକୁ ଦେଖି ଭୟଭିତ ହୋଇପଡ଼ିଥିଲେ। କମଲାଖତ ନୂଆଁସାହିର ଗୋବିନ୍ଦ ମଣ୍ଡଳ, ଅନନ୍ତ ଭୁୟାଁ, ପିତାମ୍ବର ମଣ୍ଡଳ, ବାଙ୍କିଆ ଭୁୟାଁ ଓ ନନ୍ଦ ରଇତ ନାଳ ଅତିକ୍ରମ ହୋଇ ପାଠ ପଢିବା ପାଇଁ ପୁରିଆସାହି ଯାଇଥିଲେ।



ଦଉଡ଼ି ବାନ୍ଧି ପିଲାମାନେ ନାଳ ପାରି ହେଉଛନ୍ତି।

ଫେରିବା ସମୟରେ ନାଳରେ ପାଣି ଆସିଯାଇଥିଲା। ନାଳ ସେ ପଟେ ରହିପିଲା ଡାକ ଦେବାରୁ ଗ୍ରାମବାସୀ ଆସି ଦଉଡି ବାନ୍ଧି ପିଲାମାନଙ୍କୁ ନାଳ ପାର କରିଥିଲେ। ପ୍ରତ୍ୟେକ ଦିନ ପିଲା ମାନେ ନାଳ ପାର ହୋଇ ପାଠ ପଢିବାକୁ ଯାଉଥିବା ବେଳେ ବର୍ଷା ଦିନ ଆସିଲେ ସେମାନେ ନାନା ପ୍ରକାରର ସମସ୍ୟାକୁ ସାମ୍ନା କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ଅସ୍ୱାସ୍ଥ୍ୟକର ପରିବେଶରେ ରହିଛି ନଳକୂପ

ଧରାକୋଟ,୯।୭(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାର ସମସ୍ତେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି ସ୍ୱଚ୍ଛ ପରିବେଶ ସୃଷ୍ଟି ପାଇଁ ବିଭିନ୍ନ ଜନସଚେତତା କାର୍ଯ୍ୟକ୍ରମ କରିଥିଲେ। ଏଥିପାଇଁ ଗାଁ ଗାଁରେ ବେଶ ପ୍ରଚାର ପ୍ରସାର ହୋଇଥିଲା। ହେଲେ କେଉଁଠି ଏହା କାମରେ ଆସୁଛିତ କେଉଁଠି ଏହାକୁ ଅଣଦେଖା କରାଯାଇଛି। ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଧରାକୋଟ ବ୍ଲକର ବହାରପୁର ପଞ୍ଚାୟତ ସଦମହକୁମାରେ। ଗ୍ରାମର ବସ ରହଣୀସ୍ଥଳ ଛକ ପାର୍ଶ୍ୱରେ ରାଧାକୃଷ୍ଣ ମନ୍ଦିର ପାଚେରୀକୁ ଲାଗି ରହିଥିବା ଦୋକାନ ଗୃହ ସାମନାରେ ରହିଛି ଗୋଟିଏ ନଳକୂପ ସହ ପିଇବା ପାଣି ପ୍ରକଳ୍ପର ଷ୍ଟାଣ୍ଡପୋଷ୍ଟ। ଏଠାରେ ଡ୍ରେନ୍ ପୋତିହୋଇ ବନ୍ଦ ହୋଇଯିବାପରେ ସାହି, ବସ୍ତିର ନାଳ ପାଣି ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ଦେଖାଦେଇଛି। ଏହି ନଳକୂପ ଓ ଷ୍ଟାଣ୍ଡପୋଷ୍ଟରୁ ଦୋକାନୀମାନେ ଓ ଘୋରାଇ ବ୍ୟବହାର ପାଇଁ ଲୋକେ ପାଣି ନେଉଛନ୍ତି। ହେଲେ ପଞ୍ଚାୟତ କିମ୍ବା ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗାଁରେ ଆଶା, ଅଙ୍ଗନୱାଡି,ପଞ୍ଚାୟତ ପ୍ରତିନିଧି ରହିଥିଲେ ମଧ୍ୟ ଏଥିପ୍ରତି କାହାର ନଜର ନାହିଁ। ଏଣୁ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଓ ପଞ୍ଚାୟତ ପ୍ରତିନିଧି ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣ ଜନତା ଦାବି କରିଛନ୍ତି।

# ୭ ମାସ ପରେ ବି ଅନ୍ତେବାସୀଙ୍କ ପତ୍ତା ମିଳୁନି

ବ୍ରହ୍ମପୁର ଅଫିସ,୯।୭

**ବାଳ ସୁଧାର ଗୃହରୁ ଚମ୍ପଟ ଘଟଣା**

ବ୍ରହ୍ମପୁର ଜରଡ଼ା ବଙ୍ଗଳା ରାସ୍ତାରେ ଥିବା ପର୍ଯ୍ୟବେକ୍ଷଣ ଆବାସ ଓ ସ୍ୱତନ୍ତ୍ର ଆବାସ (ବାଳକ)ରୁ ଅନ୍ତେବାସୀ ଚମ୍ପଟ ଘଟଣାର ୭ ମାସ ପରେ ବି ପୋଲିସ ୫ ଜଣଙ୍କ ପତ୍ତା ପାଇପାରିନାହିଁ। ଚମ୍ପଟ ଅନ୍ତେବାସୀମାନେ ନିଜ ଘରକୁ ଫେରିଲେ ସେମାନଙ୍କୁ ଧରିବା ପାଇଁ ଅପେକ୍ଷା କରି ବସିଛି। ଚମ୍ପଟ ୫ ଅନ୍ତେବାସୀ ଧରାପଡି ନ ଥିବାରୁ ପୋଲିସ ଓ ପ୍ରଶାସନର ଏବେ ଚିନ୍ତା ବଢିଯାଇଛି। ସେପଟେ ଏହି ଘଟଣାର ପ୍ରଶାସନିକ ତଦନ୍ତ ସରିଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ)ଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ କରିଥିଲା। ୪ପୃଷ୍ଠାର ତଦନ୍ତ ରିପୋର୍ଟ ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ଜିଲାପାଳ ଉକ୍ତ ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। କିଭଳି ଓ କେଉଁ ପରିସ୍ଥିତିରେ ବାଳ ସୁଧାର ଗୃହରୁ ଅନ୍ତେବାସୀ ଚମ୍ପଟ ମାରିଲେ ସେ ଦିଗରେ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଅନୁଧ୍ୟାନ କରାଯାଇଛି। ତେବେ ଶହେରୁ ଉର୍ଦ୍ଧ୍ୱ ଅନ୍ତେବାସୀ ରହୁଥିବା ସୁଧାର ଗୃହରେ ମାତ୍ର ୪ଜଣ ସୁରକ୍ଷା କର୍ମୀ ରହିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୁର୍ବଳ ସୁରକ୍ଷା ବ୍ୟବସ୍ଥାର ଫାଇଦା ଉଠାଇ ଅନ୍ତେବାସୀମାନେ ଚମ୍ପଟ ମାରିଛନ୍ତି। ଏଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୨୧ ତାରିଖ ବିଳମ୍ବିତ ରାତିରେ ବାଳ ସୁଧାର ଗୃହର ଏକ ନିର୍ଦ୍ଦିଷ୍ଟ ୱାର୍ଡ଼ରେ ଥିବା ୬ ଅନ୍ତେବାସୀ ଝରକା ଗ୍ରିଲ୍ ତାଡ଼ି ପଳାଇଥିଲେ। ରାତି ପ୍ରାୟ ସାଢ଼େ ୨ଟାରେ ସୁଧାର ଗୃହର କର୍ମଚାରୀମାନେ ଯାଞ୍ଚ କରିବା ବେଳେ ଅନ୍ତେବାସୀ ୱାର୍ଡ଼ରେ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସୁଧାର ଗୃହର ଅଧୀକ୍ଷକ ପି. ରମେଶ ରାଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିଥିଲା। ସେହିପରି ଡିସିପିଓ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମଧ୍ୟ ଏକ ୫ଜଣିଆ ଟିମ୍ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ଗତ ଡିସେମ୍ବର ମାସରେ ପୋଲିସ ଗଜପତି ଜିଲା ଆର. ଉଦୟଗିରି ଅଞ୍ଚଳରୁ ଜଣେ ଅନ୍ତେବାସୀଙ୍କୁ ଉଦ୍ଧାର କରି ବାଳସୁଧାର ଗୃହ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ପୋଲିସବାଳସୁଧାର ଗୃହରୁ ଚମ୍ପଟ ଅନ୍ତେବାସୀଙ୍କ ପରିବାରବର୍ଗଙ୍କ ସହ ଯୋଗାଯୋଗରେ ରହିଛି । ହେଲେ ଏଯାବତ ୫ ଅନ୍ତେବାସୀଙ୍କ ପତ୍ତା ପାଇପାରି ନାହିଁ।

## ଦଶପଲ୍ଲାରେ ବାହୁଡ଼ାଯାତ୍ରା



ଦଶପଲ୍ଲା,୯।୭ (ଡି.ଏନ.ଏ.)

ଶନିବାର ଦଶପଲ୍ଲାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି। ମାଉସୀ ମା' ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ଅଣା ଯାଇଥିଲା । ଏହା ପରେ ରଥ ଟଣା ଆରମ୍ଭ ହୋଇଥିଲା। ରଥ ଗଣେଶ ବଜାରରେ ପହଞ୍ଚିବା ପରେ ପ୍ରତିବର୍ଷ ଭଳି ଶ୍ରଦ୍ଧାଳୁମାନେ ଆନନ୍ଦ ଉଲ୍ଲାସରେ ରଥ ଟାଣିଥିଲେ । ଗଣେଶ ବଜାରଠାରେ ରଥାରୁଢ଼ ଜଗନ୍ନାଥଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ ।

# ବାଲ୍ୟବିବାହ ନିଷେଧ ଉପରେ ସଚେତନତା

ଭାପୁର,୯।୭ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ ବାଘୁଆପଲ୍ଲୀ ଗ୍ରାମ ପଞ୍ଚାୟତ ଶିଶୁ ସୁରକ୍ଷା କମିଟି ଅଧକ୍ଷ ସରପଞ୍ଚ ଇନ୍ଦୁମତୀ ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ପଞ୍ଚାୟତର ସଭାଗୃହରେ ବାଲ୍ୟ ବିବାହ ନିଷେଧ ଓ ଶିଶୁ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା । ପ୍ରତି ଗ୍ରାମର କିଶୋରୀ କିଶୋରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଆକ୍ସନ ଏଡ଼ର ରାଜ୍ୟ ପ୍ରଭାରୀ ତଥା ରାଜ୍ୟ ସରକାରଙ୍କ ଶିଶୁ ଆୟୋଗର ଉପଦେଷ୍ଟା ଘାସିରାମ ପଣ୍ଡା ଶିଶୁମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ



ହୋଇଥିଲା । ଏହି ଅବସରରେ ସେ ଶିଶୁମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଭାପୁର ବ୍ଲକର ସିଡିପିଓ ରେଣୁବାଳା ନନ୍ଦ, ଜିଲା ସଂଯୋଜିକା ଇପ୍ସିତା ଅଗ୍ରୱାଲା, ବ୍ଲକ ସଂଯୋଜକ ସୁରେଶ ସ୍ୱାଇଁ, ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ପଞ୍ଚାୟତ ସଂଯୋଜିକା ଅସୀମା ବେଉରିଆ, ସାମାଜିକ କର୍ମୀ ସନାତନ ପ୍ରଧାନ ଓ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବାଲ୍ୟ ବିବାହ ମୁକ୍ତ ଓ ଶିଶୁ ସୈଙ୍ଗିକ ପଞ୍ଚାୟତ ଲକ୍ଷ୍ୟରେ 'ସ୍କୁଲ ଯିବାକୁ ହଁ, ବାଲ୍ୟବିବାହକୁ ନା' କହି ଶପଥ ପାଠ କରିଥିଲେ ।

## ସାମାନ୍ୟ ବର୍ଷାରେ କୃତ୍ରିମ ବନ୍ୟା

ପାରଳାଖେମୁଣ୍ଡି,୯।୭(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଡ୍ରେନେଜ୍ ବ୍ୟବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଯାହା ଦ୍ୱାର ସାମାନ୍ୟ ବର୍ଷା ହେଲେ ଅନେକ ସାହିରେ କୃତ୍ରିମ ବାତ୍ୟା ଦେଖିବାକି ମିଳୁଛି। ପାରଳାଖେମୁଣ୍ଡି ପୌରପାଳିକା ମୋଟ ୧୬ ୱାର୍ଡର ୧୬୦ ସାହିରୁ ଉର୍ଦ୍ଧ୍ୱକୁ ନେଇ ଗଠିତ। କୃଷି ଶିକ୍ଷା ଗମନାଗମନର ବିକାଶ କ୍ଷେତ୍ରରେ ପାରଳାଖେମୁଣ୍ଡି ମହାରାଜାଙ୍କ ଦ୍ୱାରା ସୁଚିନ୍ତିତ ଉପାୟରେ ସହରର ସମସ୍ତ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଧୀରେ ଧୀରେ ନାଳ ଗୁଡିକ ସଙ୍କୋଚିତ ହେବାରେ ଲାଗିଛି। ଫଳରେ ବର୍ଷା ଜଳ ଓ କାଦୁଅ ଘର ଭିତରେ ପଶି ପାରଳାଖେମୁଣ୍ଡି ୱାର୍ଡ ନ.୩ର ନଡିଆତୋଟା ସାହି ଓ ନୂଆ ନଡିଆତୋଟା ସାହି ଏବଂ ୱାର୍ଡ ନମ୍ବର ୪ର ସିଟି ଟ୍ରେନିଂ ସ୍କୁଲ ରୋଡ ଆଦି ସାହି ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## କାଦୁଅ ପଚପଚ ମେଣ୍ଡୁବାଡ଼ି-ତଜଡ଼ବାଡ଼ି ରାସ୍ତା



ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି।

ଦାରିଙ୍ଗବାଡ଼ି,୯।୭ (ଡି.ଏନ୍.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର କିରିକୁଟି ପଞ୍ଚାୟତ ତଜଡ଼ବାଡ଼ି ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ନଥିବା ବେଳେ ଏବେ ସେହି ପାଦଚଲା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗ୍ରାମବାସୀ କର୍ଦ୍ଦମାକ୍ତ ରାସ୍ତାରେ ଯାତାୟାତ କରୁଛନ୍ତି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା ଗାଁକୁ ଭଲ ରାସ୍ତାଟିଏ ହୋଇପାରିଲା ନାହିଁ ବୋଲି ଅଞ୍ଚଳର ମୋହନ ପ୍ରଧାନ କହିଛନ୍ତି। ଶୀଘ୍ର ଉକ୍ତ ଗ୍ରାମକୁ ସବୁଦିନିଆ ଭଲରାସ୍ତାଟିଏ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରବଳ ବର୍ଷା ଯୋଗୁ ଏବେ ଗ୍ରାମବାସୀ ନିଜ ପଞ୍ଚାୟତରେ ପହଞ୍ଚି ସାଧାରଣ ବଣ୍ଟନ ସାମଗ୍ରୀ ନେବା କଷ୍ଟକର ହୋଇପଡ଼ିଥିବା ବେଳେ ବୃଦ୍ଧାବୃଦ୍ଧ ଏବଂ ଦିବ୍ୟାଙ୍ଗମାନେ ନିଜ ଭତ୍ତାଟଙ୍କା ନେବାକୁ ଗାଁରୁ ବାହାରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ସମ୍ଭବ ହୋଇ ପାରୁନଥିବା ଜଣାପଡ଼ିଛି ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

ଗୋଷାଣୀ/ରମ୍ଭା/ଖଲ୍ଲିକୋଟ/ ବାଲିଗୁଡ଼ା,କାଶୀନଗର (ଡି.ଏନ୍.ଏ.)/ ବଲସକୁମ୍ପା, ୯।୭

ଗୋଷାଣୀ ବ୍ଲକ ମହେନ୍ଦ୍ରଗଡ଼ ରେଞ୍ଜ ଗାରାବନ୍ଧ ସେକ୍ସନରେ ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ହାଇସ୍କୁଲ ଓ ସରକାରୀ ଅନୁଷ୍ଠାନଗୁଡ଼ିକରେ ୭୩ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିନରେ ଗୋଷାଣୀ ବିଡିଓ ଦେଉଳା ସରକାରୀ ହାଇସ୍କୁଲଠାରେ ଚାରାରୋପଣ କରି ବନ ମହୋତ୍ସବ ପାଳିତ ହୋଇଥିଲା। ଦ୍ୱିତୀୟ ଦିନରେ ସଉରା ରାଉତପୁର ୟୁପି ସ୍କୁଲ, ତୃତୀୟ ଦିନରେ ଏସ.ଓରୋଡ଼ା, ୪ର୍ଥ ଦିନରେ ଗୁରାଣ୍ଡି ହାଇସ୍କୁଲ, ପଞ୍ଚମ ଦିନରେ ପଦ୍ମପୁର ହାଇସ୍କୁଲ, ଷଷ୍ଠରେ ପୁଲିଗୁମା ୟୁପି ସ୍କୁଲ ଓ ହରିଶ୍ଚନ୍ଦ୍ରପୁର ଆଶ୍ରମ ସ୍କୁଲ, ସପ୍ତମ ଦିନରେ ଶ୍ରୀ ଭେଙ୍କଟେଶ୍ୱର ସରକାରୀ ହାଇସ୍କୁଲଠାରେ ବନ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା। ବ୍ଲକ ଅଧକ୍ଷା ଏନ୍.ବୀରରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଗୋଷ୍ଠୀ



ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଉଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ସିଆର୍‌ସିସି ଲୋକନାଥ ବେହେରା, ସଭାପତି ସୁବାସ ଚନ୍ଦ୍ର ପତି, ବନାଞ୍ଚଳ ଅଧିକାରୀ ଅଭିନାଶ ଚୌଧୁରୀ, ବନପାଳ ନିରାକାର ବେହେରା ଓ ମାଧବ ବେହେରା ପ୍ରମୁଖଙ୍କ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଶିବିରକୁ ପରିଚାଳନା କରିଥିଲେ ଅଜିତ କୁମାର ବେହେରା, ରଜତ କୁମାର ପାଢ଼ୀ, ଜଗବନ୍ଧୁ ପ୍ରଧାନ, ଶ୍ରୀୟା ଦେବୀ ସ୍ୱାଇଁ, ରୋଜାଲିନ ମହାପାତ୍ର, ଶୁଭଶ୍ରୀ ସାରଳା ପରିଡା, ପ୍ରଗତି ପାତ୍ର, ବିଶେଶ୍ୱରୀ ଦାସ, ଜ୍ଞାନରଞ୍ଜନ ମହାପାତ୍ର ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

ଖଲ୍ଲିକୋଟ ଏନ୍‌ଏସି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଖଲ୍ଲିକୋଟ ସ୍ଥିତ ଆଭାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁକ୍ତା ଯୋଜନା ଅଧିନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷ ନିରଞ୍ଜନ ବେହେରା, ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଜେ ଅବଦୁଲ କାଲାମ ଚାରିଟେବୁଲ ଟ୍ରଷ୍ଟ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଏବିଇଓ ମଙ୍ଗୁଳି ଚରଣ ଜେନା, ଏନ୍‌ଏସି କାଉନସିଲର ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାଲିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବାଲିଗୁଡ଼ା ବନାଞ୍ଚଳର ଫରେଷ୍ଟର ମାନସ ରଞ୍ଜନ ସାହୁ, ବନବାସୀ ସେବା ସମିତିର ସହ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ଅନୁଷ୍ଠାନର ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ ଓ ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଚାର୍ଯ୍ୟ ବିଶନାଥ ସାହୁ ଓ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ଏକାଧିକ ଚାରାରୋପଣ କରାଯାଇଛି। ବନ ମହୋତ୍ସବ ଅବସରରେ ଖଜୁରିପଡ଼ା ବନାଞ୍ଚଳ ଅଧିନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଏବେ ବନ ବିଭାଗ ତରଫରୁ ଚାରାରୋପଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଫରେଷ୍ଟର ମୋନାଲିସା ପଣ୍ଡା, ଆସିକ କୁମାର୍ ଦିଗାଲ, ରଶ୍ମିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଫୁଲବାଣୀ ବନଖଣ୍ଡ ଅଞ୍ଚଳର ଏସିଏଫ୍ ମଳୟ ରଞ୍ଜନ କଲୋ ଏବଂ ଫରେଷ୍ଟ ଗାର୍ଡ ପୁଷ୍ପାଞ୍ଜଳି ପାଢ଼ୀ, ସୂର୍ଯ୍ୟକାନ୍ତି ବେହେରା ପ୍ରମୁଖ ଚାରାରୋପଣ କରିଥିବା ବେଳେ ଆଡାଶିପଡା ସରପଞ୍ଚ, ସମିତି ସଭ୍ୟା, ବଲସକୁମ୍ପା ସମିତି ସଭ୍ୟ ବିବାନ୍ କୁମାର୍ ଗଣ୍ଡା ଓ ଭିଏସଏସ ମେମ୍ବର, ସ୍କୁଲ ଶିକ୍ଷକଙ୍କ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳ ବାସିନ୍ଦା ଉପସ୍ଥିତ ଥିଲେ।

କାଶୀନଗରସ୍ଥ ଶ୍ରୀରାମ ଡିଗ୍ରୀ କଲେଜ ଯୁକ୍ତ ୩ କ୍ୟାମ୍ପସ ପରିସରରେ ଜାତୀୟ ସେବା ସଂସ୍ଥା (ଏନଏସଏସ) ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ ହୋଇଥିଲା। ବନ ମହୋତ୍ସବ ପାଳନ ଅବସରରେ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ସୁରେଶ ବିଷୋୟୀ, ଅଧ୍ୟାପକ ବିଶ୍ୱରଞ୍ଜନ ଗୌଡ଼,ଅଧ୍ୟାପିକା ଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖଙ୍କ ସହ ଏନସିସିର ସଂଯୋଜକ ପି.ଭେଙ୍କଟ ରାଓ, ଯୁବ ରେଡକ୍ରସ କାଉନସିଲର ପି. ଭେଙ୍କଟ ରାଓ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଜବତ, ଚାଳକ ଗିରଫ

ଧର୍ମଶାଳା,୯।୭(ଡି.ଏନ.ଏ.): ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି କଳାପଥର ଖାଦାନରେ ଜେନାପୁର ପୋଲିସ ଚଢ଼ାଉ କରି ବେଆଇନ ପରିବହନ କରୁଥିବା ୨ଟି କଳାପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଜଣେ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତ୍ତୋଳନ ହେଉଥିବା ଖବର ପାଇ ଥାନା ଅଧିକାରୀ ଉମାକାନ୍ତ ନାୟକ ସଦଳବଳ ଚଢ଼ାଉ କରି ଓଡି-୦୪-ଏ-୭୯୭୦ ଏବଂ ଓଆର-୦୫-ଏପି-୩୯୯୪ ଟ୍ରାକ୍ଟରକୁ ଜବତ କରିଥିଲେ। ଏହି ସମୟରେ ଗୋଟିଏ ଟ୍ରାକ୍ଟରର ଚାଳକ ଫେରାର ହୋଇଯାଇଥିଲେ। ଅନ୍ୟ ଚାଳକ ଢେଙ୍କାନାଳ ଜିଲା ନିତ୍ୟାନନ୍ଦପୁର ଗ୍ରାମର ବିଳାଶ ଦତ୍ତଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୧୮୫/୨୨ ରୁଜୁ ହୋଇଛି। ଗିରଫ ଚାଳକଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଏସ୍ଆଇ ବାସୁଦେବ ପରିଡ଼ା ସୂଚନା ଦେଇଛନ୍ତି।

### ଘର ଉପରେ ପଡ଼ିଲା ବରଗଛ

ଧର୍ମଶାଳା,୯।୭(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ଖରିପଡ଼ିଆ ଗ୍ରାମର ବିରଞ୍ଚି ନାରାୟଣ ଦାସଙ୍କ ଘର ନିକଟରେ ଥିବା ଏକ ପୁରୁଣା ବରଗଛ ତାଙ୍କ ଘର ଉପରେ ଶୁକ୍ରବାର ରାତିରେ ଉପୁଡ଼ି ପଡ଼ିଛି। ଫଳରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସୌଭାଗ୍ୟ ବସତ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ରାତିରେ ସାମାନ୍ୟ ପବନ ଓ ବର୍ଷା ହେବାରୁ ଗଛ ଉପୁଡି ପଡ଼ିଥିଲା। ଶନିବାର ଭୋରରୁ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ଗଛକୁ କାଟି ସଫା କରିଥିଲେ।

### ଅନୁକମ୍ପା ମୂଳକ ନିଯୁକ୍ତି ପାଇଲେ ସ୍ୱାଗତିକା



ଯାଜପୁର ଟାଉନ,୯।୭(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଥଇଥାନ ଯୋଜନାରେ ସ୍ୱାଗତିକା ମହାପାତ୍ରଙ୍କୁ ଅନୁକମ୍ପା ମୂଳକ ନିଯୁକ୍ତି ମିଳିଛି। ଯାଜପୁର ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ଉପସ୍ଥିତିରେ ଯାଜପୁର ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସ୍ୱାଗତିକାଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ତାଙ୍କୁ ବରୀ ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ବାଲିଆସ୍ଥିତ ସାମନ୍ତସିଂହାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଅବସ୍ଥାପିତ କରାଯାଇଛି। ପ୍ରକାଶ ଥାଉକି, ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ନିବାସୀ ସ୍ୱାଗତିକାଙ୍କ ସ୍ୱାମୀ ସୁଶାନ୍ତ କୁମାର ପରିଡ଼ାଙ୍କ କରୋନା ମହାମାରୀରେ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ୱାଗତିକାଙ୍କୁ ସରକାରଙ୍କ ତରଫରୁ ଏହି ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରାଯାଇଛି।

### ସିଂହଦ୍ୱାର ଗୁମୁଟ ଉପରୁ ଉଡ଼ିଲା ଟଙ୍କା

ପୁରୀ ଅଫିସ,୯।୭: ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ଉପରୁ ଶନିବାର ଟଙ୍କା ଉଡୁଥିବାର ଦେଖିବାକୁ ମିଳିଛି। ପୂର୍ବାହ୍ନରେ ଜଣେ ମହିଳା ଭକ୍ତ ସିଂହଦ୍ୱାର ନିକଟରେ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ଗୋଟିଏ ମାଙ୍କଡ଼ ହଠାତ୍ ଆସି ଉକ୍ତ ମହିଳାଙ୍କ ଭ୍ୟାନିଟି ବ୍ୟାଗକୁ ଛଡ଼ାଇ ନେଇଯାଇ ଶ୍ରୀମନ୍ଦିର ଗୁମୁଟ ଉପରକୁ ଚଢ଼ିଯାଇଥିଲେ। ଏହାପରେ ଗୁମୁଟ ଉପରେ ବସି ମାଙ୍କଡ଼ ବ୍ୟାଗଟି ଚିରିବାରେ ଲାଗିଥିଲା। ପ୍ରଥମେ ବ୍ୟାଗକୁ ଚିରିବାରେ ଲାଗିଥିଲା। ଏହାପରେ ବ୍ୟାଗର ଗୋଟିଏ ପକେଟ୍‌ରେ ଥିବା ୫ଶହ ଟଙ୍କା ନୋଟ୍‌କୁ ବାହାର କରି ତଳକୁ ଫିଙ୍ଗିଥିଲା। ବ୍ୟାଗଟିକୁ ଧରି ମାଙ୍କଡ଼ ବିଭିନ୍ନ ସ୍ଥାନରେ ପହଞ୍ଚି ଏଭଳି କାଣ୍ଡ ଘଟାଇଥିଲା।

ତେବେ ମହିଳାଙ୍କ ପରିବାର ଲୋକେ ବହୁ ଚେଷ୍ଟା କରିବା ସତ୍ତ୍ୱେ ମଧ ମାଙ୍କଡ଼ ବ୍ୟାଗଟିକୁ ଛାଡ଼ି ନ ଥିଲା। ପରିବାର ଲୋକେ ବାଧ ହୋଇ ଫୋପାଡ଼ି ଦେଉଥିବା ଟଙ୍କାକୁ ଏଣେ ତେଣେ ଗୋଟାଇବାରେ ଲାଗିଥିଲେ। ତେବେ ଅଧିକାଂଶ ନୋଟ୍‌କୁ ମାଙ୍କଡ଼ ଦାନ୍ତରେ ଚିରି ନଷ୍ଟ କରିଦେଇଥିଲା।

# ସ୍ୱାସ୍ଥ୍ୟସେବା ପାଇଁ ଚେତିଲା ସଂଗ୍ରାମ ସମିତି

ଯାଜପୁର ରୋଡ,୯।୭ (ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ସଂଗ୍ରାମ ସମିତିର କର୍ମକର୍ତ୍ତା।

କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଜପୁର ରୋଡ୍ ସମେତ ଅନ୍ୟାନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସାଙ୍ଗକୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିରେ ସୁଧାର ଆଣିବା ଲକ୍ଷ୍ୟରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଚଳିତ ଜୁଲାଇ ୧୫ରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନ ହେବା ଯାଏ ଗଣଧାରଣା ଜାରି ରହିବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ଦୀର୍ଘ ବର୍ଷ ହେବ ସିଏଚ୍‌ସି ବଦଳରେ ଏକ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଦାବି ଉପରେ ମଧ ସମିତି ଏଜେଣ୍ଡାରେ ସ୍ଥାନ ଦେବ ବୋଲି ସହରବାସୀ ଆଶାପ୍ରକଟ କରିଛନ୍ତି। କୋରେଇ ସଂଗ୍ରାମ ସମିତି ପକ୍ଷରୁ ଶନିବାର ଯାଜପୁର ରୋଡ୍ ସ୍ଥିତ କାର୍ଯ୍ୟାଳୟଠାରେ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରବେଶ ଦ୍ୱାର କୁହାଯାଉଥିବା ଯାଜପୁର ରୋଡ ସିଏଚ୍‌ସିର ଅବସ୍ଥା ଉଦ୍‌ବେଗଜନକ।

ଏହି ଡାକ୍ତରଖାନା ପାଇଁ ଦୈନିକ ୧୨୦୦ରୁ ଊର୍ଦ୍ଧ୍ୱ ରୋଗୀ ନିଜ ନିଜର ନାମ ପଞ୍ଜୀକରଣ କରି ସ୍ୱାସ୍ଥ୍ୟସେବା ଅପେକ୍ଷାରେ ରହୁଛନ୍ତି। ହେଲେ ଆବଶ୍ୟକ ଡାକ୍ତର ଅଭାବ କାରଣରୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇ ପାରୁନାହାନ୍ତି। ଏଠାରେ ସର୍ବନିମ୍ନ ୧୦ ଜଣ ବିଶେଷଜ୍ଞ ଡାକ୍ତର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ମାତ୍ର ୪ ଜଣ ନିଯୁକ୍ତ ହୋଇଛନ୍ତି। ଏହି କାରଣରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନାରେ ଚୁକ୍ତିଭିତ୍ତିକ ଭାବେ କାର୍ଯ୍ୟରତ ଆୟୁଷ ଡାକ୍ତର ଓ ଜଣେ ଅବସରପ୍ରାପ୍ତ ଡାକ୍ତର ଅନୁପସ୍ଥିତ ଯୋଗୁ ଜନଅସନ୍ତୋଷ ଦେଖାଦେଉଛି। ଏପରି କି ଡାକ୍ତରଖାନା ପରିସରରେ ଥିବା ଏକ ବେସରକାରୀ ଔଷଧ ଦୋକାନ ବେଆଇନ ଭାବେ ରହିଛି। ଏଥିଯୋଗୁ ରୋଗୀମାନେ ନିରାମୟ ଯୋଜନାର ସଫଳତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏହି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବା କୁହାଯାଉଛି। କିନ୍ତୁ ହାଇକୋର୍ଟଙ୍କ ସ୍ଥଗିତ ନିର୍ଦ୍ଦେଶର ସମୟସୀମା ସରି ଯାଇଥିଲେ ବି ଜିଲା ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରି ନୀରବ ବସିଛି। ଏହି ବେସରକାରୀ ଔଷଧ ଦୋକାନଟି ଡାକ୍ତରଖାନାର ମଧ ସ୍ଥଳୀରେ ଥିବା ହେତୁ ଆମ୍ବୁଲାନ୍ସ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ଗାଡ଼ି ରାସ୍ତାରେ ରଖିବାକୁ ପଡୁଛି। ଏହାବାଦ୍ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀମାନେ ରୋଗୀଙ୍କୁ ଦୁର୍ବ୍ୟବହାର କରିବାର ଅଭିଯୋଗ ହୋଇଛି। ସେହିପରି ବୈତରଣୀ ରୋଡ, ପଚ୍ଛିକୋଟ, ପାଣିକୋଇଲି, ମସୁଦପୁର, ଶଙ୍ଖଚିଲା ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଲଗାମ ନ ରହିବା ଯୋଗୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ସଂକ୍ରାନ୍ତରେ ସମିତି ପକ୍ଷରୁ ୨୦।୬।୨୦୨୨ରେ କୋରେଇ ବ୍ଲକଠାରେ ହୋଇଥିବା ଜନଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମସ୍ତ ସମସ୍ୟାକୁ ନେଇ ସମିତି ପକ୍ଷରୁ ଜିଲାପାଳଙ୍କ ହସ୍ତକ୍ଷେପ ଓ ପ୍ରତିକାର ପାଇଁ ୨୭।୬।୨୦୨୨ରେ ଅଭିଯୋଗ ହୋଇଥିଲା। ତେଣୁ ଜୁଲାଇ ୧୪ ସୁଦ୍ଧା ଏହି ସମସ୍ୟାର ସମାଧାନ କରା ନ ଗଲେ ସମିତି ପକ୍ଷରୁ ବିଭିନ୍ନ ଗଣ ସଂଗଠନମାନଙ୍କୁ ନେଇ ଗଣଧାରଣା ଦିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମିତିର ସାଧାରଣ ସଂପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଆଲୋକ ମହାନ୍ତି, ମନୋରଞ୍ଜନ ନାୟକ, ପଦ୍ମନାଭ ନାୟକ, ପଦାରବିନ୍ଦ ଜେନା, ବିଦ୍ୟାଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**୧୫ରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା**

## ଶ୍ରୀଗୁଣ୍ଡିଚା ମନ୍ଦିରରେ ଭଜନ ସନ୍ଧ୍ୟା

ଯାଜପୁର ସଦର,୯।୭(ଡି.ଏନ୍.ଏ.)

ଅନନ୍ୟା ସାହିତ୍ୟ ସଂସଦ ଯାଜପୁର ଆନୁକୂଲ୍ୟରେ ଜିଲା ସଂସ୍କୃତି ପରିଷଦ ସହଯୋଗରେ ଯାଉପୁର ଟାଉନସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ସଦାବ୍ରତମଠ ପରିସରରେ ପ୍ରବଚନ ଓ ଭଜନ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ପଣ୍ଡିତ ବିନୋଦ ବିହାରୀ ନାୟକ ଯୋଗଦେଇ ନବମୀ ସନ୍ଧ୍ୟା ଦର୍ଶନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ଅଧିକାରୀ ନବକିଶୋର ଦାସ, ପ୍ରାଧ୍ୟାପକ ଡ. କାହ୍ନୁଚରଣ ମିଶ୍ର, ସୁବାସ ମହାପାତ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଶଶିଭୂଷଣ ମିଶ୍ର ପ୍ରମୁଖ ପ୍ରବଚନ ମାଧ୍ୟମରେ ଜଗନ୍ନାଥଙ୍କ ତତ୍ତ୍ୱ ଓ ତଥ୍ୟ ଉପସ୍ଥାପନ କରିଥିଲେ। ଉପସଭାପତି ବିଭୂତିଭୂଷଣ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିମାରାଣୀ ପଣ୍ଡା ଓ ତାଙ୍କ ସାଥି ଯୋଗଦେଇ ଭଜନ ପରିବେଷଣ କରିଥିଲେ। ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ପ୍ରଧାପକ ବିନୋଦ ଚନ୍ଦ୍ର ନାୟକ, ଶଙ୍କର ସାହୁ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ପାଣ୍ଡବ ସାହୁ ଧନ୍ୟବାଦ ଦେଇଥିଲେ।

# ବିପଦ ସାଜିଛି ବାଲି ବୋଝେଇ ହାଇୱା



ଜନଗହଳି ରାସ୍ତାରେ ବାଲି ବୋଝେଇ ହାଇୱା ଯାତାୟାତ କରୁଛି।

ଯାଜପୁର ଟାଉନ, ୯।୭(ଡି.ଏନ.ଏ.)

- ସହରର ଗଳିକନ୍ଦି ରାସ୍ତାରେ ପଶୁଛି, ଦୀର୍ଘ ସମୟ ଅଟକି ରହୁଛି ଆମ୍ବୁଲାନ୍ସ
- ସକାଳ ୮ଟାରୁ ରାତି ୧୦ ପର୍ଯ୍ୟନ୍ତ ସହରରେ ଭାରିଯାନ ଚଳାଚଳ ନିଷିଦ୍ଧ ଦାବି

ଯାଜପୁର ଜିଲାର ବାଲିଘାଟଗୁଡ଼ିକରୁ ଅନବରତ ହାଇୱା ଯୋଗେ ବିଭିନ୍ନ ସ୍ଥାନକୁ ଓଭରଲୋଡ୍ ବାଲି ପରିବହନ ହେଉଛି। ତେବେ ହାଇୱାଗୁଡ଼ିକ ସହରର ଗଳିକନ୍ଦି ରାସ୍ତାରେ ଯାତାୟାତ କରୁଥିବାରୁ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ସେହିପରି ସହରରେ ଭାରିଯାନ ଚଳାଚଳ ନିଷିଦ୍ଧ ରହିଥିଲେ ମଧ କିଆନାଳୀରୁ ଗରିଆପୁର ଭାୟା ମେଡିକାଲ ଛକ ରାସ୍ତାରେ ଏବେ ଦଶରଥପୁର ଓ କମଳପୁର ଅଞ୍ଚଳରୁ ଆସୁଥିବା ବାଲି ବୋଝେଇ ହାଇୱାଗୁଡ଼ିକ ବେଧଡ଼କ ଯାତାୟାତ କରୁଛି। ଏହି ରାସ୍ତାରେ ମେଡିକାଲ ସମେତ ଅନ୍ୟ ଜରୁରୀ ସେବା କାର୍ଯ୍ୟାଳୟ ରହିଛି। ହେଲେ ବାଲି ବୋଝେଇ ହାଇୱାଗୁଡ଼ିକ ଗହଳି ମଧ୍ୟରେ ପଶି ଯିବାଆସିବା କରିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ଯାଜପୁର ଓ ଦଶରଥପୁର ତହସିଲର ପ୍ରାୟ ୭ଟି ସରକାରୀ ଲିଜ୍ ବାଲିଘାଟରୁ ଦୈନିକ ୧୦, ୧୨ ଓ ୧୪ ଚକିଆ ହାଇୱାରେ ପାଣିମିଶା ବାଲି ପରିବହନ ହେଉଛି। ଫଳରେ ପିଚୁ ଓ କଂକ୍ରିଟ ରାସ୍ତା ଉପରେ ବାଲି ଗଦା ହେଉଛି। ଏହା ଦୁଇ ଚକିଆ ଯାନ ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଅତି ଗହଳି ଏବଂ ଗୋଟିଏ ଛୋଟ ଗାଡ଼ି ଅନ୍ୟ ଏକ ଛୋଟ ଗାଡ଼ିକୁ ଅତିକ୍ରମ କରିପାରୁ ନ ଥିବା ରାସ୍ତାରେ ୪୫/୫୦ ଟନ ବାଲି ବୋଝେଇ ବାଲି ହାଇୱା ଯିବାଆସିବା ଯୋଗୁ ଆମ୍ବୁଲାନ୍ସରେ ମେଡିକାଲ ଯାଉଥିବା ଓ କଟକକୁ ରେଫର ହେଉଥିବା ରୋଗୀ ଦୀର୍ଘସମୟ ଅଟକି ରହୁଛନ୍ତି। ଟ୍ରାଫିକ ଗହଳି ମଧ୍ୟରେ ଦିନ ସମୟରେ କିଲାଘାଟରୁ ଭାୟା ଗାନ୍ଧୀଛକ ଓ ମେଡିକାଲ ଛକ ଦେଇ କୁସୁମା ଆଡ଼କୁ ବାଲି ବୋଝେଇ ଟ୍ରକ ଯାତାୟାତ କରୁଛି। ଏପରି କି ଯେତେଶୀଘ୍ର ବାଲି ଢାଳି ପୁଣି ଲୋଡ କରିବ ସେଥିରେ ସେତେ ଅଧିକ ପଇସା ମିଳିବାକୁ ଥିବାରୁ ହାଇୱା ଚାଳକ ଦ୍ରୁତ ଗତିରେ ଗାଡ଼ିଚାଳନା କରୁଛନ୍ତି। ପିକ୍ ଆୱାର କୁହାଯାଉଥିବା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୩ଟାରୁ ରାତି ୮ଟା ମଧ୍ୟରେ ବି ବାଲି ବୋଝେଇ ହାଇୱାଗୁଡ଼ିକ ସହରର ଅଣଓସାରିଆ ରାସ୍ତାରେ ଯାତାୟାତ କରୁଛି। ତେଣୁ ସମସ୍ୟାର ସମାଧାନ ପୂର୍ବକ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସହର ମଧ୍ୟରେ ଭାରିଯାନ ଚଳାଚଳ ନିଷିଦ୍ଧ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଶ୍ୱଶୁରଘର ଗାଁରୁ ଜ୍ୱାଇଁଙ୍କ ମୃତଦେହ ଜବତ

ବାଣପୁର,୯।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ବାଲିପଦର ଗ୍ରାମ ନିକଟ ବିଲରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ମଙ୍ଗରାଜପୁର ଗ୍ରାମର କାଶୀନାଥ ପଲାଇ ଓରଫ ସନିଆ (୩୦)। ତେବେ ସନିଆଙ୍କ ଶ୍ୱଶୁରଘର ବାଲିପଦର ଗ୍ରାମରେ ହୋଇଥିବା ବେଳେ ବିଲରୁ ତାଙ୍କ ମୃତଦେହ ମିଳିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଶ୍ୱଶୁରଘର ଲୋକେ ସନିଆଙ୍କୁ ବିଷ ପିଆଇ ମାରିଦେଇଛନ୍ତି ବୋଲି ଭାଇ ସାଗର ପଲାଇ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ମୁତାବକ, ଦୀର୍ଘଦିନ ହେବ କୌଣସି କାରଣ ପାଇଁ ସନିଆ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ଲାଗିରହିଥିଲା। ଏପରି କି କିଛିଦିନ ପୂର୍ବେ ସନିଆଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ତେବେ ସନିଆ ଭୁବନେଶ୍ୱରରେ ରହୁଥିବା ବେଳେ ଶୁକ୍ରବାର ପୁଅକୁ ଦେଖା କରିବା ପାଇଁ ଶ୍ୱଶୁର ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ସନିଆ ବିଲରେ ଅଚେତ ଅବସ୍ଥାରେ ପଡ଼ିଥିବା ଖବର ପାଇ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଭାଇ ସାଗର ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ମା'ଙ୍କୁ ଆପଣାଇ ନେଲେ ବଡ଼ ପୁଅ

**ଦୁଇ ଭାଇଙ୍କ ମଧ୍ୟରେ ତିକ୍ତତା ଅଲଗା କରିଥିଲା**



ବରୀ,୯।୭(ଡି.ଏନ.ଏ.)

ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ସାହୁପଡ଼ା ପଞ୍ଚାୟତ ମାଟିଆପଡ଼ା ଗ୍ରାମର ବିଧବା ପଦ୍ମିନୀ କରଙ୍କୁ ତାଙ୍କ ୨ ପୁଅ ଅଣଦେଖା କରୁଥିଲେ। ଏହା ମଧ୍ୟରେ ପଦ୍ମିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ପଦ୍ମିନୀଙ୍କ ଏଭଳି ଦୁଃଖ ସମ୍ପର୍କରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ସମ୍ପର୍କରେ ଜାଣିବା ପରେ ପଦ୍ମିନୀଙ୍କ ବଡ଼ ପୁଅ ବିଭୂତି କର ଆସି ମା'ଙ୍କୁ ଆପଣାଇ ନେଇଛନ୍ତି। ତେବେ ଏହା କେବଳ ସାମାଜିକ ଗଣମାଧ୍ୟମ ଯୋଗୁ ସମ୍ଭବ ହୋଇପାରିଛି ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ସୂଚନା ଅନୁସାରେ, ପଦ୍ମିନୀଙ୍କ ସ୍ୱାମୀଙ୍କ ୧୦ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଛି। ତାଙ୍କ ସ୍ୱାମୀ କଲିକତାରେ ରୋଷେୟା ଭାବେ କାର୍ଯ୍ୟ କରି ଦୁଇ ଝିଅଙ୍କୁ ବାହାଦେବା ସହ ଦୁଇ ପୁଅଙ୍କୁ ନିଜ ଗୋଡ଼ରେ ଠିଆ କରାଇଥିଲେ ବୋଲି ସ୍ଥାନୀୟ ଲୋକମାନେ ମତ ରଖିଛନ୍ତି। କିନ୍ତୁ ଦୁଇ ଭାଇଙ୍କ ମଧ୍ୟରେ ତିକ୍ତତା ଯୋଗୁ ସେମାନେ ତାଙ୍କ ମା'ଙ୍କୁ ପରିଣତ ବୟସରେ ନିଜ ପାଖରେ ରଖି ନ ଥିଲେ। ପଦ୍ମିନୀ କେବଳ ବିଧବା ଭତ୍ତା ଓ ୫ କେଜି ଚାଉଳ ପାଇ ଜୀବନ କାଟୁଥିଲେ। ପୁଅ ଝିଅମାନେ ତାଙ୍କୁ ଦେଖା କରିବାକୁ ନ ଆସିବାରୁ ସମୟକ୍ରମେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଥିଲା।

# ଯୁବ, ଛାତ୍ର ବିଜେଡି ପକ୍ଷରୁ ଚାରାରୋପଣ

ଧର୍ମଶାଳା,୯।୭(ଡି.ଏନ.ଏ.)

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଧର୍ମଶାଳା ଯୁବ ଓ ଛାତ୍ର ବିଜେଡି ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହିତ ବିଜୁ ଜନତା ଦଳ କେବଳ ଏକ ରାଜନୈତିକ ଦଳ ନୁହେଁ, ଏହା ଏକ ସାମାଜିକ ସଂଗଠନରେ ପରିଣତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଜାରକା କଳ୍ପତରୁ ଦାସ ଷ୍ଟାଡିୟମଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟେ ଚାରାରୋପଣ କରାଯାଇଥିଲା। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରାଇ, ଜିଲା ଯୁବ ସଭାପତି ପ୍ରତାପ ମହାନ୍ତି, ଜିଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ବ୍ଲକ୍ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ଗାର୍ଲସ ୱିଙ୍ଗ୍ ସଭାପତି କ୍ଷୀରାବ୍ଧୀ ତନୟା ମଲ୍ଲିକ୍, ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି, ଜିଲା ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା ଓ ସ୍ମୃତିରେଖା ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ରାସ୍ତାକଡ଼ରେ ଚାରାରୋପଣ କରାଯାଉଛି।

# ରୂପାନ୍ତରିତ ବିଦ୍ୟାଳୟରେ ଲହଡ଼ି ମାରୁଛି ବର୍ଷା ପାଣି

ରସୁଲପୁର,୯।୭(ଡି.ଏନ.ଏ.)



ବିଦ୍ୟାଳୟ ପରିସରରେ ବର୍ଷାପାଣି ଜମି ରହିଛି।

ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟି ସ୍କୁଲରେ ରୂପାନ୍ତରୀକରଣ କରାଯାଇଛି। ଜୁନ୍ ୧୦ରେ ଏହି ବିଦ୍ୟାଳୟ ଲୋକାର୍ପିତ ହୋଇଛି। ତେବେ ଲୋକାର୍ପଣକୁ ମାସେ ନ ବିତୁଣୁ ସାମାନ୍ୟ ବର୍ଷାରେ ବିଦ୍ୟାଳୟରେ ବର୍ଷ ପାଣି ଲହିଡ଼ି ମାରୁଛି। ଫଳରେ ବିଦ୍ୟାଳୟରେ ହୋଇଥିବା ରୂପାନ୍ତରୀକରଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନସାଧାରଣ। ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବାରୁ ଏଭଳି ସ୍ଥିତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟରେ ରୂପାନ୍ତରୀକରଣ ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଥିଲା। ବିଦ୍ୟାଳୟର ଭିତ୍ତିଭୂମିକୁ ଦୃଷ୍ଟି ଦେଇ ଜିଲା ପ୍ରଶାସନ ପକ୍ଷରୁ ଏଠାରେ ଜିଲାସ୍ତରୀୟ ଲୋକାର୍ପଣ ଉତ୍ସବ ପାଳନ କରାଯାଇଥିଲା। ବ୍ଲକଠାରୁ ଆରମ୍ଭ କରି ଜିଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ତେବେ ଏଠାରେ ହୋଇଥିବା ନିର୍ମାଣ କାର୍ଯ୍ୟରେ ତ୍ରୁଟି ଥିବାରୁ ସାମାନ୍ୟ ବର୍ଷାରେ ବିଦ୍ୟାଳୟ ଫାଟକ ସମ୍ମୁଖ ଓ ବିଦ୍ୟାଳୟ ହତାରେ ପାଣି ଜମୁଛି। ବର୍ଷାପାଣି ନିଷ୍କାସନ ପାଇଁ ଡ୍ରେନଜ ବ୍ୟବସ୍ଥା ନ ଥିବାରୁ ପିଲାମାନେ ବିଦ୍ୟାଳୟକୁ ଯାଆସ କରିବାରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଦ୍ୟାଳୟ ପାଚେରିରେ ପାଣି ଲାଗି ରହୁଥିବାରୁ ପାଚେରିରୁ ରଙ୍ଗ ଛାଡ଼ିଯିବ। କାନ୍ଥରେ ଅଙ୍କାଯାଇଥିବା ଛବି ସବୁ ମଳିନ ପଡ଼ିଯିବ।

ଖେଳ ପଡ଼ିଆରେ ପାଣି ଜମି ଯାଉଥିବାରୁ ପିଲାଙ୍କ ଖେଳିବାରେ ଅସୁବିଧା ସୃଷ୍ଟି ହେଉଛି। ସେହିପରି ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିବା ଉଦ୍ୟାନ, ଲାଇବ୍ରେରୀ, ଲାବରେଟୋରି ଓ ସ୍ମାର୍ଟ କ୍ଲାସରୁମ୍ କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଏସବୁ ପ୍ରକୋଷ୍ଠରେ ବ୍ୟବହାର ହୋଇଥିବା ସାମଗ୍ରୀ ନିମ୍ନମାନର ବୋଲି ଲୋକେ ଅଭିଯୋଗ କରିବା ସହ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ। ଘଟଣା ସମ୍ପର୍କରେ ଯାଜପୁର ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବିଦ୍ୟାଳୟ ଲୋକାର୍ପଣ ଉତ୍ସବ ତରବରିଆଭାବେ କରାଯାଇଥିଲା। ତେଣୁ ଡ୍ରେନ୍ ନିର୍ମାଣ କରିବା ଲାଗି ସମୟ ମିଳିଲା ନାହିଁ। ଯଥାଶୀଘ୍ର ଡ୍ରେନ୍ ନିର୍ମାଣ କରାଯାଇ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବ।

**ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ଆପତ୍ତି ଉଠାଇଲେ ଗ୍ରାମବାସୀ**

